# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୨୪/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, January 24/2023 | Page 14 | ₹ 7.00

୪୯ଶ ଭାଗ ୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 62 | ମୂଲ୍ୟ₹୭/-




**ଆଶୁତୋଷଙ୍କୁ ୯ ଉଇକେଟ ସଫଳତା**

ବରୋଦା ବିପକ୍ଷ ସି.କେ. ନାଇଡୁ ଟ୍ରଫି ମ୍ୟାଚରେ ୯ ଉଇକେଟ ହାସଲ କରିଛନ୍ତି ଓଡ଼ିଶାର ଆଶୁତୋଷ ଛୁରିଆ।

୧୪

୦୨

**ଉପଯୁକ୍ତ ଝିଅ ମିଳିଲେ ବାହାହେବି**

ଉପଯୁକ୍ତ ଝିଅ ମିଳିଲେ ବିବାହ କରିବେ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏକ ଆଲୋଚନାରେ କହିଛନ୍ତି।






ଢେଙ୍କାନାଳ ଜିଲା ପଞ୍ଚୁପଟି ବ୍ରିଜ୍‌ରୁ ସୋମବାର ତଳକୁ ଖସିପଡ଼ିଥିବା ବସ୍।

# ପୋଲରୁ ଖସିଲା ବସ୍: ୨ ମୃତ

- ୧୬ ଆହତ, ଉତ୍ତେଜନା
- ଏନ୍‌ଏଚ୍‌ଏଆଇ ଉପରେ ବର୍ଷିଲେ ଜନସାଧାରଣ
- ପଶ୍ଚିମ ଓଡ଼ିଶାରୁ ଫେରୁଥିଲା କେନ୍ଦ୍ରାପଡ଼ା

**ଢେଙ୍କାନାଳ ଅଫିସ,୨୩।୧**

ପଶ୍ଚିମ ଓଡ଼ିଶାରୁ ପିକ୍‌ନିକ୍ ସାରି ବସ୍‌ରେ କେନ୍ଦ୍ରାପଡ଼ା ଫେରୁଥିବା ୪୩ ଯାତ୍ରୀ ସୋମବାର ଭୋର୍ ୪ଟାରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ୫୫ନଂ. ଜାତୀୟ ରାଜପଥର ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସଦର ଥାନା ପଞ୍ଚୁପଟିଠାରେ ଥିବା ବ୍ରିଜ୍ ଉପରୁ ବସ୍‌ଟି ତଳକୁ ଖସିପଡ଼ିବାରୁ ଘଟଣାସ୍ଥଳରେ ୨ ମହିଳା ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ଇଚ୍ଛାପୁର ଗ୍ରାମର ବିଜୟଲକ୍ଷ୍ମୀ ସାହୁ ଓ ରେଣୁବାଳା ଜେନା। ଦୁର୍ଘଟଣାରେ ୧୬ ଜଣ ଗୁରୁତର ହୋଇଥିବା ବେଳେ ୧୫ଜଣଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ମେଡିକାଲ ପଠାଇ ଦିଆଯାଇଛି। ନୂଆ ବ୍ରିଜ୍ କାର୍ଯ୍ୟ ଚାଲୁଥିବା ସମ୍ପର୍କରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)ଙ୍କ ପକ୍ଷରୁ ରାସ୍ତାରେ କୌଣସି ସତର୍କ ସୂଚନା ଲଗାଯାଇ ନ ଥିବାରୁ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ଅଧିକାରୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ବଳଦେବଜୀଉ ପୀଠ ନିକଟ ଇଚ୍ଛାପୁର ଗ୍ରାମର ୪୩ଜଣ ଯାତ୍ରୀ ପିକ୍‌ନିକ୍ ପାଇଁ ନୀଳମାଧବ ନାମକ ବସ୍ (ନଂ. ଓଡି୨୯କେ-୯୧୯୨)ରେ ଶୁକ୍ରବାର ପଶ୍ଚିମ ଓଡ଼ିଶା ଯାଇଥିଲେ। ସେମାନେ ହରିଶଙ୍କର, ନୃସିଂହନାଥ, ହୀରାକୁଦ ଆଦି ବୁଲିବା ପରେ ରବିବାର ରାତିରେ ସମ୍ବଲପୁରରୁ ☞ପୃଷ୍ଠା-୪

## ବରମୁଣ୍ଡାରେ ଜଳିଗଲା

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**




ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ସୋମବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ 'ଖଣ୍ଡାଧାର କୁଇନ୍' ନାମକ ଏକ ଯାତ୍ରୀବାହୀ ବସ୍ (ଓଡି୨୮ଏ୪୫୨୬) ଜଳିଯାଇଛି। ତେବେ ଅଗ୍ନିକାଣ୍ଡ ସମୟରେ ବସ୍‌ରେ କୌଣସି ଯାତ୍ରୀ ନ ଥିବାରୁ ବଡ ବିପଦ ଟଳିଯାଇଛି। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ଘଣ୍ଟାଏରୁ ଅଧିକ ସମୟ ପରେ ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ବସ୍‌ଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଶର୍ଟ ସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ଡେପୁଟି ଫାୟାର ଅଫିସର ଅବନୀ ସ୍ୱାଇଁ କହିଛନ୍ତି। ସୂଚନାନୁଯାୟୀ, ଉକ୍ତ ବସ୍‌ଟି ସୁନ୍ଦରଗଡ଼ ବଣେଇଗଡ଼ରୁ ☞ପୃଷ୍ଠା-୪

# ପୋଲିସ କମିଶନ ନେଉଛି: ମନ୍ତ୍ରୀ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**



ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା

ରାଜ୍ୟରେ କେତେକ ଘଟଣାରେ ପୋଲିସ ଏବଂ ଓକିଲମାନେ ଏସ୍‌ସି/ଏସ୍‌ଟି ମାମଲାଗୁଡ଼ିକରେ କମିଶନ ନେଉଛନ୍ତି। ସୋମବାର ସ୍ଥାନୀୟ ରୋଟାରୀ ଭବନଠାରେ ଆଇନ ସେବା ସଂସ୍ଥା କ୍ଲାପ୍ ପକ୍ଷରୁ ଆୟୋଜିତ ପୀଡ଼ିତାଙ୍କୁ କ୍ଷତିପୂରଣ ପ୍ରଦାନ ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହା କହିଛନ୍ତି। ମନ୍ତ୍ରୀଙ୍କ ଅଭିଭାଷଣର ଭିଡିଓ ଭାଇରାଲ ହେବା ପରେ, ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

ନିଜ ଅଭିଭାଷଣରେ ମନ୍ତ୍ରୀ ବେହେରା କହିଥିଲେ ଯେ, ଯଦି କାହା ସହିତ କାହାର ଶତ୍ରୁତା ଅଛି, ତେବେ ତାକୁ ଏସ୍‌ସି/ଏସ୍‌ଟି ଆଟ୍ରୋସିଟି ମାମଲାରେ କେମିତି ଫସାଇ ହେବ, ସେହି ଅନୁସାରେ ସରପଞ୍ଚ, ସମିତିସଭ୍ୟ କିମ୍ବା ଜିଲା ପରିଷଦ ସଭ୍ୟ ଚେଷ୍ଟା କରିଥାନ୍ତି। ମାମଲାକୁ ଥାନାକୁ ଆଣିଥାନ୍ତି। ଏପଟେ ଥାନା ବାବୁ ଗୋଟେ ପଟେ ପଲିଟିକାଲ ପ୍ରେସର ଏବଂ ଅନ୍ୟପଟେ ମାମଲାକୁ ଦେଖି କ'ଣ କରିବେ ଜାଣି ପାରନ୍ତି ନାହିଁ। ଘରୋଇ ହିଂସା ଏବଂ ଯୌତୁକ ନିର୍ଯାତନା ଭଳି ମାମଲାଗୁଡ଼ିକର ଏବେ ଏସ୍‌ଡିଓ ସ୍ତରରେ ତଦାରଖ କରାଯିବ। ଏଥିସହିତ ଜଣେ ମାଜିଷ୍ଟ୍ରେଟ(ତହସିଲ୍‌ଦାର) ଘଟଣାର ତର୍ଜମା କରି ପୀଡ଼ିତାଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ବୁଝିବା ସହ ତାଙ୍କୁ ଆଶ୍ୱାସନା ଦେବେ। ସାଧାରଣତଃ ପୋଲିସକୁ ଦେଖି ଲୋକମାନେ ଡରି ଯାଆନ୍ତି ଏବଂ ଅଧିକାଂଶ ମାମଲା ପୋଲିସ ନିକଟକୁ ଆସି ନ ଥାଏ। ହେଲେ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଏଭଳି ଅଭିଯୋଗ ଅଧିକ। କେତେଜଣ ଯୁକ୍ତି ବାଢ଼ିପାରନ୍ତି ଯେ, ଓଡ଼ିଶାରେ ବଳାତ୍କାର ଏବଂ ମହିଳା ଅତ୍ୟାଚାର ମାମଲା ଅନ୍ୟ ରାଜ୍ୟ ତୁଳନାରେ ଅଧିକ। ମୁଁ ତାଙ୍କ କଥାକୁ ଗ୍ରହଣ କରିବି। କାରଣ ଗତ ୬ମାସର ରିପୋର୍ଟକୁ ଅନୁଧ୍ୟାନ କଲେ ଅନ୍ୟ ରାଜ୍ୟରେ ଏହିସବୁ ମାମଲା ଅଧିକାଂଶ ରିପୋର୍ଟ ହେଉ ନାହିଁ। ବିଶେଷକରି ମହିଳା, ଶିଶୁ କିମ୍ବା ଏସ୍‌ସିଏସ୍‌ଟି କେସ୍‌ରେ ଅପରପକ୍ଷ ପ୍ରଭାବଶାଳୀ ଥିବାରୁ ଅନେକେ ଅଭିଯୋଗ କରିବାକୁ ଭୟ କରନ୍ତି। ହେଲେ ଆମ ରାଜ୍ୟରେ ଲୋକମାନେ ସାହସ କରୁଛନ୍ତି ରିପୋର୍ଟ କରିବାକୁ। କେତେକ କ୍ଷେତ୍ରରେ ମାମଲା ମିଥ୍ୟାରେ କରାଯାଉଥିବା ଦେଖିବାକୁ ମିଳୁଛି। ଯଦି କେହି ଏହାକୁ ବ୍ୟକ୍ତିଗତ ଆକ୍ଷେପ ବୋଲି ନ ଭାବିବେ ତେବେ କହିବାକୁ ଚାହିଁବି ଯେ, କେତେକ ଆଇନଜୀବୀ ପୀଡ଼ିତାଙ୍କୁ କୁହନ୍ତି, ତୁ ତ ୨ଲକ୍ଷ ପାଇବୁ, ମୋତେ ଯଦି ୨୦ ରୁ ୩୦ ହଜାର ଦେବୁ ତାହହେଲେ ମୁଁ ତୋ ମାମଲାକୁ କେମିତି ସତରେ ପରିଣତ କରିହେବ ସେନେଇ ବ୍ୟବସ୍ଥା କରିବି। ତେବେ ପୀଡ଼ିତା ଦେଖୁଛି ଯଦି ସେ ୨ଲକ୍ଷ ଟଙ୍କା ପାଉଛି, ସେ ଆଉ ଅନ୍ୟ କିଛି ଚିନ୍ତା କରୁନି। ସେ ଭାବୁଛି ଯେ, ତା' ପାଇଁ ୨ଲକ୍ଷ ଟଙ୍କା ଓକିଲ ଲଢ଼ିକି କରିଦେଲେ। ସରକାରଙ୍କ କ୍ଷତିପୂରଣ ଯୋଜନା ସମ୍ପର୍କରେ ସେ କିଛି ଜାଣୁ ନାହିଁ। ଯଦି ତାକୁ ୫୦ ହଜାର ବି ମିଳୁଛି ତେବେ ସେ ଖୁସି ହୋଇଯାଉଛି। ୨ ଲକ୍ଷ ମିଳିଲେ ସେଥିରୁ କିଛି ଓକିଲ ଆଉ ପୋଲିସ ନେଇଯାଉଛନ୍ତି। ଏହା କହିବାର କାରଣ ଯେ, ଏମିତି ଅନେକ ଅଭିଯୋଗ ମୋ ପାଖକୁ ଆସିଛି। ଆପଣମାନେ ଲିଗାଲ ଆଡଭାଇଜର ଅଛନ୍ତି ଏବଂ ପୀଡ଼ିତାଙ୍କୁ ସେବା ଯୋଗାଉଛନ୍ତି। ତେଣୁ ଏହିସବୁ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରି ମିଥ୍ୟା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | **ଛାଡ଼ିବା ପାଇଁ ଶକ୍ତି**

## ଇସ୍ତଫା ଦେବେ କୋଶିଆରି

### ବିବାଦୀୟ ଥିଲେ ମହାରାଷ୍ଟ୍ର ରାଜ୍ୟପାଳ



**ମୁମ୍ବାଇ,୨୩।୧:** ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିଆରି ନିଜ ପଦରୁ ଇସ୍ତଫା ଦେବାକୁ ଚାହାନ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣାଇଛନ୍ତି। ୨୦୧୯ରେ ରାଜ୍ୟପାଳ ନିଯୁକ୍ତ ହେବା ପରଠାରୁ ବିଭିନ୍ନ ବିବାଦୀୟ ନିଷ୍ପତ୍ତି ନେଇ ସେ ସମ୍ବାଦପତ୍ରର ଶିରୋନାମା ମଣ୍ଡନ କରିଆସିଥିଲେ। ଅବଶିଷ୍ଟ ଜୀବନ ସେ ଲେଖାପଢ଼ା ଓ ଅବସର ବିନୋଦନ କାର୍ଯ୍ୟରେ ଅତିବାହିତ କରିବାକୁ ଚାହାନ୍ତି ବୋଲି କହିଥିବା ରାଜଭବନ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ କୋଶିଆରି କହିଛନ୍ତି, ରାଜ୍ୟ ସେବକ ବା ରାଜ୍ୟପାଳ ଭାବେ ମହାରାଷ୍ଟ୍ର ଭଳି ବୃହତ୍ ରାଜ୍ୟର ସେବା କରିବା ତାଙ୍କ ପାଇଁ ସମ୍ମାନ ଓ ସୁଯୋଗ ଥିଲା। ନିକଟରେ ପ୍ରଧାନମନ୍ତ୍ରୀ ମୁମ୍ବାଇ ଗସ୍ତରେ ଆସିଥିବାବେଳେ ସେ ତାଙ୍କୁ ନିଜ ଇଚ୍ଛା ସମ୍ପର୍କରେ ଜଣାଇଥିଲେ। ସେ ସମସ୍ତ ରାଜନୈତିକ ଦାୟିତ୍ୱରୁ ଓହରିଯିବାକୁ ଚାହାନ୍ତି ବୋଲି କହିଥିଲେ। ୨୦୧୯ ସେପ୍ଟେମ୍ବରରେ କୋଶିଆରି ମହାରାଷ୍ଟ୍ର ରାଜ୍ୟପାଳ ନିଯୁକ୍ତ ହେବାର ୨ ମାସ ପରେ ରାଜ୍ୟରେ ବିଧାନସଭା ନିର୍ବାଚନ ହୋଇଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଭାଜପା-ଶିବସେନା ମଧ୍ୟରେ ଟଣାଓଟରା ଯୋଗୁ ଏନ୍‌ଡିଏ ସରକାର ଗଢ଼ିପାରି ନ ଥିଲା। ଶିବସେନା ନେତା ଉଦ୍ଧବ ଠାକ୍‌ରେ ଏନ୍‌ଡିଏରୁ ଓହରିଯାଇ କଂଗ୍ରେସ ଏବଂ ଏନ୍‌ସିପି ସହଯୋଗରେ ମହାବିକାଶ ଅଘାଡ଼ି ସରକାର ଗଢ଼ିଥିଲେ। ତେବେ ଉଦ୍ଧବ ସରକାର ଗଠନ ଦାବି ଜଣାଇବା ☞ପୃଷ୍ଠା-୪

# ନିର୍ଯାତନା ଅସହ୍ୟ ହେବାରୁ ହତ୍ୟା କରିଥିଲେ ସ୍ତ୍ରୀ

**ସୁଟକେସ୍‌ରୁ ଯୁବକଙ୍କ ମୃତଦେହ ମିଳିବା ଘଟଣା**

- ମାଷ୍ଟରମାଇଣ୍ଡ ସ୍ତ୍ରୀଙ୍କ ସମେତ ୩ ଗିରଫ
- କ୍ରାଇମ ସିନ୍ ରିକ୍ରିଏଟ କଲା ପୋଲିସ

**ଖୋର୍ଦ୍ଧା ଅଫିସ୍/ବାଲୁଗାଁ/ଗମ୍ଭାରୀମୁଣ୍ଡା/ଟାଙ୍ଗୀ,୨୩।୧(ଡି.ଏନ୍.ଏ.)**



ଖୋର୍ଦ୍ଧା ଜିଲା ନାରୁଣୀ ଥାନା ଅଧୀନ ହରିପୁର ଜଙ୍ଗଲରୁ ରବିବାର ଏକ ସୁଟକେସ୍‌ରେ ଭର୍ତ୍ତି ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଥିଲା। ମୃତକ ହେଲେ ନୟାଗଡ଼ ଜିଲା ରଣପୁର ଥାନା ଅଧୀନ ଲାଖପଡ଼ା ଗ୍ରାମର ମନୋରଞ୍ଜନ ମହାପାତ୍ର। ଏହି ଘଟଣାରେ ପୋଲିସ ମାଷ୍ଟରମାଇଣ୍ଡଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମୃତକଙ୍କ ସ୍ତ୍ରୀ ତଥା ଘଟଣାର ମାଷ୍ଟରମାଇଣ୍ଡ ନିଳି ଦାସ(୨୫) ଏବଂ ସହଯୋଗୀ ନିଳିଙ୍କ ସମ୍ପର୍କୀୟ ଭାଇ ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅଧୀନ ରାଜଜଙ୍କିଆ ଗ୍ରାମର ମିଟୁ ଦାସ(୨୬) ଓ ବନ୍ଧୁ ଚାନ୍ଦପୁର ଥାନା ଡୋମଣୀ ସାହିରେ ରହୁଥିବା ବିକ୍ରମ ସାହୁ(୨୯)। ☞ପୃଷ୍ଠା-୪




# 'କ୍ରିପ୍ଟୋ କୁଇନ୍'ଙ୍କ ପଛରେ ଏଫ୍‌ବିଆଇ

**ୱାଶିଂଟନ୍, ୨୩।୧**

କ୍ରିପ୍ଟୋ କୁଇନ୍ ଭାବେ ଦେଶ ବିଦେଶରେ ଜଣାଯାଉଥିବା ରୁଜା ଇଗ୍‌ନାଟୋଭାଙ୍କୁ ଧରିବା ଲାଗି ଆମେରିକୀୟ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ (ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍) ଆପ୍ରାଣଚେଷ୍ଟା ଚଳାଇଛି। ଏଫ୍‌ବିଆଇର ଟପ୍ ୧୦ ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ଥିବା ୪୨ ବର୍ଷୀୟା ରୁଜା 'ୱାନ୍‌କଏନ୍' କ୍ରିପ୍ଟୋକରେନ୍ସି ଜରିଆରେ ବହୁ ନିବେଶକଙ୍କଠାରୁ ୪ ବିଲିୟନ୍ ଡଲାର (୩୨,୫୮୦ କୋଟି ଟଙ୍କା) ଠକି ନେଇଥିବା ଅଭିଯୋଗ ତାଙ୍କ ନାଁରେ ରହିଛି। ଦୁବାଇଠାରୁ ଆରମ୍ଭ କରି ଲଣ୍ଡନ୍ ପ୍ରତ୍ୟେକ ଧନୀ ରାଷ୍ଟ୍ରର ଇନ୍‌ଭେଷ୍ଟର କ୍ରିପ୍ଟୋ କୁଇନ୍‌ଙ୍କ ଜାଲରେ ପଡ଼ି ଠକାମିର ଶିକାର ହୋଇଛନ୍ତି। 'ବିଟ୍‌କଏନ୍'ର ସଫଳତାରେ ଅନୁପ୍ରାଣିତ ହୋଇ ରୁଜା 'ୱାନ୍‌କଏନ୍' ନାମରେ ଏକ କ୍ରିପ୍ଟୋକରେନ୍ସି ୨୦୧୬ରେ ଆରମ୍ଭ କରିଥିଲେ। ତାଙ୍କର ଲକ୍ଷ୍ୟ ଥିଲା 'ବିଟ୍‌କଏନ୍'କୁ ପଛରେ ପକାଇବା। ଇନ୍‌ଭେଷ୍ଟର୍ସଙ୍କ ବିଶ୍ୱାସଭାଜନ ହେବା ଲାଗି ରୁଜା ବିଦେଶରେ ବହୁ ସେମିନାରର ଆୟୋଜନ କରୁଥିଲେ। ତାଙ୍କ କଥାରେ ଥିବା ଯାଦୁକରି ପାଇଁ ଲୋକେ ସହଜରେ 'ୱାନ୍‌କଏନ୍' ଉପରେ ବିଶ୍ୱାସ କରୁଥିଲେ।

'ୱାନ୍‌କଏନ୍' ଲଞ୍ଚ୍ କରିବାର ୧୬ ମାସ ପରେ ପାଖାପାଖି ୪ ବିଲିୟନ୍ ଡଲାର ନେଇ ରୁଜା ବୁଲଗେରିଆର ସୋଫିଆରୁ ଫ୍ଲାଇଟ୍ ଯୋଗେ ଗ୍ରୀସ୍ ଯାଇଥିବା ☞ପୃଷ୍ଠା-୪




## ସଂକ୍ଷେପରେ

### ତୁର୍କୀରେ ନିର୍ବାଚନ ଘୋଷଣା କଲେ ଏର୍ଦୋଗାନ

**ଇସ୍ତାନବୁଲ୍, ୨୩।୧:** ତୁର୍କୀ ରାଷ୍ଟ୍ରପତି ରିସେପ୍ ତାୟିପ ଏର୍ଦୋଗାନ ଦେଶର ପରବର୍ତ୍ତୀ ପାର୍ଲାମେଣ୍ଟ ଓ ରାଷ୍ଟ୍ରପତି ନିର୍ବାଚନ ପାଇଁ ତାରିଖ ଘୋଷଣା କରିଛନ୍ତି। ମେ’ ୧୪ରେ ଏହି ନିର୍ବାଚନ ଅନୁଷ୍ଠିତ ହେବ। ବୁର୍ସା ପ୍ରଦେଶରେ ଶନିବାର ଏର୍ଦୋଗାନ ଏକ ଯୁବ ସମ୍ମିଳନୀରେ ଏହା ଘୋଷଣା କରିଥିବାବେଳେ ରବିବାର ଏହାର ଭିଡିଓ ପ୍ରକାଶ ପାଇଥିଲା। ପୁନର୍ବାର ନିର୍ବାଚିତ ହେବା ଲାଗି ଯୋଜନା ରଖିଥିବା ଏର୍ଦୋଗାନ୍ କହିଛନ୍ତି, ମାର୍ଚ୍ଚ ୧୦ରେ ଚୂଡ଼ାନ୍ତ ନିଷ୍ପତ୍ତି ପରେ ଦେଶର ସୁପ୍ରିମ ଇଲେକ୍‌ଶନ କାଉନସିଲ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିବେ। ଯଦି କୌଣସି ପ୍ରାର୍ଥୀଙ୍କୁ ୫୦ ପ୍ରତିଶତରୁ ଅଧିକ ଭୋଟ ନ ମିଳେ, ତେବେ ମେ’ ୨୮ରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଅନୁଷ୍ଠିତ ହେବ।


ରିସେପ୍ ତାୟିପ ଏର୍ଦୋଗାନ

### ବିଶୃଙ୍ଖଳିତ ଯାତ୍ରୀଙ୍କୁ ବିମାନରୁ ଓହ୍ଲାଇଦିଆଗଲା

**ନୂଆଦିଲ୍ଲୀ, ୨୩।୧:** ସ୍ପାଇସ୍‌ଜେଟ୍‌ର ଜଣେ ଯାତ୍ରୀଙ୍କୁ ବିଶୃଙ୍ଖଳିତ ଆଚରଣ ପାଇଁ ବିମାନରୁ ଓହ୍ଲାଇ ଦିଆଯାଇଛି। ସୋମବାର ସେ ବିମାନରେ ଜଣେ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହାକୁ ନେଇ ବିଶୃଙ୍ଖଳିତ ଯାତ୍ରୀ ଜଣକ ସହ ଅନ୍ୟ କ୍ରିଉ ସଦସ୍ୟ ଓ ଯାତ୍ରୀମାନେ ଯୁକ୍ତିତର୍କ କରୁଥିବାର ଭିଡିଓ ପ୍ରକାଶ ପାଇଛି। ବିମାନରୁ ଓହ୍ଲାଇଦିଆଯିବା ପରେ ଉକ୍ତ ଯାତ୍ରୀଙ୍କୁ ସୁରକ୍ଷା ଟିମ୍‌କୁ ହସ୍ତାନ୍ତର କରାଯାଇଛି।

### ସାଧାରଣତନ୍ତ୍ର ପରେଡ୍‌ର ଅତିଥି ହେବେ ଶ୍ରମିକ, ରିକ୍ସାବାଲା

**ନୂଆଦିଲ୍ଲୀ, ୨୩।୧:** ଚଳିତବର୍ଷ ସାଧାରଣତନ୍ତ୍ର ଦିବସ ପରେଡ୍ କର୍ତ୍ତବ୍ୟପଥରେ ହେବାକୁ ଥିବାବେଳେ ଏଥିରେ ସାମିଲ ହେବା ଲାଗି ବହୁ ଅତିଥିଙ୍କୁ ନିମନ୍ତ୍ରଣ କରାଯାଇଛି। କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ୧୦୦୦ ସ୍ୱତନ୍ତ୍ର ନିମନ୍ତ୍ରଣ ସାଧାରଣ ଲୋକଙ୍କୁ ପ୍ରଦାନ କରାଯାଇଛି। ଯେଉଁଥିରେ ସେଣ୍ଟ୍ରାଲ୍ ଭିଷ୍ଟା ପ୍ରୋଜେକ୍ଟ ଅଧିନରେ କାର୍ଯ୍ୟରତ ଶ୍ରମିକ, ପରିବା ବ୍ୟବସାୟୀ, ରିକ୍ସାବାଲା, ସଉଦା ଦୋକାନୀ ଏବଂ ମୁକ୍ତ ବୁଥ୍ ୱାର୍କରଙ୍କୁ ସାମିଲ କରାଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ନିମନ୍ତ୍ରିତ ଅତିଥିମାନଙ୍କ ମଧ୍ୟରୁ ଯେଉଁମାନେ କରୋନା ଟୀକାର ଡବଲ ଡୋଜ୍ ନେଇଛନ୍ତି, ସେମାନେ କାର୍ଯ୍ୟକ୍ରମରେ ଯୋଗ ଦେଇପାରିବେ।

### ବିଚାରପତି ନିର୍ବାଚନର ସମ୍ମୁଖୀନ ହୁଅନ୍ତି ନାହିଁ: ରିଜିଜୁ

**ନୂଆଦିଲ୍ଲୀ, ୨୩।୧:** ବିଚାରପତିମାନଙ୍କୁ ନିର୍ବାଚନ କିମ୍ବା ଜନସାଧାରଣଙ୍କ ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ି ନ ଥାଏ ବୋଲି କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ତଥାପି ସେମାନେ ସେମାନଙ୍କ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ନଜରରେ ରହିଥାନ୍ତି। ଜନସାଧାରଣ ଆପଣଙ୍କୁ ଦେଖୁଛନ୍ତି ଓ ଆପଣମାନେ କିପରି ରାୟ ଦେଉଛନ୍ତି, ଆପଣମାନଙ୍କ କାର୍ଯ୍ୟ ତରିକା ଆଦିକୁ ସେମାନେ ବିଚାର କରୁଛନ୍ତି। ସେମାନେ ମତାମତ ଦିଅନ୍ତି ବୋଲି ରିଜିଜୁ ଦିଲ୍ଲୀ ବାର୍ ଆସୋସିଏଶନ୍‌ର ଏକ କାର୍ଯ୍ୟକ୍ରମରେ କହିଛନ୍ତି। ସୋସିଆଲ ମିଡିଆ ଆସିବା ଫଳରେ ଜନସାଧାରଣ କହିବାର କ୍ଷମତା ପାଇଛନ୍ତି। କେବଳ ନେତାମାନେ କହିବାର ସେ ପୁରୁଣା ଯୁଗ ଆଉ ନାହିଁ ବୋଲି ରିଜିଜୁ କହିଛନ୍ତି।

### ଅନ୍ଧାରରେ ପାକିସ୍ତାନ

**ଇସ୍‌ଲାମାବାଦ, ୨୩।୧(ପି.ଟି.):** ପାକିସ୍ତାନର ଜାତୀୟ ଗ୍ରୀଡ୍‌ରେ ସୋମବାର ବାରମ୍ବାର ଅସ୍ଥିରତା ଲାଗିରହିବାରୁ ଦେଶର ଅଧିକାଂଶ ଭାଗ ଅନ୍ଧକାରରେ ରହିଛି। ରାଜଧାନୀ ଇସ୍‌ଲାମାବାଦ, ଆର୍ଥିକ ରାଜଧାନୀ କରାଚୀ ସମେତ ବହୁ ସହରରେ ବିଜୁଳି ନାହିଁ। ସକାଳ ୭ଟା ୩୪ରୁ ନ୍ୟାଶନାଲ ଗ୍ରୀଡ୍‌ରେ ସମସ୍ୟା ଦେଖାଦେବାରୁ ବିଜୁଳି ସରବରାହ ବ୍ୟାହତ ହୋଇଥିବା ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସିଷ୍ଟମ ମରାମତି କାମ ଜାରି ରହିଥିବା ଶକ୍ତିମନ୍ତ୍ରୀ ଖୁରାମ ଦାସ୍ତଗିର କହିଛନ୍ତି। ଶୀତଦିନେ ରାତିରେ ବିଦ୍ୟୁତ ଚାହିଦା କମ୍ ଥିବାରୁ ଇନ୍ଧନ ଖର୍ଚ୍ଚ ବଞ୍ଚାଇବା ପାଇଁ କର୍ତ୍ତୃପକ୍ଷ ବିଦ୍ୟୁତ୍ ଉତ୍ପାଦନ ସିଷ୍ଟମକୁ ବନ୍ଦ କରିଦେଇଥିଲେ। ସକାଳେ ସିଷ୍ଟମ ଚଳାଇବାରୁ ବାରମ୍ବାର ଅସ୍ଥିରତା ଏବଂ ଭୋଲ୍‌ଟେଜ ସମସ୍ୟା ଦେଖାଦେଇଥିଲା ବୋଲି ମନ୍ତ୍ରୀ କହିଛନ୍ତି।


ସାଧାରଣତନ୍ତ୍ର ଦିବସ ପୂର୍ବରୁ ସୋମବାର ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ବ୍ରହ୍ମୋସ ମିଶାଇଲ ସିଷ୍ଟମ ପ୍ରଦର୍ଶନ କରାଯାଉଛି। (ଫଟୋ-ଚମନ ଗୌତମ)

# ଉପଯୁକ୍ତ ଝିଅ ମିଳିଲେ ବାହାହେବି: ରାହୁଲ

**ନୂଆଦିଲ୍ଲୀ, ୨୩।୧(ପି.ଟି.)**



ଉପଯୁକ୍ତ ଝିଅ ମିଳିଲେ ବିବାହ କରିବେ ବୋଲି କଂଗ୍ରେସ ନେତା ତଥା ଅନେକଙ୍କ ଦୃଷ୍ଟିରେ ଭାରତର ସବୁଠୁ ଯୋଗ୍ୟ ଅବିବାହିତ ରାହୁଲ ଗାନ୍ଧୀ କହିଛନ୍ତି। ସମସ୍ୟା ହେଲା କି ତାଙ୍କ ମାତାପିତାଙ୍କ ‘ବାସ୍ତବ ସୁନ୍ଦର ବିବାହ’ ବହୁତ ଉଚ୍ଚ ପ୍ରତିବନ୍ଧକ ସୃଷ୍ଟି କରିଛି। ୟୁଟ୍ୟୁବରେ ଖାଦ୍ୟ ଓ ଭ୍ରମଣ ପ୍ଲାଟଫର୍ମ କର୍ଲି ଟେଲ୍ସ ସହ ଏକ ହାଲ୍‌କା ଫୁଲ୍‌କା ଆଲୋଚନା ବେଳେ ରାହୁଲ ଏହା କହିଥିଲେ। ସେ ପଲିଟିକ୍ସ ଟ୍ରାକ୍‌ରୁ କିଛି ସମୟ ପାଇଁ ଦୂରେଇଯାଇ ତାଙ୍କର ବ୍ୟକ୍ତିଗତ ପ୍ରସଙ୍ଗ, ଖାଦ୍ୟ ରୁଚି, ବ୍ୟାୟାମ ଆଦି ସମ୍ପର୍କରେ କହିଥିଲେ। ବିବାହକୁ ନେଇ ତାଙ୍କର କୌଣସି ବିରୋଧ ନାହିଁ ବୋଲି ୫୨ ବର୍ଷୀୟ ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି। ତେବେ କେମିତିକା ଝିଅଙ୍କୁ ବିବାହ କରିବାକୁ ଚାହାନ୍ତି, ତାହାର ଚେକ୍‌ଲିଷ୍ଟ ପ୍ରସ୍ତୁତ କରିଛନ୍ତି କି ବୋଲି ପ୍ରଶ୍ନ ହେବାରୁ ରାହୁଲ କହିଥିଲେ, କେବଳ ସେ ସ୍ନେହୀ ଏବଂ ବୁଦ୍ଧିମତି ହେବା ଆବଶ୍ୟକ। ରାଜସ୍ଥାନରେ ଭାରତ ଯୋଡ଼ୋ ଯାତ୍ରା ଅବସରରେ ରାତ୍ର ଭୋଜନ ବେଳେ ତାଙ୍କର ଏହି କଥାବାର୍ତ୍ତା ରେକର୍ଡ କରାଯାଇଥିଲା। ଖାଦ୍ୟକୁ ନେଇ ତାଙ୍କର କୌଣସି ପ୍ରତିବାଦ ନାହିଁ, ଯାହା ମିଳିଲା ଖାଇଥାନ୍ତି। ତେବେ ମଟର ଓ ପଣସକୁ ସେ ପସନ୍ଦ କରନ୍ତି ନାହିଁ ବୋଲି ରାହୁଲ କହିଥିଲେ।

# ନିଯୁକ୍ତି ହରାଇଲେଣି ୮୦ ହଜାର ଭାରତୀୟ

- ଆମେରିକା ଆଇଟି କମ୍ପାନୀରେ ବ୍ୟାପକ ଛଟେଇ
- ୬୦ ଦିନରେ ଚାକିରି ଯୋଗାଡ଼ ନ କଲେ ସ୍ୱଦେଶ ଫେରିବେ

**ୱାଶିଂଟନ, ୨୩।୧(ପି.ଟି.)**






ଅନ୍ତର୍ଜାତୀୟ ବଜାରରେ ଆର୍ଥିକ ମାନ୍ଦାବସ୍ଥାର ଗରୁତର ପ୍ରଭାବ ଅନୁଭୂତ ହୋଇଛି। ଏଥିରୁ ମୁକୁଳିବା ପାଇଁ ବୃହତ୍ ଆଇଟି କମ୍ପାନୀଠାରୁ ଆରମ୍ଭ କରି ରିଟେଲ୍ ଏବଂ ଫାଇନାନ୍ସ ସେକ୍ଟର କମ୍ପାନୀଗୁଡ଼ିକ କିଛିଦିନ ହେଲା କର୍ମଚାରୀମାନଙ୍କୁ ଛଟେଇ କରିବାରେ ଲାଗିଛନ୍ତି। ଆମେରିକାରେ ଗୁଗଲ୍, ମାଇକ୍ରୋସଫ୍ଟ, ଫେସ୍‌ବୁକ୍, ଆମାଜନ ଭଳି ବୃହତ୍ କମ୍ପାନୀଗୁଡ଼ିକ କର୍ମଚାରୀ ଛଟେଇ କରିବା ପରେ ଏବେ ହଜାର ହଜାର ଭାରତୀୟ ଆଇଟି ପେସାଦାର କାମଧନ୍ଦା ହରାଇ ସେଠାରେ ରହିବା ପାଇଁ ସଂଘର୍ଷ କରୁଛନ୍ତି। ସେଠାରେ ରହିବାକୁ ହେଲେ ୱାର୍କ ଭିଜାର ଧାର୍ଯ୍ୟ ସମୟସୀମା ମଧ୍ୟରେ ନୂଆ ନିଯୁକ୍ତି ଖୋଜିବାକୁ ହେବ। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଗତବର୍ଷ ନଭେମ୍ବରରୁ ଇତିମଧ୍ୟରେ ପାଖାପାଖି ୨ ଲକ୍ଷ ଆଇଟି ପେସାଦାରଙ୍କୁ ନିଯୁକ୍ତିରୁ ଛଟେଇ କରାଗଲାଣି। ସେମାନଙ୍କ ମଧ୍ୟରୁ ଭାରତୀୟ ଆଇଟି ପ୍ରଫେସନାଲମାନଙ୍କ ସଂଖ୍ୟା ୩୦ରୁ ୪୦ ପ୍ରତିଶତ (ପ୍ରାୟ ୬୦ରୁ ୮୦ ହଜାର)। ଛଟେଇ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶଙ୍କ ପାଖରେ ଏଚ୍-୧ବି ଏବଂ ଏଲ୍୧ ଭିଜା ରହିଛି। ଏଚ୍-୧ବି ଭିଜା ହେଉଛି ନନ୍ ଇମିଗ୍ରାଣ୍ଟ ଭିଜା, ଯାହା ଆମେରିକା କମ୍ପାନୀଗୁଡ଼ିକୁ ବିଦେଶୀ କର୍ମଚାରୀଙ୍କୁ ଟେକ୍‌ନିକାଲ ଅଭିଜ୍ଞତା ଥିବା ସ୍ୱତନ୍ତ୍ର ପେସାରେ ନିଯୁକ୍ତି ଦେବା ଲାଗି ଅନୁମତି ଦେଇଥାଏ। ବୈଷୟିକ କମ୍ପାନୀଗୁଡ଼ିକ ପ୍ରତିବର୍ଷ ଭାରତ ଓ ଚାଇନାରୁ ହଜାର ହଜାର କର୍ମଚାରୀଙ୍କୁ ନିଯୁକ୍ତି ଦେବା ଲାଗି ଏହି ଭିଜା ଉପରେ ନିର୍ଭର କରିଥାନ୍ତି। ଏଲ୍-୧ଏ ଏବଂ ଏଲ୍-୧ବି ଗୋଟିଏ କମ୍ପାନୀର ବିଭିନ୍ନ ବ୍ରାଞ୍ଚ ମଧ୍ୟରେ ଅସ୍ଥାୟୀ ବଦଳି ପାଇଁ ଉପଲବ୍ଧ ହୋଇଥାଏ। ପରିଚାଳକ ପଦବୀ କିମ୍ବା ସ୍ୱତନ୍ତ୍ର ଜ୍ଞାନ ଥିବା ବ୍ୟକ୍ତିଙ୍କୁ ଏଥିପାଇଁ ଭିଜା ମଞ୍ଜୁର କରାଯାଇଥାଏ। ଅସ୍ଥାୟୀ ଅପ୍ରବାସ କାର୍ଯ୍ୟ ଭିଜାଧାରୀ ହଜାର ହଜାର ଭାରତୀୟ ଆଇଟି ପେସାଦାର ଆମେରିକାରେ ରହିବା ଲାଗି ନୂଆ ଚାକିରି ପାଇବାକୁ ସଂଘର୍ଷ କରୁଛନ୍ତି। ଏଚ୍-୧ବି ଭିଜାଧାରୀଙ୍କ ପାଇଁ ଅବସ୍ଥା ସବୁଠୁ ସଙ୍ଗିନ୍ ହୋଇଛି। କାରଣ ସେମାନେ ୬୦ ଦିନ ମଧ୍ୟରେ ନୂଆ ନିଯୁକ୍ତି ପାଇ ନ ପାରିଲେ ଭାରତ ଫେରିବାକୁ ବାଧ୍ୟ ହେବେ। ବର୍ତ୍ତମାନର ସ୍ଥିତିରେ ସମସ୍ତ ଆଇଟି କମ୍ପାନୀ କର୍ମଚାରୀ ଛଟେଇ ମନୋବୃତ୍ତିରେ ଥିବାରୁ ସ୍ୱଳ୍ପ ସମୟ ମଧ୍ୟରେ ଆଉ ଏକ ନିଯୁକ୍ତି ଖୋଜି ପାଇବା ଏକପ୍ରକାର ଅସମ୍ଭବ ହୋଇପଡ଼ିଛି।

### ଯବାନଙ୍କ ନାମରେ ନାମିତ ହେଲା ୨୧ ଆଣ୍ଡାମାନ ଦ୍ୱୀପ

**ନୂଆଦିଲ୍ଲୀ, ୨୩।୧**

ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ୨୧ଟି ଦ୍ୱୀପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପରମ ବୀର ଚକ୍ର ବିଜୟୀ ଯବାନମାନଙ୍କ ନାମରେ ନାମିତ କରିଛନ୍ତି। ଏଥିସହିତ ସେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପାଇଁ ଉତ୍ସର୍ଗୀକୃତ ଏକ ପ୍ରସ୍ତାବିତ ସ୍ମାରକୀର ମଡେଲ୍ ଅନାବରଣ କରିଥିଲେ। ଏହି ମେମୋରିଆଲ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜରେ ସ୍ଥାପନ ହେବ, ଯାହା ଲୋକଙ୍କ ମଧ୍ୟରେ ଦେଶପ୍ରେମ ଅନୁଭବ ଜାଗ୍ରତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଭାରତର କିମ୍ବଦନ୍ତୀ ସ୍ୱାଧୀନତା ସଂଗ୍ରାମୀ ନେତାଜୀଙ୍କ ୧୨୬ତମ ଜନ୍ମବାର୍ଷିକୀ ଅବସରରେ ଉଦ୍‌ବୋଧନ ଦେଇ ମୋଦି ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ଭାରତର ପ୍ରଥମ ତ୍ରିରଙ୍ଗା ଆଣ୍ଡାମାନରେ ନେତାଜୀ ଉଡ଼ାଇଥିଲେ ଏବଂ ସେଠାରେ ପ୍ରଥମ ଥର ପାଇଁ ସ୍ୱାଧୀନ ଭାରତ ସରକାର ଗଢ଼ାଯାଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସେ ନେତାଜୀ ଏବଂ ପରମ ବୀରଚକ୍ର ବିଜେତାମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆଜାଦ ହିନ୍ଦ ଫୌଜର ପରାକ୍ରମକୁ ପ୍ରଶଂସା କରିଥିଲେ।

# ହିନ୍ଦୁ ମହିଳାଙ୍କୁ ଗଣବଳାତ୍କାର

ଧର୍ମ ପରିବର୍ତ୍ତନ ପାଇଁ ରାଜି ହୋଇ ନ ଥିଲେ

**ଇସ୍‌ଲାମାବାଦ୍, ୨୩।୧**



ପାକିସ୍ତାନର ସିନ୍ଧ ପ୍ରଦେଶରେ ଜଣେ ହିନ୍ଦୁ ମହିଳାଙ୍କୁ ପ୍ରଥମେ ଅପହରଣ ଓ ପରେ ଗଣବଳାତ୍କାର କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ପୀଡ଼ିତାଜଣକ ଏ ନେଇ ସୋସିଆଲ ମିଡିଆରେ ଏକ ଭିଡିଓ ପୋଷ୍ଟ କରିଛନ୍ତି। ପାକିସ୍ତାନ ଉପମାର୍କେଟ ଜିଲା ସମାରୋ ଟାଉନ୍‌ରେ ୩ ଯୁବକ ଇବ୍ରିହିମ୍ ମାଙ୍ଗୋରିଓ, ପୁନହୋ ମାଙ୍ଗୋରିଓ ଓ ସେମାନଙ୍କର ଜଣେ ବନ୍ଧୁ ମହିଳାଙ୍କୁ ଗଣବଳାତ୍କାର କରିଥିବା ଭିଡିଓରେ ପୀଡ଼ିତା କହିଛନ୍ତି। ସିନ୍ଧ ପ୍ରଦେଶରୁ ଅଭିଯୁକ୍ତମାନେ ତାଙ୍କୁ ଅପହରଣ କରି ଧର୍ମପରିବର୍ତ୍ତନ ପାଇଁ କହିଥିଲେ। ହେଲେ ପୀଡ଼ିତା ସେମାନଙ୍କ କଥାରେ ରାଜି ନ ହେବାରୁ ୩ ଦିନ ଧରି ତାଙ୍କୁ ବଳାତ୍କାର କରାଯାଇଥିଲା। କିନ୍ତୁ କୌଶଳବଶତଃ ମହିଳା ଜଣକ ଅଭିଯୁକ୍ତଙ୍କ କବଳରୁ ଖସି ପଳାଇ ଆସିଥିବା ଭିଡିଓରେ ପ୍ରକାଶ କରିଛନ୍ତି। ତେବେ ଏ ନେଇ ସ୍ଥାନୀୟ ପୋଲିସ ଅଭିଯୋଗ ଦାଏର କରି ନ ଥିବା ସ୍ଥାନୀୟ ହିନ୍ଦୁ ସଙ୍ଗଠନର ସଦସ୍ୟ କହିଛନ୍ତି। ପାକିସ୍ତାନରେ ଅଳ୍ପସଂଖ୍ୟକ ହିନ୍ଦୁଙ୍କ ଉପରେ ଅତ୍ୟାଚାର କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ବିଶେଷ କରି ଧର୍ମ ପରିବର୍ତ୍ତନ ଓ ବଳାତ୍କାର ଘଟଣା ଅଧିକ ଘଟିବାରେ ଲାଗିଛି।

### ମୋଦିଙ୍କ ଉପରେ ଡକ୍ୟୁମେଣ୍ଟାରି ତଦନ୍ତ ଦାବିରେ ପିଟିଶନ

**ଲଣ୍ଡନ, ୨୩।୧(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ବିବାଦୀୟ ଡକ୍ୟୁମେଣ୍ଟାରି ସିରିଜ୍ ଆଣି ବ୍ରିଟେନର ସରକାରୀ ଖବର ପ୍ରସାରଣକାରୀ ସଂସ୍ଥା ବିବିସି ଏହାର କର୍ତ୍ତବ୍ୟରେ ଗୁରୁତର ଉଲ୍ଲଂଘନ କରିଛି। ଏହାର ନିରପେକ୍ଷ ତଦନ୍ତ ଲାଗି ଅନ୍‌ଲାଇନ ପିଟିଶନରେ ଦାବି କରାଯାଇଛି। ନିରପେକ୍ଷ ଏବଂ ଉଚ୍ଚମାନର ସମ୍ପାଦକୀୟ ପ୍ରକାଶ କରିବାରେ ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେଶନ (ବିବିସି) ବିଫଳ ହୋଇଥିବାରୁ ଚେଞ୍ଜ୍ ଡଟ୍ ଓଆର୍‌ଜି ଏହାର ନିନ୍ଦା କରିଛି। ରବିବାର ରାତିରୁ ଏହା ଅନ୍‌ଲାଇନରେ ୨,୫୦୦ ଦସ୍ତଖତ ସଂଗ୍ରହ କରିଛି। ବିବିସି ଡକ୍ୟୁମେଣ୍ଟାରି ‘ଇଣ୍ଡିଆ:ଦି ମୋଦି କ୍ୱେଶ୍ଚିନ’ର ପ୍ରଥମ ଭାଗ ଗତ ସପ୍ତାହରେ ପ୍ରକାଶ ପାଇଥିଲା। ମଙ୍ଗଳବାର ଏହାର ଦ୍ୱିତୀୟ ଭାଗ ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଏହି ଡକ୍ୟୁମେଣ୍ଟାରିରେ ବିବିସି ସମ୍ପାଦକୀୟ ନିରପେକ୍ଷତାର ସର୍ବୋଚ୍ଚ ମାନ ବଜାୟ ରଖିବାରେ ବିଫଳ ହୋଇଥିବାରୁ ଆମେ ନିନ୍ଦା କରୁଛୁ ବୋଲି ପିଟିଶନରେ କୁହାଯାଇଛି।

# ‘ମୋ କାନ୍ଧରେ ବନ୍ଧୁକ ଫୁଟାଅ ନାହିଁ’

**ନୂଆଦିଲ୍ଲୀ, ୨୩।୧**


ଜଷ୍ଟିସ ଆର୍.ଏସ୍. ସୋଧି

ବିଚାରପତି ନିଯୁକ୍ତି ବ୍ୟବସ୍ଥାକୁ ନେଇ କେନ୍ଦ୍ର ସରକାର ଏବଂ ନ୍ୟାୟପାଳିକା ମଧ୍ୟରେ ବିବାଦ ଲାଗିରହିଥିବାବେଳେ ତାଙ୍କ କାନ୍ଧରେ ବନ୍ଧୁକ ନ ଫୁଟାଇବାକୁ ଦିଲ୍ଲୀ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଆର୍.ଏସ୍. ସୋଧି ସୋମବାର କେନ୍ଦ୍ର ଆଇନମନ୍ତ୍ରୀ କିରେନ୍ ରିଜିଜୁଙ୍କୁ ପରାମର୍ଶ ଦେଇଛନ୍ତି। ଆଇନମନ୍ତ୍ରୀ ଏହି ପ୍ରସଙ୍ଗ ଉଠାଇଥିବାରୁ ସେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ତେବେ ଜଷ୍ଟିସ ସୋଧି ରାଜନୈତିକ ବ୍ୟକ୍ତି ହୋଇ ନ ଥିବାରୁ ତାଙ୍କ କାନ୍ଧରେ ବନ୍ଧୁକ ନ ଫୁଟାଇବାକୁ କହିଛନ୍ତି। କଲେଜିୟମ ବ୍ୟବସ୍ଥା ଅସାମ୍ବିଧାନିକ ସେ ଦେଇଥିବା ମତାମତ ତାଙ୍କର ବ୍ୟକ୍ତିଗତ। ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ଏକ ସଚିବାଳୟ ରହିବା ଆବଶ୍ୟକ ବୋଲି ସୋଧି କହିଥିଲେ। ଦୁଇ କିମ୍ବା ତିନି ଜଣ ବିଚାରପତି କିପରି ଅନ୍ୟ ବିଚାରପତିମାନଙ୍କ ନିଯୁକ୍ତି ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ ବୋଲି ସେ ପ୍ରଶ୍ନ କରିଥିଲେ। କଲେଜିୟମ ବ୍ୟବସ୍ଥା ବିଫଳ ହୋଇଛି। ତେବେ ବିଚାରପତି ନିଯୁକ୍ତିକୁ ନେଇ ସର୍ବସାଧାରଣରେ ସମାଲୋଚନା କରିବାରୁ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଦୂରେଇ ରହିବା ଆବଶ୍ୟକ ବୋଲି ଜଷ୍ଟିସ ସୋଧି କହିଛନ୍ତି। ନ୍ୟାୟପାଳିକା, କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପିକା ମଧ୍ୟରେ କ୍ଷମତାକୁ ନେଇ ବିତର୍କ ଲାଗିରହିଥିବାବେଳେ ଜଷ୍ଟିସ ସୋଧି କହିଛନ୍ତି, ଆଇନ ପ୍ରଣୟନରେ ପାର୍ଲାମେଣ୍ଟର ସର୍ବୋଚ୍ଚ କ୍ଷମତା ରହିଛି, ତେବେ ଆଇନକୁ ଯାଞ୍ଚ କରିବା କ୍ଷମତା ସୁପ୍ରିମକୋର୍ଟଙ୍କର ରହିଛି। ସୂଚନାଯୋଗ୍ୟ, କେନ୍ଦ୍ର ଓ ନ୍ୟାୟପାଳିକା ମଧ୍ୟରେ ଟଣାଓଟରା ଲାଗି ରହିଥିବାବେଳେ ରବିବାର ରିଜିଜୁ ପୂର୍ବତନ ବିଚାରପତିଙ୍କ ସାକ୍ଷାତ୍‌କାରର ଏକ ଭିଡିଓକୁ ଶେୟାର କରିଥିଲେ, ଯାହାକୁ ଜଷ୍ଟିସ ସୋଧି ନାପସନ୍ଦ କରିଛନ୍ତି।

DADLS-85



ଓଡ଼ିଶା ସରକାର

ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ
ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
ତା.୨୪.୦୧.୨୦୨୩

ସକାଳ ୮ଟା - ମ୍ୟୁଜିୟମ ଛକ, ଭୁବନେଶ୍ୱରସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

ସନ୍ଧ୍ୟା ୬ଟା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ଅଶୋକ ଚନ୍ଦ୍ର ପଣ୍ଡା, ମାନ୍ୟବର ମନ୍ତ୍ରୀ
ବିଜ୍ଞାନ ଓ କାରିଗରୀ, ସରକାରୀ ଉଦ୍ୟୋଗ
ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ

ସମ୍ମାନିତ ଅତିଥି – ଡ. ଲେନିନ୍ ମହାନ୍ତି, ଅଧ୍ୟକ୍ଷ
ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ବିକାଶ ନିଗମ

ମୁଖ୍ୟବକ୍ତା – ଡଃ. ପ୍ରତିଭା ମହାରଥୀ, ବିଶିଷ୍ଟ ସାହିତ୍ୟିକା
ତଥା ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0236/2223




# ଚିକିତ୍ସା ଅବହେଳାରୁ ଆଖିବୁଜିଲା ନବଜାତକ

**ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

- ମା' ଗୁରୁତର
- ଡ୍ୟୁଟି ସମୟରେ ଭଲି ଖେଳୁଥିଲେ ଡାକ୍ତର
- କାରଣ ଦର୍ଶାଅ ନୋଟିସ ହୋଇଛି: ସିଡିଏମ୍‌ଓ

**ପାଟଣା, ୨୩।୧(ସ୍ୱ. ପ୍ର.)**

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ରାତିରେ ଚିକିତ୍ସା ଅବହେଳାରୁ ଏକ ନବଜାତକର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ପ୍ରସୂତି ମଧ୍ୟ ଚିକିତ୍ସା ସେବା ନ ପାଇ ଗୁରୁତର ହୋଇଛନ୍ତି। ଏନେଇ ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରସୂତିଙ୍କ ସମ୍ପର୍କୀୟ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି। ଘଟଣା ପରେ ଦାୟିତ୍ୱରେ ଥିବା ଡାକ୍ତର ଡାକ୍ତରଖାନା ଆସି ନ ଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ସାହାରପଡ଼ା ବ୍ଲକ୍ ଉଦୟପୁର ପଞ୍ଚାୟତ ମୋଉଦୀପା ଗ୍ରାମର ପଙ୍କଜ ନାଏକଙ୍କ ସ୍ତ୍ରୀ ଅନୀତା ନାଏକଙ୍କୁ ପ୍ରସବ ନିମନ୍ତେ ପରିବାର ଲୋକେ ରବିବାର ସନ୍ଧ୍ୟାରେ ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ରାତିରେ ପ୍ରସବ ଯନ୍ତ୍ରଣା ହେବାରୁ ଦାୟିତ୍ୱରେ ଥିବା ଡା. ଶ୍ୟାମସୁନ୍ଦର ଗୁଡୁଙ୍କୁ ଡାକିଥିଲେ। ମାତ୍ର ସେ ଭଲି ଖେଳରେ ବ୍ୟସ୍ତ ରହି ଆସି ନ ଥିଲେ। ରାତି ୧୨ଟାରେ ଯନ୍ତ୍ରଣା ବୃଦ୍ଧି ପାଇବାରୁ ପ୍ରସୂତିଙ୍କ ସମ୍ପର୍କୀୟମାନେ ପୁଣି ଯାଇ ଡାକ୍ତରଙ୍କୁ ଡାକିବାରୁ ଦେହ ଅସୁସ୍ଥ ଥିବା ଦର୍ଶାଇ ସେ ଆସି ନ ଥିଲେ ବୋଲି ଅନୀତାଙ୍କ ସ୍ୱାମୀ ପଙ୍କଜ କହିଛନ୍ତି। ବିନା ଡାକ୍ତରରେ ରାତି ୧ଟା ପରେ ଅନୀତା ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ମାତ୍ର ଶିଶୁପୁତ୍ର ନ କାନ୍ଦିବାରୁ ଡାକ୍ତରଙ୍କୁ ଖୋଜାଯାଇଥିଲେ ହେଁ ତଥାପି ସେ ଆସି ନ ଥିଲେ। ଫଳରେ ନବଜାତକଙ୍କ ରାତି ୨ଟାରେ ମୃତ୍ୟୁ ହୋଇଥିବା ସମ୍ପର୍କୀୟ କହିଛନ୍ତି। ଏନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ପ୍ରସୂତିଙ୍କ ସମ୍ପର୍କୀୟ ପାଟିତୁଣ୍ଡ କରିବା ସହ ଜିଲା ଚିକିତ୍ସାଧିକାରୀଙ୍କୁ ଜଣାଇଥିଲେ। ଉତ୍ତେଜନା ପରେ ଦାୟିତ୍ୱରେ ଥିବା ଡାକ୍ତର ଡାକ୍ତରଖାନା ଆସୁନାହାନ୍ତି। ଅନ୍ୟପଟେ ମେଡିକାଲରେ ଡାକ୍ତର ନ ଥିବାରୁ ବିନା ଚିକିତ୍ସାରେ ପ୍ରସୂତିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ପ୍ରସୂତିଙ୍କୁ ଅନ୍ୟ ଡାକ୍ତରଖାନାକୁ ରେଫର ମଧ୍ୟ କରାଯାଇ ନ ଥିଲା। ଶେଷରେ ପରିବାର ଲୋକେ ସୋମବାର ଅପରାହ୍ନରେ ଗୁରୁତର ଅବସ୍ଥାରେ ତାଙ୍କୁ ଘରକୁ ନେଇଯାଇଥିଲେ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟିଙ୍କୁ ପଚାରିବାରୁ ସମ୍ପୃକ୍ତ ଡାକ୍ତର ଜଣକ ଛୁଟି ନ ନେଇ ଡାକ୍ତରଖାନା ଛାଡ଼ି କେଉଁ ଆଡ଼େ ପଳାଇଛନ୍ତି। ଏନେଇ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏନେଇ ଅବଗତ କରାଯାଇଛି। ପ୍ରସୂତିଙ୍କୁ ପୁନଃ ହସ୍ପିଟାଲରେ ଭର୍ତ୍ତି କରାଯିବାକୁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଥିଲେ।



ଡାକ୍ତରଖାନାରେ ପ୍ରସୂତିଙ୍କ ସମ୍ପର୍କୀୟ।

**ହ୍ୟୁମାନ-ଶ୍ରୀୟା ଘରୋଇ କଳି ମାମଲା**

# ୩୦ରେ ପରବର୍ତ୍ତୀ କାଉନ୍‌ସେଲିଂ



**କଟକ ଅଫିସ,୨୩।୧:** ଓଲିଉଡ୍ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ସ୍ତ୍ରୀ ଶ୍ରୀୟା ମିଶ୍ରଙ୍କ ଘରୋଇ କଳି ମାମଲାର ଦ୍ୱିତୀୟ କାଉନ୍‌ସେଲିଂ ପାଇଁ ଆସନ୍ତା ୩୦ ତାରିଖକୁ ଧାର୍ଯ୍ୟ ହୋଇଛି। ସେହିଦିନ ହ୍ୟୁମାନ ଓ ଶ୍ରୀୟା କଟକ ମହିଳା ଥାନାରେ ହାଜର ହୋଇ ନିଜର ପକ୍ଷ ରଖିବେ। ପରସ୍ପର ମଧ୍ୟରେ କୌଣସି ବୁଝାମଣା ହୋଇ ନ ପାରିଲେ ଶ୍ରୀୟାଙ୍କ ଅଭିଯୋଗ ଅନୁଯାୟୀ ମାମଲା ରୁଜୁ ହେବ ବୋଲି ଜୋନ୍-୨ ଏସିପି ଅମିତାଭ ମହାପାତ୍ର ସୋମବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୋଲିସଠାରୁ ନେଇଥିବା ୨ ଦିନର ମହଲତ ପରେ ହ୍ୟୁମାନ ଓ ଶ୍ରୀୟା ମହିଳା ଥାନାରେ ହାଜର ହେବାର ଥିଲା। ଶ୍ରୀୟା ଆସିବାର ଦିନ ଜଣାଇଲେ ସେହି ଅନୁସାରେ ହ୍ୟୁମାନଙ୍କୁ ଡକାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା। ହେଲେ ଶ୍ରୀୟା ବାପାଙ୍କ ଶାରୀରିକ ଅସୁସ୍ଥତା ହେତୁ ସେ ଅଧିକ ଦିନ ମହଲତ ନେଇଛନ୍ତି। ସେ ପୋଲିସକୁ ଜଣାଇଥିବା ତାରିଖ ଅନୁସାରେ ଆସନ୍ତା ୩୦ ତାରିଖରେ ହାଜର ହେବା ନିମନ୍ତେ ହ୍ୟୁମାନ୍‌ଙ୍କୁ କୁହାଯାଇଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ହ୍ୟୁମାନ ନିର୍ଯାତନା ଦେଉଥିବା ନେଇ ଶ୍ରୀୟା ଗତ ୧୭ ତାରିଖରେ କଟକ ଡିସିପିଙ୍କ ନିକଟରେ ଅଭିଯୋଗ କରିଥିଲେ। ଦାମ୍ପତ୍ୟ କଳହ ହେତୁ ଶ୍ରୀୟା ପ୍ରାୟ ୫ ମାସ ହେବ ଶାଶୁଘର ଛାଡ଼ି ଝିଅ ସହ ବାପ ଘରେ ରହୁଛନ୍ତି। ହ୍ୟୁମାନ ପ୍ରବଳ ମଦ ପିଅନ୍ତି, ନିଶାସକ୍ତ ଅବସ୍ଥାରେ ତାଙ୍କୁ ବାଡ଼ାବାଡ଼ି କରନ୍ତି, ଜୀବନରୁ ମାରିଦେବାକୁ ଉଦ୍ୟମ ମଧ୍ୟ କରନ୍ତି ଆଦି ଅନେକ ପ୍ରସଙ୍ଗକୁ ଶ୍ରୀୟା ଅଭିଯୋଗରେ ଦର୍ଶାଇଥିଲେ। ଡିସିପିଙ୍କ ନିର୍ଦ୍ଦେଶକ୍ରମେ କଟକ ମହିଳା ଥାନା ପକ୍ଷରୁ ହ୍ୟୁମାନଙ୍କୁ ହାଜର ହେବା ପାଇଁ ସମନ ଜାରି କରାଯାଇଥିଲା। ଗତ ୧୯ ତାରିଖରେ ହ୍ୟୁମାନ ଓ ଶ୍ରୀୟା ପରିବାର ଏବଂ ଓକିଲଙ୍କ ସହ ମହିଳା ଥାନାରେ ହାଜର ହୋଇଥିଲେ। ଏସିପି ଅମିତାଭ ମହାପାତ୍ର ଉଭୟ ପକ୍ଷଙ୍କ ମଧ୍ୟରେ ଆପୋସ ବୁଝାମଣା ପାଇଁ ଉଦ୍ୟମ କରିଥିଲେ। କାଉନ୍‌ସେଲିଂ ସମୟରେ ମହିଳା ଥାନା ଆଇଆଇସି ଅନସୂୟା ନାୟକ, ଶ୍ରୀୟାଙ୍କ ବାପା ଶ୍ରୀକାନ୍ତ ମିଶ୍ର, ହ୍ୟୁମାନଙ୍କ ମା' ଶେଫାଳୀ ସୁନା, ହ୍ୟୁମାନଙ୍କ ଆଇନଜୀବୀ ସତ୍ୟରଞ୍ଜନ ମୁଳିଆ, ଶ୍ରୀୟାଙ୍କ ଆଇନଜୀବୀ ଅନିଲ କୁମାର ରାୟ ଉପସ୍ଥିତ ଥିଲେ। ହେଲେ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରି ନ ଥିଲା। ଉଭୟଙ୍କୁ ସମାଧାନ ପାଇଁ ୨ ଦିନର ମହଲତ ଦିଆଯାଇଥିବାବେଳେ ସେମାନେ ଗଣମାଧ୍ୟମରେ ପରସ୍ପର ଉପରକୁ ଆରୋପ ପ୍ରତ୍ୟାରୋପ କରି ଅନେକ ମନ୍ତବ୍ୟ ଦେଇଥିଲେ।

# ଓଏସ୍‌ଡିଏମ୍‌ଏକୁ ମିଳିବ ସୁଭାଷ ବୋଷ ଆପଦ ପ୍ରବନ୍ଧନ ପୁରସ୍କାର

**୫୧ ଲକ୍ଷ କ୍ୟାଶ୍ ସହ ମାନପତ୍ର**

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ପ୍ରାକୃତିକ ବିପର୍ଯ୍ୟୟ ଓ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍‌ଏ)କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସୁଭାଷ ଚନ୍ଦ୍ର ବୋଷ୍ ଆପଦ ପ୍ରବନ୍ଧନ ପୁରସ୍କାର-୨୦୨୩ ପ୍ରଦାନ କରାଯିବ। ବିପର୍ଯ୍ୟୟ ବେଳେ ଉତ୍ସର୍ଗୀକୃତ ଅବଦାନ ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ବାବଦରେ ଓଏସ୍‌ଡିଏମ୍‌ଏକୁ ୫୧ ଲକ୍ଷ ଟଙ୍କା ସହ ମାନପତ୍ର ପ୍ରଦାନ କରାଯିବ।

ପ୍ରତ୍ୟେକ ବର୍ଷ ନେତାଜୀ ସୁଭାଷ ବୋଷ୍‌ଙ୍କ ଜୟନ୍ତୀ ଦିବସରେ ଉକ୍ତ ପୁରସ୍କାର ପାଇଁ ଘୋଷଣା କରାଯାଏ। ଏଥିପାଇଁ ମନୋନୀତ ସଂସ୍ଥାକୁ ୫୧ ଲକ୍ଷ ଟଙ୍କା କ୍ୟାଶ୍ ପୁରସ୍କାର ସହ ଏକ ପ୍ରମାଣପତ୍ର ଏବଂ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ୫ ଲକ୍ଷ ଟଙ୍କା ଓ ସାର୍ଟିଫିକେଟ ପ୍ରଦାନ ବ୍ୟବସ୍ଥା ରହିଛି।

୧୯୯୯ ମହାବାତ୍ୟା ପରେ ଓଏସ୍‌ଡିଏମ୍‌ଏ ପ୍ରତିଷ୍ଠା କରାଯାଇଥିଲା। ଓଏସ୍‌ଡିଏମ୍‌ଏ ଓଡ଼ିଶା ଡିଜାଷ୍ଟର ରେସ୍‌ପନ୍ସ ଆକ୍ସନ ଫୋର୍ସ(ଓଡିଆରଏଫ୍) ଏର୍ଲି ୱାର୍ନିଂ ସର୍ଭିସ ଫ୍ରେମ୍‌ୱାର୍କ, ଲୋକମାନଙ୍କୁ ଆଗୁଆ ସୂଚନା ଦେବା ପାଇଁ ମୋବାଇଲ ଆପ୍ 'ସତର୍କ' ସହିତ ବହୁମୁଖୀ ବାତ୍ୟା ନିରୋଧକ ବ୍ୟବସ୍ଥା ଗ୍ରହଣ କରିଆସିଛି। ୨୦୧୪ରେ ବାତ୍ୟା ହୁଡ୍‌ହୁଡ୍, ୨୦୧୯ରେ ଫନି, ୨୦୨୦ରେ ଅମ୍ଫନ ଏବଂ ୨୦୨୦ରେ ଓଡ଼ିଶାରେ ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଏସ୍‌ଡିଏମ୍‌ଏ ତ୍ୱରିତ ପଦକ୍ଷେପ ଗ୍ରହଣ କରିଆସିଛି। ଏହାଛଡ଼ା ଓଏସ୍‌ଡିଏମ୍‌ଏ ରାଜ୍ୟରେ ଲୋକମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷିତ ସ୍ଥାନ ଯୋଗାଇଦେବାକୁ ସମୁଦ୍ର ଉପକୂଳରୁ ୧.୫ କିଲୋମିଟର ମଧ୍ୟରେ ୮୭୯ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରିଛି। ଏଥିସହ ସମୁଦ୍ରକୂଳିଆ ୩୮୧ ସୁନାମିପ୍ରବଣ ଗ୍ରାମକୁ ଚିହ୍ନଟ କରି ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ପଦକ୍ଷେପ ନେଇଛି। ଏସବୁ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଓଏସ୍‌ଡିଏମ୍‌ଏକୁ କେନ୍ଦ୍ର ସରକାର ପୁରସ୍କୃତ କରିବାକୁ ଘୋଷଣା କରିଛନ୍ତି।

# ବିଧାନସଭା ପରିସରରେ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ଓଡ଼ିଶା ବିଧାନସଭା ପରିସରରେ ମହାନ୍ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୪ତମ ଜୟନ୍ତୀ ପାଳିତ ହୋଇଛି। ସୋମବାର ପୂର୍ବାହ୍ନରେ ବିଧାନସଭା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭାରତୀୟ ମୁକ୍ତି ସଂଗ୍ରାମର ମହାନ୍ ଯୋଦ୍ଧା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଓଡ଼ିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖ, ଉପବାଚସ୍ପତି ରଜନୀକାନ୍ତ ସିଂହ, ବିଜ୍ଞାନ ଓ କାରିଗରି, ସରକାରୀ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ସମେତ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଅମର ପ୍ରସାଦ ଶତପଥୀ, ସୁଶାନ୍ତ କୁମାର ରାଉତ, ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ବିଧାୟକ ତଥା ମନ୍ତ୍ରୀ ସୀତାକାନ୍ତ ମହାପାତ୍ର, ବିଧାନସଭା ସଚିବ ଦାଶରଥି ଶତପଥୀ, ଉତ୍କଳ ସମ୍ମିଳନୀର କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଏହି ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବିଧାନସଭାର ଯୁଗ୍ମ ନିର୍ଦ୍ଦେଶକ ଶିବ ପ୍ରସାଦ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଶାଶ୍ୱତି ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୀବନ ଆଧାରିତ ସଂଗୀତ ପରିବେଷଣ କରାଯାଇଥିଲା।



**ଆଜିର ମନ୍ତବ୍ୟ**
"ଲଦାଖ କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ପ୍ରଦାନ ଲାଗି ଜନସାଧାରଣଙ୍କ ଦାବିକୁ ଗ୍ରହଣ ନ କରି କେନ୍ଦ୍ର ସରକାର ସେମାନଙ୍କୁ ପ୍ରତାରିତ କରିଛନ୍ତି।
– ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଉଭା ମୁଠି, ଆଉ ଦି'ମୁଠି,
କିଆରୀ ମଝିରେ ପୋତିବୁ କାଠି
ବିଲରେ ରଖିବୁ ପାଣି ସମାନ,
ପର୍ବତ ଶିଖରେ କରିବୁ ଧାନ
ଯେବେ ନୋହିବ ତହିଁରେ ଧାନ,
ତେବେ କାଟିବୁ ଡାକର କାନ।

ଧାନ ଫସଲ ସମ୍ପର୍କରେ ସୂଚନା। ଉପରୋକ୍ତ ପ୍ରଣାଳୀରେ ଚାଷ କଲେ ଧାନ ଅମଳ ଭଲ ହୁଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଉଧାର ମାଗିଲି ଚାଉଳ ସେରେ
ପହରେ କହିଲା ବସ
କାଳ ସରିଗଲା ଜଳ ମରିଗଲା
ତେବେ ନ ପୂରିଲା ଆଶା।

ଅଭାବ ଅନଟନ ପଡିଲେ ବ୍ୟକ୍ତି ଅନ୍ୟ ଆଗରେ ହାତ ପତେଇଥାଏ। ପରନ୍ତୁ ଦେବା ଲୋକ ଯଦି ସମୟ ଗଡ଼ାଇ ଗଡ଼ାଇ ଶେଷରେ ମନା କରିଦିଏ ତା'ହେଲେ ମନର ସବୁ ସରାଗ ମରିଯାଏ। ଆଶା ଆଶାରେ ରହିଗଲେ ମନ ଭାଙ୍ଗି ଖଣ୍ଡବିଖଣ୍ଡିତ ହୋଇଯାଏ। ଏପରିସ୍ଥଳେ ଉଧାର ମାଗିବାକୁ ଯାଇ ଖାଲି ହାତରେ ଫେରୁଥିବା ବ୍ୟକ୍ତିର ହତାଶ ମନୋଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ପୁରୁଷ ବନ୍ଧୁ ବିନା ମହାବିଦ୍ୟାଳୟରେ ପ୍ରବେଶ ମନା

## ସାମାଜିକ ଗଣମାଧ୍ୟମରେ ମିଥ୍ୟା ନୋଟିସ୍ ଭାଇରାଲ
### ଥାନାରେ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୨୩।୧**

ଜଗତ୍‌ସିଂହପୁର ଜିଲାର ଏକ ପୁରାତନ ମହାବିଦ୍ୟାଳୟକୁ ପ୍ରବେଶ କରିବାକୁ ହେଲେ ବାଳିକାମାନଙ୍କୁ ଅତି କମ୍‌ରେ ସେମାନଙ୍କର ଜଣେ ପୁରୁଷ ବନ୍ଧୁ ବାଛିବାକୁ ପଡ଼ିବ। ଗତ ୨୦ ତାରିଖରୁ ସାମାଜିକ ଗଣମାଧ୍ୟମରେ ଏଭଳି ମିଥ୍ୟା ନୋଟିସ୍ ଭାଇରାଲ ହୋଇଛି। ଏହି ନୋଟିସ୍ ମହାବିଦ୍ୟାଳୟ ପକ୍ଷରୁ ଜାରି କରାଯାଇ ନାହିଁ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ କହିଛନ୍ତି। ମହାବିଦ୍ୟାଳୟକୁ ବଦନାମ କରିବା ପାଇଁ ତାଙ୍କ ଦସ୍ତଖତକୁ ଟାମ୍ପରିଂ କରାଯାଇ ଉକ୍ତ ନୋଟିସ୍‌କୁ ଭାଇରାଲ କରାଯାଇଥିବା ଅଧ୍ୟକ୍ଷ କହିଛନ୍ତି। ତାଙ୍କ କହିବାନୁଯାୟୀ, ମହାବିଦ୍ୟାଳୟର ଉନ୍ନତି ସାଙ୍ଗକୁ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ ପାଇଁ ସେ ବଦ୍ଧ ପରିକର। ମାତ୍ର କୌଣସି ବ୍ୟକ୍ତି ମହାବିଦ୍ୟାଳୟର ପ୍ରତିଷ୍ଠା, ଭାବମୂର୍ତ୍ତି ଓ ତାଙ୍କ ବ୍ୟକ୍ତିତ୍ୱକୁ ନଷ୍ଟ କରିବା ପାଇଁ ଏଭଳି ହୀନ କାର୍ଯ୍ୟ କରିଛନ୍ତି। ଭାଇରାଲ ନୋଟିସ୍ ଉପରେ ସେ କହିଛନ୍ତି, ମହାବିଦ୍ୟାଳୟ ପକ୍ଷରୁ ଦିଆଯାଉଥିବା ଚିଠି ଲେଟର ହେଡ୍ ଓ ଭାଇରାଲ ହୋଇଥିବା ଲେଟର ହେଡ୍ ଅଲଗା ରହିଛି। ଏହାଛଡ଼ା ମହାବିଦ୍ୟାଳୟ ପକ୍ଷରୁ କୌଣସି ନୋଟିସ୍ ହେଲେ ସେଥିରେ ଚିଠି ନମ୍ବର ପଡ଼ିଥାଏ। କିନ୍ତୁ ଭାଇରାଲ ନୋଟିସ୍‌ରେ ତାହା ନାହିଁ। କେହି ତାଙ୍କ ଦସ୍ତଖତକୁ ନୋଟିସ୍ ବୋର୍ଡ କିମ୍ବା ଅନ୍ୟ ମାଧ୍ୟମରେ ସଂଗ୍ରହ କରି ଏଭଳି ମିଥ୍ୟା ନୋଟିସ୍ ପ୍ରସ୍ତୁତ କରିଥାଇ ପାରନ୍ତି ବୋଲି ଅଧ୍ୟକ୍ଷ କହିଛନ୍ତି। ଏହା ଜାଣିଲା ପରେ ସେ ମହାବିଦ୍ୟାଳୟ ସଭାପତିଙ୍କ ସହ ଯୋଗାଯୋଗ କରିଥିଲେ। ସଭାପତିଙ୍କ ପରାମର୍ଶକ୍ରମେ ସେ ରବିବାର ଜଗତ୍‌ସିଂହପୁର ଥାନା ଆଇଆଇସି ଓ ଗୋଇନ୍ଦା ବିଭାଗ ସହ ମୋବାଇଲ ଯୋଗେ ଯୋଗାଯୋଗ କରିଛନ୍ତି। ମହାବିଦ୍ୟାଳୟ ଓ ତାଙ୍କୁ ବଦନାମ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଧ୍ୟକ୍ଷ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ ଭାଇରାଲ ନୋଟିସ୍‌ରେ ଉଲ୍ଲେଖ ଥିଲା କୌଣସି ବାଳିକା ତାଙ୍କ ପୁରୁଷ ବନ୍ଧୁଙ୍କ ସହ ସଦ୍ୟ ଫଟୋ ଉଠାଇଥିବା ଦରକାର। ମହାବିଦ୍ୟାଳୟ ଭିତରକୁ ପ୍ରବେଶ କରିବାକୁ ହେଲେ ଏହା ଦେଖାଇବାକୁ ପଡ଼ିବ। ପ୍ରେମ ସମ୍ପର୍କକୁ ବ୍ୟାପକ କରିବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଫେବୃୟାରୀ ୧୪ ସୁଦ୍ଧା ପ୍ରତ୍ୟେକ ବାଳିକା ସେମାନଙ୍କର ପୁରୁଷ ବନ୍ଧୁଙ୍କ ସହ ଫଟୋ ପ୍ରସ୍ତୁତ କରିବା ବାଧ୍ୟତାମୂଳକ। ସାମାଜିକ ଗଣମାଧ୍ୟମରେ ଏଭଳି ଚିନ୍ତାଜନକ ନୋଟିସ୍ ଭାଇରାଲ ହେଲା ପରେ ସାରା ଜିଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଇତିହାସ ଦର୍ପଣ ସଦୃଶ: ଧର୍ମେନ୍ଦ୍ର

**ସମ୍ବଲପୁର, ୨୩।୧ (ବ୍ୟୁରୋ)**

ଇତିହାସ ଦର୍ପଣ ଭଳି, ଯେଉଁଥିରେ ପରାକ୍ରମ, ସଂଗ୍ରାମୀ, ପରମ୍ପରା, ସଂସ୍କୃତି ଆଦି ବିଷୟରେ ଜାଣିବାକୁ ମିଳିଥାଏ। ଇତିହାସ ବିନା ଭବିଷ୍ୟତ ପରିକଳ୍ପନା କରାଯାଇ ପାରିବ ନାହିଁ। ପଶ୍ଚିମ ଓଡ଼ିଶାରେ ଊନବିଂଶ ଶତାବ୍ଦୀ ପୂର୍ବରୁ ଇତିହାସ ରହିଛି। ଇଷ୍ଟଦେବୀ ସମଲେଇ, ମହାନଦୀ, ଶକ୍ତି ଓ ସଂଗ୍ରାମୀ ପୀଠଗୁଡ଼ିକ ଶତାଧିକ ବର୍ଷ ପୂର୍ବରେ ଇତିହାସ ସମ୍ପର୍କରେ ସୂଚନା ଦେଉଛି। ସମ୍ବଲପୁରରେ ବୌଦ୍ଧିକ କ୍ଷମତା, ଶିଳ୍ପାୟନ, କୃଷିଭିତ୍ତିକ ଅର୍ଥନୀତି ଭରି ରହିଛି। ଏହା ଏକ ତ୍ରିବେଣୀ ସଙ୍ଗମ। ଫରାସୀ ବିପ୍ଳବ ପୂର୍ବରୁ ସମ୍ବଲପୁରରେ ସ୍ୱାଧୀନତା ସଂଗ୍ରାମର ବିଗୁଲ ବଜାଇଥିଲେ ବୀର ସୁରେନ୍ଦ୍ର ସାଏ। ଜୟନ୍ତୀ ଅବସରରେ ଦୁଇ ମହାନ ପୁରୁଷ ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ପ୍ରାତଃ ସ୍ମରଣୀୟ। ଆଜି ମଧ୍ୟ ସମ୍ବଲପୁର ନିବାସୀ ପି.କେ. ମିଶ୍ରଙ୍କର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପରିଚାଳନା କରିବାରେ ପ୍ରମୁଖ ଭୂମିକା ରହିଛି ବୋଲି ଆଇଆଇଏମ୍ ପକ୍ଷରୁ ତପସ୍ୱିନୀ ପ୍ରେକ୍ଷାଳୟରେ ସୋମବାର ଆୟୋଜିତ ପରାକ୍ରମ ଦିବସରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେ ଆହୁରି କହିଥିଲେ, ସୁନ୍ଦରଗଡ ହେଉ କି ମୟୂରଭଞ୍ଜ ସବୁ ଜିଲାରେ ଭିନ୍ନ ପ୍ରସଙ୍ଗ ରହିଛି। ଏହି ପ୍ରସଙ୍ଗକୁ ନେଇ ଆଗକୁ ବଢ଼ିବାକୁ ହେବ। ଗବେଷଣା, ତଥ୍ୟ ପ୍ରମାଣ ସହ ଇତିହାସ ଲେଖି ବ୍ୟବସ୍ଥିତ କରିବାକୁ ପଡିବ। ଲୋକକଥାରେ ଇତିହାସକୁ ଜାଣି ହୁଏ ହେଲେ ପ୍ରମାଣିତ କରିହୁଏ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପରିବର୍ତ୍ତନ


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନେ।

- **ଓଡ଼ିଶାର ଚରିତ୍ର ତିଆରି କରୁ ଆଇଆଇଏମ୍**
- **ଆଇଆଇଏମ୍‌ର ପରାକ୍ରମ ଦିବସ**

କରି ଇତିହାସ ଯୋଡିବାକୁ ଯୋଜନା କରିଛନ୍ତି। ପରାଧୀନ ମାନସିକତାରୁ ବାହାରିବାକୁ ପଡିବ। ଗଣତନ୍ତ୍ର, ଜନତନ୍ତ୍ରର ଜନନୀ ଅଟେ ଆମ ଦେଶ। ଏହାକୁ ଆଗକୁ ବଢାଇବାରେ ଆଇଆଇଏମ୍ ତା'ର ଭୂମିକା ନିର୍ବାହ କରିବ ବୋଲି ଆଶା କରୁଛି। ସମ୍ବଲପୁରୀ ବସ୍ତ୍ର, ପରମ୍ପରା, ପ୍ରାକୃତିକ ସମ୍ପଦ ଭଳି ଅନେକ ସୁଯୋଗ ସମ୍ବଲପୁରରେ ଆଇଆଇଏମ୍ ପାଇଁ ରହିଛି। ଓଡ଼ିଶାର ଚରିତ୍ରକୁ ତିଆରି କରୁ ଆଇଆଇଏମ୍। ଶିକ୍ଷାବିଭାଗ ପକ୍ଷରୁ ସହଯୋଗ କରାଯାଉଛି, ଆଗକୁ ମଧ୍ୟ କରାଯିବ ବୋଲି ସେ କହିଥିଲେ। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହଦେଓ ଜୟସ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମୁଖ୍ୟଅତିଥି ଓ ବିରୋଧୀଦଳ ନେତା ଜୟନାରାୟଣ ମିଶ୍ର, ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବ, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଆଇସିଏସ୍‌ଆର୍ ଅଧ୍ୟକ୍ଷ ପ୍ରଫେସର ରଘୁବେନ୍ଦ୍ର ତନୱାର ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ପଦ୍ମଶ୍ରୀ ହଳଧର ନାଗ ବୀର ସୁରେନ୍ଦ୍ର ସାଏଙ୍କ ଜୀବନୀ ଓ ବଳିଦାନ ଉପରେ କବିତା ପାଠ କରିଥିଲେ। ଏହି ଅବସରରେ ସଂଗ୍ରାମୀଙ୍କ ଦାୟାଦଙ୍କୁ ସମ୍ମାନିତ କରାଯିବା ସହ ସେମାନଙ୍କ ଫଟୋଚିତ୍ର ପ୍ରଦର୍ଶନ କରାଯାଇଥିଲା। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ଶିକ୍ଷାବିତ୍, ସାମାଜିକ କର୍ମୀ ଉପସ୍ଥିତ ଥିଲେ।

**ପ୍ରଥମ ପୃଷ୍ଠାରୁ...**

## ପୋଲରୁ ଖସିଲା...

କେନ୍ଦ୍ରାପଡ଼ା ଅଭିମୁଖେ ବାହାରିଥିଲେ। ହେଲେ ଭୋର୍ ୪ଟାରେ ବସ୍‌ଟି ୫୫ନଂ. ଜାତୀୟ ରାଜପଥର ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ପଞ୍ଚୁପଟିଠାରେ ଥିବା ପୋଲ ତଳକୁ ଖସି ପଡ଼ିଥିଲା। ଖବରପାଇ ସଦର ଥାନା ପୋଲିସ, ଅଗ୍ନିଶମ ସେବା ସଂସ୍ଥା ଏବଂ ଡ୍ରାଇଭର ମହାସଂଘର ସଦସ୍ୟଙ୍କ ସହ ଅଞ୍ଚଳବାସୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ଘଟଣାସ୍ଥଳରେ ୨ ମହିଳା ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଓ ଆହତମାନଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଇଥିଲେ। ସେଠାରୁ ଗୁରୁତର ତୃପ୍ତିମୟୀ କର(୩୯), ବେଲୁ ନାୟକ(୩୫), ଶାନ୍ତିଲତା ଲେଙ୍କା(୬୨), ସୁଶ୍ରୀ ସଙ୍ଗୀତା(୧୪), ସୀତି ସଙ୍ଗୀତା(୧୪), ମଧୁସ୍ମିତା ମେକାପ(୩୪), ଗୌରୀ ବେହେରା(୫୦), ଈଶ୍ୱରଚନ୍ଦ୍ର ସାହୁ(୧୧), ସୌମେନ୍ଦ୍ର ମେକାପ(୪୨), ନାରାୟଣ ଷଡଙ୍ଗୀ(୬୦) ପ୍ରମୁଖ ୧୫ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଆହତ ବସ୍ ଚାଳକଙ୍କ ସହ ଅନ୍ୟମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା। ଜିଲାପାଳ ସରୋଜ କୁମାର ସେଠୀ, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ(ସାଧାରଣ), ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସଦର ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ସଦର ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହାପରେ ଜିଲାପାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇ ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ। ସମସ୍ତ ଆହତଙ୍କ ଚିକିତ୍ସା ବିନା ମୂଲ୍ୟରେ କରିବାକୁ ନିର୍ଦ୍ଦେଶ ଦେବା ସହିତ ଗୁରୁତରଙ୍କ ଚିକିତ୍ସା କଥା ବୁଝିବାକୁ ଏକ ମେଡିକାଲ ଟିମ୍ କଟକ ପଠାଇଥିଲେ। ଏଥିସହ ୨ ମୃତକଙ୍କ ପରିବାରକୁ ରେଡକ୍ରସ ସହାୟତା ପାଣ୍ଠିରୁ ୨୦ ହଜାର ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ସଦର ଥାନା ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ଏ ସଂକ୍ରାନ୍ତରେ ସଦର ଥାନାରେ ନଂ. ୫୨।୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସନ୍ଧ୍ୟାରେ କଟକ ବଡ଼ ମେଡିକାଲରୁ ଡିସ୍‌ଚାର୍ଜ ଆହତଙ୍କ ସହିତ ଅନ୍ୟ ଯାତ୍ରୀମାନଙ୍କୁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ସହଯୋଗରେ ଏକ ସ୍ୱତନ୍ତ୍ର ବସ୍ ଯୋଗେ କେନ୍ଦ୍ରାପଡ଼ା ପଠାଇ ଦିଆଯାଇଥିବା ଜିଲାପାଳ ସରୋଜ କୁମାର ସେଠୀ ସୂଚନା ଦେଇଛନ୍ତି।

## ବରମୁଣ୍ଡାରେ ଜଳିଗଲା...

ରବିବାର ରାତି ୯ଟାରୁ ବାହାରି ସୋମବାର ସକାଳେ ଭୁବନେଶ୍ୱରରେ ପହଞ୍ଚିଥିଲା। ବରମୁଣ୍ଡା ବସ୍‌ଷ୍ଟାଣ୍ଡର ପାର୍କିଂ ପଏଣ୍ଟରେ ବସ୍‌ଟି ରହିଥିଲା। ସନ୍ଧ୍ୟାରେ ପୁଣି ବଣେଇଗଡ଼ ଅଭିମୁଖେ ଯାତ୍ରାରମ୍ଭ କରିବାର ଥିଲା। ତେଣୁ ବସରେ କେହି ଯାତ୍ରୀ ନ ଥିବାବେଳେ ଡ୍ରାଇଭର ଗାଡିର ବନେଟରେ ବସିଥିଲେ। ଦିନ ୧୨ଟା ସମୟରେ ହଠାତ ବସ୍ ପଛପଟୁ ଧୂଆଁ ବାହାରି ଜଳିବାକୁ ଆରମ୍ଭ କରିଥିଲା। ପାଖରେ ଥିବା ଲୋକମାନେ ଦେଖି ଡ୍ରାଇଭରଙ୍କୁ ଜଣାଇଥିଲେ। ଚାହୁଁ ଚାହୁଁ ନିଆଁ ଅଧିକ ବ୍ୟାପି ଯାଇଥିଲା। ଉପସ୍ଥିତ ଲୋକେ ଫାଣ୍ଡି ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ଟିମ୍ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉକ୍ତ ବସ୍ ନିକଟରେ ଥିବା ଅନ୍ୟ ବସଗୁଡିକୁ ସଙ୍ଗେସଙ୍ଗେ ଦୂରକୁ ହଟାଇ ଦିଆଯାଇଥିଲା। ଅନ୍ୟପଟେ ଏହି ଘଟଣାକୁ ନେଇ ନାନା ଚର୍ଚ୍ଚା ଚାଲିଛି। କେହି ଦୁର୍ବୃତ୍ତ ଏହି ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଥିବାରୁ ପୋଲିସ ସେଦିଗରେ ତଦନ୍ତ କରୁଥିବା ଜଣାପଡିଛି।

## 'କ୍ରିପ୍ଟୋ କୁଇନ୍'ଙ୍କ...

ସନ୍ଦେହ କରାଯାଉଛି। ହେଲେ ଏହାପରଠାରୁ ରୁଜା କୌଣସି ଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିବାବେଳେ ତାଙ୍କ ଠିକଣା ଏଫ୍‌ବିଆଇ ଖୋଜି ବାହାର କରିପାରୁ ନାହିଁ। ରୁଜାଙ୍କୁ ଧରିବା ପାଇଁ ୟୁଏସ୍ ଅଥରିଟି ପକ୍ଷରୁ ଜୋରସୋର ଉଦ୍ୟମ ଜାରି ରହିଛି। ଏଫ୍‌ବିଆଇର ପଳାତକ ସୂଚୀରେ ମୋଟ ୫୨୯ଜଣଙ୍କ ନାମ ଥିବାବେଳେ ସେଥିମଧ୍ୟରୁ ୧୧ ମହିଳା ଅଛନ୍ତି। ସେହି ମହିଳାଙ୍କ ମଧ୍ୟରେ ଥିବା ରୁଜା କେବଳ ଟପ୍ ୧୦ରେ ଅଛନ୍ତି। ଏହାଛଡ଼ା ୟୁରୋପ ସରକାର ରୁଜାଙ୍କୁ ପଳାତକ ତାଲିକାଭୁକ୍ତ କରିଛି। ଧରା ନ ପଡ଼ିବା ଲାଗି ରୁଜା ପ୍ଲାଷ୍ଟିକ୍ ସର୍ଜରି କରିଥାଇ ପାରନ୍ତି ବୋଲି ଆମେରିକୀୟ ତଦନ୍ତକାରୀ ସଂସ୍ଥା ସନ୍ଦେହ କରୁଛି। 'ବିଟ୍‌କଏନ୍' ପରି 'ଓ୍ୱାନ୍‌କଏନ୍'ରେ ବ୍ଲକ୍‌ଚେନ୍ ଟେକ୍ନୋଲୋଜି ନ ଥିବାରୁ ନିବେଶକମାନଙ୍କୁ ତାଙ୍କ ଟଙ୍କା ଫେରି ପାଇବାର କୌଣସି ସୁଯୋଗ ନ ଥିବା କୁହାଯାଉଛି। ଅନ୍ୟପକ୍ଷେ ଯେଉଁବ୍ୟକ୍ତି ରୁଜାଙ୍କ ବାବଦରେ ତଦନ୍ତକାରୀ ସଂସ୍ଥାକୁ ତଥ୍ୟ ଦେବେ ତାଙ୍କୁ ୧,୦୦,୦୦୦ ଡଲାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଏଫ୍‌ବିଆଇ କହିଛି। ଜର୍ମାନ ନାଗରିକ ରୁଜାଙ୍କ ଜନ୍ମ ବୁଲ୍‌ଗେରିଆରେ। ତାଙ୍କ ମା' ପେସାରେ ଜଣେ ଶିକ୍ଷୟିତ୍ରୀ ହୋଇଥିବାବେଳେ ବାପା ଇଞ୍ଜିନିୟର୍। ଅକ୍ସଫୋର୍ଡ ୟୁନିଭର୍ସିଟିରେ ଶିକ୍ଷା ଗ୍ରହଣ କରିଥିବା ରୁଜା ସୋଫିଆର ଏମ୍‌ସିକିନ୍‌ସେ ଆଣ୍ଡ କମ୍ପାନୀ, ଇଣ୍ଟର ନ୍ୟାଶନାଲ ମ୍ୟାନେଜ୍‌ମେଣ୍ଟ କନ୍‌ସଲ୍ଟିଂ ଫାର୍ମରେ କନ୍‌ସଲ୍‌ଟାଣ୍ଟ ଭାବେ ନିଜ ଚାକିରି ଜୀବନ ଆରମ୍ଭ କରିଥିଲେ। କ୍ରିପ୍ଟୋ କୁଇନ୍ ରୁଜା ପିଲାଟିବେଳୁ ଧନୀ ହେବାର ସ୍ୱପ୍ନ ଦେଖୁଥିଲେ।

## ଇସ୍ତଫା ଦେବେ...

ପୂର୍ବରୁ ଦିନେ ଭୋର ସମୟରେ ରାଜ୍ୟପାଳ କୋଶିଆରୀ ତରବରିଆ ଭାବେ ଭାଜପା ନେତା ଦେବେନ୍ଦ୍ର ଫଡ଼ନବିସ ଏବଂ ଏନ୍‌ସିପି ନେତା ଅଜିତ ପାୱାରଙ୍କୁ ଯଥାକ୍ରମେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ପାଠ କରାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ସରକାର ଗଠନ ପାଇଁ ସେମାନଙ୍କ ପାଖରେ ସଂଖ୍ୟା ନ ଥିଲା। ଉଦ୍ଧବ ସରକାର ଏବଂ କୋଶିଆରୀଙ୍କ ମଧ୍ୟରେ କ୍ରମାଗତ ଭାବେ ବିବାଦ ଲାଗିରହିଥିଲା। ରାଜ୍ୟପାଳ ସରକାରୀ କାର୍ଯ୍ୟରେ ଅଯଥା ମୁଣ୍ଡ ପୂରାଉଥିବା ଉଦ୍ଧବ ଅଭିଯୋଗ ଆଣିଥିଲେ। ଉଦ୍ଧବଙ୍କ ସୁପାରିସ ସତ୍ତ୍ୱେ ରାଜ୍ୟ ବିଧାନ ପରିଷଦରେ ଖାଲି ପଡ଼ିଥିବା ୧୨ଟି ଆସନକୁ କୋଶିଆରୀ ପୂରଣ କରି ନ ଥିଲେ। ଏପରିକି ଊନବିଂଶ ଶତାବ୍ଦୀର ସମାଜ ସଂସ୍କାରକ ସାବିତ୍ରୀବାଈ ଏବଂ ଜ୍ୟୋତିରାଓ ଫୁଲେ ବାଲ୍ୟ ବିବାହ କରିଥିବାରୁ ୨୦୨୨ ମାର୍ଚ୍ଚରେ ରାଜ୍ୟପାଳ ଏହାକୁ କଟାକ୍ଷ କରି ବିବାଦୀୟ ହୋଇଥିଲେ। ସାବିତ୍ରୀବାଈ ୧୦ ବର୍ଷରେ ଏବଂ ତାଙ୍କ ସ୍ୱାମୀ ୧୩ ବର୍ଷରେ ବିବାହ କରିଥିଲେ। ଏବେ ଏହାକୁ ଚିନ୍ତା କଲେ ଝିଅପୁଅମାନେ ବିବାହ ସମ୍ପର୍କରେ କ'ଣ ଭାବିବେ ବୋଲି କୋଶିଆରି କହିଥିଲେ। ସେହିପରି ଗତବର୍ଷ ଜୁଲାଇରେ ସେ କହିଥିଲେ, ମହାରାଷ୍ଟ୍ରରୁ ଗୁଜରାଟୀ ଏବଂ ରାଜସ୍ଥାନୀମାନଙ୍କୁ ବିଦା କରିଦେଲେ ରାଜ୍ୟ ପାଖରେ ଅର୍ଥ ରହିବ ନାହିଁ। ଏହାକୁ ରାଜ୍ୟର ବିଭିନ୍ନ ଦଳ ସମାଲୋଚନା କରିଥିଲେ। କେବଳ ସେତିକି ନୁହେଁ, ଗତବର୍ଷ ନଭେମ୍ବରରେ କୋଶିଆରି ମରାଠା ସମ୍ରାଟ ଶିବାଜୀଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ପୂର୍ବରୁ ତୁମର ଆଇକନ୍ କିଏ ବୋଲି ପ୍ରଶ୍ନ କଲେ ମହାତ୍ମା ଗାନ୍ଧୀ, ଜବାହରଲାଲ୍ ନେହେରୁ ଏବଂ ସୁଭାଷ ଚନ୍ଦ୍ର ବୋଷଙ୍କ ନାମ ଆସୁଥିଲା। ମହାରାଷ୍ଟ୍ରରେ ଅନେକ ଆଇକନ୍। ଶିବାଜୀ ମହାରାଜ ପୁରୁଣା ଦିନର ଆଇକନ ହୋଇଥିବାବେଳେ ବି.ଆର୍. ଆମ୍ବେଦ୍‌କର ଏବଂ ନିତୀନ ଗଡ଼କରୀ ବର୍ତ୍ତମାନର ଆଇକନ୍ ବୋଲି ସେ କହିଥିଲେ।

## ପୋଲିସ କମିଶନ...

ଅଭିଯୋଗଗୁଡ଼ିକ ଯେପରି ସତ୍ୟରେ ପରିଣତ ନ ହେବ, ସେଥିପାଇଁ ଚେଷ୍ଟା କରିବା ଆବଶ୍ୟକ ବୋଲି ମନ୍ତ୍ରୀ ବେହେରା କହିଛନ୍ତି। ବିଭାଗୀୟ ମନ୍ତ୍ରୀଙ୍କ ଏଭଳି ବକ୍ତବ୍ୟକୁ ନେଇ ବିଭିନ୍ନ ମହଲରେ ଏବେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୃହ ବିଭାଗ ଦାୟିତ୍ୱରେ ରହିଥିବା ମନ୍ତ୍ରୀ ପୋଲିସ ଏବଂ ଆଇନଜୀବୀଙ୍କ ବିରୋଧରେ ଏଭିଳି ଟିପ୍ପଣୀ ଦେବାକୁ ନେଇ ଉଭୟ ବିରୋଧୀ ଏବଂ ଆଇନଜୀବୀମାନେ ନିନ୍ଦା କରିଛନ୍ତି। ଏନେଇ ବରିଷ୍ଠ ଆଇନଜୀବୀ ଚିତ୍ତ ଦାସ କହିଛନ୍ତି, ଓକିଲ ତାଙ୍କ କାମ କରିବେ ସେହି ଅନୁସାରେ ସେମାନେ ଫି' ନେବେ। ସେଥିରେ କାହାର କହିବାକୁ ଅଧିକାର ନାହିଁ। କିନ୍ତୁ ପୋଲିସ ବାହାର ଲୋକଙ୍କଠୁ ଟଙ୍କା ନେବାର ଅଧିକାର ନାହିଁ। ପୋଲିସ ଟଙ୍କା ନେଉଥିବା ନିଜେ ମନ୍ତ୍ରୀ ତୁଷାରକାନ୍ତି ବେହେରା ମାନୁଛନ୍ତି। ତେଣୁ ୫-ଟି ସରକାରରେ ଓଡ଼ିଶା ପୋଲିସ କ'ଣ କରୁଛି ବୋଲି ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମନ୍ତ୍ରୀ ତାଙ୍କ ବିଭାଗକୁ ପ୍ରଥମେ ସମ୍ଭାଳନ୍ତୁ। ବେଆଇନ ବାଣ ଦୋକାନରେ ନିଆଁ ଲାଗିଲେ କିମ୍ବା ଷଣ୍ଢ ମରିଗଲେ ସରକାର ଟଙ୍କା ଦେଉଛନ୍ତି। ହେଲେ ଓକିଲଙ୍କ ମୃତ୍ୟୁ ହେଲେ ସରକାର ଟଙ୍କା ଦେଉନାହାନ୍ତି। ତେଣୁ ଓକିଲଙ୍କ ଟଙ୍କା ଉପରେ ମନ୍ତ୍ରୀ କାହିଁକି ଦୃଷ୍ଟି ରଖିଛନ୍ତି। ସେ ପ୍ରଥମେ ପୋଲିସ କଥା ବୁଝନ୍ତୁ ବୋଲି ଆଇନଜୀବୀ ଦାସ କହିଛନ୍ତି। ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ, ମନ୍ତ୍ରୀ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ଅସତ୍ୟ ନୁହେଁ। ମନ୍ତ୍ରୀ ହିସାବରେ ସେ ତାଙ୍କ ସରକାରଙ୍କ ପ୍ରକୃତ ଚିତ୍ର ଓ ମୁଖା ଖୋଲିଛନ୍ତି, ସେଥିପାଇଁ ତାଙ୍କୁ ଧନ୍ୟବାଦ ବୋଲି ରାଉତ କହିଛନ୍ତି। ଭିଡିଓ ଭାଇରାଲ ସମ୍ପର୍କରେ ମନ୍ତ୍ରୀ ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ମୋ ବକ୍ତବ୍ୟରେ କିଛି ନାହିଁ। କ୍ଷତିଗ୍ରସ୍ତଙ୍କ ପାଇଁ ଓଡ଼ିଶା ସରକାର କ୍ଷତିପୂରଣ ଯୋଜନା(ସାକାର) ପୋର୍ଟାଲ କରିଛନ୍ତି। ମୋ ପାଖକୁ କିଛି ଜାଗାରୁ ଅଭିଯୋଗ ଆସୁଛି। କେତେକ ସ୍ଥାନରେ କ୍ଷତିଗ୍ରସ୍ତଙ୍କ ଅଜ୍ଞତା ଯୋଗୁ ପଞ୍ଚାୟତ ଏବଂ ବ୍ଲକସ୍ତରରେ ପୀଡ଼ିତମାନେ ସେମାନଙ୍କ କ୍ଷତିପୂରଣ ପାଇପାରୁ ନାହାନ୍ତି। ସେଥିପାଇଁ ଅଧିକ ସଚେତନ କରାଯିବାର ଆବଶ୍ୟକ ବୋଲି ମୁଁ କହିଛି। ମୋ କଥାକୁ ଭିନ୍ନ ଢଙ୍ଗରେ ଉପସ୍ଥାପନ କରାଯାଉଛି ବୋଲି ବେହେରା କହିଛନ୍ତି।

## ନିର୍ଯାତନା ଅସହ୍ୟ...

ଏମାନଙ୍କଠାରୁ ହତ୍ୟାରେ ବ୍ୟବହୃତ ନୀଳ ରଙ୍ଗର ସୁଟକେସ୍, ପ୍ଲାଷ୍ଟିକ ଦୌଡି, ଓଢଣୀ, ଚପଲ ଓ ବାଇକ୍ ଜବତ ହୋଇଛି। ଏନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୧୧/୨୩) ରୁଜୁ ହୋଇଛି। ପୋଲିସ ଏହି ହତ୍ୟାକାଣ୍ଡର କ୍ରାଇମ ସିନ୍ ରିକ୍ରିଏଟ କରିଛି। ନିର୍ଯାତନା ସହି ନ ପାରି ନିଲି ଯୋଜନାବଦ୍ଧ ଭାବେ ମନୋରଞ୍ଜନଙ୍କୁ ହତ୍ୟା କରିଥିବା ବେଳେ ପ୍ରମାଣ ଲୁଚାଇବା ପାଇଁ ଦୁଇ ସହଯୋଗୀଙ୍କ ସହାୟତାରେ ହରିପୁର ଜଙ୍ଗଲରେ ଫୋପାଡ଼ି ଦେଇଥିବା ସ୍ୱୀକାର କରିଛି ବୋଲି ନାଚୁଣୀ ଥାନା ପରିସରରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ସୂଚନା ଦେଇଛନ୍ତି।



ସୂଚନା ମୁତାବକ, ଲାଖପଡ଼ା ଗ୍ରାମର ମନୋରଞ୍ଜନ ୮ବର୍ଷ ପୂର୍ବେ ଚାନ୍ଦପୁର ଥାନା ଅଧୀନ ରାଜଜଙ୍କିଆ ଗ୍ରାମର ନିଲିଙ୍କୁ ବିବାହ କରିଥିଲେ। ମନୋରଞ୍ଜନ ସବୁବେଳେ ମଦ୍ୟପାନ କରି ନିଲିଙ୍କୁ ଅକଥନୀୟ ନିର୍ଯାତନା ଦେଇଆସୁଥିଲେ। ଏଥିସହ ମନୋରଞ୍ଜନଙ୍କ ନାମରେ ୩ଟି ଜିଲାରେ ଚୋରି, ଡକାୟତି ଆଦି ବିଭିନ୍ନ ଆପରାଧିକ ମାମଲା ରହିଛି। ଏଥିସହ ମନୋରଞ୍ଜନଙ୍କ ନାମରେ ବିଭିନ୍ନ ଥାନାରେ ଜାମିନବିହୀନ ଗିରଫ ପରୱାନା ରହିଥିବା ବେଳେ ଦୁଇଟି ଡକାୟତି ଘଟଣାରେ ନୟାଗଡ଼ ଜିଲା ପୋଲିସ୍ ତାଙ୍କୁ ମୋଷ୍ଟ ୱାଣ୍ଟେଡ୍ ଘୋଷଣା କରିଥିଲା। ଏକମାସ ପୂର୍ବେ ମନୋରଞ୍ଜନ ଏକ ମାମଲାରେ ଜେଲରୁ ଫେରିଥିଲେ। ତେବେ କୌଣସି କାରଣକୁ ନେଇ ୧୫ଦିନ ହେବ ସେ ସ୍ତ୍ରୀଙ୍କ ସହ ଆସି ଟାଙ୍ଗୀ ନିକଟ ଚଣ୍ଡେଶ୍ୱରସ୍ଥିତ ମିଟୁଙ୍କ ଘରେ ଆଶ୍ରୟ ନେଇଥିଲେ। ଗତ ଶୁକ୍ରବାର ମନୋରଞ୍ଜନ ମଦ୍ୟପାନ କରି ନିଲିକୁ ମାଡ଼ ମାରିଥିଲେ। ନିର୍ଯାତନା ଅସହ୍ୟ ହେବାରୁ ନିଲି ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଣୁ ସମ୍ପର୍କୀୟ ଭାଇ ମିଟୁ ଏବଂ ବନ୍ଧୁ ବିକ୍ରମଙ୍କୁ ଯୋଗାଯୋଗ କରି ହତ୍ୟାକାଣ୍ଡର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ଶନିବାର ସନ୍ଧ୍ୟାରେ ବିକ୍ରମ ଚାନ୍ଦପୁର ବଜାରସ୍ଥିତ ଏକ ଶୋରୁମ୍‌ରୁ ସୁଟ୍‌କେସ୍ କିଣି ଚଣ୍ଡେଶ୍ୱରସ୍ଥିତ ମିଟୁଙ୍କ ଘରକୁ ଆଣିଥିଲା ଏବଂ ଉକ୍ତ ରାତିରେ ହତ୍ୟାକାଣ୍ଡ ନିମନ୍ତେ ପ୍ରସ୍ତୁତ ହୋଇଥିଲେ। ମନୋରଞ୍ଜନ, ବିକ୍ରମ ଓ ମିଟୁ ମିଶି ମଦ୍ୟପାନ କରିଥିଲେ। ଜାଣିଶୁଣି ମନୋରଞ୍ଜନକୁ ଅଧିକ ମଦ ପିଆଇବା ପରେ କିଛି ସମୟ ପରେ ସେ ଶୋଇପଡ଼ିଥିଲେ। ଏହାପରେ ନିଲି ଓ ଦୁଇ ସହଯୋଗୀ ମିଶି ମନୋରଞ୍ଜନଙ୍କ ବେକରେ ରଶି ଭିଡ଼ି ହତ୍ୟା କରିଥିଲେ। ପରେ କିଣିଥିବା ସୁଟ୍‌କେସ୍‌ରେ ମନୋରଞ୍ଜନଙ୍କ ମୃତଦେହକୁ ରଖି ଏକ ବାଇକ୍‌ରେ ରାତି ପ୍ରାୟ ୧୨ଟାରେ ହରିପୁରରୋଡସ୍ଥିତ ଜଙ୍ଗଲରେ ଫୋପାଡ଼ି ପକାଇ ଆସିଥିଲେ। ଏହି ଖବରଦାତା ସମ୍ମିଳନୀରେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ନାଚୁଣୀ ଥାନା ଅଧିକାରୀ ଚନ୍ଦ୍ରଶେଖର ଜେନା, ଟାଙ୍ଗୀ ଥାନା ଅଧିକାରୀ ଦିଗ୍‌ବିଜୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଅଭିଯୁକ୍ତଙ୍କୁ ଧରାଇଲା ସୁଟକେସ୍ କିଣିବା

ସୁଟକେସ୍ ଭିତରୁ ମନୋରଞ୍ଜନଙ୍କ ମୃତଦେହ ମିଳିବା ପରେ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଟିମ୍ ସହ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାପଡ଼ିବା ପରେ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ଦୁଇଟି ଟିମ୍ ଗଠନ କରାଯାଇଥିଲା। ତେବେ ହତ୍ୟାକାଣ୍ଡରେ ବ୍ୟବହୃତ ସୁଟ୍‌କେସ୍‌ଟି କେଉଁଠାରୁ କିଣାଯାଇଥିଲା ସେନେଇ ତଦନ୍ତକାରୀ ଟିମ୍ ପ୍ରଥମେ ତଦନ୍ତ ଆରମ୍ଭ କରିଥିଲା। ହତ୍ୟାକାଣ୍ଡର ପୂର୍ବଦିନ ଅର୍ଥାତ ଶୁକ୍ରବାର ସନ୍ଧ୍ୟାରେ ଚାନ୍ଦପୁର ବଜାରସ୍ଥିତ ଏକ ଦୋକାନରେ ସୁଟ୍‌କେସ୍ ବିକ୍ରି ସମୟର ଦୃଶ୍ୟ ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଅଭିଯୁକ୍ତ ବିକ୍ରମଙ୍କୁ ଚିହ୍ନଟ କରାଯାଇଥିଲା। ଏହାପରେ ପୋଲିସ୍ ବିକ୍ରମଙ୍କୁ ଥାନାକୁ ଆଣି ପଚରାଉଚୁରା କରିବାରେ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ହୋଇଥିଲା। ବିକ୍ରମଙ୍କ ବୟାନକ୍ରମେ ଅନ୍ୟ ଦୁଇ ଅଭିଯୁକ୍ତ ନିଲି ଓ ମିଟୁଙ୍କୁ ପୋଲିସ୍ ଗିରଫ କରିଥିଲା। ତେବେ ଏହି ହତ୍ୟାକାଣ୍ଡ ପଛରେ ଆଉ କିଏ ସମ୍ପୃକ୍ତ ଅଛନ୍ତି, ସେ ଦିଗରେ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବନ୍ଧୁ ପରିଜନଙ୍କ ସ୍ନେହ, ଶ୍ରଦ୍ଧା, ଆଦର ପାଇ ମନର ଦୁଃଖକୁ ମନେ ପକାଇପାରିବେ ନାହିଁ। ଅଶ୍ୱିନୀ ନକ୍ଷତ୍ରର କର୍ମକ୍ଷେତ୍ରରେ ଭାବପ୍ରବଣତାରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ଆନୁଷ୍ଠାନିକ କାମ କିମ୍ବା ଆଧ୍ୟାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହୋଇପାରନ୍ତି। ଘରେ ସ୍ତ୍ରୀଙ୍କ ଅମନଯୋଗୀ ଓ ଚିଡ଼ା ସ୍ୱଭାବ ପାଇଁ କ୍ଷୁବ୍ଧ ହେବେ।

**ବୃଷ**
ପାରିବାରିକ ଅଶାନ୍ତିରେ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିପାରନ୍ତି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ସାଂସ୍କୃତିକ କାର୍ଯ୍ୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍ସିପରୁ ଖୁସି ରହିବେ। ରାଜନୈତିକ କ୍ଷେତ୍ର କିମ୍ବା ପ୍ରଶାସନିକ ସ୍ତରରେ ତତ୍ପରତା ଲାଗି ରହିବ।

**ମିଥୁନ**
ପିଲାଙ୍କ ସମସ୍ୟାକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ କିମ୍ବା ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ବନ୍ଧୁଙ୍କ ସହାୟତାରେ ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିପାରନ୍ତି। ନିଜ ପରିସରରେ କୌଣସି ସାଧାରଣ ଘଟଣାକୁ କେନ୍ଦ୍ରକରି ମନ ଅଶାନ୍ତ ରହିବ।

**କର୍କଟ**
ଗତ ଦିନର ଆଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରନ୍ତି। ପୁଷ୍ୟା ନକ୍ଷତ୍ର ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା ହେତୁ ସାମୟିକ ଚିନ୍ତା ଉଦ୍ରେକ ହୋଇପାରେ।

**ସିଂହ**
ଆଜି ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନାହିଁ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଦୃତି ଲାଭ କରିବେ। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଭୁଲ୍ ବୁଝାମଣାରୁ ପରିବାରରେ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିପାରେ।

**କନ୍ୟା**
ଆଜି ସ୍ୱତନ୍ତ୍ର ନିମନ୍ତ୍ରଣକ୍ରମେ ସକାଳୁ ବନ୍ଧୁମିଳନ ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ସାହାଯ୍ୟର ପ୍ରତିଶ୍ରୁତି ଦେଇ ବନ୍ଧୁ ଦୂରେଇରହିପାରନ୍ତି। ଆତ୍ମୀୟଙ୍କ କାର୍ଯ୍ୟକଳାପ ଚିନ୍ତାର କାରଣ ହୋଇପାରେ। ବେପାର, ବାଣିଜ୍ୟ ତଥା ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ପାରିବାରିକ ସମସ୍ୟା ମଧ୍ୟ ସମାଧାନ ହୋଇଯିବ।

**ତୁଳା**
ଅନ୍ୟମାନଙ୍କ ଉପରେ ନିର୍ଭର ନ କରି ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟା ସୁଧାରିନେବେ। କର୍ମକ୍ଷେତ୍ରରେ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆର୍ଥିକ ସ୍ଥିତି ଭଲ ରହିଥିବାରୁ କାମଗୁଡ଼ିକ ସମ୍ପନ୍ନ କରିବାରେ ଅସୁବିଧା ରହିବ ନାହିଁ। ପାରିବାରିକ ସମସ୍ୟା ମନ ଭିତରେ ରଖି କାମ କରିବାକୁ ବାଧ୍ୟ ହେବେ।

**ବିଛା**
ପ୍ରତ୍ୟେକ କ୍ଷେତ୍ରରେ ଦୁର୍ଭାବନା ବଢ଼ିଚାଲିବ ଓ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେନାହିଁ। କର୍ମକ୍ଷେତ୍ରରେ ସତ୍ୟ କହି ବିବାଦୀୟ ହୋଇପାରନ୍ତି। ଅଧସ୍ତନ କର୍ମଚାରୀଙ୍କ ମନମୁଖି ଚିନ୍ତାଧାରା କେତେକ ନୂତନ ସମସ୍ୟା ସୃଷ୍ଟି କରିବ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ।

**ଧନୁ**
ପାରିବାରିକ ଜଞ୍ଜାଳ ବୃଦ୍ଧି ମାନସିକ ସନ୍ତୁଳନ ନଷ୍ଟକରିବାରେ ସହାୟକ ହୋଇପାରେ। ଦେହ ଭଲ ରହିଲେ ମଧ୍ୟ ସାମୟିକ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ଆଜିର ଦୂରଯାତ୍ରା ସଫଳ ହେବ ଓ ଲକ୍ଷ୍ୟ ହାସଲରେ ସମର୍ଥ ହୋଇପାରିବେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**ମକର**
ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ, କିନ୍ତୁ କାମ ଅଟକିବ ନାହିଁ। କର୍ମକ୍ଷେତ୍ରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ସୃଷ୍ଟିର ସମ୍ଭାବନା ରହିଛି। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଲକ୍ଷ୍ୟ କରାଯାଇପାରେ।

**କୁମ୍ଭ**
ପରିସ୍ଥିତି ପ୍ରତି ଦୃଷ୍ଟି ଦେଇ କାମ କରି ଚାଲନ୍ତୁ ସଫଳତା ପାଇବେ। କିନ୍ତୁ ବିଶେଷ ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଉଦ୍‌ବେଗର କାରଣ ହୋଇପାରେ। ପରିବାରର ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତାକରି ବ୍ୟସ୍ତ ରହିବେ।

**ମୀନ**
ଗତଦିନର ଘଟଣାବଳୀକୁ ନେଇ ରହିଥିବା ଟେନ୍‌ସନ ଆଜି କମିଯିବ। ପ୍ରତ୍ୟେକ କ୍ଷେତ୍ରରେ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ପାରିବାରିକ କ୍ଷେତ୍ର ଭୋଗବିଳାସ ଓ ହସଖୁସିରେ ଅତିବାହିତ ହେବ। ନୂତନ ବସ୍ତ୍ରାଳଙ୍କାର ପାଇଁ ମନ ବଳାଇପାରନ୍ତି।

ଆଜି ମାଘ ଶୁକ୍ଳ ତୃତୀୟା ମଙ୍ଗଳବାର, ଜାତୀୟ କନ୍ୟା ସନ୍ତାନ ଦିବସ, ବନ୍ଧୁ ଜଗବନ୍ଧୁଙ୍କ ତିରୋଧାନ ଦିବସ, ଜାନୁୟାରୀ ୨୪ ତାରିଖ। ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୯।୧୩ ଗତେ, ଘ.୧୦।୫୨ ମଧ୍ୟେ, ଘ.୦୧।୦୪ ଗତେ, ଘ.୦୧।୨୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨। ୪୪ ଗତେ, ଘ.୦୪।୦୭ ମଧ୍ୟେ ରାହୁକାଳ।

## ସର୍ବୋଦୟ ନେତା ଜୟରାମ ଜେନାଙ୍କ ପରଲୋକ

**ରାୟଗଡ଼ା,୨୩।୧(ସ୍ୱ.ପ୍ର.):** ଭୂଦାନ ଓ ଅହିଂସା ଆନ୍ଦୋଳନରେ ସାମିଲ ହୋଇଥିବା ରାୟଗଡ଼ା ଜିଲାର ସର୍ବୋଦୟ ନେତା ଜୟରାମ



ଜେନାଙ୍କ ସୋମବାର ୮୬ ବର୍ଷ ବୟସରେ ପରଲୋକ ଘଟିଛି। ୨୦୨୦ରେ କରୋନାରେ ଆକ୍ରାନ୍ତ ହେବା ପରେ ସେ ଅନେକ ସମୟରେ ଅସୁସ୍ଥ ରହୁଥିଲେ। କିଛି ଦିନ ତଳେ ପୁଣି ଅସୁସ୍ଥ ହେବା ପରେ କଟକରେ ଚିକିତ୍ସିତ ହୋଇ ଫେରିଥିଲେ। ସୋମବାର ନିଜ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ଏହି ଖବର ପ୍ରଚାର ହେବା ପରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ଜୟରାମ ମୁଖ୍ୟତଃ ସମାଜର ଅବହେଳିତ ଲୋକଙ୍କ ପାଇଁ ସଂଗ୍ରାମ କରିବା ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଚେଷ୍ଟା କରିଥିଲେ। ବିନୋବା ଭାବେ ଓ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଲୋକସେବାକୁ ନିଜର ଧର୍ମ ଭାବେ ଗ୍ରହଣ କରିଥିଲେ। ରାୟଗଡ଼ାଠାରେ ଅନାଥ ପିଲାଙ୍କ ଥଇଥାନ ପାଇଁ ସେବା ସମାଜ ପରିଚାଳନା କରୁଥିଲେ। ଏପରିକି ମାଓବାଦୀଙ୍କ ସହ ଆଲୋଚନା କରିବା ପାଇଁ ସେ ଯାଇଥିଲେ।

# ଶିକାରୀଙ୍କ କବ୍‌ଜାରେ ଶିମିଳିପାଳ

- ମାସକରେ ୨ ହାତୀ ଶିକାର
- ୨ବାଘ ଚମଡ଼ା ଜବତ

**ବାରିପଦା ଅଫିସ,୨୩।୧**

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଏବେ ଶିକାରୀଙ୍କ କବ୍‌ଜାରେ। ଏଠାରେ ପ୍ରତିଦିନ ବନ୍ୟପ୍ରାଣୀ ଶିକାର କରାଯାଉଛି। ବନବିଭାଗ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ବର୍ତ୍ତି ପାରୁନାହାନ୍ତି ବନ୍ୟପ୍ରାଣୀ। ୫ଦିନ ତଳେ ଏକ କଲରାପତରିଆ ବାଘର ଚମଡ଼ା ଉଦ୍ଧାର ହେବା ପରେ ପୁଣି ଏକ ଦନ୍ତା ଶିକାରକୁ ନେଇ ବିଭାଗର ଦାୟିତ୍ୱହୀନତା ପ୍ରତି ଅଙ୍ଗୁଳି ଉଠିଛି। ରବିବାର ଦନ୍ତାର ଗଳିତ ମୃତଦେହ ଓ ସୋମବାର ଏକ ଚିତା ପ୍ରଜାତିର ଜଙ୍ଗଲି ବିଲେଇ ଛୁଆ ମରିପଡ଼ିବା ଘଟଣା ପ୍ରାଣୀପ୍ରେମୀମାନଙ୍କୁ ହତୋତ୍ସାହିତ କରିଛି। ବନ୍ୟପ୍ରାଣୀ ସୁରକ୍ଷାରେ ବନବିଭାଗ ବିଫଳ ହେଉଥିବାରୁ ଅଭୟାରଣ୍ୟ ପ୍ରାଣୀଶୂନ୍ୟ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି।

ମାସକ ପୂର୍ବେ ଉଦଳା ରେଞ୍ଜ ଅଞ୍ଚଳରୁ ଏସ୍‌ଟିଏଫ୍ ଏକ ମହାବଳ ବାଘ ଚମଡ଼ା ଜବତ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଖୁଣ୍ଟା ଥାନା ପୋଲିସ ଗତ ବୁଧବାର ଏକ କଲରାପତରିଆ ବାଘର



ତାଳବନ୍ଧ ରେଞ୍ଜ ବାଙ୍କଡିହୀ ଅଞ୍ଚଳରେ ଠାବ ହୋଇଥିବା ଦନ୍ତା ମୃତଦେହ।

ଚମଡ଼ା ଜବତ କରି ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସେହିପରି ଜେନାବିଲ ରେଞ୍ଜ ଗୋରାଣ୍ଡି ବିଟ୍ ହାଉସ୍ ଅଞ୍ଚଳରେ ଏକ ଦନ୍ତା ଶିକାର ପରେ ବିଭାଗୀୟ ଅଧିକାରୀମାନେ ଦୋଷ ଲୁଚାଇବାକୁ ତାହାର ମୃତଦେହ ପୋଡ଼ିଦେଇ ଦେହାବଶେଷକୁ ନିକଟସ୍ଥ ନଦୀରେ ଭସାଇ ଦେଇଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ଗ୍ରାମବାସୀ ବନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ସମସ୍ତ ଘଟଣା ଲୋକଲୋଚନକୁ ଆସିଥିଲା। ମାତ୍ର ବିଭାଗୀୟ ଅନୁକମ୍ପା ପ୍ରଦର୍ଶନ ପୂର୍ବକ ଦୋଷୀ ଅଧିକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଏହି ଘଟଣାକୁ ଉଚ୍ଚ ନ୍ୟାୟାଳୟ ଭର୍ତ୍ସନା କରିବା ପରେ ସମ୍ପୃକ୍ତ ୩ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେହିପରି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ତାଳବନ୍ଧ ରେଞ୍ଜ ବାଙ୍କଡିହୀ ଅଞ୍ଚଳରୁ ରବିବାର ଏକ ଦନ୍ତାହାତୀର ଗଳିତ ମୃତଦେହକୁ ବନ ବିଭାଗ ଜବତ କରିଥିଲା। ଦନ୍ତାର ବୟସ ପାଖାପାଖି ୪୦ବର୍ଷ ହୋଇଥିବା ବେଳେ ମଣଦା ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ନିୟମାନୁଯାୟୀ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ଲାଗି ଭୁବନେଶ୍ୱରସ୍ଥିତ ଓୟୁଏଟିକୁ ପଠାଯାଇଛି। ହାତୀର ପାଟି, ମୁହଁ ଓ ମୁଣ୍ଡ ଠିକ ଥିବା ବେଳେ ଶିକାରୀମାନେ ଏହାର ଦାନ୍ତକୁ ଉପାଡ଼ି ନେଇଥିବା ବିଭାଗୀୟ ଅଧିକାରୀ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ତେବେ ହାତୀର ଦାନ୍ତକୁ ଉପାଡ଼ି ନେବା ସମ୍ଭବ ନୁହେଁ ବୋଲି ପ୍ରାକ୍ତନ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ଶିକାରୀମାନେ ହାତୀର ଦାନ୍ତକୁ କାଟି ନେଇଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ତଦନ୍ତକୁ ସାଧାରଣରେ ନାପସନ୍ଦ କରାଯାଇଛି। ତେବେ ମୂଲ୍ୟବାନ ଦାନ୍ତକୁ ଜବତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ସହିତ ଡଗ୍ ସ୍କ୍ୱାଡ୍‌କୁ ନିୟୋଜିତ କରାଯାଇଛି ବୋଲି ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ ପ୍ରକାଶ କରିଛନ୍ତି। ଶିମିଳିପାଳରେ ପ୍ରତିଦିନ ବନ୍ୟପ୍ରାଣୀଙ୍କ ମୃତ୍ୟୁ ହେଉଥିବା ବେଳେ ସେମାନଙ୍କ ସୁରକ୍ଷା କିପରି ଚାଲିଛି ତାହାକୁ ନେଇ ସନ୍ଦେହ ସୃଷ୍ଟି ହେବାରେ ଲାଗିଛି। ଏପରି ଭାବେ ବନ୍ୟଜନ୍ତୁ ଶିକାର କରାଗଲେ ଆଗାମୀ ଦିନରେ ଅଭୟାରଣ୍ୟରେ ପଥର କିମ୍ବା ସିମେଣ୍ଟରେ ପ୍ରସ୍ତୁତ ଜୀବଜନ୍ତୁ ଶୋଭା ପାଇବେ ବୋଲି କୁହାଯାଉଛି।

## ଗୁଣି ସନ୍ଦେହରେ ପୁତୁରାଙ୍କୁ ତୀରମାଡ଼

**ଆନନ୍ଦପୁର/ଘସିପୁରା, ୨୩।୧(ସ୍ୱ.ପ୍ର./ଡି.ଏନ୍.ଏ.)**

ଏବେ ବି ଲୋକଙ୍କ ମନରେ ଅନ୍ଧବିଶ୍ୱାସ ବସା ବାନ୍ଧିରହିଛି। ଅଧିକାଂଶ ସମୟରେ ଦେହ ଖରାପ ହେଉଥିବାରୁ ଗୁଣିଗାରେଡି ସନ୍ଦେହ କରି ଜଣେ ବ୍ୟକ୍ତି ତାଙ୍କ ପୁତୁରାଙ୍କୁ ତୀର ମାରି ଗୁରୁତର କରିଛନ୍ତି। ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଭଳି ଘଟଣା ଘଟିଛି କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା କନ୍ତୋ ବନ୍ଦସିମୁଳିଆ ଗ୍ରାମରେ। ତୀରବିଦ୍ଧର ଶିକାର ହୋଇଥିବା ଯୁବକ ହେଲେ ରତ୍ନାକର ବିନ୍ଧାଣୀ। ଏନେଇ ଘସିପୁରା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତୀର ମାରିଥିବା ଅଭିଯୋଗରେ କକା ରବି ବିନ୍ଧାଣୀଙ୍କୁ ଅଟକ ରଖିଛି। ସୂଚନାଯୋଗ୍ୟ, ପୁତୁରା ରତ୍ନାକର ସୋମବାର କେତେଜଣ ଗ୍ରାମବାସୀଙ୍କ



ମେଡିକାଲ୍‌ରେ ଚିକିତ୍ସାଧୀନ ରତ୍ନାକର।

ସହିତ ବସି କୌଣସି ବିଷୟରେ ଆଲୋଚନା କରୁଥିଲେ। ସେ ସମୟରେ କକା ରବି ତାଙ୍କୁ ଲକ୍ଷ୍ୟ କରି ତୀର ମାରିଥିଲେ। ରତ୍ନାକର ହଠାତ୍ ଉଠି ଯିବାରୁ ତୀର ତାଙ୍କ ହାତରେ ବାଜିଥିଲା। ଏହି ଘଟଣାରେ ମାମଲା(ନଂ. ୨୧/୨୩) ରୁଜୁ ହୋଇଛି। କକାଙ୍କୁ ପଚରାଉଚରା ଚାଲିଥିବା ଥାନା ଅଧିକାରୀ ବିକ୍ରମ ଭୁୟାଁ ସୂଚନା ଦେଇଛନ୍ତି।

## ବନ୍ଧୁକ ଦେଖାଇ ୫ଲକ୍ଷ ଲୁଟ

**ସୋର, ୨୩।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଅନନ୍ତପୁରରେ ଜଣେ କିଓସ୍କ ଶାଖା ମାଲିକଙ୍କୁ ବନ୍ଧୁକ ଦେଖାଇ ୫ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଅଇଁରି ଗ୍ରାମର ମନୋରଞ୍ଜନ ବାରିକ ସୋମବାର ପୂର୍ବାହ୍ନ ୯ଟା ବେଳେ ୫ଲକ୍ଷ ଟଙ୍କା ନେଇ ନିଜ ବାଇକ୍‌ରେ ଅନନ୍ତପୁର ବାଲିଛନ୍ଦା ଘାଟରେ ଥିବା କିଓସ୍କ ବ୍ୟାଙ୍କକୁ ଯାଉଥିବା ବେଳେ ତାଙ୍କୁ ଦୁଇଟି ବାଇକ୍‌ରେ ପିଛା କରୁଥିବା ୫ଜଣ ଦୁର୍ବୃତ୍ତ ଘଡେଇ ଛକରେ ଅଟକାଇ ବନ୍ଧୁକ ଦେଖାଇ ଟଙ୍କା ଲୁଟି ନେଇଥିଲେ। ସୋର ଥାନାରେ ଅଭିଯୋଗ କରିବା ପରେ ଥାନା ଭାରପ୍ରାପ୍ତ ଅଧିକାରିଣୀ ସୁଜାତା ଖମାରୀ ସଦଳବଳେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

## ସୋସୋ ଥାନା ଅଧିକାରୀ ବଦଳିଲେ

**କେନ୍ଦୁଝର,୨୩।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ ଜଣେ ଗଣବଳାତ୍କାର ପୀଡ଼ିତା ଡାକ୍ତରୀମାଇନା ପାଇଁ ୧୨ ଘଣ୍ଟା ଅପେକ୍ଷା କରିବା ଘଟଣାରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଘଟଣାରେ ସୋସୋ ଥାନା ଅଧିକାରୀ ପ୍ରଦୀପ ସେଠୀଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି।

ପ୍ରକାଶ ଯେ, ଗତ ବୁଧବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଥିଲା। ଗୁରୁବାର ପୋଲିସ ପୀଡ଼ିତାଙ୍କ ଡାକ୍ତରୀମାଇନା ପାଇଁ ପ୍ରଥମେ ଆନନ୍ଦପୁର ଓ ପରେ ଶାଳନିଆଁ ଡାକ୍ତରଖାନାକୁ ନେଇଥିଲା। ମାତ୍ର ଡାକ୍ତର ଅଭାବ ଓ ମେଡିକାଲ ସୀମା ବିବାଦ କାରଣରୁ ପୀଡ଼ିତାଙ୍କୁ ୧୨ ଘଣ୍ଟା ପୋଲିସ ଗାଡ଼ିରେ ଅପେକ୍ଷା କରିବାକୁ ପଡ଼ିଥିଲା।

**ଡାକ୍ତରୀମାଇନା ପାଇଁ ୧୨ ଘଣ୍ଟା ଅପେକ୍ଷା ଘଟଣା**

ଶେଷରେ ଆନନ୍ଦପୁର ମେଡିକାଲରେ ଡାକ୍ତରୀମାଇନା ହୋଇଥିଲା। ମାନସିକ ଚାପରେ ଥିବା ପୀଡ଼ିତାଙ୍କୁ ଦୀର୍ଘ ସମୟ ଗାଡ଼ିରେ ବସାଇ ରଖିବାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ ଥାନା ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି, ସେ ବଦଳି ଆଦେଶ ପାଇନାହାନ୍ତି। ଅନ୍ୟପକ୍ଷରେ ତାଙ୍କ ସ୍ଥାନରେ ଜିଲା ପୋଲିସ ମୁଖ୍ୟାଳୟରେ ଥିବା ଅନୀଲ ସାମଲଙ୍କୁ ନିଯୁକ୍ତି ଦିଆଯାଇଛି। ଡାକ୍ତରୀ ମାଇନାରେ ବିଳମ୍ବ କରିଥିବା ଡାକ୍ତରଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲା ପରିଷଦ ସଭ୍ୟା ଅସୀମା ମିଶ୍ର ପ୍ରଶ୍ନ କରିଛନ୍ତି।

## ସମୁଦ୍ରରୁ ବିଦେଶୀ ନାବିକଙ୍କୁ ଉଦ୍ଧାର କଲା କୋଷ୍ଟଗାର୍ଡ

**ପାରାଦୀପ,୨୩।୧(ସ୍ୱ.ପ୍ର.)**

ପାରାଦୀପର ସମୁଦ୍ରରୁ ଗୁରୁତର ଅବସ୍ଥାରେ ଥିବା ଜଣେ ବିଦେଶୀ ନାବିକଙ୍କୁ ସୋମବାର ଭାରତୀୟ ତଟରକ୍ଷୀ ବାହିନୀ(କୋଷ୍ଟଗାର୍ଡ ଟିମ୍) ଉଦ୍ଧାର କରିଛି। ସେ ହେଲେ ମ୍ୟାନ୍‌ମାର ଦେଶର ନାଗରିକ ଥାନ ହିଟ୍‌କେ ଲ୍ଵିନ। ତାଙ୍କୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର



ହେଲିକପ୍ଟରରେ ଉଦ୍ଧାର ନାବିକଙ୍କ ଚିକିତ୍ସା କରାଯାଉଛି।

ଅଣାଯାଇ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ ୭ ପାରାଦୀପ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସିଙ୍ଗାପୁରର ଏକ ବୃହତ୍ ପଣ୍ୟବାହୀ ଜାହାଜ ଏମ୍‌ଟି ଜିବି ଭେନ୍‌ଚରରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ପାରାଦୀପଠାରୁ ୮୦ ନଟିକାଲ ମାଇଲ (୧୪୪ କି.ମି.) ସାଗରଦୀପ ଦକ୍ଷିଣ ସୀମାରେ ଅଟକି ରହିଥିଲା। ସୋମବାର ସକାଳେ ଉକ୍ତ ଜାହାଜର ନାବିକ ଥାନ୍ ହିଟ୍‌କେ ଲ୍ଵିନ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇଦେବା ପାଇଁ ଜାହାଜର କ୍ୟାପଟେନ୍ ପଶ୍ଚିମବଙ୍ଗ କୋଷ୍ଟଗାର୍ଡ ମୁଖ୍ୟାଳୟ ୮ ସହ ଯୋଗାଯୋଗ କରିଥିଲେ। ସେଠାରୁ ସୂଚନାପାଇ ପାରାଦୀପର କୋଷ୍ଟଗାର୍ଡ ଟିମ୍ ପକ୍ଷରୁ ପ୍ରାଥମିକ ଚିକିତ୍ସା ସୁବିଧା ଥିବା ଏକ ଆଡଭାନ୍ସ ଲାଇଟ ହେଲିକପ୍ଟର ଯୋଗେ ସମ୍ପୃକ୍ତ ନାବିକଙ୍କୁ ପୂର୍ବାହ୍ନ ସମୟରେ ଉଦ୍ଧାର କରାଯାଇଛି।

## ହକି ଟିକେଟ କଳାବଜାର, ଆଉ ୪ ଗିରଫ

- ୮ ଟିକେଟ, ୪ ମୋବାଇଲ,୧୧ ହଜାର ଟଙ୍କା ଜବତ
- ମୋଟ ଗିରଫ ହେଲେଣି ୧୩ ଦଲାଲ

**ଭୁବନେଶ୍ୱର,୨୩।୧(ବ୍ୟୁରୋ)**

ହକି ଟିକେଟ କଳାବଜାର କରୁଥିବା ଆଉଏକ ର୍‍ୟାକେଟ ଧରାପଡିଛି। ଗ୍ରାହକ ବେଶରେ ଟିକେଟ କିଣିବାକୁ ଯାଇ ନୟାପଲ୍ଲୀ ଥାନା ପୋଲିସ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ କଟକର ସୁବାସ ପ୍ରଧାନ, ପଶ୍ଚିମବଙ୍ଗର ପ୍ରସନ୍ନଜିତ ସିଡ୍, ମଧ୍ୟପ୍ରଦେଶର ଭାନୁ ପ୍ରତାପ ସିଂ ଏବଂ ମଙ୍ଗଳ ସିଂ। ସେମାନଙ୍କଠାରୁ ଇଣ୍ଡିଆ ବନାମ ନ୍ୟୁଜିଲାଣ୍ଡ ମ୍ୟାଚ୍‌ର ୮ ଟିକେଟ, ୧୧ ହଜାର ୪୦୦ ଟଙ୍କା ଓ ୪ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହା ପୂର୍ବରୁ ନୟାପଲ୍ଲୀ ୪ ଓ ଶହୀଦନଗର ଥାନା ପୋଲିସ ୫ଜଣଙ୍କୁ ଗିରଫ କରିଥିଲା। ଏବେ ମୋଟ ଗିରଫ ସଂଖ୍ୟା ୧୩ରେ ପହଞ୍ଚିଥିବାବେଳେ ସମସ୍ତଙ୍କୁ ଜେଲ୍ ପଠାଇ ଦିଆଯାଇଛି।

ରବିବାର ସନ୍ଧ୍ୟାରେ ସଂପୃକ୍ତ ୪ ଅଭିଯୁକ୍ତ କଳିଙ୍ଗ ଷ୍ଟାଡିୟମର ଗେଟ ନମ୍ବର-୩ ନିକଟରେ ଭାରତ ଓ ନ୍ୟୁଜିଲାଣ୍ଡ ହକି ମ୍ୟାଚର ଟିକେଟ ଚଢା ଦାମ୍‌ରେ ବିକ୍ରି କରୁଥିବା ନେଇ ନୟାପଲ୍ଲୀ ଥାନା ପୋଲିସ ଖବର ପାଇଥିଲା। ତେଣୁ ସେମାନଙ୍କୁ ଧରିବା ଲାଗି ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ସାଦା ପୋଷାକରେ ପହଞ୍ଚି ଘଟଣାର ଅନୁସନ୍ଧାନ କରିଥିଲା। ଟିକେଟ କଳାବଜାର କରୁଥିବା ୪ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପରେ ପୋଲିସ ଦର୍ଶକ ସାଜି ଟିକେଟ କିଣିବା ବାହାନା କରି ସେମାନଙ୍କ ପାଖକୁ ଯାଇ ଦାମ୍ ପଚାରିଥିଲେ। ଅଭିଯୁକ୍ତମାନେ ୨୦୦ଟଙ୍କିଆ ଟିକେଟକୁ ୧୨୦୦ ଟଙ୍କା ଓ ୪୦୦ ଟଙ୍କିଆ ଟିକେଟକୁ ୨ ହଜାର ଟଙ୍କା ଦାବି କରିଥିଲେ। ୮ଟି ଟିକେଟ ଲାଗି ଅଗ୍ରୀମ ୮ ହଜାର ଦେବା ସହିତ ବାକି ଟଙ୍କା ଟିକେଟ ନେବାବେଳେ ଦେବେ ବୋଲି କହିଥିଲେ। କିଛି ସମୟ ପରେ ଅଭିଯୁକ୍ତମାନେ ଟିକେଟ ହସ୍ତାନ୍ତର ସମୟରେ ସଂପୃକ୍ତ ୪ ଅଭିଯୁକ୍ତଙ୍କୁ ପୋଲିସ ଟିମ୍ କାବୁ କରିଥିଲା।

IN THE HIGH COURT
ORISSA: CUTTACK (CRIMINAL MISCELLANEOUS JURISDICTION)
CRLMC NO.5602/2015
Mahendra Behera & another..........
....................................Petitioners
Versus
State of Odisha & another..............
..................................Opp. Parties
NOTICE
To,
Sasmita Singh
D/o.Rama Ratan Singh,
At: Gurudwar South Balanda
PS: Colliery, Dist- Angul
Take notice that the above named petitioners have filed CRLMC for quashing of the criminal proceeding in connection with G.R. Case No. 1316 of 2013 pending in the Court of the learned S.D.J.M., Talcher. As the Notice for aforementioned CRLMC could not be served upon you despite of several attempts. You are hereby directed to appear before this Court in person or through your counsel on or before 31.01.2023 at 10.30 A.M. failing which the aforesaid case will be heard and decided in your absence in accordance with law. Given under my hand and seal of the Court on this the 17th day of January 2023.
Sd./- Registrar (Judicial)
Orissa High Court, Cuttack

## ୨ ନାବାଳିକା ଅନ୍ତେବାସୀ ଫେରାର

**ଜି.ଉଦୟଗିରି, ୨୩।୧(ଡି.ଏନ.ଏ.):** କନ୍ଧମାଳ ଜିଲା ଜି.ଉଦୟଗିରି ସୁଭଦ୍ରା ମହତାବ ସେବା ସଦନରୁ ଦୁଇ ଜଣ ନାବାଳିକା ରବିବାର ପାଚେରୀ ଡେଇଁ ଫେରାର ହୋଇଯାଇଥିବା ନେଇ ସ୍ଥାନୀୟ ଥାନାରେ ଲିଖିତ

**ସୁଭଦ୍ରା ମହତାବ ସେବା ସଦନ**

ଅଭିଯୋଗ ପରେ ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ୍ ସୂତ୍ରରୁ ମିଳିଥିବା ସୂଚନାନୁସାରେ ସ୍ଥାନୀୟ ଥାନା ଅଞ୍ଚଳର ଜଣେ ନାବାଳିକା ପ୍ରେମ ବ୍ୟାପାରକୁ ନେଇ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ସିଡବ୍ଲୁସିରେ ହାଜର କରିବା ପରେ ସୁଭଦ୍ରା ମହତାବ ସେବା ସଦନରେ ରଖିଥିଲେ। ସେହିଭଳି ଚକାପାଦ ଥାନା ଅଞ୍ଚଳର ଏକ ପ୍ରେମ ଜନିତ ମାମଲାରେ ଜଣେ ନାବାଳିକାଙ୍କୁ ଉଦ୍ଧାର କରି ଆଣି ସୁଭଦ୍ରା ମହତାବ ସେବା ସଦନରେ ରଖିଥିଲେ। ୨ ଜଣ ଉକ୍ତ ସେବା ସଦନରେ ରହୁଥିଲେ। ହେଲେ ରବିବାର ଦୁହେଁ ହଠାତ୍ ପାଚେରୀ ଡେଇଁ ଫେରାର ହୋଇଯାଇଥିବା ଜଣା ପଡିବା ପରେ ସେବାସଦନ ପକ୍ଷରୁ ଖୋଜାଖୋଜି କରିବା ସହ ଥାନାରେ କର୍ତ୍ତୃପକ୍ଷ ଏକ ଲିଖିତ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଏସ୍‌ଆଇ ଅନନ୍ତ କୁମାର ପ୍ରଧାନ ପୃଥକ ପୃଥକ ଦୁଇଟି ମାମଲା ନଂ ୧୦/୨୩ ଏବଂ ୧୧/୨୩ ରୁଜୁ କରିଛନ୍ତି।

DSPL - 435
ଜାତୀୟ କନ୍ୟା ସନ୍ତାନ ଦିବସ
୨୪ ଜାନୁଆରୀ, ୨୦୨୩
ଝିଅଟିଏ ରକ୍ଷାଟିଏ
ଝିଅଟିଏ ଖୁସି ଦିଏ
"କନ୍ୟା ଶକ୍ତି : ଅବର୍ଣ୍ଣନୀୟ ଏବଂ ଅଦମ୍ୟ"



ଆକଳନରୁ ଜଣାଯାଇଛି ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି, ଯାହା ଭବିଷ୍ୟତରେ ଅନେକ ପ୍ରତିବନ୍ଧକ ସୃଷ୍ଟି କରିବ। କନ୍ୟା ଭ୍ରୁଣ ହତ୍ୟା ଏହି ସଂଖ୍ୟା ହ୍ରାସର ଏକ ପ୍ରମୁଖ କାରଣ ଅଟେ। ଏହାର ପ୍ରତିରୋଧ ପାଇଁ ପ୍ରତ୍ୟେକ ସ୍ତରରେ ସଚେତନତା ଜରୁରୀ ହୋଇପଡିଛି।
- ସମାଜ ପ୍ରତି କନ୍ୟା ସନ୍ତାନର ଗୁରୁତ୍ୱ ପରିବାର ଲୋକେ ଉପଲବ୍ଧି କରନ୍ତୁ।
- ଝିଅମାନଙ୍କର ଉପଯୁକ୍ତ ସ୍ୱାସ୍ଥ୍ୟ, ଶିକ୍ଷା ପ୍ରତି ଯତ୍ନବାନ୍ ହୁଅନ୍ତୁ।
- ସମାଜର ପ୍ରମୁଖ ସ୍ତରରେ ଝିଅମାନଙ୍କ ଅଂଶଗ୍ରହଣ ପାଇଁ ପ୍ରୋତ୍ସାହିତ କରନ୍ତୁ।
- ଲିଙ୍ଗଗତ କୁସଂସ୍କାରରୁ ଦୂରେଇ ରୁହନ୍ତୁ।

ଉପଯୁକ୍ତ ଯତ୍ନ ଓ ପ୍ରୋତ୍ସାହନ ଦ୍ୱାରା ଝିଅମାନେ ଅନେକ କ୍ଷେତ୍ରରେ ସଫଳତାର ସହ ଶୀର୍ଷ ସ୍ଥାନରେ ପହଞ୍ଚିପାରିଛନ୍ତି। ଏଣୁ ଆପଣମାନେ ମଧ୍ୟ ଝିଅମାନଙ୍କର ଯତ୍ନ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ ଓ ସୁସ୍ଥ ସମୃଦ୍ଧ ରାଷ୍ଟ୍ର ଗଠନରେ ସାମିଲ୍ ହୁଅନ୍ତୁ।
ସାମୂହିକ ସଚେତନତା ଓ ପ୍ରଚେଷ୍ଟା ସୁସ୍ଥ ରାଷ୍ଟ୍ର ଗଠନ ପାଇଁ ଅପରିହାର୍ଯ୍ୟ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
OIPR-10003/13/0132/2223
facebook.com/HFWOdisha http://www.health.odisha.gov.in/ @HFWOdisha



Get special 7.5% Discount* from 10th - 31st January, 2023
kalamandir କଳାମନ୍ଦିର
ODISHA'S MOST POPULAR FASHION SHOP
Shop with a smile.
3, Western Market, Bhubaneswar 751009
*Conditions Apply

## ସଂକ୍ଷେପରେ

### ୨ ମୃତଦେହ ଜବତ

ସାରସକଣା,୨୩।୧(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୋଲିସ ୨ମୃତଦେହ ଜବତ କରିଛି। ଏକଡାଳି ଗ୍ରାମର କାହ୍ନୁ ଚରଣ ସିଂ(୫୦) ନିକଟସ୍ଥ ବିଦ୍ୟାଳୟର କୂଅ ଭିତରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୫/୨୩) ରୁଜୁ ହୋଇଛି। ସେହିପରି ଜାଲଦା ଗ୍ରାମର ଯତୀନ୍ଦ୍ର ନାଥ କଲିଆ(୭୬) ଗ୍ରାମର ଏକ ପରିତ୍ୟକ୍ତ ଗଡ଼ିଆରେ ପଡ଼ି ମୃତ୍ୟୁବରଣ କରିଥିବା ତାଙ୍କ ଝିଅ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଅପମୃତ୍ୟୁ ମାମଲା(ନଂ.୬/୨୩) ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ ପ୍ରକାଶ କରିଛନ୍ତି।

### ୨ ଦୋକାନରୁ ଚୋରି

ପାଟଣା,୨୩।୧(ସ୍ୱ.ପ୍ର.): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଖୁଣ୍ଟାପଡ଼ା ହନୁମାନ ଛକରେ ଥିବା ୨ ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ଏନେଇ ଉଭୟ ଦୋକାନୀ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଏଥିରେ ଦୁର୍ଯ୍ୟୋଧନ ସେଠୀଙ୍କ ଗ୍ରୋସରୀ ଦୋକାନରେ ଥିବା ଗ୍ରୋସରୀ ସାମଗ୍ରୀ ସହ ଇଲେକ୍ଟ୍ରିକାଲ ସାମଗ୍ରୀ ଓ ଗ୍ୟାସକୁ ଦୁର୍ବୃତ୍ତ ଚୋରି କରିନେଇଛନ୍ତି।

# ୨ ହଜାର ଏକର ସରକାରୀ ଜମି ଜବରଦଖଲ

**ଶତାଧିକଙ୍କୁ ନୋଟିସ, ଗୋଟିଏ ଘରକୁ ଅଧା ଭାଙ୍ଗି ବସିଛି ତହସିଲ**

କଳିଙ୍ଗନଗର,୨୩।୧(ଡି.ଏନ୍.ଏ.)

ଯାଜପୁର ଜିଲା ଦାନଗଦୀ ତହସିଲ ଅଞ୍ଚଳରେ ସରକାରୀ ଜମି ଜବରଦାଖଲକାରୀଙ୍କ କବ୍‌ଜାରେ ରହିଛି। କେବଳ ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ତ୍ରିଜଙ୍ଗା ମୌଜାରେ ମୂଲ୍ୟବାନ ସରକାରୀ ଜମିରୁ ପ୍ରାୟ ୨ ହଜାର ଏକର ଜମିକୁ ଜବରଦଖଲ କରାଯାଇଛି। କଳିଙ୍ଗନଗର ଶିଳ୍ପାଞ୍ଚଳ ପାଇଁ ଏଠାକାର ଜମି ମୂଲ୍ୟ ଆକାଶ ଛୁଆଁ ହୋଇଥିବା ବେଳେ କେତେଜଣ ମୁଷ୍ଟିମେୟ ବ୍ୟକ୍ତିଙ୍କ ପାଇଁ ସରକାରୀ ଜମି ଏକ ଲାଭଦାୟକ ବ୍ୟବସାୟରେ ପରିଣତ ହୋଇଛି । ଗତ ଡିସେମ୍ବର ୧୪ରେ ତହସିଲ ପକ୍ଷରୁ ଶିଙ୍ଗାଡିଆ ବଜାରଠାରେ ସରକାରୀ ଜମିରେ ନିର୍ମାଣ ହୋଇଥିବା ଏକ ବିରାଟ ବ୍ୟବସାୟିକ ପ୍ରତିଷ୍ଠାନ ଭାଙ୍ଗିବା କାମ ଆରମ୍ଭ ହୋଇଥିଲା । ପ୍ରାୟ ୫ ହଜାର ବର୍ଗଫୁଟ ସରକାରୀ ଜମିରେ ଆବାସିକ ଭଡ଼ା ଘର ଓ ଦୋକାନ ଘର ନିର୍ମାଣ ହୋଇଥିବା ବେଳେ ତହସିଲ ପକ୍ଷରୁ କେବଳ ଦୋକାନ ଘରଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା । ଇତିମଧ୍ୟରେ ବହୁଦିନ ବିତିଥିଲେ ମଧ୍ୟ ବାକିଥିବା ଅନ୍ୟ ଅଂଶକୁ ଭାଙ୍ଗିବାକୁ ପ୍ରଶାସନ ଆଗ୍ରହ ପ୍ରକାଶ କରୁନାହାନ୍ତି । ଅନ୍ୟପକ୍ଷେ ଏହି ବଜାରରେ ରହିଥିବା ସବୁ ନିର୍ମାଣ ସରକାରୀ ଜମିରେ ହୋଇଛି । ସେ ସବୁକୁ ଉଚ୍ଛେଦ ପାଇଁ ତହସିଲଦାର କାହିଁକି ଉଦ୍ୟମ କରୁନାହାନ୍ତି ତାହାକୁ ନେଇ ସାଧାରଣରେ ପ୍ରତିକ୍ରୀୟା ପ୍ରକାଶ ପାଇଛି ।

ସୂଚନା ମୁତାବକ ଦାନଗଦୀ ତହସିଲ ଚାରିପାଖରେ ଥିବା ସମସ୍ତ ସରକାରୀ ଜମି ମାଫିଆଙ୍କ କବ୍‌ଜାରେ ରହିଛି । ପରିଣାମ ସ୍ୱରୂପ ଏଠାରେ ଯେକୌଣସି ସରକାରୀ କାର୍ଯ୍ୟାଳୟଟିଏ ସ୍ଥାପନ କରିବାକୁ ଜମିର ଉତ୍କଟ ଅଭାବ ଦେଖିବାକୁ ମିଳୁଛି। ଏପରିକି ଦାନଗଦୀ ବଜାରରେ ଜମି ଅଭାବ ପାଇଁ ପ୍ରସ୍ତାବିତ ଏକ ଶୌଚାଳୟ ନିର୍ମାଣ ହୋଇ ପାରୁନାହିଁ। ଦାନଗଦୀ ମୁଖ୍ୟାଳୟର ତ୍ରିଜଙ୍ଗା ମୌଜାରେ ୨ ହଜାର ଏକରରୁ ଅଧିକ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଶାବକ ଖାତାକୁ ନଜର କଲେ ୧୯୯୧ ବନ୍ଦୋବସ୍ତରେ ସାମିଲ୍ ଥିବା କେତେଜଣ ଅସାଧୁ କର୍ମଚାରୀଙ୍କୁ ହାତକରି କେତେଜଣ ପ୍ରଭାବଶାଳୀ ଲୋକ ବେଆଇନ୍ ଭାବେ ଜମିର ପଟ୍ଟା କରି ନେବାରେ ସକ୍ଷମ ହୋଇଛନ୍ତି । ଅନ୍ୟ କେତେକ ଜମିକୁ ଲୋକେ ବଳ ପୂର୍ବକ ନିଜ ଦଖଲରେ ରଖିଛନ୍ତି । ଶାବକ ଖତିଆନ୍ ନମ୍ବର ୧୬୪ ରେ ମୋଟ ୧୫ଶହ ଏକରରୁ ଅଧିକ ଶାଳ ଜଙ୍ଗଲ କିସମର ଜମି ରହିଛି । ଶାବକ ଓ ହାଲ୍ ଖାତାକୁ ନିରୀକ୍ଷଣ କଲେ ସେଠାରେ ଜମି ଜାଲିଆତିର ଏକ ବିରାଟ ଚିତ୍ର ଦେଖିବାକୁ ମିଳିଛି । ସରକାରୀ ରେକର୍ଡ ସୂଚନା ମୁତାବକ ମୋଟ ୫୦୭ଏକର ସରକାରୀ ଜମି ଜବରଦଖଲରେ ରହିଛି। ଏହି ଜମି ମଧ୍ୟରୁ ୧୭୦ ଏକର ୪୦ ଡିସିମିଲ୍ ଅନାବାଦୀ କିସମର ହୋଇଥିବା ବେଳେ ୩୭୬ ଏକର ୯୨ ଡିସିମିଲ୍ ଜମି ଗୋଚର ଏବଂ ୬୦ ଏକର ଜମି ଜଙ୍ଗଲ କିସମର ବୋଲି ଉଲ୍ଲେଖ ରହିଛି ।

ରାଜନେତା, ସରକାରୀ ଅଧିକାରୀ ଓ କର୍ମଚାରୀ, କାରଖାନା କର୍ମଚାରୀ ଓ କେତେଜଣ ବ୍ୟବସାୟୀ ମୂଲ୍ୟବାନ୍ ସରକାରୀ ଜମିକୁ ହାତେଇ ଜବରଦଖଲ କରି ବଡ଼ ବଡ଼ କୋଠା ଓ ବ୍ୟବସାୟୀକ ଗୃହମାନ ନିର୍ମାଣ କରିଛନ୍ତି । ସୂଚନା ମୁତାବକ ୨୦୧୦ ରୁ ୨୦୧୮ ମସିହା ମଧ୍ୟରେ ତହସିଲ ପକ୍ଷରୁ ମୋଟ ୯୩ ଜଣ ଜବରଦଖଲକାରୀଙ୍କୁ ଫାରମ୍ (ଖ)ରେ ଉଚ୍ଛେଦ ନୋଟିସ ଜାରି ହୋଇଥିଲା। ନୋଟିସ ଲାଗିଥିବା ଏହି ସଂଖ୍ୟା ଏବେ ଦୁଇଗୁଣା ଅତିକ୍ରମ କରି ସାରିଛି । ମାତ୍ର ସେଗୁଡିକୁ ଉଚ୍ଛେଦ କରିବା ପାଇଁ ପ୍ରଶାସନ ଆଗଭର ହେଉ ନ ଥିବାରୁ ନୋଟିସ ଲାଗିଥିବା ଘର ଉପରେ ମହଲା ପରେ ମହଲା ନିର୍ମାଣ ହେଉଛି । ନୋଟିସ ଲାଗିଥିବା ଜମିରେ ବିରାଟ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଛି । ଅପରପକ୍ଷେ ଦାନଗଦୀ ତହସିଲ୍‌କୁ ଦୀର୍ଘ ୩ ମାସ ହେବ ଆର୍‌ଟିଆଇରେ ଜବରଦଖଲ ସମ୍ପର୍କରେ ତଥ୍ୟ ମାଗିଥିଲେ ବି ତହସିଲ୍ ପକ୍ଷରୁ କୌଣସି ସୂଚନା ନ ଦେବାକୁ ଦାୟିତ୍ୱରେ ଥିବା ସମ୍ପୃକ୍ତ ଅଧିକାରୀଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଛି ବୋଲି ଅଭିଯୋଗ ହୋଇଛି । ମୂଲ୍ୟବାନ ସମସ୍ତ ସରକାରୀ ଜମିକୁ ସରକାରୀ ଖାତାକୁ ଫେରାଇ ଆଣିବା ପାଇଁ ଦାନଗଦୀ ତହସିଲ କର୍ତ୍ତୃପକ୍ଷଙ୍କ ନିକଟରେ ସାଧାରଣରେ ଦାବି ହେଉଛି ।

# ସବୁଠି ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି



ବ୍ୟାସନଗର ସ୍ୱୟଂ ଶାସିତ କଲେଜ ପରିସରରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

କଳିଙ୍ଗନଗର/ରସୁଲପୁର ୨୩।୧(ଡି.ଏନ୍.ଏ.)

ଭାରତର ମହାନ ବିପ୍ଳବୀ ତଥା ଆଜାଦ ହିନ୍ଦ୍ ଫୌଜର ପ୍ରତିଷ୍ଠାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୬ ତମ ଜୟନ୍ତୀ ଯାଜପୁର ଜିଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାସନଗର ସ୍ୱୟଂଶାସିତ କଲେଜ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ବୀରତ୍ୱର ସ୍ମୃତିଚାରଣ କରାଯାଇଥିଲା । କଲେଜ ପୁରାତନ ଛାତ୍ରସଂଘ ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବ୍ୟାସଭିଆନ-୮୧ର ଆବାହକ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ବିଦ୍ୟାଧର ସାହୁ, ବିଜୟ କୁମାର ମହାପାତ୍ର, ପତିତ କୁମାର ବେହେରା, ଭରତ କୁମାର ବାରିକ, ମାନଗୋବିନ୍ଦ ପଣ୍ଡା, ଡ.ଶିବରାମ ନନ୍ଦ, ପୂର୍ବତନ ଅଧ୍ୟକ୍ଷ କୁଶଚନ୍ଦ୍ର ପ୍ରଧାନ, ସନ୍ତୋଷ କୁମାର ମହାନ୍ତି, ଜ୍ଞାନ ରଞ୍ଜନ ରାଉତ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମର କୁସୁନୁପୁର ଗ୍ରାମଦେବତୀ ପୀଠରେ ନେତାଜୀଙ୍କ ଜୟନ୍ତୀ ସେବା ସଂଘର ସମ୍ପାଦକ ବିଚିତ୍ର କାଣ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ନେହେରୁ ଯୁବ କେନ୍ଦ୍ର ଓ ସେବା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ଖୋଜ ଅନୁଷ୍ଠାନର ସଭାପତି ନିର୍ମଳ ଚନ୍ଦ୍ର ସାମଲ, ସମ୍ମାନିତ ଅତିଥି ଭାବେ ଯାଜପୁର ଧର୍ମଜାଗରଣ ସମନ୍ୱୟ ପ୍ରଶାସନ ସମ୍ପର୍କ ପ୍ରମୁଖ ସନ୍ତୋଷ ଜେନା, ଭାଜପା ନେତା ଲକ୍ଷ୍ମୀଧର ପତି, ଖବରଦାତା ଜଗମୋହନ ରାଉତ ପ୍ରମୁଖ ଯୋଗଦେଇ ନେତାଜୀ ଜୀବନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ବ୍ଲକସ୍ତରୀୟ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

**ବ୍ଲକ ପ୍ରଶାସନ ବିଜୟୀ**

ଚଣ୍ଡିଖୋଲ,୨୩।୧(ଡି.ଏନ୍.ଏ.)

ରାଜ୍ୟରେ ହକି ବିଶ୍ୱକପ ପ୍ରତିଯୋଗିତା ଚାଲିଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ବ୍ଲକରେ ଖେଳ ଆୟୋଜନ କରିବାକୁ ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ବଡ଼ଚଣା ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍‌ର ଆୟୋଜନ କରାଯାଇଥିଲା । ଧାନମଣ୍ଡଳସ୍ଥିତ କ୍ରିକେଟ୍ ପଡ଼ିଆରେ ବଡ଼ଚଣା ବ୍ଲକ ପ୍ରଶାସନ, ଧର୍ମଶାଳା ବ୍ଲକ ପ୍ରଶାସନ, ବଡ଼ଚଣା ପ୍ରେସ କ୍ଲବ ଓ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ଖେଳ ଅନୁଷ୍ଠିତ ହୋଇଥିଲା । ଫାଇନାଲ ମ୍ୟାଚ ବଡ଼ଚଣା ବ୍ଲକ ପ୍ରଶାସନ ଓ ପଞ୍ଚାୟତ ପ୍ରତିନିଧିଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡ଼ଚଣା ବ୍ଲକ ପ୍ରଶାସନ ୫ ଉଇକେଟରେ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ପଞ୍ଚାୟତ ପ୍ରତିନିଧିମାନେ ୧୨ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୦୧ ରନ କରିଥିଲେ। ଏହାର ପିଛା କରି ବ୍ଲକ ପ୍ରଶାସନ ୧୦ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବ୍ଲକ ପ୍ରଶାସନର ଦେବଦତ୍ତ ମହାନ୍ତି ଯୋଗ୍ୟ ବିବେଚିତ ହୋଇଥିବା ବେଳେ ସୋଲର ସମିତି ସଭ୍ୟ ସଞ୍ଜୟ କୁମାର ବେହେରା ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଯାଜପୁର ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ,ବଡ଼ଚଣା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ସମିତି ସଭ୍ୟ ସୌମ୍ୟ ରଞ୍ଜନ ବିଶ୍ୱାଳ, ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ୍ ସଭାପତି ଦେବରାଜ ବେହେରା, ଗ୍ରାମ ପଞ୍ଚାୟତ ଅଧିକାରୀ ଅମୀୟ ରଞ୍ଜନ ନାଥ ଓ ଖବର ଦାତା ପ୍ରଶାନ୍ତ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ୨୫୦୦ଟଙ୍କା ଓ ରନର୍ସ ଅପ୍ ଦଳକୁ ୧୫୦୦ ଟଙ୍କାର ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ ।




ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ଶାଳପଡ଼ା ଟିମ୍ ଚାମ୍ପିୟନ

ଛତିଆ,୨୩।୧(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଶାଳପଡା ପଞ୍ଚାୟତ ତରଫରୁ ପଞ୍ଚାୟତ ଆଦର୍ଶ ଖେଳ ପଡିଆରେ ଚାଲିଥିବା କ୍ରିକେଟ୍ ଟୁର୍ନାମେଣ୍ଟରେ ଶାଳପଡ଼ା ଟିମ୍ ଚାମ୍ପିୟନ ହୋଇଛି । ସରପଞ୍ଚ ନମିତା ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ପଞ୍ଚାୟତର ସାଇଲିପଡା,ଏଣ୍ଡରପଦା,ତିଳପଦା, ବାଉଁଶମୂଳୀ ଓ ଶାଳପଡା ଗ୍ରାମରେ ଥିବା ୫ କ୍ରିକେଟ ଟିମ ଭାଗ ନେଇଥିଲେ । ଟୁର୍ନାମେଣ୍ଟକୁ ପଞ୍ଚାୟତର ନାଏବ୍ ସରପଞ୍ଚ ଦୈତାରୀ ସାହୁ ଉଦ୍‌ଘାଟନ କରିଥିଲେ । ଫାଇନାଲ ମ୍ୟାଚ୍ ଜୟ ହନୁମାନ କ୍ରିକେଟ କ୍ଲବ,ତିଳପଦା ସହ ସମାଧି ମହାପୁରୁଷ କ୍ରିକେଟ କ୍ଲବ,ଶାଳପଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ତିଳପଦା ପ୍ରଥମେ ଟସ୍ ଜିତି ନିର୍ଦ୍ଧାରିତ ୧୦ ଓଭରରୁ ୯.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୬୯ ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ପ୍ରଶାନ୍ତ କୁମାର ସାହୁ ୨୧ ରନ ସଂଗ୍ରହ କରିଥିଲେ। ଜବାବ୍‌ରେ ଶାଳପଡା ୮ ଓଭରରେ ୧ ଉଇକେଟ୍ ହରାଇ ୭୦ ରନ କରି ଚାମ୍ପିୟନ ହୋଇଥିଲା । ଦଳ ପକ୍ଷରୁ ଭଞ୍ଜନ ଦେହୁରୀ ୫୧ ରନ ସଂଗ୍ରହ କରିଥିଲେ ।



ଅତିଥିଙ୍କ ଗହଣରେ ବିଜୟୀ ଦଳର ଖେଳାଳି ।

ଅମ୍ପାୟାର ଭାବେ ସରୋଜ ବରାଳ ଓ ରୁଦ୍ର ନାରାୟଣ ଦେହୁରୀ ପରିଚାଳନା କରିଥିଲେ । ସବ୍ୟସାଚୀ ମହାନ୍ତି ଓ ବିକାଶ ଶତପଥୀ ସ୍କୋରର ଏବଂ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି ଓ ଜଗନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶାଳପଡା ପଞ୍ଚାୟତର ସରପଞ୍ଚ ନମିତା ରାଉତ,ବିଶିଷ୍ଟ ଅତିଥି ଭାବେ ଶାଳପଡା ପଞ୍ଚାୟତର ସମିତି ସଭ୍ୟା ଗୀତାଞ୍ଜଳି ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ବୁଲୁ ବେହେରା,ଯୁବ ସାମାଜିକ କର୍ମୀ ମହେନ୍ଦ୍ର କୁମାର ରାଉତ, ଅଜୟ କୁମାର ମହାନ୍ତି,ସୁରେଶ ଚନ୍ଦ୍ର ସାହୁ,ଅଜୟ କୁମାର ସାହୁ,ୱାର୍ଡ ସଭ୍ୟ ଧ୍ରୁବ ଚନ୍ଦ୍ର ପାତ୍ର, ମିଲୁ ମଲ୍ଲିକ, ୱାର୍ଡ ସଭ୍ୟା ମନିତା ମଲ୍ଲିକ ଓ ସୁଜାତା ବେହେରା ପ୍ରମୁଖ ଯୋଗଦେଇ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ସିରିଜ୍ ଭାବେ ଭଞ୍ଜନ ଦେହୁରୀଙ୍କୁ ସମ୍ମାନିତ କରିଥିଲେ । ଏଥିସହିତ ଚାମ୍ପିୟନ ଓ ରନର୍ସ ଅଫ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବରିଷ୍ଠ ସାମାଜିକ କର୍ମୀ କ୍ଷମାନିଧି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଟସିଂହାପୁର ଚାମ୍ପିୟନ

**ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ**

କାଏମା,୨୩।୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ମହିଶରା ପଞ୍ଚାୟତର ଗୋବରେଶ୍ୱର ପଡ଼ିଆରେ ଚାଲିଥିବା ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ହାଟସିଂହାପୁର ଟିମ୍ ଚାମ୍ପିୟନ ହୋଇଛି । ଏହି ଟୁର୍ନାମେଣ୍ଟ ଗତ ୨୧ ଓ ୨୨ ତାରିଖ ୨ ଦିନ ଧରି ଚାଲିଥିଲା । ଏଥିରେ ୧୨ଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ପ୍ରଥମ ଗ୍ରୁପରୁ କେନ୍ଦ୍ରାପଡ଼ା ଓ ଦ୍ୱିତୀୟ ଗ୍ରୁପରୁ ହାଟ ସିଂହାପୁର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲେ । ଶେଷରେ ହାଟସିଙ୍ଘାପୁର ଚାମ୍ପିୟନ୍ ହୋଇଛି । ସୁବ୍ରତ କର, ମନୋଜ ପଣ୍ଡା ଓ ବୃନ୍ଦାବନ ମହାରଣା ରେଫେରୀ ଦାୟିତ୍ୱ ତୁଲାଇଥିଲେ । ମୁଖ୍ୟଅତିଥି ଭାବେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ, ସମ୍ମାନୀତ ଅତିଥି ଖବରଦାତା ସୁବ୍ରତ କୁମାର ମଲିକ ଓ ସରପଞ୍ଚ ରବିନ୍ଦ୍ରନାଥ ସେଠୀ ଯୋଗଦେଇଥିଲେ। ସ୍ଥାନୀୟ ଅତିଥି ଭାବେ ମଧୁସୂଦନ ବେହେରା ଓ ଶିକ୍ଷକ ସଞ୍ଜୟ ସାହୁ ଯୋଗଦେଇ ଖେଳାଳୀମାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ । ଯୁବକ ସଂଘର ସମସ୍ତ ସଦସ୍ୟ ଏଥିରେ ସହଯୋଗ କରିଥିଲେ ।



ଅତିଥିଙ୍କ ଗହଣରେ ଖେଳାଳିମାନେ ।

# ନାହିଁ ନାହିଁରେ ଚାଲିଛି ବଡ଼ଚଣାର ସରକାରୀ କାର୍ଯ୍ୟାଳୟ

ଚଣ୍ଡିଖୋଲ,୨୩।୧(ଡି.ଏନ୍.ଏ.)

ବଡଚଣାର ବହୁ ସରକାରୀ ଦପ୍ତରରେ ମୁଖ୍ୟମାନେ ନାହାନ୍ତି । ଯେଉଁଥି ପାଇଁ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି । ସେଥିପାଇଁ ସାଧାରଣ ଲୋକ ଆଉ ସରକାରୀ କାର୍ଯ୍ୟାଳୟକୁ ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଗତ ୨ ମାସ ହେଲା ବଡ଼ଚଣା ବ୍ଲକରେ ବିଡିଓ ନାହାନ୍ତି। ପୂର୍ବ ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ବଦଳି ହେବା ପରେ ତାଙ୍କ ସ୍ଥାନରେ ଅନ୍ୟ କାହାକୁ ନିଯୁକ୍ତି ନ ଦେଇ ଧର୍ମଶାଳା ବିଡିଓଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ତେବେ ଗତ ୧୮ଦିନ ତଳେ ରାଜନଗର ବ୍ଲକ ବିଡିଓଙ୍କୁ ଏଠାକୁ ବଦଳି କରାଯାଇଥିଲେ ମଧ ସେ ଆଜି ପର୍ଯ୍ୟନ୍ତ ଆସି ଯୋଗ ଦେଇ ନାହାନ୍ତି । ସେହିଭଳି ବଡ଼ଚଣା ସବ୍‌ରେଜିଷ୍ଟରଙ୍କ ୨ ମାସ ତଳୁ ବଦଳି ହୋଇଥିଲେ ମଧ ତାଙ୍କ ସ୍ଥାନରେ କେହି ନିଯୁକ୍ତି ପାଇ ନାହାନ୍ତି । ଦର୍ପଣ ତହସିଲର ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଅତିରିକ୍ତ ଦାୟିତ୍ୱ ସମ୍ଭାଳିଛନ୍ତି । ବଡଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକଙ୍କୁ ହାଜତ ମୃତ୍ୟୁ ମାମଲାରେ ଜିଲା ମୁଖ୍ୟ ଦପ୍ତରକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ କେହି ନିଯୁକ୍ତି ପାଇନାହାନ୍ତି । ଜଣେ ଏସ୍‌ଆଇ ଏବେ ଥାନା ସମ୍ଭାଳିଛନ୍ତି । ସେହିଭଳି ଯାଜପୁର ଜିଲାର ଏକମାତ୍ର ଟ୍ରାଫିକ ଥାନା ଚଣ୍ଡିଖୋଲରେ ଥିବା ବେଳେ ଟ୍ରାଫିକ ଥାନା ଅଧିକାରୀ ପଦବୀ ୨ ମାସ ହେବ ଖାଲି ପଡ଼ିଛି । ଏ ପର୍ଯ୍ୟନ୍ତ କେହି ନିଯୁକ୍ତି ପାଇ ନାହାନ୍ତି । ମୁଖ୍ୟ ଦପ୍ତରର ମୁଖ୍ୟ ପଦବୀ ଖାଲି ପଡିଥିଲା ବେଳେ ଅନ୍ୟାନ୍ୟ ବହୁ ପଦବୀ ଫାଙ୍କା ପଡିଥିବା ଦେଖିବାକୁ ମିଳିଛି । ଉପରୋକ୍ତ ପଦବୀ କେବେ ପୂରଣ କରାଯିବ ସେଥିପାଇଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ନରହରି ଅସହାୟଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଉଦ୍ୟମ ଜାରି ରଖିଥିଲେ

ଧର୍ମଶାଳା,୨୨।୧ (ଡି.ଏନ୍.ଏ.)

ଧର୍ମଶାଳା ପ୍ରେସକ୍ଲବର ଦିବଙ୍ଗତ ଆଜୀବନ ସଭାପତି ତଥା ସ୍ୱାଧିନତା ସଂଗ୍ରାମୀ ନରହରି ମହାନ୍ତିଙ୍କ ୧୪ତମ ପୁଣ୍ୟ ତିଥି ପ୍ରେସକ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରେସକ୍ଲବର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିଶୁ ସାହିତ୍ୟର ସ୍ରଷ୍ଟା ବଟକୃଷ୍ଣ ଓଝା, ବରିଷ୍ଠ ଖବରଦାତା କୃଷ୍ଣ ଚନ୍ଦ୍ର ସାମଲ, ବିଶ୍ୱନାଥ ସାମଲ, ମହେଶ୍ୱର ବଳ ପ୍ରମୁଖ ଯୋଗଦେଇ ଦିବଙ୍ଗତ ସଭାପତି ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ସ୍ୱର୍ଗତ ମହାନ୍ତି ଜଣେ ନିର୍ଭିକ ସମ୍ବାଦିକ ଥିଲେ । ସେ ଦଳିତ ଓ ଅସହାୟଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଉଦ୍ୟମ ଜାରି ରଖିଥିଲେ। ସେ ଦାରିଦ୍ର୍ୟତା ମଧ୍ୟରେ ଜୀବନ ଅତିବାହିତ କରିଥିଲେ ମଧ୍ୟ ସାମ୍ବାଦିକତା କ୍ଷେତ୍ରରେ ସାଲିସ କରି ନ ଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ ।




ପ୍ରେସକ୍ଲବ ସଭାପତିଙ୍କ ସ୍ମୃତିସଭାରେ ମଞ୍ଚାସୀନ ଅତିଥି ।

ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ରବି ଲାବଣ୍ୟ, ଅବସର ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ଡ. ପ୍ରିୟନାଥ ମହାପାତ୍ର, ସଂଗ୍ରାମଜେନା, ଡ. ପ୍ରଶାନ୍ତ ସ୍ୱାଇଁ, ଦଳିତ ନେତା ହରିହର ମଲିକ, ପ୍ରେସକ୍ଲବ ଉପଦେଷ୍ଟା ବଟକୃଷ୍ଣ ପରିଡା ସ୍ୱର୍ଗତ ମହାନ୍ତିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣ ଚନ୍ଦ୍ର ଶତପଥୀ, ସୀତାକାନ୍ତ ସାମଲ ଅତିଥିଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ମାନସ ରଞ୍ଜନ ଜେନା ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ । ପ୍ରେସ କ୍ଲବର ସଙ୍ଗଠନ ସମ୍ପାଦକ ପ୍ରଶାନ୍ତ ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜାତୀୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା

**ଅଂଶ ଗ୍ରହଣ କଲେ ୧୬ ବିଦ୍ୟାଳୟର ୧ଶହ ପ୍ରତିଯୋଗୀ**

ଯାଜପୁରରୋଡ,୨୩।୧(ଡି.ଏନ.ଏ.)

ଯାଜପୁର ଜିଲା ବ୍ୟାସନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ସୋମବାର ଏକ ଜାତୀୟସ୍ତରୀୟ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ୫ଶହ କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରୁ ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ର ଭାବେ ଗ୍ରହଣ କରାଯାଇଛି। ଏହି ବିଦ୍ୟାଳୟରେ ଜାତୀୟସ୍ତରୀୟ ଆନ୍ତଃ ବିଦ୍ୟାଳୟ ପ୍ରତିଯୋଗିତା ଆୟୋଜନ କରାଯାଇଛି। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀକୁ ସମଗ୍ର ଭାରତବର୍ଷରେ ପରାକ୍ରମ ଦିବସ ଭାବେ ପାଳନ କରାଯାଉଛି । ଏହି କ୍ରମରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱରଚିତ ପରୀକ୍ଷା ଯୋଦ୍ଧା ପୁସ୍ତକ ଉପରେ ଆଧାରିତ ଚିତ୍ରକଳା ପ୍ରଦର୍ଶିତ ହେବା ସହ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ୧ଶହ ବିଦ୍ୟାର୍ଥୀ ଅଂଶଗ୍ରହଣ କରିଥିଲେ। ଯାଜପୁର ରୋଡ, କୋରେଇ ଓ ଦାନଗଦୀ ବ୍ଲକ ଅଞ୍ଚଳରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ୧ ଓ ୨, ଆଦର୍ଶ ବିଦ୍ୟାଳୟ କୋରେଇ ଓ ଦାନଗଦୀ, ଏକଲବ୍ୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ଏନ.ସି.ହାଇସ୍କୁଲ, ଗ୍ଲୋରିୟସ୍ ଇଂଲିଶ ମିଡିଅମ ସ୍କୁଲ, ଶଶିଭୂଷଣ ହାଇସ୍କୁଲ, ଦେବ ଇଣ୍ଟରନ୍ୟାଶନାଲ, କ୍ରୋମ ବିଦ୍ୟାପୀଠ, ଚୋରଦା ହାଇସ୍କୁଲ, ଧବଳଗିରି ହାଇସ୍କୁଲ, ସରସ୍ୱତୀ ବିଦ୍ୟା ମନ୍ଦିର ଭଳି ୧୬ଟି ପ୍ରତିଷ୍ଠିତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ । ଶିକ୍ଷକ ଅନୀଲ କୁମାର ଧଳ, ପୁଷ୍ପାଞ୍ଜଳି ସ୍ୱାଇଁ ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କ କାଳକୃତିକୁ ମୂଲାୟନ କରିଥିଲେ । ବିଦ୍ୟାଳୟର ପ୍ରାଚାର୍ଯ୍ୟ ସିଦ୍ଧାର୍ଥ ଚନ୍ଦନ ପଟ୍ଟନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସିମନ୍ତିନୀ ମିଶ୍ର, କମଳେଶ ତାଲାକୋଟି କାର୍ଯ୍ୟକ୍ରମକୁ ସଂଯୋଜନା ଓ ସଞ୍ଚାଳନା କରିଥିଲେ । ଏହି ପ୍ରତିଯୋଗିତାରେ ୫ଜଣ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହାଛଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗିମାନଙ୍କୁ ପ୍ରମାଣପତ୍ର ସହ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ରଚିତ ପୁସ୍ତକ ପରୀକ୍ଷା ଯୋଦ୍ଧା ପ୍ରଦାନ କରାଯାଇଥିଲା।




ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀମାନେ ନିଜର ଚିତ୍ରକଳା ପ୍ରଦର୍ଶନ କରୁଛନ୍ତି ।

## ସଂକ୍ଷେପରେ

### ସତ୍ୟସାଇ ବିଦ୍ୟା ବିହାର ପକ୍ଷରୁ ମନ୍ଦିର ସଫେଇ

ଆଳି,୨୩।୧(ଡି.ଏନ.ଏ.): ଆଳିର ଆରାଧ ଠାକୁର ଶ୍ରୀ ଶ୍ରୀ ଲକ୍ଷ୍ମୀବରାହ ଜୀଉଙ୍କ ବରାହଦ୍ୱାଦଶୀ ଉପଲକ୍ଷେ ମନ୍ଦିର ପରିସରକୁ ଆଳି ସତ୍ୟସାଇ ବିଦ୍ୟାବିହାର ପକ୍ଷରୁ ସଫେଇ କରାଯାଇଛି। ରବିବାର ଆଳି ସତ୍ୟସାଇ ବିଦ୍ୟାବିହାରର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ସଭ୍ୟମାନେ ପହଞ୍ଚି ମନ୍ଦିର ସଫେଇ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ମଲ୍ଲିକ, ଗଙ୍ଗାଧର ଦାସ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବରାହ ପାତ୍ର ପରିଚାଳନା କରିଥିଲେ। ବିଦ୍ୟାବିହାର ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟକୁ ମନ୍ଦିର ପୂଜକମାନଙ୍କ ସହ ଲୋକମାନେ ପ୍ରଶଂସା କରିଛନ୍ତି।

### ଶିକ୍ଷାନୁଷ୍ଠାନରେ ନେତାଜୀ ଜୟନ୍ତୀ

ରାଜନଗର,୨୩।୧(ଡି.ଏନ.ଏ.): ଦେଶ ସ୍ୱାଧୀନତା ସଂଗ୍ରାମର ୨ ମହାନାୟକ ବୀର ସୁରେନ୍ଦ୍ର ସାଏ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ରାଜନଗର ହାଇସ୍କୁଲ ଛାତ୍ରୀଛାତ୍ରୀଙ୍କ ପକ୍ଷରୁ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ଯୋଗଦେଇ ଦେଶର ୨ ବୀରପୁତ୍ରଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୨ ମହାପୁରୁଷଙ୍କ ଜୀବନୀ ଉପରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ନେତାଜୀ ଓ ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ. ବିକ୍ରମାଦିତ୍ୟ ଦାସ, ଡ. ଘନଶ୍ୟାମ ମିଶ୍ର ପ୍ରମୁଖ ଉପସ୍ଥିତ ରହି ମହାପୁରୁଷଙ୍କ ଜୀବନଗାଥା ଉପରେ ଆଲୋଚନା କରିଥିଲେ। ରାଜନଗର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ୨ ମହାପୁରୁଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଗୋପୀନାଥ ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷକ ପ୍ରେମାନନ୍ଦ ସେଠୀ, ଦେବସ୍ମିତା ମହାନ୍ତି, ପ୍ରମୁଖ ଯୋଗ ଦେଇଥିଲେ।

### ନେତାଜୀ, ସାଏଙ୍କ ଜୟନ୍ତୀ

ଡେରାବିଶ,୨୩।୧(ସ୍ୱ.ପ୍ର.): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଧୀନ ବଳଭଦ୍ରପୁରଠାରେ ସୋମବାର ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନେତାଜୀ ସେବା ସାଂସ୍କୃତିକ ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ସଙ୍ଗଠନ ସଭାପତି ଅନନ୍ତ କିଶୋର ଭୂୟାଁ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାଧାପକ ଅଜୟ କୁମାର ରାଉତ, ମୁଖ୍ୟବକ୍ତା ଭାବେ ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ, ଆଇନଜୀବୀ ପ୍ରଦୀପ ଦାଶ ଯୋଗଦେଇ ନେତାଜୀ ଓ ସାଏଙ୍କ ଦେଶମାତୃକା ପ୍ରତି ଥିବା ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥି ଭାବେ ପୂର୍ବତନ ସରପଞ୍ଚ ବିପିନ ବିହାରୀ ସାହୁ, ଝରି ପ୍ରଧାନ, ଗୌରାଙ୍ଗ ଚନ୍ଦ୍ର ସାହୁ ଓ ହରେକୃଷ୍ଣ ମହାନ୍ତି ଯୋଗଦେଇଥିଲେ। ସୁରେନ୍ଦ୍ର କୁମାର ବରାଳ ଅତିଥି ପରିଚୟ ଓ ସଙ୍ଗଠନ ସମ୍ପାଦକ ବସନ୍ତ କୁମାର ପଲେଇ ଧନ୍ୟବାଦ ଦେଇଥିଲେ।

### ଆର୍ତ୍ତେଶ୍ୱରଙ୍କ ପୀଠ ଉତ୍ସବମୁଖର

ଡେରାବିଶ ୨୩।୧(ସ୍ୱ.ପ୍ର.): ତ୍ରିବେଣୀ ଅମାବାସ୍ୟା ତିଥିରେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତର ଜଗନ୍ନାଥପୁରସ୍ଥିତ ଆର୍ତ୍ତେଶ୍ୱର ମନ୍ଦିର ବେଢ଼ାରେ ଶନିବାରଠାରୁ ଆରମ୍ଭ ହୋଇଥିବା ତ୍ରିବେଣୀ ମେଳା ଓ ରୁଦ୍ରଶାନ୍ତି ମହାଯଜ୍ଞର ସୋମବାର ତୃତୀୟ ସନ୍ଧ୍ୟା ଥିଲା। ବହୁ ପ୍ରାଚୀନ ଏହି ମେଳାରେ ସନ୍ଧ୍ୟାରେ ପ୍ରବଳ ଜନଗହଳି ଦେଖିବାକୁ ମିଳିଛି। ସାଂସ୍କୃତିକ କାର୍ଯ୍ୟକ୍ରମ ମେଳା ପରିସରକୁ ଉତ୍ସବମୁଖର କରିଛି। ଚଳିତ ବର୍ଷ ମେଳାରେ ବିଭିନ୍ନ ଘରକରଣା ସାମଗ୍ରୀ ସହ ଠୁଙ୍କାପୁରି ଓ ଫାଷ୍ଟଫୁଡ୍ ଦୋକାନରେ ପ୍ରବଳ ଗହଳି ଲାଗି ରହିଛି। ଏହି ମେଳା ବୁଧବାର ଶେଷ ହେବାକୁ ଥିବା ବେଳେ ଜନଗହଳିକୁ ଦୃଷ୍ଟିରେ ରଖି ନିକିରେଇ ଥାନା ପକ୍ଷରୁ ଆଇନ ଶୃଙ୍ଖଳା ପରିସ୍ଥିତି ପାଇଁ ପୋଲିସ ବ୍ୟବସ୍ଥା କରାଯାଇଛି। ମେଳାକୁ କମିଟିର ସଭାପତି ଅକ୍ଷୟ କୁମାର ଦାସ, ସମ୍ପାଦକ ନାରାୟଣ ଚନ୍ଦ୍ର ଲେଙ୍କା, ପ୍ରସନ୍ନ କୁମାର ସାହୁ, ଅଭିମନ୍ୟୁ ରାଉତ, ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରୁଛନ୍ତି।

# ବର୍ଷ ବର୍ଷ ଧରି ଠକାମିର ଶିକାର ବସ୍ ଯାତ୍ରୀ

## ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଭଡ଼ା ଘରୋଇ ବସ୍ ନେଉଛନ୍ତି

ପଟ୍ଟାମୁଣ୍ଡାଇ,୨୩।୧(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲାର ପଟ୍ଟାମୁଣ୍ଡାଇ, ରାଜନଗର, ଆଳି, ଭଦ୍ରକ, ଚାନ୍ଦବାଲି ଓ ରାଜକନିକା ଅଞ୍ଚଳରୁ କଟକକୁ ଯାଉଥିବା ବସ୍ ଯାତ୍ରୀମାନେ ବର୍ଷ ବର୍ଷ ଧରି ଠକାମିର ଶିକାର ହେବାକୁ ପଡ଼ୁଛି। ସାଧାରଣ ଯାତ୍ରୀମାନେ ଏହି ଠକେଇର ସୁରାକ ପାଉ ନ ଥିବା ବେଳେ ଘରୋଇ ବସ୍‌ଗୁଡିକ ଚଞ୍ଚକତା କରି ଯାତ୍ରୀମାନଙ୍କୁ ଚତୁରତାର ସହ ଠକୁଥିବା ଜଣାପଡ଼ିଛି। ଖାଲି ସେତିକି ନୁହେଁ, କଟକରୁ ଉପରୋକ୍ତ ଅଞ୍ଚଳକୁ ଆସୁଥିବା ଯାତ୍ରୀମାନେ ମଧ୍ୟ ଅନୁରୂପ ଭାବେ ଠକାମିର ଶିକାର ହେଉଛନ୍ତି। ସରକାରୀ ଭାବେ ପଟ୍ଟାମୁଣ୍ଡାଇରୁ କଟକକୁ ୭୬ କି.ମି. ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତାପାର୍ଶ୍ୱରେ ବୋର୍ଡ ଲଗାଯାଇଛି। କିନ୍ତୁ ଘରୋଇ ବସ୍‌ଗୁଡିକ କଟକକୁ ୮୮ କି.ମି. ଦର୍ଶାଇ ଯାତ୍ରୀମାନଙ୍କଠାରୁ ୧୨ କି.ମି.ର ଅଧିକ ଭଡ଼ା ବାବଦରେ ଟଙ୍କା ଲୁଟ୍ କରି ଚାଲିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୂର୍ବରୁ କଟକ ଚାନ୍ଦିନଚୌକରେ ବସ୍‌ଷ୍ଟାଣ୍ଡ ଥିବାରୁ ପଟ୍ଟାମୁଣ୍ଡାଇରୁ ଯାଉଥିବା ଯାତ୍ରୀମାନଙ୍କଠାରୁ ୮୮ କି.ମି . ରାସ୍ତାର ବସ୍ ଭଡା ନିଆଯାଉଥିଲା। ତେବେ ବହୁବର୍ଷ ପୂର୍ବରୁ ବାଦାମବାଡ଼ିଠାରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇ ସାରିଥିବା ବେଳେ ପଟ୍ଟାମୁଣ୍ଡାଇ କଟକକୁ ୭୬ କି.ମି. ରାସ୍ତା ଯିବାକୁ ପଡୁଥିଲେ ହେଁ ପୂର୍ବ ନିର୍ଦ୍ଧାରିତ ୮୮ କି.ମି. ରାସ୍ତାର ପଇସା ଯାତ୍ରୀମାନଙ୍କଠାରୁ ନିଆଯାଉଛି। ବର୍ତ୍ତମାନ ତେଲ ମୂଲ୍ୟ ବୃଦ୍ଧି ପାଇଥିବାରୁ ପୂର୍ବ ନିର୍ଦ୍ଧାରିତ ବସ୍ ଭଡ଼ାକୁ ବଢ଼ାଇ ଦିଆଯାଇଛି। ପୂର୍ବରୁ ଅର୍ଡିନାରି ବସ୍ ୧ କି.ମି. ପିଛା ୯୦ ପଇସା ଥିବା ବେଳେ ବର୍ଦ୍ଧିତ ବସ୍‌ଭଡା ଅନୁଯାୟୀ ଏହା ୯୨ ପଇସା ହୋଇଛି। ସେହିପରି ଏକ୍ସପ୍ରେସ ବସ୍ ଭଡ଼ା ପୂର୍ବରୁ ୧ କି.ମି. ପିଛା ୯୪ ପଇସା ଥିବା ବେଳେ ବର୍ଦ୍ଧିତ ଭଡା ଅନୁଯାୟୀ ୯୬ ପଇସା ହୋଇଛି। ଡିଲକ୍ସ ବସ୍ ଭଡ଼ା ପୂର୍ବରୁ ୧ କି.ମି. ପିଛା ୧.୩୧ ପଇସା ଥିବାବେଳେ ଏବେ ୧.୩୫ ପଇସା କରାଯାଇଛି। ଏସ୍‌ସି ଡିଲକ୍ସ ବସ୍ ୧ କି.ମି .ପିଛା ବର୍ଦ୍ଧିତ ଭଡ଼ା ଅନୁଯାୟୀ ଏହା ୧.୬୩ ପଇସାକୁ ବୃଦ୍ଧି ହୋଇଛି। ତଦନୁଯାୟୀ ପଟ୍ଟାମୁଣ୍ଡାଇରୁ କଟକକୁ ଯାଉଥିବା ଯାତ୍ରୀମାନେ ୮୮ କି.ମି. ରାସ୍ତା ପାଇଁ ଅର୍ଡିନାରି ବସ୍‌ଭଡା ପୂର୍ବରୁ ୭୯.୨୦ ପଇସା ଦେଉଥିବା ବେଳେ ବର୍ତ୍ତମାନ ୮୦.୯୬ ପଇସା ଭଡ଼ା ଦେବା କଥା। ମାତ୍ର ଏବେ ବସ କଣ୍ଡକ୍ଟର ସାଧାରଣ ଯାତ୍ରୀଙ୍କ ପାଖରୁ ୧୨୦ ଟଙ୍କା ନେଉଛନ୍ତି। ସେହିଭଳି ଏକ୍ସପ୍ରେସ୍ ବସ୍ ଭଡ଼ା ମଧ୍ୟ ପୂର୍ବରୁ ୮୨.୭୨ ପଇସା ଥିବାବେଳେ ବର୍ତ୍ତମାନ ୮୪. ୪୮ ପଇସା ନେବା କଥା ମାତ୍ର ୧୫୦ ଟଙ୍କା ଯାତ୍ରୀଙ୍କ ପାଖରୁ ନେଉଛନ୍ତି। ସେହିପରି ଡିଲକ୍ସ ଓ ଏସସି ଡିଲକ୍ସ ବସ୍ ଭଡ଼ା କଥା ନ କହିବା ଭଲ। ପଟ୍ଟାମୁଣ୍ଡାଇରୁ କଟକକୁ ଦୂରତ୍ୱ ୭୬ କି.ମି. ହୋଇଥିବା ବେଳେ ପଟ୍ଟାମୁଣ୍ଡାଇରୁ ରାଜନଗରକୁ ୨୦ କି.ମି., ଆଳିକୁ ୧୬ କି.ମି., ରାଜକନିକାକୁ ୨୪ କି.ମି., ଭିତରକନିକାକୁ ୫୯ କି.ମି .ଓ ଚାନ୍ଦବାଲିକୁ ୩୦ କି.ମି. ଦୂରତ୍ୱ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ଦର୍ଶାଯାଇଛି। ଜିଲା ପ୍ରଶାସନ, ପରିବହନ କମିଶନର ତଥା ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଆର୍‌ଟିଓ ଧୀରେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରୁ ଏ ନେଇ ମୋ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ଏ ବିଷୟରେ ବସ୍ ଆସୋସିଏଶନ ସହ କଥା ହେବେ ବୋଲି ସେ କହିଛନ୍ତି।



ପଟ୍ଟାମୁଣ୍ଡାଇରୁ କଟକ ଯାଉଥିବା ଘରୋଇ ବସ।

# ବହୁ ନକଲି ପାଣି ବିଶୋଧନ ଯନ୍ତ୍ର ଜବତ,୨ ଗିରଫ


ଜବତ ପାଣି ବିଶୋଧନ ଯନ୍ତ୍ର ସହ ଗାଡି ଓ ଗିରଫ ୨ ଅଭିଯୁକ୍ତ।

ମାର୍ଶାଘାଇ,୨୩।୧(ଡି.ଏନ.ଏ.)

ପାଣି ବିଶୋଧନ ଯନ୍ତ୍ର ପ୍ରସ୍ତୁତି କରୁଥିବା କମ୍ପାନୀ ଆକୱା ପାରେଣ୍ଟ ୟୁରିକା ନାମରେ ନକଲ କରି ଏହାକୁ ବିକ୍ରି କରୁଥିବା ଅଭିଯୋଗରେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ପୋଲିସ ୨ଜଣଙ୍କୁ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି। ଉକ୍ତ କମ୍ପାନୀରେ କାମ କରୁଥିବା ଅନୁଗୋଳ ଜିଲା ଆଦର୍ଶ ଥାନା ଅନ୍ତର୍ଗତ ରାଧାରମଣପଡ଼ାର ମନୋଜ ନାଥ ଗତ ୧୬ ତାରିଖରେ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ କମ୍ପାନୀର ଲୋଗୋକୁ ଜାଲ୍ କରି କେତେଜଣ ଲୋକ ପାଣି ବିଶୋଧନ ଯନ୍ତ୍ରକୁ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରୁଛନ୍ତି। ସେଥିରୁ ବାହାରୁଥିବା ପାଣି ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହେବା ସହ କମ୍ପାନୀର ସୁନାମରେ ଆଞ୍ଚ ଆଣୁଛି। ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା ଯେ, କଟକରେ ଏକ ଗୋଦାମରୁ ଏହା ଅପରେଟ ହେଉଛି। ମାର୍ଶାଘାଇ ପୋଲିସ ବାଦାମବାଡ଼ି ପୋଲିସ ସହାୟତାରେ ରବିବାର ଓ ସୋମବାର ହାଇକୋର୍ଟ କଲୋନିରେ ଥିବା ମନୋରମା ଟ୍ରେଡର୍ସ ଉପରେ ଚଢ଼ାଉ କରି ସେଠାରୁ ବିପୁଳ ପରିମାଣର ନକଲି ପାଣି ବିଶୋଧନ ଯନ୍ତ୍ର ଜବତ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ୨ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅନ୍ତର୍ଗତ ମଝିକୋରା ଗାଁର ପ୍ରଦୀପ୍ତ ମଲ୍ଲିକ ଓ ଦିଲୀପ ମଲ୍ଲିକ। ଏ ନେଇ ଥାନାରେ କପି ରାଇଟ୍ ଆକ୍ଟ ୧୦୩, ୧୦୪ରେ ନଂ. ୨୮/୨୩ରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଛାତ୍ର ସୁରକ୍ଷିତ ହେଲେ ଦେଶ ଆଗକୁ ବଢ଼ିବ


ନେତାଜୀ, ସାଏଙ୍କ ଜୟନ୍ତୀ ଅବସରରେ ରାଜନଗରରୁକ ବାହାରିଥିବା ଶୋଭାଯାତ୍ରା।

ରାଜନଗର,୨୩।୧(ଡି.ଏନ.ଏ.)

## ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ଓଡ଼ିଶାରେ ଜନ୍ମଗ୍ରହଣ କରିଥିବା ସ୍ୱାଧୀନତା ସଂଗ୍ରାମର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ସୋମବାର ରାଜନଗର ମାଟିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଦୀର୍ଘ ୩ କିମି ଧରି ୨ ମହାପୁରୁଷ ଓ ଭାରତ ମାତାଙ୍କ ଫଟୋ ଚିତ୍ରକୁ ସୁସଜ୍ଜିତ ଖୋଲା ଜିପ୍‌ରେ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ମହିଳାଙ୍କ ଗହଣରେ ଶୋଭାଯାତ୍ରାରେ ନିଆଯାଇଛି। ରାଜନଗର ବଡଦାଣ୍ଡରୁ ବାହାରିଥିବା ୨ ମହାପୁରୁଷଙ୍କ ଶୋଭାଯାତ୍ରା ରାଜନଗର ଗାଁ ଓ ବଜାର ପରିକ୍ରମା କରି ଦେବୀମଣ୍ଡପ ଛକରେ ପହଞ୍ଚି ଥିଲା। ରାଜନଗରରେ ଏପରି କାର୍ଯ୍ୟକ୍ରମ ପ୍ରଥମଥର ପାଇଁ କରାଯାଇଛି। ରାଜନଗର ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜନଗର ଦେବୀମଣ୍ଡପ ଛକରେ ଛାତ୍ର ସୁରକ୍ଷା ମଞ୍ଚର ପ୍ରତିଷ୍ଠାତା ଅଧ୍ୟାପକ ସଞ୍ଜୟ କୁମାର ବାଗ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ୨ମହାପୁରୁଷଙ୍କ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଲେଖ ଧର୍ମର ସନ୍ଥ ସୁବ୍ରତ ବାବା ଯୋଗଦେଇ ନେତାଜୀ ଓ ସାଏଙ୍କ ଆଦର୍ଶରେ ଯୁବପିଢି ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷୀକେଶ ରଥ ଯୋଗଦେଇ ଛାତ୍ର ସୁରକ୍ଷିତ ହେଲେ ଦେଶ ଆଗକୁ ବଢିବ। ଯେଉଁମାନେ ଜୀବନରେ ସ୍ୱପ୍ନ ଦେଖନ୍ତି, ତାହା ବୃଦ୍ଧାବସ୍ଥାରେ ନୁହେଁ ଛାତ୍ରାବସ୍ଥାରେ। ତେଣୁ ଆମ ପିଲାମାନେ ଭଲ ମଣିଷ ହେବା ପାଇଁ ଆମକୁ ମହାପୁରୁଷଙ୍କ ଇତିହାସ ପଢି ଆଗକୁ ବଢିବାକୁ ହେବ। ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ପାଶ୍ଚାତ୍ୟ ପ୍ରଭାବରେ ଯୁବ ସମାଜ ଆଜି ଉଚ୍ଛୃଙ୍ଖଳିତ। ଆମ ଦେଶର ଯୁବ ଛାତ୍ରମାନେ ଇତିହାସ ଓ ସମ୍ବିଧାନକୁ ପଢିବାର ଆବଶ୍ୟକତା ରହିଛି ଓ ଅନୁପ୍ରାଣିତ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ମଞ୍ଚର ସମ୍ପାଦକ ଦେବଦତ୍ତ ସେଠୀ ଧନ୍ୟବାଦ ଦେଇଥିଲେ। ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ। ଏଥିରେ କେନ୍ଦ୍ରାପଡ଼ା ଜିଲାପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର, ମହିଁଷାସୁର ସରପଞ୍ଚ ଅଶୋକ କୁମାର ମହାନ୍ତି, ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ଜୟଦୁର୍ଗା ବଣିକ ସଂଘର ସଭାପତି ପଣ୍ଡିତ ଶଙ୍କର୍ଷଣ ମିଶ୍ର ଓ ଅନ୍ୟମାନେ ଯୋଗଦେଇଥିଲେ।

# ମିନି ମାରାଥନରେ ଶହେରୁ ଊର୍ଦ୍ଧ୍ୱ ଯୁବତୀଯୁବକ ସାମିଲ

ରାଜକନିକା, ୨୩।୧ (ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲା ରାଜକନିକା ବ୍ଲକର ତରାସର ଅଗ୍ରଣୀ ଅନୁଷ୍ଠାନ ନେତାଜୀ କ୍ଲବ ପକ୍ଷରୁ ମିନି ମାରାଥନ ଆୟୋଜିତ କରାଯାଇଥିଲା। ଏଥିରେ ରାଜକନିକା ବ୍ୟତିତ ଆଳି, ଚାନ୍ଦବାଲି ଓ ଭଦ୍ରକ ଅଞ୍ଚଳର ୧୦୦ରୁ ଊର୍ଦ୍ଧ୍ୱ ଯୁବତୀଯୁବକ ଭାଗ ନେଇଥିଲେ। ଦୀର୍ଘ ୨୦ କିମି ଦୂର ମାରାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଳି ଅଞ୍ଚଳର ସର୍ବକନିଷ୍ଠ ୭ବର୍ଷର ବାଳିକା ଭାଗ ନେଇଥିବା ଦେଖିବାକୁ ମିଳିଥିଲା ବେଳେ ରାଜକନିକା ଅଞ୍ଚଳର ଅବସରପ୍ରାପ୍ତ ଖେଳ ଶିକ୍ଷକ ଅରୁଣ କୁମାର ବାରିକ୍ ମାରାଥନରେ ଭାଗ ନେଇଥିବା ଦେଖିବାକୁ ମିଳିଥିଲା। ସକାଳ ୮ଟାରେ ଆଳି ପେଟ୍ରୋଲ ପମ୍ପ ନିକଟରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲାପରିଷଦ ସଭ୍ୟ ଭୀଷ୍ମ ମହନ୍ତି, ରାଜକନିକା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ତନ୍ମୟ ରଞ୍ଜନ ଦାସ, ସାଂସଦ ପ୍ରତିନିଧି ବିଚିତ୍ର ରାଉତ, ଆଇନଜୀବୀ ଜୟରାମ ସାହୁ, ଚିନ୍ମୟ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ମାରାଥନକୁ ରାଜକନିକାର ବୈତରଣୀ ସେତୁ ନିକଟରେ ଶେଷ ହୋଇଥିଲା। ମରାଥନରେ ଭଦ୍ରକ ନେହେରୁ ଷ୍ଟାଡିୟମର ଖେଳାଳି ତଥା ଚାନ୍ଦବାଲି ବ୍ଲକର କରଞ୍ଜ ଆଡିଆ ଅଞ୍ଚଳର ଜ୍ୟୋତି ରଞ୍ଜନ ବଳ ୮.୪୭ ମିନିଟରେ ୨୦ କି.ମି. ଅତିକ୍ରମ କରି ନେତାଜୀ ମିନି ମାରାଥନର ଚାମ୍ପିୟନ ହୋଇଛନ୍ତି। ଏହି ପ୍ରତିପ୍ରେକ୍ଷୀରେ କ୍ଲବର ବରିଷ୍ଠ ସଭ୍ୟ ଶିବପ୍ରସାଦ ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶକ୍ତି, ଶିଳ୍ପ ଓ ଲଘୁଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ସମ୍ମାନିତ ଅତିଥି ଭାବେ ବିକାଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ। କ୍ଲବର ସଭାପତି ବନଜ ବାରିକ, ସମ୍ପାଦକ ସୁଭ୍ରଜିତ ବିଶ୍ୱାଳ, ଶିବପ୍ରସାଦ ମଲ୍ଲିକ, ସୁଜିତ ଜେନାଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାଲକାଟୀ ପଞ୍ଚାୟତ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ


ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ରମାନେ।

ଆଳି,୨୩।୧(ଡି.ଏନ.ଏ.)

ଆଳି ବ୍ଲକ ଅନ୍ତର୍ଗତ ବାଲକାଟୀ ପଞ୍ଚାୟତ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ସ୍ଥାନୀୟ ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଉତ୍ସବରେ ଜୁନିୟର ଓ ସିନିୟର ବିଭାଗରେ ୧୦୦ ଓ ୨୦୦ ମିଟର ଦୌଡ଼, ଲମ୍ବଡିଆଁ, ଉଚ୍ଚ ଡିଆଁ , ଶଟ୍ ପୁଟ୍, ଡିସ୍‌କସ ଥ୍ରୋ, ପୁଚି, ଦୌଡ଼ିଡିଆଁ, ମ୍ୟୁଜିକ ଚେୟାର, ଗଣିତ ଦୌଡ ଆଦି ବିଭାଗରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସନ୍ତୋଷ ଦାସ ଓ ସହକାରୀ ଶିକ୍ଷକ ବସନ୍ତ ବେହେରାଙ୍କ ସଂଯୋଜନାରେ ସହକାରୀ ଶିକ୍ଷକ ପ୍ରଭାତ ଦାସ, ସତ୍ୟ ନାରାୟଣ ପଣ୍ଡା, ରାଜେନ୍ଦ୍ର ବେହେରା,ଦୀନବନ୍ଧୁ ମହାଳିକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସୋମବାର ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶାନ୍ତ ନାୟକଙ୍କ ସଂଯୋଜନା ଓ ପ୍ରଧାନ ଶିକ୍ଷକ ରମାକାନ୍ତ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ନାୟକ, ନବକିଶୋର ପରିଡା, ସମିତିସଭ୍ୟ ବିପିନ ବିହାରୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ କ୍ରୀଡାର ଉପକାରିତା ବିଷୟରେ ଉଦ୍‌ବୋଧନ ଦେବା ସହ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର, ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷକ ଅଚ୍ୟୁତାନନ୍ଦ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସନ୍ତୋଷ ଦାସ କ୍ରୀଡା ବିବରଣୀ ପ୍ରଦାନ ଓ ଧନ୍ୟବାଦ ଦେଇଥିଲେ।

# ଧୂମାତ ସେବାଶ୍ରମର ବାର୍ଷିକ କ୍ରୀଡ଼ା ଉତ୍ସବ


ଖେଳରେ ଯୋଗଦେଇଥିବା ବିଦ୍ୟାଳୟର ପିଲାମାନେ।

କେନ୍ଦ୍ରାପଡ଼ା ଅଫିସ,୨୩।୧

କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଧୂମାତ ସେବାଶ୍ରମର ବାର୍ଷିକ କ୍ରୀଡା ଉତ୍ସବ ସୋମବାର ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ସେବାଶ୍ରମର ପ୍ରଧାନ ଶିକ୍ଷୟିତ୍ରୀ ରୋସ୍ନାବାଳା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଜିଲା ମଙ୍ଗଳ ଅଧିକାରୀ ସୁଶ୍ରୀ ମମତା ପରିଡା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ପୁଚି, ଫୁଟବଲ, ଭଲିବଲ, କବାଡି ପ୍ରଭୃତି ଖେଳ ହେବା ସହ କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୫ ତାରିଖରେ ପୁରସ୍କାର ପ୍ରଦାନ କରାଯିବ। ତଫସିଲଭୁକ୍ତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପକ୍ଷରୁ ବାର୍ଷିକ କ୍ରୀଡା ଉତ୍ସବ ଆୟୋଜନ କରିବା ଓ କ୍ରୀଡା ଉପକରଣମାନ କିଣିବା ନିମନ୍ତେ ଆର୍ଥିକ ଅନୁଦାନ ପ୍ରଦାନ କରାଯାଉଛି। କେନ୍ଦ୍ରାପଡ଼ା ବ୍ଲକ ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଚନ୍ଦ୍ରକାନ୍ତୀ ବେହେରାଙ୍କ ଉପସ୍ଥିତିରେ କ୍ରୟ କରାଯାଇଥିବା ସୂଚନା ଦିଆଯାଇଛି। ସେବାଶ୍ରମର ଶିକ୍ଷୟିତ୍ରୀ ମଞ୍ଜୁଲତା ବେହେରା, ଶିକ୍ଷକ ବିଭୂତି ଭୂଷଣ ମହାନ୍ତି,ମାଟ୍ରନ ସୁଜାତା ଭୂୟାଁ, ମମତା ଖୁଣ୍ଟିଆ ପ୍ରମୁଖ କ୍ରୀଡା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।

# ଗାନ୍ଧିଜୀ, ନେତାଜୀଙ୍କ ଉଦ୍ଦେଶ୍ୟ ଏକ, ମାର୍ଗ ଭିନ୍ନ

କେନ୍ଦ୍ରାପଡ଼ା ଅଫିସ, ୨୩।୧



ମେଳାରେ ମଞ୍ଚାସୀନ ଅତିଥିମାନେ।

## ପୁସ୍ତକ ମେଳାର ଦ୍ୱିତୀୟ ସନ୍ଧ୍ୟା

ସହରର ମହିପାଳ ଟେଲିକମ୍ ଗ୍ରାଉଣ୍ଡଠାରେ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ପକ୍ଷରୁ ବିଂଶତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା ଆୟୋଜିତ ହେଉଛି। ଏହାର ଦ୍ୱିତୀୟ ସନ୍ଧ୍ୟାରେ ରାଷ୍ଟ୍ର ଚେତନାରେ ମହାତ୍ମା ଗାନ୍ଧୀ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସୋମବାର ଆୟୋଜିତ ଆଲୋଚନାଚକ୍ରକୁ ଶିକ୍ଷାବିତ୍ ନଳିନୀକାନ୍ତ ତ୍ରିପାଠୀ ସଂଯୋଜନା କରିଥିଲେ। ଡ. ବିଶ୍ୱଜିତ, ପ୍ରଭାସ ଦାସ, ମିହିର ପ୍ରତାପ ଦାସ, ଜ୍ଞାନରଞ୍ଜନ ସାମନ୍ତରାୟ, ମାନସ ପଟ୍ଟନାୟକ ଓ ଅମିୟ ପାଣ୍ଡବ ଆଲୋଚକ ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ ଯେ, ଦେଶର ସ୍ୱାଧୀନତା ପାଇଁ ଗାନ୍ଧିଜୀ ଓ ନେତାଜୀ ନେତୃତ୍ୱ ନେଇଥିଲେ। ତେବେ ସେମାନଙ୍କର ମାର୍ଗ ଭିନ୍ନ ଥିଲା। ଗାନ୍ଧିଜୀଙ୍କ ନୀତି ସମ୍ପୂର୍ଣ୍ଣ ଅହିଂସାତ୍ମକ ଥିବା ବେଳେ ନେତାଜୀଙ୍କ ସଂଗ୍ରାମୀ ଚେତନା ତାଙ୍କୁ ପ୍ରତ୍ୟକ୍ଷ ସଂଗ୍ରାମ ପାଇଁ ଉଦ୍‌ବେଳିତ କରିଥିଲା। ଗାନ୍ଧିଜୀ ପ୍ରଥମେ ବ୍ରିଟିଶ ସରକାରଙ୍କ ବିରୋଧରେ ଯେଉଁ ଯୁବବାହିନୀ ଗଠନ କରିଥିଲେ, ଏହାର ନେତୃତ୍ୱ ନେତାଜୀ ନେଇଥିଲେ। ତେବେ ଗାନ୍ଧିଜୀ ଓ ଗାନ୍ଧିବାଦୀ ନେତାଙ୍କ ସହ ନେତାଜୀଙ୍କ ମତଭେଦ ଓ ମନୋମାଳିନ୍ୟ ଫରୱାର୍ଡ ବ୍ଲକ ଗଠନ ପାଇଁ ବାଟ ଫିଟାଇ ଥିଲା। ନେତାଜୀଙ୍କର ରକ୍ତ ଦିଅ, ସ୍ୱାଧୀନତା ନିଅ ବନାମ ଗାନ୍ଧିଜୀଙ୍କର ଅହିଂସା ନୀତି ଦେଶବାସୀଙ୍କ ପାଇଁ ୨ଟି ଆହ୍ୱାନ ଥିଲା। ନେତାଜୀଙ୍କ ଆଜାଦ ହିନ୍ଦ୍ ଫୌଜ ଆଣ୍ଡାମାନ ଓ ନିକୋବର ଦ୍ୱୀପକୁ ଅକ୍ତିଆର କରିବା ପରେ ଏହାକୁ ଶହୀଦ ଓ ସ୍ୱରାଜ ଭାବେ ନାମିତ କରିଥିଲେ। ପରେ ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ଭାବେ ନିଜକୁ ଘୋଷଣା କରିଥିଲେ। ଏଥିରେ ବିଶ୍ୱର ୧୦ଟି ରାଷ୍ଟ୍ରଙ୍କ ସହମତି ଥିଲା। ପରେ ସମ୍ପୂର୍ଣ୍ଣ ଭାରତକୁ ସ୍ୱାଧୀନ କରିବାକୁ ଆଗଭର ହୋଇଥିଲେ। ତେବେ ୧୯୪୪ ମସିହାରେ ନେତାଜୀ ନିଖୋଜ ହୋଇଯାଇଥିଲେ। ଅପରପକ୍ଷରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତ ସ୍ୱାଧନତା ହାସଲ କରିଥିଲା। ରାଷ୍ଟ୍ର ଗଠନରେ ୨ ମହାପୁରୁଷଙ୍କ ଅତୁଳନୀୟ ଅବଦାନ ସାମ୍ପ୍ରତିକ ସମୟରେ ଉଜାଗର ଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ କେମ୍‌ର ସମ୍ପାଦକ ମହମ୍ମଦ ଜାହିଦ ଖାନ, ଅଜୟ ପୃଷ୍ଟି, ଶେଷଦେବ ଦାସ, ଉମାକାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଆଲୋଚନାଚକ୍ର ପୂର୍ବରୁ ନେତାଜୀ ମଡେଲ ସ୍କୁଲ ପକ୍ଷରୁ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସଂକ୍ଷେପରେ

### ସିନ୍ଦୁରାଇଙ୍କ ପୀଠରେ ସପ୍ତଶତୀ ଚଣ୍ଡୀ ଯଜ୍ଞ

ରସୁଲପୁର,୨୩।୧(ଡି.ଏନ.ଏ.) ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତ ବରାଂଶ ଗ୍ରାମରେ ପବିତ୍ର ତ୍ରିବେଣୀ ଅମାବାସ୍ୟା ତଥା ଶକ୍ତିମୟୀ ମା ବିରଜାଙ୍କ ଜନ୍ମ ସ୍ୱନକ୍ଷେତ୍ର ଅବସରରେ ମା' ସିନ୍ଦୁରାଇଙ୍କ ପୀଠରେ ସପ୍ତସତୀ ମା'ଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ପର୍ଶୁରାମ ରଥ ଶର୍ମାଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଯଜ୍ଞ ଅବସରରେ ମା'ଙ୍କ ସାତଭଉଣୀଙ୍କୁ ଆବାହନ କରାଯାଇ ପୂଜା କରାଯାଇ ଥିଲା । ଏହି ଅବସରରେ କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଘଟ ପୂଜା, କୁଣ୍ଡମଣ୍ଡଳ ପୂଜା, ଗୋ-ପୂଜା, ଗାୟତ୍ରୀ ଯଜ୍ଞ, ଗୀତା ଯଜ୍ଞ, ବେଦପାଠ ଆଦି ଅନୁଷ୍ଠିତ ହୋଇଥିଲା । ଭଜନ ସଂକୀର୍ତ୍ତନ ଆଦି ପରିବେଶଣ କରାଯାଇଥିଲା । ସକାଳ ସନ୍ଧ୍ୟା ସମୟରେ ମାଙ୍କ ନିକଟରେ ଆରତୀ ଉତ୍ସବ ସମୟରେ ଭକ୍ତମାନଙ୍କର ଭିଡ ଜମି ଥିଲା । କର୍ତ୍ତା ରୁପେ କାର୍ତ୍ତିକ ଚନ୍ଦ୍ର କଣ୍ଠ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମ୍ୟ କମିଟିର ସଭାପତି ପ୍ରସନ୍ନ କୁମାର ରଥ ଓ ସମ୍ପାଦକ କାଳିନ୍ଦୀ ଚରଣ କଣ୍ଠ, କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଭାଜପା ସିଂହପୁର ମଣ୍ଡଳର ବୈଠକ

ସିଂହପୁର,୨୩।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅଧୀନ ଭାଜପା ସିଂହପୁର ମଣ୍ଡଳ ପକ୍ଷରୁ ସିଂହପୁରଠାରେ ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ମଦନ ମୋହନ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲିକ, ଜୋନ ସଂଯୋଜକ ଡ. ରବିନାରାୟଣ ବେହେରା, ପ୍ରାକ୍ତନ ସରପଞ୍ଚ ଭୁବନାନନ୍ଦ ସାମଲ, ନିର୍ବାଚନ ମଣ୍ଡଳୀ ସଂଯୋଜକ ନିରଞ୍ଜନ ବେଉରିଆ, ଜିଲା ଉପସଭାପତି ପୁରୁଷୋତ୍ତମ ବେହେରା ପ୍ରମୁଖ ଯୋଗ ଦେଇ ବୁଥକୁ ସବୁଠୁ ମଜଭୁତ କରିବାକୁ ହେଲେ ପ୍ରତ୍ୟେକ ପରିବାର ପାଖରେ କାର୍ଯ୍ୟକର୍ତ୍ତା ପହଞ୍ଚି ଗରିବ କଲ୍ୟାଣ ଓ ଜନକଲ୍ୟାଣ ଯୋଜନାର ସଫଳ ରୁପାୟନ ପାଇଁ ଶାସକ ବିଜେଡି କେଉଁଭଳି ଭାବେ ବାଧକ ସୃଷ୍ଟି କରୁଛି ଲୋକଙ୍କୁ ଅବଗତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜୋନର କାର୍ଯ୍ୟକର୍ତ୍ତା ତ୍ରିଦେବ ଓ ସମସ୍ତ ମୋର୍ଚ୍ଚାର ପଦାଧିକାରୀ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

ରସୁଲପୁର,୨୩।୧(ଡି.ଏନ.ଏ.):ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ କୁଳମଣୀ ସାହୁଙ୍କ ୬୫ବର୍ଷ ବୟସରେ ହୃଦ୍‌ଘାତରେ ପରଲୋକ ଘଟିଛି । ସେ ତାଙ୍କର ରାଜନୀତି ଜୀବନରେ ଜନସେବାକୁ ବ୍ରତ ଭାବେ ଗ୍ରହଣ କରିଆସୁଥିଲେ । ୧୯୯୨ରେ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ବରୀ ବିଧାୟିକା ସୁନନ୍ଦା ଦାସଙ୍କ ସହ ବହୁ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ । ସ୍ୱର୍ଗତ ସାହୁଙ୍କ ମରଶରୀରକୁ ଏକ ବିରାଟ ପଟୁଆରେ ଗାଁ ପରିକ୍ରମା କରାଯିବା ପରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ବଡ଼ପୁଅ ପ୍ରତାପ ସାହୁ ମୁଖାଗ୍ନି ଦେଇଛନ୍ତି ।

### ଭାଜପା ନେତାଙ୍କ ପରଲୋକ

କାଏମା,୨୩।୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ କାଏମା ପଞ୍ଚାୟତ ଗୋପନଗର ଗ୍ରାମର ଭାଜପା ନେତା ଅନନ୍ତ ଚରଣ ସାହୁଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କୁ ୬୫ ବର୍ଷ ହୋଇଥିଲା । ସେ ଧର୍ମଶାଳା ଭାଜପାର ଜଣେ ଲଢୁଆ ସଙ୍ଗଠକ ଥିଲେ। ଏଥିସହିତ କାଏମା ପଞ୍ଚାୟତର ଭାଜପା ପ୍ରମୁଖ ଥିଲେ । ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ସୁଦର୍ଶନ ମୁଖାଗ୍ନି ଦେଇଥିଲେ ।

### ଟଙ୍କା, ମୋବାଇଲ ଚୋରି ଅଭିଯୋଗ

ଯୋଡ଼ା,୨୩।୧(ଡି.ଏନ.ଏ): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା କାରଣ ସାହିଠାରେ ଶ୍ରମିକମାନେ ରହୁଥିବା ଏକ ଘରୁ ଟଙ୍କା ଓ ମୋବାଇଲ ଚୋରି ଅଭିଯୋଗ ହୋଇଛି। ବିଲେଇପଦା ଫାଣ୍ଡି ଅଧିକାରୀ ସୁରେଶ ସାହୁ ସୂଚନା ଦେଇ କହିଛନ୍ତି ଯେ, ବାହାର ଅଞ୍ଚଳର ଶ୍ରମିକମାନେ ଆସି ଏଠାରେ ରହି କାର୍ଯ୍ୟ କରନ୍ତି। ସେମାନେ ପ୍ରାୟ ୭/୮ଜଣ ଗୋଟିଏ ଘରେ ରହୁଥିଲେ। ଶନିବାର ରାତିରେ ଉକ୍ତ ଘରୁ ୪ଟି ମୋବାଇଲ ଓ ଟଙ୍କା ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି।

# ବନାରସୀ ପ୍ରଶିକ୍ଷକଙ୍କଠାରୁ ତାଲିମ ନେବେ କାରିଗର

- ଟେରାକୋଟା ଶିଳ୍ପୀଙ୍କୁ ଡିଜାଇନ,ବୈଷୟିକ କୌଶଳ ତାଲିମ କର୍ମଶାଳା
- ୩୦ଜଣ ଶିବିରାର୍ଥୀଙ୍କୁ ୨ମାସ ପ୍ରଶିକ୍ଷଣ

ରସୁଲପୁର,୨୩।୧(ଡି.ଏନ.ଏ.)


କର୍ମଶାଳାରେ ମଞ୍ଚାସୀନ ଅତିଥି ।

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତର ବରିଷ୍ଠ ଟେରାକୋଟା ଶିଳ୍ପୀ ପର୍ଶୁରାମ ବେହେରାଙ୍କ କାରଖାନାରେ ଡିଜାଇନ ଏବଂ ବୈଷୟିକ ଉନ୍ନୟନ କର୍ମଶାଳା ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳା ଜରିଆରେ ଜିଲାର ବିଭିନ୍ନ ଅଞ୍ଚଳର ୩୦ଜଣ ଦକ୍ଷ କାରିଗରମାନଙ୍କୁ ଟେରାକୋଟା ଡିଜାଇନ ଓ ବୈଷୟିକ ଜ୍ଞାନକୌଶଳ ଉପରେ ତାଲିମ ପ୍ରଦାନ କରାଯିବ । ଉତ୍ତରପ୍ରଦେଶ ବନାରସ କାରିଗର ପ୍ରଦୀପ ଚୌହାନ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ। ଟେରାକୋଟା ସାମଗ୍ରୀକୁ ଅଧିକ ଲୋକପ୍ରିୟ, ଗ୍ରାହକ ପସନ୍ଦ ଯୋଗ୍ୟ କରିବାକୁ ଉନ୍ନତ ଡିଜାଇନର ଆବଶ୍ୟକତା ରହିଛି । ଦେଶର ଟେରାକୋଟା ହବ୍ ଭାବେ ପରିଚିତ ବନାରସ ସିଟି ସ୍ଥିତ ଏ ସମ୍ପର୍କିତ କାରଖାନାର ମୁଖ୍ୟ ଡିଜାଇନ କାରିଗରମାନଙ୍କୁ ତାଲିମ ଦେବାରେ ନିୟୋଜିତ କରାଯାଉଛି । ଜିଲା ହସ୍ତଶିଳ୍ପ ବିଭାଗ ପକ୍ଷରୁ ତାଲିମ ଶିବିର ଆୟୋଜନ କରିବା ସହ ଶିବିରାର୍ଥୀମାନଙ୍କୁ ଦକ୍ଷ କରିବାକୁ କ୍ରମାଗତ ପ୍ରୟାସ କରାଯାଇ ଏଭଳି ପଦକ୍ଷେପ ନିଆଯାଉଛି ।

ଉକ୍ତ ତାଲିମ ଶିବିରରେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର-ଯାଜପୁରୋଡର ସହକାରୀ ନିର୍ଦ୍ଦେଶକ ପ୍ରକାଶ ଚନ୍ଦ୍ର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଜାତୀୟ ପୁରସ୍କାରପ୍ରାପ୍ତ ପ୍ରଥର ଶିଳ୍ପୀ ମହେଶ୍ୱର ଓଝା, ସୁଶାନ୍ତ ଦାସ, ଯୁବନେତା ଚର୍ତ୍ତୃଭୂଜ ଦାସ ପ୍ରମୁଖ ଯୋଗଦେଇ ଟେରାକୋଟା କାରିଗରମାନଙ୍କ କଳାକୃତି ପାଇଁ ସେମାନଙ୍କୁ ପ୍ରଶଂସା କରିବା ସହ ଶିବିରକୁ ଉଦ୍‌ଘାଟନ କରିଥିଲେ । ପ୍ରଶିକ୍ଷକ ଭାବେ ମାଷ୍ଟର ଟ୍ରେନର ପର୍ଶୁରାମ ବେହେରା ଶିବିରକୁ ପରିଚାଳନା କରୁଛନ୍ତି । ଉକ୍ତ ଶିବିରରେ ରସୁଲପୁର, ଧର୍ମଶାଳା, କୋରେଇ, ବଡ଼ଚଣା ଆଦି ବ୍ଲକର କାରିଗରମାନେ ଯୋଗଦେଇ ତାଲିମ ନେଉଛନ୍ତି । ଟେରାକୋଟା ଡିଜାଇନକୁ ଆକର୍ଷିତ କରିବାକୁ ରଙ୍ଗ କରିବାର କୌଶଳ ଉପରେ ଗୁରୁତ୍ୱାରୋପ କରାଯାଇଛି । ତାଲିମପ୍ରାପ୍ତ କାରିଗରମାନଙ୍କ ଯୋଗୁଁ ଟେରାକୋଟା ବୃତ୍ତି ଆଗକୁ ବଢି ପାରିବ। ନୂତନ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ଶିଳ୍ପୀମାନେ ଆତ୍ମ ନିର୍ଭରଶୀଳ ହୋଇପାରିବେ ବୋଲି ମାଷ୍ଟର ଟ୍ରେନର ବେହେରା ସୂଚନା ଦେଇଛନ୍ତି ।

# କ୍ୱାର୍ଟର ଫାଇନାଲରେ ମହେଶ୍ୱରପୁର, ନଠୁଆବର

ଧର୍ମଶାଳା,୨୨।୧ (ଡି.ଏନ୍.ଏ.) :

ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ସୋମବାର କେଡିଏମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୁପରସିକ୍ସଟିନ ମ୍ୟାଚ ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ମହେଶ୍ୱରପୁର ଟିମ୍ ଓ ମଠୁଆବର ବିଜୟୀ ହୋଇ କ୍ୱାଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ମ୍ୟାଚରେ ବୃନ୍ଦାଦେଇପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭର ମଧ୍ୟରୁ ୧୪.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୨ରନ କରିଥିଲା । ଦଳ ପକ୍ଷରୁ ଜ୍ୟୋତିରଞ୍ଜନ ଭୁତିଆ ୫୦ରନ ଓ ପ୍ରଦୀପ ସ୍ୱାଇଁ ୨୩ ରନ କରିଥିଲେ । ବିପକ୍ଷ ମହେଶ୍ୱରପୁର ଟିମର ଏକ୍ରାମ ଅଲ୍ଲି ୩ଟି ଓ ଆଫ୍ରୋଜ ଆଲମ ୨ଟି ଉଇକେଟ ନେଇଥିଲେ । ଜବାବରେ ମହେଶ୍ୱରପୁର ଟିମ ବ୍ୟାଟି କରି ୧୨ ଓଭରରେ ୫ ଉଇକେଟ ହରାଇ ୧୨୩ ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ମହମ୍ମଦ ଅଲ୍ଲି ୩୮ରନ ଓ ମୁସ୍ତାକ ଖାଁ ୩୭ ରନ କରିଥିଲେ । ବିପକ୍ଷ ବୃନ୍ଦାଦେଇପୁର ଟିମର ପ୍ରଭାତ ରାଉତ ଓ ତପନ ଦାସ ୨ଟି ଲେଖାଏଁ ଉଇକେଟ ନେଇଥିଲେ ।

**କେଡିଏମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଦ୍ୱିତୀୟ ମ୍ୟାଚରେ ଅଣ୍ଟିଆ ପ୍ରଥମେ ବ୍ୟାଟି କରି ନିର୍ଦ୍ଧାରିତ ଓଭରରୁ ୯.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୨୩ ରନ କରିଥିଲା । ଦଳ ପକ୍ଷରୁ ଜିତେନ୍ଦ୍ର ରାଉତ ୧୫ରନ କରିଥିଲେ । ବିପକ୍ଷ ନଠୁଆବର ଟିମର ନିରାକାର ମହାନ୍ତି ୩ ଓ ବିପିନ ନାୟକ ୨ ଉଇକେଟ ନେଇଥିଲେ । ଜବାବରେ ନଠୁଆବର ଟିମ ବ୍ୟାଟିଂ କରି ୫.୨ ଓଭରରେ ୩ ଉଇକେଟ ହରାଇ ୨୪ ରନ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ପ୍ରଦ୍ୟୁମ୍ନ ସ୍ୱାଇଁ ୧୧ରନ କରିଥିଲେ। ବିପକ୍ଷ ଅଣ୍ଟିଆ ଟିମର ରତିକାନ୍ତ ମଲିକ ୨ଟି ଓ ସଞ୍ଜୟ ଦଳାଇ ଗୋଟିଏ ଉଇକେଟ ନେଇଥିଲେ । ଆଜିର ଖେଳକୁ ଗୋପୀନାଥ ବେହେରା, ମୃତ୍ୟୁଞ୍ଜୟ ବରାଳ,ନିକୁଞ୍ଜ ବେହେରା ଓ ସିଦ୍ଧାର୍ଥ ମହାନ୍ତି ପରିଚାଳନା କରିଥିଲେ । ମଙ୍ଗଳବାର ପ୍ରଥମ ମ୍ୟାଚ ଏଣ୍ଡଲବା ଓ ଜାରକା ଏବଂ ଦ୍ୱିତୀୟ ମ୍ୟାଚ ରେଖିଦେଇପୁର ଓ ଚୋରମୁହାଁ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମୀରଞ୍ଜନ ରାୟ ସୂଚନା ଦେଇଛନ୍ତି ।

# ବରୀ ବିକାଶ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ଯୋଗୁ ସମ୍ଭବ ହୋଇଛି



କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଜେଡି ନେତୃମଣ୍ଡଳୀ ।

ବରୀ,୨୩।୧(ଡି.ଏନ.ଏ.)

ବରୀର ବିକାଶ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ଯୋଗୁ ସମ୍ଭବ ହୋଇ ପାରିଛି । ଶିକ୍ଷା, ଗମନାଗମନ, ବିଦ୍ୟୁତ, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, କ୍ରୀଡା କ୍ଷେତ୍ରରେ ୮୮୯ କୋଟି ଟଙ୍କା ମଞ୍ଜୁର ହୋଇଥିବାରୁ ଏଥିପାଇଁ ବରୀବାସୀଙ୍କ ଖୁସିବ୍ୟକ୍ତ କରିଛନ୍ତି ବୋଲି ବରୀ ବିଧାୟିକା ସୁନନ୍ଦା ଦାସଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ କହିଛନ୍ତି। ସୋମବାର ସ୍ଥାନୀୟ ମାଉଣ୍ଡସ୍ଥିତ ଜାଗୁଳାଇ ପୀଠରେ ବ୍ଲକ୍ ବିଜେଡି ସଭାପତି କେଦାର ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ 'ବିକାଶ ପଥେ ବରୀ' ଶୀର୍ଷକ କାର୍ଯ୍ୟକ୍ରମରେ ଯୋଗଦେଇ ଦାସ କହିଲେ, ଶସ୍ତା ରାଜନୈତିକ ଲୋକପ୍ରିୟତା ନିମନ୍ତେ ବରୀର ବିକାଶ କ୍ଷେତ୍ରରେ କେତେ ଅନୁଦାନ ଆସିଛି ତାହା ନିର୍ଦ୍ଦିଷ୍ଟ ଭାବେ ନ ଜାଣି କେତେଜଣ ବ୍ୟକ୍ତି ବିଭ୍ରାନ୍ତିକର ତଥ୍ୟ ଗଣମାଧ୍ୟମକୁ ଦେଉଛନ୍ତି । ଏହାଠିକ୍ ନୁହେଁ। ବିଧାୟିକା ଏହି ଅଞ୍ଚଳର ବିକାଶ ପାଇଁ ଉଦ୍ୟମ କରିବା ସହ ସାଧାରଣ ଲୋକଙ୍କ ସହ ଯୋଡି ହେଉଥିବାରୁ ଅନ୍ୟମାନେ ଗ୍ରହଣ ନ କରି ଏପରି କରୁଛନ୍ତି ବୋଲି ସେ କହିଛନ୍ତି । ବ୍ଲକ୍ ସଭାପତି ସାମଲ କହିଛନ୍ତି, ବରୀ ଭଳି ଏକ ଅହିଂସା ମାଟିରେ ରାଜନୈତିକ ଉଦ୍ଦେଶ୍ୟ ରଖି ବିଭିନ୍ନ ସମୟରେ ହିଂସାର ବାତାବରଣ ସୃଷ୍ଟି କରୁଥିବା ନେତାଙ୍କୁ ବରୀବାସୀ କ୍ଷମା କରିବେ ନାହିଁ । ଉକ୍ତ କାର୍ଯ୍ୟକ୍ରମରେ ବରୀ ଅଞ୍ଚଳର ବିଭିନ୍ନ ପଞ୍ଚାୟତସ୍ତରୀୟ ନେତା, ବୁଦ୍ଧିଜିବୀ, ଶିକ୍ଷାବିତ୍, ଯୁବ, ଛାତ୍ର, ମହିଳା ସଙ୍ଗଠନର କର୍ମକର୍ତ୍ତା ଯୋଗଦେଇଥିଲେ। ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହଯୋଗ ଏବଂ ବରୀ ପ୍ରତି ତାଙ୍କର ଥିବା ଅନୁକମ୍ପା ଏହି ଉନ୍ନୟନ ମୂଳକ କାର୍ଯ୍ୟ କ୍ଷେତ୍ରରେ ସହାୟକ ହୋଇପାରିଛି ବୋଲି ବରୀ ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାଥ ଶର୍ମାଙ୍କ ସମେତ ମଞ୍ଚାସୀନ ବକ୍ତାମାନେ କହିଥିଲେ। 'ବିକାଶ ପଥେ ବରୀ' ଶୀର୍ଷକ ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକ୍ ଉପାଧକ୍ଷା ଅର୍ଚ୍ଚନା ମଲିକ, ପୂର୍ବତନ ଅଧକ୍ଷ ନୀଳମଣୀ ସାମଲ, ପୂର୍ବତନ ସରପଞ୍ଚ ପ୍ରମୋଦ ସାମଲ, ସ୍ଥାନୀୟ ସରପଞ୍ଚ ମାନସ ଜେନା, ଶଙ୍କର୍ଷଣ ସ୍ୱାଇଁ, ସରପଞ୍ଚ କୁନା ମଲିକ, ଜଗଦୀଶ ଜେନା, କୈଳାସ ମଲିକ, ସମିତିସଭ୍ୟା ଜ୍ୟୋତିର୍ମୟୀ ବେହେରା, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ଶରତ ଚନ୍ଦ୍ର ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ।

# ଅନ୍ୟାୟ ବିରୋଧରେ ସଂଗ୍ରାମ କରିବାକୁ ଆହ୍ୱାନ

## କୋରାଇ ସଂଗ୍ରାମ ସମିତିରେ ବହୁ ବିଶିଷ୍ଟ ବ୍ୟକ୍ତି ସାମିଲ

କଳିଙ୍ଗନଗର,୨୩।୧(ଡି.ଏନ୍.ଏ.)

କୋରାଇ ସଂଗ୍ରାମ ସମିତିରେ କୋରାଇ ଅଞ୍ଚଳର ବହୁ ବୁଦ୍ଧିଜୀବି, ଅବସରପ୍ରାପ୍ତ ଶିକ୍ଷକ, କର୍ମଚାରୀ ଓ ଯୁବବନ୍ଧୁ ସାମିଲ ହୋଇଛନ୍ତି । ସୋମବାର ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ସମସ୍ତେ ଅନ୍ୟାୟ ବିରୋଧରେ ଲଢ଼େଇ କରିବାକୁ ଶପଥ ଗ୍ରହଣ କରିଛନ୍ତି । ଆମେ ଆମ ହକ୍ ଜାହିର କରିବା, ଆଉ ନୀରବ ରହିବା ନାହିଁ ବୋଲି କହିଛନ୍ତି। ଧାନର ଅଭାବୀ ବିକ୍ରି, ସରକାରୀ ଟୋକନ ଦେବାରେ ଅନିୟମିତା, ମଣ୍ଡି ନ ଖୋଲିବା, ଶୀତଳ ଭଣ୍ଡାର ପ୍ରତିଷ୍ଠା, ନଦୀରେ ଆଡିବନ୍ଧ ପ୍ରତିଷ୍ଠା, ଲଘୁଜ ଖଣି ପଦାର୍ଥ ହରିଲୁଟ୍‌କୁ ବନ୍ଦ କରିବା, ଏନ୍‌ଜିଏନ୍‌ଆରଇଜିଏସ୍‌ରେ ଅନିୟମିତତା ଓ ରାସ୍ତା ଘାଟର ଶୁଳ୍କ ବ୍ୟବସ୍ଥାକୁ ବିରୋଧ କରି କୋରାଇ ସଂଗ୍ରାମ ସମିତି ଆନ୍ଦୋଳନ ଜୋରଦାର କରିବାକୁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ମିଶ୍ରଣ ପର୍ବରେ ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର ଦାସ, ପୂର୍ଣ୍ଣ ଜେନା, ରାମ ଚନ୍ଦ୍ର ରାଉତ, ପୂର୍ଣ୍ଣ ଚନ୍ଦ୍ର ଦାଶ, କେଦାର ନାଥ ମିଶ୍ର, ଭାଗିରଥି ଜେନା, ରଶ୍ମିତା ରଣା, ସେକ୍ କମାଲ, ବ୍ରଜ କିଶୋର ପଟ୍ଟନାୟକ, ରଞ୍ଜିତା ପରିଡ଼ା, ରାଘବ ସାହୁ, ଅରବିନ୍ଦ ମହାରଣା, ରବି କାନୁନଗୋ ପ୍ରମୁଖ ସାମିଲ ହୋଇଥିଲେ । ସମିତିର ସଭାପତି ବିଦ୍ୟାଧର ମହାନ୍ତି, ସମ୍ପାଦକ ଅଭିମନ୍ୟୁ ମିଶ୍ର ଓ ଆଲୋକ ମହାନ୍ତି ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

# ଟାଟାଷ୍ଟିଲ ଫାଉଣ୍ଡେଶନ୍ ପକ୍ଷରୁ 'ସାରେଗାଏଁ'ର ଶୁଭାରମ୍ଭ


ସୁଭେନ୍ଦ୍ର ରାଓ ଏବଂ ସାସକିଆ ରାଓ ସଙ୍ଗୀତ ପରିବେଷଣ କରୁଛନ୍ତି ।

କଳିଙ୍ଗନଗର,୨୩।୧(ଡି.ଏନ.ଏ.)

ଛାତ୍ରଛାତ୍ରୀମାନଙ୍କୁ ସଙ୍ଗୀତ ଆଧାରିତ ଅଧ୍ୟୟନ ପଦ୍ଧତି ବିଷୟରେ ପରିଚିତ କରାଇବା ଲକ୍ଷ୍ୟରେ ଟାଟାଷ୍ଟିଲ ଫାଉଣ୍ଡେସନ୍ (ଟିଏସ୍‌ଏଫ୍) ପକ୍ଷରୁ ଶୁଭେନ୍ଦ୍ର ଓ ସାସକିଆ ରାଓ ଫାଉଣ୍ଡେସନ୍ ଓ ଆସ୍‌ପାୟାରର ସହଭାଗିତାରେ ଏକ ସ୍ୱତନ୍ତ୍ର ଶିକ୍ଷା କାର୍ଯ୍ୟକ୍ରମ 'ସାରେଗାଏଁ'ର ଶୁଭାରମ୍ଭ କରାଯାଇଛି। ପ୍ରାରମ୍ଭରେ ଟାଟାଷ୍ଟିଲ ଫାଉଣ୍ଡେସନ୍ ଦ୍ୱାରା ପରିଚାଳିତ ୨୫ଟି ଆବାସିକ ସେତୁ ପାଠ୍ୟକ୍ରମ (ଆରବିସି) କେନ୍ଦ୍ରରେ ଏହାକୁ କାର୍ଯ୍ୟକାରୀ କରାଯିବ ଓ ଏହା ଓଡ଼ିଶାର ୬ଟି ଆଦିବାସୀ ବ୍ଲକ୍‌ର ୨୭୦୦ ପିଲାଙ୍କ ନିକଟରେ ପହଞ୍ଚିପାରିବ। ବିଶ୍ୱର ପ୍ରତିଷ୍ଠିତ ସଙ୍ଗୀତଜ୍ଞ ପଣ୍ଡିତ ଶୁଭେନ୍ଦ୍ର ରାଓ ଏବଂ ସଙ୍ଗୀତାଚାର୍ଯ୍ୟ ସାସକିଆ ରାଓ-ଦି ହାସ କଳିଙ୍ଗନଗରସ୍ଥିତ ଲୋଏଲା ସ୍କୁଲରେ ଏକ କନସର୍ଟ୍-କମ୍ପ୍ଲେକ୍ସର ମାଧ୍ୟମରେ'ସାରେଗାଏଁ' ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ,ଶିକ୍ଷକଙ୍କ ସହିତ ସ୍ଥାନୀୟ ଲୋକମାନଙ୍କୁ ମିଶାଇ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଉପସ୍ଥିତ ଥିଲେ। ହୋ ଜନଜାତିର ମନ୍ଦାରଏବଂ ନଗଡ଼ା ବାଦକମାନେ ମଧ ମଞ୍ଚରେ ଯୋଗ ଦେଇଥିବାରୁ ଏହି ସଙ୍ଗୀତ ପ୍ରଦର୍ଶନ ଅତ୍ୟନ୍ତ ଅନନ୍ୟ ଥିଲା।ଏହି ପ୍ରଦର୍ଶନ ପରେ ଶୁଭେନ୍ଦ୍ର ରାଓ ଏବଂ ସାସକିଆ ରାଓ-ଡିହାସ୍ ଛାତ୍ରୀଛାତ୍ରମାନଙ୍କ ସହିତ ଆଲୋଚନା କରିବା ସହିତ ଏକାଠି ଗୀତ ମଧ ଗାଇଥିଲେ। କଳିଙ୍ଗନଗର ଏହି ସ୍ୱତନ୍ତ୍ର ଏବଂ ଐତିହାସିକ କାର୍ଯ୍ୟକ୍ରମ ସମସ୍ତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଏହି ଅବସରରେ ଗ୍ରାମୀଣ ବିକାଶ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ଇ. ପ୍ରୀତି ରଞ୍ଜନ ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ୨୦୧୪ରେ ଶୁଭାରମ୍ଭ ହୋଇଥିବା ଶୁଭେନ୍ଦ୍ର ଏବଂ ସାସକିଆ ରାଓ ଫାଉଣ୍ଡେସନ୍ ଅଭିନବ ଓ ନୂତନ ପଦ୍ଧତିକୁ ଉପଯୋଗ କରି ଶାସ୍ତ୍ରୀୟ ସଙ୍ଗୀତ ଉପରେ ଶିକ୍ଷା ପ୍ରଦାନ ଜରିଆରେ ଛାତ୍ରୀଛାତ୍ରମାନଙ୍କ ସଶକ୍ତିକରଣ ଓ ସେମାନଙ୍କ ଉତ୍‌ଥାନ ଦିଗରେ କାର୍ଯ୍ୟ କରୁଛି ।

# ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ କ୍ରୀଡ଼ା

କଳିଙ୍ଗନଗର,୨୩।୧(ଡି.ଏନ୍.ଏ.)

ଯାଜପୁର ରୋଡ଼ସ୍ଥିତ ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲରେ ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହା ସହ ସ୍କୁଲର ଷଷ୍ଠ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯାଜପୁର ଜିଲା କ୍ରୀଡ଼ା ଅଧିକାରୀ ଫକୀର ମୋହନ ଟୁଡୁ ଯୋଗ ଦେଇଥିଲେ। ବିଦ୍ୟାଳୟର ନିର୍ଦ୍ଦେଶକ ଯୁଧିଷ୍ଠିର ଦେବତା ଓ ଚେୟାରମ୍ୟାନ୍ ଦେବାଶିଷ ଦିକ୍ଷିତ ଉପସ୍ଥିତ ରହି କ୍ରୀଡ଼ାର ଉପକାରିତା ଉପରେ ପିଲାମାନଙ୍କୁ ବୁଝାଇଥିଲେ । ବିଦ୍ୟାଳୟର ଅଧକ୍ଷ ଦେବେନ୍ଦ୍ର କୁମାର ଶତପଥୀ ଯୋଗଦେଇ ଛାତ୍ରୀଛାତ୍ରମାନେ ଖେଳାଖେଳି କଲେ ଶରୀର ସୁସ୍ଥ ରହିବ ବୋଲି କହିଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ।


ବାର୍ଷିକ କ୍ରୀଡ଼ା ଉତ୍ସବରେ ଯୋଗଦେଇଥିବା ଏସ୍‌ବିଡି ଇଣ୍ଟରନ୍ୟାଶନାଲ ସ୍କୁଲର କର୍ମକର୍ତ୍ତା ।

# ଅକରପଡ଼ା କ୍ରିକେଟ୍ ଟିମ୍ ଚାମ୍ପିୟନ

**୩୨ତମ କ୍ରୀଡା ଉତ୍ସବ ଉଦ୍‌ଯାପିତ**

ବରୀ,୨୩।୧(ଡି.ଏନ.ଏ.)


ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା ଅତିଥି ।

ବରୀ ବ୍ଲକ୍ ବାଲିବିଲ ପଞ୍ଚାୟତର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ଉତ୍କଳ ଗୌରବ ଯୁବ ସଂସଦ ଆନୁକୂଲ୍ୟରେ ୩୨ ତମ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବାଟ ମଙ୍ଗଳା କ୍ରିକେଟ୍ କ୍ଲବ୍ ଗୋଲକୁଣ୍ଡ ଓ ଅକରପଡା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ସାଇ ଚାରିଟେବୁଲ ଟ୍ରଷ୍ଟର ଆବାହକ ଅଭିଷେକ ସାମଲ ଫାଇନାଲ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଅକରପଡା ବ୍ୟାଟିଂ କରି ୧୯୮ ରନ୍ ସଂଗ୍ରହ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ୧୯୯ ରନ୍ ଲକ୍ଷ୍ୟକୁ ପିଛା କରି ବାଟ ମଙ୍ଗଳା କ୍ରିକେଟ୍ କ୍ଲବ୍ ୧୫୧ ରନ୍ କରି ପରାଜିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମହେନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ କୁଞ୍ଜ ବିହାରୀ ଦାଶ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଦେବ ପ୍ରସାଦ ସାମଲ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଖବରଦାତା ଶୁଭ୍ରାଂଶୁ ସାମଲ, ସୁଶାନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ଆଜିର ଯୁବ ସମାଜ କ୍ରୀଡାକୁ ଗୁରୁତ୍ୱ ଦେବାକୁ କହିଥିଲେ। ଦେବ କଲ୍ୟାଣ ନାଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସଂସଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚାଳଘର ସାହିତ୍ୟ ସଂସଦ ସାହିତ୍ୟ ମାଧ୍ୟମରେ ବରୀ ଅଞ୍ଚଳରେ ପୂଜ୍ୟ ପୂଜା, ବରିଷ୍ଠ ନାଗରିକ ଓ କୃତି ଛାତ୍ରୀଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବାରୁ ମୁଖ୍ୟବକ୍ତା ପ୍ରଫେସର ସାମଲ ଅନୁଷ୍ଠାନର ଦୀର୍ଘାୟୁ କାମନା କରିଥିଲେ। ଅପରପକ୍ଷେ ବିଶିଷ୍ଟ କ୍ରୀଡାବିତ୍ ପ୍ରଶାନ୍ତ କୁମାର ରାଉତ, ଶରତ କୁମାର ଜେନା, ଜଗା ଶିଶୁ ସାହିତ୍ୟ ସଂସଦର ସମ୍ପାଦକ ତଥା ଶିଶୁ କବି ଅଜୟ କୁମାର ଜେନାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ମ୍ୟାଚ୍‌କୁ ପ୍ରଶାନ୍ତ ରାଉତ ଓ ଜ୍ଞାନ ରଞ୍ଜନ ସ୍ୱାଇଁ ପରିଚାଳନା କରିଥିଲେ । ସ୍କୋରର ଭାବେ ସ୍ନେହାଶିଷ ସାମଲ, ସଞ୍ଜୟ କୁମାର ବେହେରା, ପ୍ରତୀକ କୁମାର ସ୍ୱାଇଁ, ଅମରେଶ ନାଥ ଯୋଗଦେଇଥିଲେ। ଖେଳର ଧାରା ବିବରଣୀ ସ୍ମୃତି ରଞ୍ଜନ ସାମଲ, ଅଜୟ ସାମଲ ଓ ଇନ୍ଦ୍ରମଣି ମଲିକ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଧାଂଶୁ ସାମଲ, ପ୍ରଶାନ୍ତ ପଢ଼ିହାରୀ, ଅନୁରାଗ ସାମଲ, ତାପସ ସାମଲଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ଅନୁଷ୍ଠାନର ସଭ୍ୟ ଦିଲ୍ଲୀପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ବାଲିକୁଦାର ନିଖୋଜ କଲେଜ ଛାତ୍ରୀ କୁଜଙ୍ଗରୁ ଉଦ୍ଧାର

**ବାଲିକୁଦା, ୨୩ା୧(ସ୍ୱ.ପ୍ର.):** ବାଲିକୁଦା ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ କଲେଜ ଛାତ୍ରୀଙ୍କୁ ସୋମବାର ପୋଲିସ କୁଜଙ୍ଗରୁ ଉଦ୍ଧାର କରିଛି । ସମ୍ପୃକ୍ତା ନାବାଳିକା ଜାନୁୟାରୀ ୧୯ରୁ ନିଖୋଜ ଥିବା ନେଇ ଛାତ୍ରୀଙ୍କ ବାପା ବାଲିକୁଦା ଥାନାରେ ଅଭିଯୋଗ କରିଥିଲେ। ସମ୍ପୃକ୍ତା ନାବାଳିକାଙ୍କୁ ଉଦ୍ଧାର କରାଯିବା ପରେ ତାଙ୍କୁ ଅପହରଣ କରାଯାଇଥିଲା ନା ସେ ପୁରୁଷ ବନ୍ଧୁଙ୍କ ସହ ଚାଲିଯାଇଥିଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବେ ପୋଲିସ ତାଙ୍କ ବୟାନ ରେକର୍ଡ କରିଥିବାବେଳେ ପରେ ମାଜିଷ୍ଟ୍ରେଟଙ୍କ ନିକଟରେ ବୟାନ ରେକର୍ଡ କରାଯିବ ବୋଲି ସୂଚନା ମିଳିଛି।

### ଆଇନ୍ ଶୃଙ୍ଖଳାସ୍ଥିତି ସମୀକ୍ଷା କଲେ ଏସ୍‌ପି

**ରଘୁନାଥପୁର, ୨୩ା୧(ଡି.ଏନ୍.ଏ.):** ଜଗତ୍‌ସିଂହପୁର ଜିଲାର ନୂତନ ଏସ୍‌ପି ରାହୁଲ ପି.ଆର. ସୋମବାର ରଘୁନାଥପୁର ଥାନାକୁ ଗସ୍ତ କରି ଆଇନଶୃଙ୍ଖଳା ସ୍ଥିତି ସମୀକ୍ଷା କରିଛନ୍ତି। ଏହାଛଡା ନୂତନ ଥାନା ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ଜମି ବୁଲି ଦେଖିଥିଲେ। ଆଇଆଇସି ସୁଶାନ୍ତ କୁମାର ସେଠୀ, ଏସ୍‌ଆଇ ଅନିଲ କୁମାର ସାହୁ ଓ ସୌଦାମିନୀ ପଣ୍ଡାଙ୍କ ସହ ସମସ୍ତ ଅଧିକାରୀ ଓ କର୍ମଚାରୀ ଏଥିରେ ଉପସ୍ଥିତ ଥିଲେ।

### ଏମ୍‌ପିଙ୍କ ଶ୍ୱଶୁରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

**ତିର୍ତ୍ତୋଲ,୨୩ା୧ (ଡି.ଏନ.ଏ.):** ଜଗତ୍‌ସିଂହପୁର ଏମ୍‌ପି ଡାକ୍ତର ରାଜଶ୍ରୀ ମଲ୍ଲିକଙ୍କ ଶ୍ୱଶୁର ତଥା ତିର୍ତ୍ତୋଲ ଅଞ୍ଚଳର ଆଦର୍ଶ ଶିକ୍ଷକ ସ୍ୱର୍ଗତ ବ୍ରହ୍ମାନନ୍ଦ ମଲ୍ଲିକଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧବାର୍ଷିକୀ ଉତ୍ସବ ତାଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଆୟୋଜିତ ସ୍ମୃତି ସଭାରେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଉପାଧ୍ୟକ୍ଷା ସୁଜାତା ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧା ସୁମନଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜଗତ୍‌ସିଂହପୁର ଜିଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ପାରାଦୀପ ପୌର ପରିଷଦ ଅଧ୍ୟକ୍ଷ ବସନ୍ତ କୁମାର ବିଶ୍ୱାଳ, ଜଗତ୍‌ସିଂହପୁର ଜିଲା ପରିଷଦ ଅଧ୍ୟକ୍ଷ ମନୋଜ କୁମାର ଭୋଇ, ଜିଲା ପରିଷଦ ଉପାଧ୍ୟକ୍ଷ ସୁଜାତା ମହାନ୍ତି, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ଦେବେନ୍ଦ୍ରନାଥ ମଲ୍ଲିକ ଓ ରାଜ୍ୟ ବିଜେଡି ସମ୍ପାଦକ ସାରଦା ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପୁତ୍ର ତଥା ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଇଞ୍ଜିନିୟର ଆଶୁତୋଷ ମଲ୍ଲିକ ଓ ପୁତ୍ରବଧୂ ଏମ୍‌ପି ମଲ୍ଲିକ ପରିଚାଳନା କରିଥିଲେ।

# ସୂଚନା ଅଧିକାର ତଥ୍ୟ ପାଇଁ ୧୫ ହଜାର ଟଙ୍କା

**ନାଉଗାଁ,୨୩ା୧(ସ୍ୱ.ପ୍ର)**

- ପ୍ରଶାସନିକ ଅଧିକାରୀଙ୍କ ମନମୁଖି ଚିଠି
- ଚିଠିରେ ତାରିଖ ୧୬ ସେପ୍ଟେମ୍ବର ୨୦୨୩ ରହିଛି
- ଟଙ୍କା ପୈଠ ପାଇଁ ଦ୍ୱନ୍ଦ୍ୱରେ ଆବେଦନକାରୀ

ନାଉଗାଁ ବ୍ଲକ ଅନ୍ତର୍ଗତ କାନୁନ୍‌ଗୋ ସାହିର ଜନୈକ ବ୍ୟକ୍ତି ଗ୍ରାମ ଜଳ ପରିମଳ ବିଭାଗର କିଛି ତଥ୍ୟ ଜାଣିବା ପାଇଁ ସୂଚନା ଅଧିକାର ଆଇନ ବଳରେ ଆବେଦନ କରିଥିଲେ। ମାତ୍ର ଅଧିକାରୀଙ୍କଠାରୁ ମନମୁଖୀ ଚିଠି ପାଇବା ପରେ ଆବେଦନକାରୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଉକ୍ତ ଆବେଦନ ଫର୍ମକୁ ପୋଷ୍ଟାଲ ମାଧ୍ୟମରେ ପଞ୍ଚାୟତ ସମିତି କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀଙ୍କ ନିକଟକୁ ୨୭ ଡିସେମ୍ବର ୨୦୨୨ରେ ପ୍ରେରଣ କରିଥିଲେ। ଏହାପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଚିଠି (ନଂ.୩୨/୫-୧-୨୩)ରେ ଜନ ସୂଚନା ଆଇନରେ ମଗାଯାଇଥିବା ସମସ୍ତ ତଥ୍ୟ ପାଇଁ ଗ୍ରାମ ପାନୀୟ ଜଳ ପରିମଳ ବିଭାଗକୁ ଚିଠି କରାଯାଇଥିଲା। ଏନେଇ ଗ୍ରାମ ଜଳ ପରିମଳ ବିଭାଗର କନିଷ୍ଠଯନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଚିଠି (ନଂ.୮/୧୬-୯-୨୩)ରେ ଅନ୍ୟ ଏକ ଚିଠି କରାଯାଇ ଆବେଦନ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ନିକଟକୁ ସ୍ପିଡ ପୋଷ୍ଟ (ନଂ-ଇଓ ୦୬୧୯୮୭୨୦୭ ଆଇଏନ୍)ରେ ଏକ ଚିଠି ପ୍ରଦାନ କରାଯାଇଥିଲା। ଉକ୍ତ ଚିଠିକୁ ପାଇବା ପରେ ଆବେଦନକାରୀ ଅର୍ଥ ପୈଠ ପାଇଁ ଚିନ୍ତାରେ ପଡ଼ିଛନ୍ତି। ପ୍ରଥମତଃ ସରକାରଙ୍କ ଦ୍ୱାରା ପରିଚାଳିତ ଏକ କାର୍ଯ୍ୟାଳୟରୁ ତାରିଖରେ ଭୁଲ ମାସ ଦର୍ଶାଯାଇଛି। କେବଳ ସେତିକି ନୁହେଁ ନିମ୍ନରେ ସ୍ୱାକ୍ଷର କରିଥିବା ପ୍ରଶାସନିକ ଅଧିକାରୀ ମଧ୍ୟ ୧୬-୯-୨୩ ବୋଲି ସ୍ୱାକ୍ଷର କରିଛନ୍ତି। ଚିଠି ପ୍ରଦାନର ୧୫ ଦିନ ମଧ୍ୟରେ ଅର୍ଥ ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶ ଅନୁଯାୟୀ, ଉକ୍ତ ଅର୍ଥ ୩୦ ସେପ୍ଟେମ୍ବର ୨୦୨୩ରେ ପୈଠ କରିବା ପାଇଁ ସୂଚନା ରହିଛି। ସେହିପରି ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ଥିବା ତଥ୍ୟ କେତେ ପୃଷ୍ଠା ସମ୍ବଳିତ ପ୍ରଥମେ ଆବେଦନକାରୀଙ୍କୁ ତାହା ଅବଗତ କରାଯିବ। ସରକାରଙ୍କ ଧାର୍ଯ୍ୟ ନିୟମାନୁସାରେ ପୃଷ୍ଠାଗୁଡ଼ିକର ଅବିକଳ ନକଲ କପି କରିବା ପାଇଁ କେତେ ଅର୍ଥ ଓ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ କେତେ ଅର୍ଥ ଲାଗିବ ତାହା ସ୍ପଷ୍ଟ ଭାବେ ଜଣାଇ ଦିଆଯିବ। କିନ୍ତୁ ପ୍ରଦାନ କରାଯାଇଥିବା ଚିଠିରେ ଆନୁମାନିକ ୫ ହଜାର ପୃଷ୍ଠା ଓ ପ୍ରତି ପୃଷ୍ଠାକୁ ୩ ଟଙ୍କା ହିସାବରେ ୧୫ ହଜାର ଟଙ୍କା ପୈଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାସ୍ତବରେ କେତେ ପୃଷ୍ଠାର ତଥ୍ୟ ହେବ ଉଲ୍ଲେଖ କରାଯାଇ ନାହିଁ। ବିଭାଗର ଏପରି ଚିଠି ସମ୍ପର୍କରେ ଆବେଦନକାରୀ କହିଛନ୍ତି, ତାଙ୍କୁ ହତୋତ୍ସାହ କରିବା ପାଇଁ ଏପରି ଚିଠି ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ଦାସ କହିଛନ୍ତି, ମୁଁ ଅଫିସ ଲେଟର ଦେଖିବା ପରେ ଯାହା କରିବି ବୋଲି କହିଥିଲେ।



OFFICE OF THE JUNIOR ENGINEER-I, RWS&S SECTION, NAUGAON.
No: 08 /Date: 16.09.2022/

To,

Sri Satyasundar Das
S/O-Brundaban Chandra Das
At- Kanungosahi
PO-Naugaonhat
Dist-Jagatsingh pur

Sub:- Deposit of money towards supply of RTI information
Ref:-Latter No 32 Dt 05.01 2023 of PIO office of the Pachayat Samiti Naugaon,

Sir,

I am to intimate you that approximately 5000 number of Xerox copy of information pages is required to supply the required RTI information which you sought.

Therefore I request you kindly deposit the Rs15000.00 amount of money towards providing Xerox copies of your RTI information within 15 days otherwise your application will be rejected.

Encl.:- Approx Total No of Page 5000 nos@3.00/each
Total Rs15000.00

Yours faithfully,
16.9.2023
Assistant Engineer,
RWS&S Section, Naugaon.

ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ଦିଆଯାଇଥିବା ଚିଠି।

# ଜାତୀୟ ସେବା ଯୋଜନା ପକ୍ଷରୁ ପରାକ୍ରମ ଦିବସ




ପରାକ୍ରମ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

**କେନ୍ଦ୍ରାପଡ଼ା ଅଫିସ,୨୩ା୧**

କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ତଥା ପରାକ୍ରମ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଉପାଧ୍ୟକ୍ଷ ଶିଶିରକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଅଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ ଓ ସାମାଜିକ କର୍ମୀ ଶ୍ରୀଧର କୁମାର ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ଏକ ବକ୍ତୃତା ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ପ୍ରତିଯୋଗିତାରେ ମୀରା ମୌସୁମୀ ଜେନା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବକ୍ତୃତାରେ ଶଶି ପ୍ରସାଦ ମହାରଣା ଦ୍ୱିତୀୟ ଓ ଲୋପିତା ପଲାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଙ୍ଗୀତରେ ସୁଧାରାଣୀ ସାହୁ ଦ୍ୱିତୀୟ ଓ ମନିସା ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏଥିରେ ସ୍ୱେଚ୍ଛାସେବୀ ରାଜେନ୍ଦ୍ର ଲେଙ୍କା, ସେହେନାଜ ପରୱିନ, ହୀରାମଣି ପ୍ରଧାନ, ବିଶ୍ୱରୂପା ବିଶ୍ୱାଳ, ବର୍ଷାରାଣୀ ସାହୁ, ପ୍ରଭାତ ବେହେରା, ମନୋରଞ୍ଜନ ବେହେରା, ନିଶିକାନ୍ତ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଶେଷରେ ଧନ୍ୟବାଦ ଦେଇଥିଲେ।

# ୧୦୬ ଛାତ୍ରୀଛାତ୍ରଙ୍କ ଚିତ୍ର ଅଙ୍କନ




ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**ପାରାଦୀପ ୨୩ା୧(ସ୍ୱ.ପ୍ର.)**

### ପରାକ୍ରମ ଦିବସ

ପାରାଦୀପର କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲାର ୧୭ ସ୍କୁଲର ୧୦୬ ଜଣ ଛାତ୍ରୀଛାତ୍ର ଯୋଗଦେଇ ପରାକ୍ରମ ଦିବସ ଉପଲକ୍ଷେ ଚିତ୍ରାଙ୍କନ କରିଥିଲେ। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟର ୩୦, ନବୋଦୟ ବୋର୍ଡର ୨୦, ସିବିଏସଇ ବୋର୍ଡର ୩୮ ଓ ରାଜ୍ୟବୋର୍ଡର ୧୮ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଦେଶାତ୍ମବୋଧକ ଭାବନା ଓ ଛାତ୍ରୀଛାତ୍ରଙ୍କ ସୃଜନଶୀଳ ଭାବନାକୁ ଉତ୍ସାହିତ କରିବା ପାଇଁ ଏହି ଚିତ୍ରାଙ୍କନ ହୋଇଥିଲା। ଏଥିରେ ୫ ଜଣଙ୍କ ଚିତ୍ର ଶ୍ରେଷ୍ଠ ତାଲିକାରେ ସ୍ଥାନ ପାଇଛି। ସେହି ଛାତ୍ରୀଛାତ୍ର ହେଲେ ଆକାଂକ୍ଷା ସ୍ୱାଇଁ, ବେଦପ୍ରକାଶ ମଲ୍ଲିକ, ସରବିନ୍ଦୁ ଶ୍ରୀଚରଣ, ଅନନ୍ୟା ପ୍ରିୟଦର୍ଶନୀ ଓ ମୋହିତରାଜ ସେନାପତି। କେନ୍ଦ୍ରୀୟ ଶିକ୍ଷା ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ସମଗ୍ର ଦେଶରେ ଏକକାଳୀନ ଅନୁଷ୍ଠିତ ହୋଇଥିଲା। ଏଥିରେ ୫୦ହଜାର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲିଖିତ ପରୀକ୍ଷଣ ଯୋଦ୍ଧା ପୁସ୍ତକ ଦିଆଯାଇଛି। ପାରାଦୀପ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବନ୍ଦର ସଚିବ ପି ଏନ ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ସାହୁ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

### ପାଟଣା ଦେଇ ରେଳପଥ ସଂଯୋଗ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ପ୍ରସ୍ତାବ

**ପାଟଣା,୨୩ା୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଆନନ୍ଦେଶ୍ୱର ମନ୍ଦିର ସନ୍ନିକଟ କଲ୍ୟାଣ ମଣ୍ଡପରେ ଶନିବାର ଭାଜପା ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ପାଟଣା ବୁଦ୍ଧିଜୀବୀଙ୍କ ପକ୍ଷରୁ ଅଜୟ ଦାଶ, ଯୁଗଳ କିଶୋର ଦାଶ, ଶିକ୍ଷକନେତା ଅରୁଣ ମିଶ୍ର, ସନାତନ ଦାଶ, ଖବରଦାତା ବୀରକିଶୋର ଦାଶ, ନୃସିଂହନାଥ ସିଂ, ସାମାଜିକ କର୍ମୀ ଯୁଗଳକିଶୋର ଦାଶ, ନାରାୟଣ ବାରିକ, ପ୍ରତାପ ମହାକୁଡ଼, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ପାଟଣା ଦେଇ ନୂତନ ରେଳପଥ ସଂଯୋଗୀକରଣ, ବୈତରଣୀ ନଦୀ ନୂଆପଡ଼ାରେ ବ୍ୟାରେଜ ସହ ତୃଣମୂଳ ସମସ୍ୟା ନେଇ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରିବା ସହ ସମାସ୍ୟାର ସମାଧାନ ପାଇଁ ପ୍ରସ୍ତାବ ରଖିଥିଲେ। କେନ୍ଦ୍ରମନ୍ତ୍ରୀ ନିଜ ଉତ୍ତରରେ ପାଟଣା ଦେଇ ନୂତନ ରେଳପଥ ସଂଯୋଗ କରିବାକୁ କେନ୍ଦ୍ର ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ବଣିକ ସଂଘ ବୈଠକ, କର୍ମକର୍ତ୍ତା ଚୟନ

**କୁଜଙ୍ଗ,୨୩ା୧ (ଡି.ଏନ୍.ଏ)**

କୁଜଙ୍ଗ ବଣିକ ସଂଘରେ ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ବଣିକ ସଂଘ ସଭାପତି ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଦୁର୍ଗା ମଣ୍ଡପଠାରେ ଆୟୋଜିତ ଏହି ବୈଠକରେ ବ୍ୟବସାୟୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଏଥିସହ ୨୦୨୩ -୨୦୨୪ ବର୍ଷପାଇଁ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି । ସଭାପତିଭାବେ ନିରଞ୍ଜନ ପୁନର୍ବାର ମନୋନୀତ ହୋଇଥିବା ବେଳେ ଉପସଭାପତିଭାବେ ଅଫସର ଖାଁ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ନାଥ, ସହ ସମ୍ପାଦକ କାହ୍ନୁ ଚରଣ ନନ୍ଦୀ, କୋଷାଧ୍ୟକ୍ଷ ଭାବେ ଶୁକଦେବ ସାହୁ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ କମିଟି ସଭ୍ୟଭାବେ ଟିକନ ନାୟକ, ଆଲୋକ ଗୁରୁ, ସୁମନ୍ତ ନାଥ, ପ୍ରଭାତ ସାହୁ, ଶୈଳେନ୍ଦ୍ର ନାଥ ସ୍ୱାଇଁ, ସୌମେନ୍ଦ୍ର ଦାସ, ସୁରେନ୍ଦ୍ର ତ୍ରିପାଠୀ, ଚନ୍ଦ୍ରକାନ୍ତ ସ୍ୱାଇଁ, ଦୀଲିପ ମହାନ୍ତି, କୃଷ୍ଣ ପ୍ରସାଦ ବେହେରା, ବାବାଜି ଚରଣ ସାହୁ, ବିକାଶ ବେହେରା, ନବୀନ କୁମାର ଦାସ, ପ୍ରସନ୍ନ ଦାସ, ସିଦ୍ଧାର୍ଥ ଷଡ଼ଙ୍ଗୀଙ୍କୁ ମନୋନୀତ କରାଯାଇଛି । ଶେଷରେ ଗୁରୁଚରଣ ଦାସ ଧନ୍ୟବାଦ ପ୍ରଦାନ କରିଥିଲେ।

### ବାଇକ ଧକ୍କା, ଚୋରି

**ପାରାଦୀପ,୨୩ା୧(ସ୍ୱ.ପ୍ର.)**

#### ଅଠରବାଙ୍କି ଦୋଛକି ରାସ୍ତା

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ଅଠରବାଙ୍କି ଦୋଛକି ରାଜପଥ ଉପରେ ସୋମବାର ଗୋଟିଏ ବାଇକ ଚୋରି ହୋଇଯାଇଥିବା ବେଳେ ଅନ୍ୟଟି ଉପରେ ଏକ ହାଇୱା ଗାଡ଼ି ଚଢ଼ିଯାଇଛି। ଉପରୋକ୍ତ ୨ଟି ଘଟଣାରେ ପୋଲିସ ଯଥାକ୍ରମେ ମାମଲା ନଂ. (୨୩/୨୩ ଓ ୨୪/୨୩ ରୁଜୁ କରିଛି। ମୂଷାଡିଆ ବସ୍ତିର ରାଜେନ୍ଦ୍ର ପତି ନାମକ ବାଇକ ଆରୋହୀ ପାରାଦୀପ ଅଭିମୁଖେ ଆସୁଥିଲେ। ତାରିଣୀଗଡା ପାଖରେ ବାଇକ ରଖି ଶୌଚ ହେବାକୁ ଯାଇଥିବାବେଳେ ଏକ ହାଇୱା ଗାଡ଼ି ତାଙ୍କ ବାଇକ ଉପରେ ଚଢ଼ି ଯାଇଥିଲା। ସୌଭାଗ୍ୟବଶତଃ ସେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ ହେଁ ବାଇକ୍‌ଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସେହିପରି ବିଭୂତି ବାରିକ ନାମକ ବ୍ୟକ୍ତି ବାଇକ ଯୋଗେ ଦୋଛକିରୁ ପାରାଦୀପ ଅଭିମୁଖେ ଆସୁଥିଲେ। ଏହି ସମୟରେ ତାଙ୍କ ମୁଣ୍ଡ ବୁଲେଇବାରୁ ସେ ତଳେ ପଡ଼ିଯାଇଥିଲେ। ଏହାର ସୁଯୋଗ ନେଇ କୌଣସି ଦୁର୍ବୃତ୍ତ ତାଙ୍କ ବାଇକ୍ ନେଇ ଫେରାର ହୋଇଯାଇଛନ୍ତି।

# ନାହିଁ ନାହିଁରେ ଚାଲିଛି ସରକାରୀ କାର୍ଯ୍ୟାଳୟ

**ଚଣ୍ଡିଖୋଲ,୨୩ା୧(ଡି.ଏନ୍.ଏ.)**

ବଡଚଣାର ବହୁ ସରକାରୀ ଦପ୍ତରରେ ମୁଖ୍ୟମାନେ ନାହାନ୍ତି । ଯେଉଁଥି ପାଇଁ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି । ସେଥିପାଇଁ ସାଧାରଣ ଲୋକ ଆଉ ସରକାରୀ କାର୍ଯ୍ୟାଳୟକୁ ଯିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଗତ ୨ ମାସ ହେଲା ବଡ଼ଚଣା ବ୍ଲକରେ ବିଡିଓ ନାହାନ୍ତି । ପୂର୍ବ ବିଡିଓ ଅଜିତ ନାରାୟଣ ପ୍ରସାଦ ଗିରିଙ୍କ ବଦଳି ହେବା ପରେ ତାଙ୍କ ସ୍ଥାନରେ ଅନ୍ୟ କାହାକୁ ନିଯୁକ୍ତି ନ ଦେଇ ଧର୍ମଶାଳା ବିଡିଓଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ତେବେ ଗତ ୧୮ଦିନ ତଳେ ରାଜନଗର ବ୍ଲକ ବିଡିଓଙ୍କୁ ଏଠାକୁ ବଦଳି କରାଯାଇଥିଲେ ମଧ୍ୟ ସେ ଆଜି ପର୍ଯ୍ୟନ୍ତ ଆସି ଯୋଗ ଦେଇ ନାହାନ୍ତି । ସେହିଭଳି ବଡ଼ଚଣା ସବ୍‌ରେଜିଷ୍ଟ୍ରରଙ୍କ ୨ ମାସ ତଳୁ ବଦଳି ହୋଇଥିଲେ ମଧ୍ୟ ତାଙ୍କ ସ୍ଥାନରେ କେହି ନିଯୁକ୍ତି ପାଇ ନାହାନ୍ତି । ଦର୍ପଣ ତହସିଲର ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ଅତିରିକ୍ତ ଦାୟିତ୍ୱ ସମ୍ଭାଳିଛନ୍ତି । ବଡଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକଙ୍କୁ ହାଜତ ମୃତ୍ୟୁ ମାମଲାରେ ଜିଲା ମୁଖ୍ୟ ଦପ୍ତରକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ କେହି ନିଯୁକ୍ତି ପାଇନାହାନ୍ତି । ଜଣେ ଏସ୍‌ଆଇ ଏବେ ଥାନା ସମ୍ଭାଳିଛନ୍ତି । ସେହିଭଳି ଯାଜପୁର ଜିଲାର ଏକମାତ୍ର ଟ୍ରାଫିକ ଥାନା ଚଣ୍ଡିଖୋଲରେ ଥିବା ବେଳେ ଟ୍ରାଫିକ ଥାନା ଅଧିକାରୀ ପଦବୀ ୨ ମାସ ହେବ ଖାଲି ପଡ଼ିଛି । ଏ ପର୍ଯ୍ୟନ୍ତ କେହି ନିଯୁକ୍ତି ପାଇ ନାହାନ୍ତି । ମୁଖ୍ୟ ଦପ୍ତରର ମୁଖ୍ୟ ପଦବୀ ଖାଲି ପଡିଥିଲା ବେଳେ ଅନ୍ୟାନ୍ୟ ବହୁ ପଦବୀ ଫାଙ୍କା ପଡିଥିବା ଦେଖିବାକୁ ମିଳିଛି । ଉପରୋକ୍ତ ପଦବୀ କେବେ ପୂରଣ କରାଯିବ ସେଥିପାଇଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

### ୨୨୫ କେଜି ଗଞ୍ଜେଇ ଜବତ, ୪ ଗିରଫ

**କଟକ ଅଫିସ,୨୩ା୧**

ରାଜ୍ୟ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଦୁଇଟି ସ୍ଥାନରେ ଚଢାଉ କରାଯାଇ ୨୨୫ କେଜି ଗଞ୍ଜେଇ ଜବତ କରାଯାଇଛି। ଫୁଲବାଣୀରୁ କୋଲକତା ଗଞ୍ଜେଇ ଚାଲାଣ ହେଉଥିଲା। ଖବରପାଇ ମଙ୍ଗୁଳି ଛକ ନିକଟରେ ସ୍କ୍ୱାର୍ଡ ପକ୍ଷରୁ ଚଢ଼ାଉ କରାଯାଇ ୧୫୦ କେଜି ଗଞ୍ଜେଇ ସହ ୪ଚକିଆ ଗାଡ଼ି ଜବତ କରାଯାଇଛି। ଏହି ଘଟଣାରେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲା ବନଗ୍ରାମ ଥାନା ଅଧୀନ ବୋଅଲଦାର ମାଣିକ ମଣ୍ଡଳ, ଅଜିମ୍ ବିଶ୍ୱାସ ଓ ଜସିମ ମଣ୍ଡଳଙ୍କୁ ଗିରଫ କରାଯାଇଛି। ସେହିପରି ବାରଙ୍ଗ ଥାନା ଅଧୀନ ତ୍ରିଶୂଳିଆ ଛକରେ ଚଢ଼ାଉ କରାଯାଇ କାର(ଓଡ଼ି୨୪ଏକ୍ୟୁ-୧୮୫୭) ସହ ୭୫ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଏନେଇ ଦୁଇଟି ମାମଲା (ନଂ.୪୩୬,୪୩୭/୨୩) ରୁଜୁ ହୋଇଛି।

# ଯୁଗ ପୁରୁଷଙ୍କୁ ମନେ ରଖିବା ଆମର କର୍ତ୍ତବ୍ୟ

**ବାଲିକୁଦା/ପାରାଦୀପ/ ଏରସମା/ବିରିଡ଼ି/ ୨୩ା୧(ସ୍ୱ.ପ୍ର./ଡି.ଏନ୍.ଏ.)**



ବିରିଡିଠାରେ ଆୟୋଜିତ ନେତାଜୀ ସୁଭାଷ ବୋଷ ଜୟନ୍ତୀରେ ଶ୍ୟାମ ସୁନ୍ଦର ଦାଶଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

ବାଲିକୁଦାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନାଗପୁରସ୍ଥିତ ମା' ଜାଗୁଲାଇଙ୍କ ପବିତ୍ର ପୀଠରେ ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ଏନେଇ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ସଂସଦ ସଭାପତି କୈଳାସ ବିଶ୍ୱାଳଙ୍କ ସଭାପତିତ୍ୱରେ ଓ ସମ୍ପାଦକ ଅରୁଣ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ରାଜ୍ୟ ଓ ଜାତୀୟ ପୁରସ୍କାରପ୍ରାପ୍ତ କୃତୀ ଶିକ୍ଷକ ଡ. ବିଷ୍ଣୁ ଚରଣ ସ୍ୱାଇଁ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ବାରିକ, ଜଗତପ୍ରସାଦ ମହାନ୍ତି, ବୈରାଗୀ ଚରଣ ରାଉତ, ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଯୋଗଦେଇ ଯୁଗ ପୁରୁଷମାନଙ୍କୁ ମନେ ରଖିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ । ପବିତ୍ର ମୋହନ ସାହୁ, ଭାରତୀ ମିଶ୍ର, ସରୋଜକାନ୍ତ ସ୍ୱାଇଁ, ଅମ୍ବିକା ପାଣି, ପ୍ରଫୁଲ୍ଲ ଷଡ଼ଙ୍ଗୀ, ସୁଶ୍ରୀ ସ୍ମିତା ଦାସ ପ୍ରମୁଖ ଏଥିରେ ଯୋଗଦେଇ ଏହାର ତାତ୍ପର୍ଯ୍ୟତା ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ଥାଇଲୋ ପଞ୍ଚାୟତର ଜଏଗାଁ ସ୍ଥିତ ଶ୍ରୀକୃଷ୍ଣ ଗୁରୁକୁଳଠାରେ ପ୍ରଶାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଧର୍ମାନନ୍ଦ ଦାସ, ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ର ଶତପଥୀ ଓ ସମ୍ମାନିତ ଅତିଥି ବାବେ ବିଜୟ ପରିଡ଼ା ଯୋଗଦେଇଥିଲେ । ବିଷ୍ଣୁ ପ୍ରିୟା ମଲ୍ଲିକ ସ୍ୱାଗତ ଭାଷଣ ଓ ରାଜନନ୍ଦିନୀ ଦାସ ଧନ୍ୟବାଦ ଦେଇଥିଲେ। ପାରାଦୀପରେ ବଡ଼ପଡିଆ ବସ୍‌ଷ୍ଟାଣ୍ଡ ଛକରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ସୋମବାର ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନେତାଜୀ ମେମୋରିଆଲ ଟ୍ରଷ୍ଟ ଅଧ୍ୟକ୍ଷ ପବିତ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାବୁରାମ ଚୌଧୁରୀ, ବିଷ୍ଣୁ ମୁଦୁଲି, ସବିତା ମହାପାତ୍ର ପ୍ରମୁଖ ଯୋଗଦେଇ ବୋଷଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହିପରି ମଧୁବନ ଇନ୍ଦିରାପାର୍କ ସ୍କୁଲରେ ସୂର୍ଯ୍ୟମୁଖୀ ଅନୁଷ୍ଠାନ ପକ୍ଷରୁ ଜୟନ୍ତୀ ପାଳନ କରାଯାଇଥିଲା।

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ କାଳୀ ମଣ୍ଡପ ସମ୍ମୁଖରେ ସୁଭାଷ ବୋଷଙ୍କ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏରସମାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଦୁଇ ମୁକ୍ତି ସଂଗ୍ରାମୀଙ୍କ ଜୀବନାଦର୍ଶ ଉପରେ ଆଧାରିତ ଫଟୋଚିତ୍ର ଓ ବକ୍ତବ୍ୟକୁ ନେଇ ଏକ ପ୍ରଦର୍ଶନୀ କରାଯାଇଥିଲା । ସଚେତନ ନାଗରିକ ମଞ୍ଚର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଏହି ସଭାରେ ମଞ୍ଚ ସମ୍ପାଦକ ଜ୍ଞାନ ରଞ୍ଜନ ଦାସ ସଭାପତିତ୍ୱ କରିଥିଲେ । ଏଥିରେ ଉପଦେଷ୍ଟା ରବି ଦାସ, ନିବାରଣ ନାୟକ, ନରେନ୍ଦ୍ର କୁମାର ସ୍ୱାଇଁ, ସାରଦା ପ୍ରସନ୍ନ ଜେନା, ଧ୍ୱଜରାଜ ଖଣ୍ଡୁଆଳ, ଅରୂପାନନ୍ଦ ସ୍ୱାଇଁ, ପ୍ରସନ୍ନ କୁମାର କୁଅଁର, ଅମରେନ୍ଦ୍ର ଦଳାଇ, ଶଶିଭୂଷଣ ସ୍ୱାଇଁ, ବଳରାମ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକସ୍ତରୀୟ ଚିତ୍ରାଙ୍କନ ଓ ବକ୍ତବ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ସଭାପତି ପ୍ରବୀର ପଣ୍ଡା ଧନ୍ୟବାଦ ଦେଇଥିଲେ। ସେହିପରି ବିରିଡି ହାଟସ୍ଥିତ ଜୟପ୍ରକାଶ ମଣ୍ଡପରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନେତାଜୀ ସ୍ମୃତି ସଂସଦ ବିରିଡି ଆନୁକୂଲ୍ୟରେ ଆୟୋଜିତ ସଭାରେ ଅନୁଷ୍ଠାନର ସଭାପତି ଯୁଧିଷ୍ଠିର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ କବି ଗ୍ରନ୍ଥକାର ବସନ୍ତ ମାଝି, ମୁଖ୍ୟ ବକ୍ତା ଭାବେ ପ୍ରଫେସର ଅଭୟ କୁମାର ବେହେରା, ଅନ୍ୟତମଅତିଥି ଭାବେ ସିଟୁର ରାଜ୍ୟଉପ ସଭାପତି ଲୋଭାକାନ୍ତ ସ୍ୱାଇଁ , କବି ତଥା ପୂର୍ବତନ ଶିକ୍ଷକ ବୈକୁଣ୍ଠ ନାଥ ମିଶ୍ର, ଶ୍ୟାମ ସୁନ୍ଦର ଦାଶ, କବି ପିନାକି ସିଂ, ଶ୍ରମିକ ନେତା ପୀତାମ୍ବର ଲେଙ୍କା, କବି ବାମଦେବ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ସ୍ୱାଧୀନତା ପାଇଁ ନେତାଜୀଙ୍କ ସଂଗ୍ରାମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି ବୋଲି କହିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଙ୍ଗୀତ ଓ ବକ୍ତୃତା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ବୈକୁଣ୍ଠ, ଶ୍ୟାମ ସୁନ୍ଦର, ପିତାମ୍ବର ଓ ପିନାକୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବଢୁଛି ଅନୁପ୍ରବେଶ, ପ୍ରଶାସନ ନୀରବ

- ପ୍ରମାଣପତ୍ର ରଦ୍ଦ ପରେ ଅମିତ ଏବେବି ଜିଲାରେ ରହୁଛନ୍ତି
- ଚିହ୍ନଟ ଅନୁପ୍ରବେଶକାରୀ ସ୍ଥାନାନ୍ତର ହୋଇନାହାନ୍ତି
- ଦେଶ, ଜିଲା ପାଇଁ ବିପଦ ଥିବା ବୁଦ୍ଧିଜୀବୀଙ୍କ ମତ

କେନ୍ଦ୍ରାପଡ଼ା ଅଫିସ,୨୩।୧


Bangladesh Technical Education Board, Dhaka
Secondary School Certificate (Vocational) Examination, 2009
SL No. 491453
Registration no. 647490
Session 2006
This is to certify that Amit Roy
son/daughter of Bidhan Chandra Roy
and Ashalata Roy
of Dumuria Secondary School, Bagerhat
bearing Roll No. 850750 duly passed the Secondary School Certificate (Vocational)
Examination in General Electrical Works Trade held in the month of
February - March, 2009. He/she secured GPA 4.09 on a scale of 5.00. His/Her
date of birth is Twenty Fifth December Nineteen Hundred and Ninety Three
Checked & Compared by
Dated, Dhaka the Nov. 9, 2009
Deputy/Controller of Examinations


ସରସ୍ବତୀ ଶିଶୁ ବିଦ୍ୟା ମନ୍ଦିର
Anadi Ch. Swain

ଅମିତ୍‌ଙ୍କ ବାଂଲାଦେଶୀ ପ୍ରମାଣପତ୍ର ଓ ମହାକାଳପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ହାତେଇଥିବା ସାର୍ଟିଫିକେଟ ।

ଅମିତ ରାୟ(୩୦) । ଆଶାଲତା ଓ ବିଧାନ ରାୟଙ୍କ ପୁଅ ଅମିତଙ୍କ ବାଂଲାଦେଶର ଠିକଣା ଅନୁଯାୟୀ ବଜରହାଟ ଜିଲା ଛତଲମାରି ଥାନା ଆରୁଲିଏ ଗାଁରେ ରୁହନ୍ତି। ଢାକାର ବାଂଲାଦେଶ ଟେକ୍ନିକାଲ ଏଡୁକେଶନ ବୋର୍ଡ ଅଧୀନରେ ୨୦୦୯ ମସିହାରେ ସେକେଣ୍ଡାରି ସ୍କୁଲ ପାସ୍ ସହ ବରିସାଲର ପିଙ୍କି କମ୍ପ୍ୟୁଟର ଟ୍ରେନିଂ ସେଣ୍ଟରରୁ ୨୦୧୧ ମସିହାରେ ସାର୍ଟିଫିକେଟ ହାସଲ କରିଛନ୍ତି। ତେବେ ତାଙ୍କର ଅନ୍ୟତମ ଠିକଣା ହେଉଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବରକୋଳିଖଳା। ସ୍ଥାନୀୟ ଅଞ୍ଚଳରେ ୩ ବର୍ଷ ଧରି ସୁଭଦ୍ରା ଓ ବିକାଶ ରାୟଙ୍କ ପୁଅ ଭାବେ ପରିଚିତ ହେଉଛନ୍ତି। ସ୍ଥାନୀୟ ରାମନଗରସ୍ଥ ସରସ୍ୱତୀ ଶିଶୁ ମନ୍ଦିରରୁ ୨୦୦୨ରୁ ୨୦୧୦ ପର୍ଯ୍ୟନ୍ତ ପାଠ ପଢ଼ିଥିବା ସାର୍ଟିଫିକେଟ ପାଇଛନ୍ତି। ଏପରି କି ଏହି ସାର୍ଟିଫିକେଟ ବଳରେ ଭୋଟର ପରିଚୟପତ୍ରଠାରୁ ଆରମ୍ଭକରି ବିଭିନ୍ନ ସରକାରୀ ପ୍ରମାଣପତ୍ର ତାଙ୍କ ନାମରେ ଅଛି। ଏ ନେଇ ବରକୋଳିଖଳା ଗାଁର ସୁଭଦ୍ରାଙ୍କ ପ୍ରଶାସନିକ ଅଭିଯୋଗ ପରେ ୨୦୧୮ରେ ତାଙ୍କର ସମସ୍ତ ପ୍ରମାଣପତ୍ର ରଦ୍ଦ କରାଯାଇଥିଲା। ତତ୍କାଳୀନ ଜିଲାପାଳ ଦାଶରଥି ଶତପଥୀ ବାଂଲାଦେଶକୁ ଫେରିଯିବା ପାଇଁ ଅମିତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଅମିତ ଏବେ ବାଂଲାଦେଶକୁ ଯିବା ପରିବର୍ତ୍ତେ କୋଲକାତା ଓ କେନ୍ଦ୍ରାପଡ଼ା ଜିଲାରେ ରହୁଛନ୍ତି। କେନ୍ଦ୍ରାପଡ଼ା ଜିଲାକୁ ବାଂଲାଦେଶୀ ଅନୁପ୍ରବେଶ କ୍ଷେତ୍ରରେ ଅମିତ ଏକ ଉଦାହରଣ। ଏହା ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ଅନୁପ୍ରବେଶକାରୀଙ୍କ ଚିହ୍ନଟୀକରଣ ସହ ୨୦୦୫ ମସିହାରେ ଦେଶାନ୍ତର ପାଇଁ ନୋଟିସ ଦେଇଛନ୍ତି। ମାତ୍ର ଜଣେ ହେଲେ ଅନୁପ୍ରବେଶକାରୀଙ୍କୁ ସ୍ଥାନାନ୍ତର କରାଯାଇପାରିନାହିଁ। ସେହିପରି ୨୦୧୯ ମସିହାରେ ୧୩୭ଜଣଙ୍କୁ ଚିହ୍ନଟ କରାଯାଇ ଭୋଟର ତାଲିକାରୁ ନାମ ହଟାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନୋଟିସ ହୋଇଛି। ଅପରପକ୍ଷରେ ଉପାନ୍ତ ଅଞ୍ଚଳରେ ମାତ୍ରାଧିକ ଅନୁପ୍ରବେଶକାରୀଙ୍କୁ ଦେଖିବାକୁ ମିଳୁଥିବା ବେଳେ ସମଗ୍ର ଜିଲାରେ ଏମାନେ କାର୍ଯ୍ୟ ବିସ୍ତାର କରିଥିବା ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ଜଙ୍ଗଲ ଜମି ଜବରଦଖଲଠାରୁ ଆରମ୍ଭକରି ନିଶା କାରବାରରେ ଏମାନଙ୍କ ହାତ ରହୁଥିବା ସେମାନେ ପ୍ରକାଶ କରିବା ସହ ତୁରନ୍ତ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଉ ବୋଲି ଦାବି କରିଛନ୍ତି।

ଏ ସମ୍ପର୍କରେ ସାମାଜିକ କର୍ମୀ ସୁନୀଲ କୁମାର ଗନ୍ତାୟତ, ପ୍ରତାପ କୁମାର ତ୍ରିପାଠୀ, ପ୍ରଭାତ ଦାସ, ଅଶେଷ ଖଟୁଆ, ଡ. ପି.ଏନ୍. ଗୌରାଙ୍ଗ ପ୍ରମୁଖ କହିଛନ୍ତି, ଜିଲା ତଥା ଦେଶ ପାଇଁ ଅନୁପ୍ରବେଶକାରୀମାନେ ବିପଦ ସାଜିଛନ୍ତି। ବଙ୍ଗଭଙ୍ଗ ସମୟରେ ଜିଲାରେ ମାତ୍ର ୧୨୩୭ ଜଣ ବଙ୍ଗ ଶରଣାର୍ଥୀଙ୍କୁ ଥଇଥାନ କରାଯାଇଥିଲା। ମହାକାଳପଡ଼ା ବ୍ଲକ ରାମନଗରର ସୀମିତ ଅଞ୍ଚଳରେ ଏମାନେ ରହୁଥିଲେ। ସାମ୍ପ୍ରତିକ ସମୟରେ ବାଂଲାଦେଶୀମାନେ ସମୁଦ୍ର ତଥା ବିଭିନ୍ନ ସଡ଼କପଥ ଦେଇ କେନ୍ଦ୍ରାପଡ଼ା ଜିଲାରେ ପହଞ୍ଚୁଛନ୍ତି। ୨୦୨୦ ମାର୍ଚ୍ଚରେ ୬ ଜଣ ବାଂଲାଦେଶୀଙ୍କୁ ସ୍ଥାନୀୟ ଜମ୍ବୁ ପୋଲିସ ଧରିବା ପରେ ଛାଡ଼ି ଦେଇଥିଲା। ଏମାନେ ପ୍ରଥମେ ଏଠାରେ ସ୍ଥାନୀୟ ଅଧିବାସୀଙ୍କ ଜରିଆରେ ନିଜର ପରିଚୟପତ୍ର ଯୋଗାଡ଼କରିବା ପରେ ଜଙ୍ଗଲ ଜମିକୁ ମୁଖ୍ୟ ଟାର୍ଗେଟ କରି ବସତି ସ୍ଥାପନ କରୁଛନ୍ତି। ଏହାର ପରିଣାମ ସ୍ୱରୂପ ୧୯୬୦ରୁ ଅଦ୍ୟାବଧି ଜିଲାରେ ୪୨ଟି ବଙ୍ଗଭାଷୀ ଅଧ୍ୟୁଷିତ ରାଜସ୍ୱ ଗ୍ରାମ ସୃଷ୍ଟି ହୋଇସାରିଲାଣି। ଏହାଦ୍ୱାରା ଜାତୀୟ ଉଦ୍ୟାନ ଭିତରକନିକା ବିପଦରେ ପଡ଼ିଛି। ଅନୁପ୍ରବେଶକାରୀମାନେ ଜାତୀୟ ଉଦ୍ୟାନ ସଂରକ୍ଷିତ ଅଞ୍ଚଳ ହୋଇଥିଲେ ମଧ୍ୟ ଜୀବଜନ୍ତୁ ଶିକାର, ଚିଙ୍ଗୁଡ଼ି ଘେରି ନିର୍ମାଣ, ଗଛ କାଟିବା ଆଦି କାର୍ଯ୍ୟ ସହ ଚୋରା ନିଶା କାରବାରରେ ଲିପ୍ତ ରହୁଛନ୍ତି। ଏ ନେଇ ବହୁ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଜିଲାର ୩ ସାମୁଦ୍ରିକ ଥାନାର ଭିତ୍ତିଭୂମି ସୁଦୃଢ ସହ ଅନୁପ୍ରବେଶକାରୀଙ୍କ ଚିହ୍ନଟୀକରଣ ଏବେ ଜରୁରୀ ହୋଇଥିବା ସେମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଅମିତଙ୍କ ଭାରତୀୟ ବାପା ବିକାଶଙ୍କୁ ୯୦୭୮୦୩୯୮୧ରେ ବହୁବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଅମିତଙ୍କର ସମସ୍ତ ଭାରତୀୟ ପ୍ରମାଣପତ୍ର ରଦ୍ଦ ହୋଇଛି। ତେବେ ଅମିତ ରହୁଥିବା ନେଇ ଅନୁସନ୍ଧାନ ହେବ। ଅନୁପ୍ରବେଶକୁ ନେଇ କୌଣସି ଲିଖିତ ଅଭିଯୋଗପତ୍ର ନ ଥିବାରୁ ସାମୂହିକ ଭାବେ ଚିହ୍ନଟ କରିବା ଏବେ ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।

# ଉପକୂଳରୁ ବାସୁମତି ଧାନ ଆନ୍ଧ୍ର, କୋଲକାତା ଚାଲାଣ

- ଚାଷୀଙ୍କଠାରୁ ୩ ହଜାର କୁଇଣ୍ଟାଲ କିଣି ୪ ହଜାରରେ ବିକ୍ରି
- ଧାନମଣ୍ଡି ପ୍ରତି ବିମୁଖ ଚାଷୀ
- କୁଇଣ୍ଟାଲ ପିଛା ୫ କିଲୋ ହେଉଛି କଟ୍‌ନି ଛଟ୍‌ନି

ମହାକାଳପଡ଼ା, ୨୩।୧(ଡି.ଏନ.ଏ.)



ମହାକାଳପଡ଼ା ବ୍ଲକ ଅଞ୍ଚଳରୁ ଟ୍ରକ୍ ଯୋଗେ ବାସୁମତୀ ଧାନ ଚାଲାଣ ହେଉଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଚାଷୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ଖରିଫ ଋତୁରେ ଧାନ ଚାଷ କରିଛନ୍ତି। ତେବେ ଚାଷୀମାନେ ମଣ୍ଡିରେ ୨୦୪୦ ଟଙ୍କାରେ ଧାନ ବିକ୍ରି ପାଇଁ ସରକାର ନିୟମ କରୁଛନ୍ତି। ହେଲେ ଚାଷୀମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ଖରିଫ ଫସଲ ଧାନ ବାସୁମତୀ ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। କାରଣ ସ୍ଥାନୀୟ ଧାନ ବ୍ୟବସାୟୀମାନେ ଚାଷୀଙ୍କଠାରୁ ବାସୁମତୀ ଧାନକୁ ୩ହଜାର ଟଙ୍କାରେ କିଣି ଆନ୍ଧ୍ର ଓ କୋଲକାତା ବ୍ୟବସାୟୀଙ୍କୁ ବେଶ୍ ଉଚ୍ଚ ମୂଲ୍ୟରେ ବିକ୍ରି କରୁଥିବା ଦେଖିବକୁ ମିଳୁଛି। ଆନ୍ଧ୍ର ଓ କୋଲକାତା ବ୍ୟବସାୟୀମାନେ ଏହି ଅଞ୍ଚଳର ସ୍ଥାନୀୟ ବ୍ୟବସାୟୀଙ୍କୁ ହାତକରି ଚାଷୀଙ୍କଠାରୁ ବାସୁମତୀ ଧାନ ବିପୁଳ ପରିମାଣରେ ଟ୍ରକ୍ ଯୋଗେ ଚାଲାଣ କରୁଛନ୍ତି। ଏଠାରେ ପ୍ରଶ୍ନ ଉଠେ ସରକାର ଚାଷୀମାନଙ୍କ ହିତ ସାଧନ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଚାଷୀଟିଏ ଯେପରି ଅଭାବୀ ବିକ୍ରିର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସମବାୟ ଓ ଯୋଗାଣ ବିଭାଗ ପକ୍ଷରୁ ବ୍ଲକରେ ୨୪ଟି ପ୍ରାଥମିକ କୃଷି ସମବାୟ ସମିତି ଖୋଲାଯାଇଛି। ଏହି ଧାନମଣ୍ଡିଗୁଡ଼ିକରେ ଚାଷୀଙ୍କଠାରୁ କୁଇଣ୍ଟାଲ ଧାନ ପ୍ରତି ୫ କିଲୋ ଧାନ କଟ୍‌ନି ଛଟ୍‌ନି କରୁଛନ୍ତି। ଫଳରେ ସ୍ଥାନୀୟ ଚାଷୀମାନେ ମଣ୍ଡିରେ ବିକ୍ରି ନ କରି ବାଧ ହୋଇ ରାଜ୍ୟ ବାହାର ବ୍ୟବସାୟୀଙ୍କୁ ବିକ୍ରିକରି ବେଶ୍ ଦୁଇପଇସା ରୋଜଗାର କରୁଛନ୍ତି। ଏହି ବାସୁମତୀ ଧାନ ବ୍ଲକର ଖରିନାସୀ, ବତୀଘର, ରାମନଗର, ପେଟଛେଲା, ଜମ୍ବୁ, ବଉଳକଣି, ସୁନିତି, ନାଞ୍ଜୁରା ଆଦି ପଞ୍ଚାୟତରୁ ଟ୍ରକ୍‌ରେ ଚାଲାଣ ହେଉଛି। ଦୈନିକ ୫ରୁ ୧୦ ଟ୍ରକ୍ ଧାନ ରାଜ୍ୟ ବାହାରକୁ ଯାଉଛି। ଏ ସମ୍ପର୍କରେ ବ୍ଲକ ସମବାୟ ଅଧିକାରୀ ଯୋଗେନ୍ଦ୍ର ବିଶ୍ୱାଳଙ୍କ ପଚାରିବାରେ ନିର୍ଦ୍ଦିଷ୍ଟ ଅଭିଯୋଗ ମିଳିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ବର୍ଦ୍ଧିତ ଟିକସ ଆକଳନ ପ୍ରତ୍ୟାହାର ଦାବିରେ ବୁଲିଲା ଜନ ଜାଗରଣ ରଥ

କଳିଙ୍ଗନଗର, ୨୩।୧(ଡି.ଏନ୍.ଏ.)

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ସୋମବାର ରାଜ୍ୟ ସରକାରଙ୍କ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ପକ୍ଷରୁ ପୌରପରିଷଦ ବିନା ପରାମର୍ଶରେ ଓ ବିଭିନ୍ନ ୱାର୍ଡର ଗୃହକର୍ତ୍ତାମାନଙ୍କ ବିନା ସ୍ୱୀକୃତିରେ ଘରବାଡି ମାପ କରିବା ଓ ପୂର୍ବ ଘର ଟିକସକୁ ବିଚାରକୁ ନ ନେଇ ମନଇଚ୍ଛା ମାତ୍ରାଧିକ ଟିକସ ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର ଦାବିରେ ଗୋପବନ୍ଧୁ ଛକଠାରେ ଏକ ଜନ ଜାଗରଣ ରଥର ଶୁଭାରମ୍ଭ ହୋଇଛି । ଏହାକୁ ଅବସରପ୍ରାପ୍ତ ଅଧିକାରୀ ତରୁଣ କୁମାର ଦାସ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଆୟୋଜିତ ପ୍ରତିବାଦ ସଭା ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଆଇନଜୀବୀ ବିବେକାନନ୍ଦ ମହାନ୍ତି, ଅଭିମନ୍ୟୁ ମିଶ୍ର, ଆଲୋକ ମହାନ୍ତି, ଦେବେନ୍ଦ୍ର କୁମାର ସାମଲ, ସନ୍ତୋଷ କୁମାର ମହାନ୍ତି, ଅଜୟ କୁମାର ସାହୁ, ପଦ୍ମନାଭ ନାୟକ, ଜୟକୃଷ୍ଣ ସାହୁ, କୁଞ୍ଜବିହାରୀ ମହାନ୍ତି ପ୍ରମୁଖ ଯୋଗଦେଇ କହିଛନ୍ତି, ଏହି ଟିକସ ଆକଳନ ଭୁବନେଶ୍ୱର, ବ୍ରହ୍ମପୁର, କଟକ, ଯାଜପୁର ପୌରାଞ୍ଚଳରେ ହୋଇନାହିଁ । ପୁଣି ବ୍ୟାସନଗର ପୌରବାସୀଙ୍କ ଆୟକୁ ଆଖି ଆଗରେ ନ ରଖି କରାଯାଇଛି । ବ୍ୟବସାୟୀ ପ୍ରତିଷ୍ଠାନ ପ୍ରତି ଅତ୍ୟାଧିକ ଟିକସ ଆକଳନ ହୋଇଛି। ଏହାକୁ ବିରୋଧ କରାଯିବ । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ତୁରନ୍ତ ବର୍ଦ୍ଧିତ ଟିକସ ପ୍ରତ୍ୟାହାର ନ କଲେ ପୌରଗୃହ କର୍ତ୍ତାମାନଙ୍କୁ ନେଇ ଆନ୍ଦୋଳନ ଜୋରଦାର କରାଯିବ ବୋଲି ବକ୍ତାମାନେ ଘୋଷଣା କରିଥିଲେ ।


ଗୋପବନ୍ଧୁ ଛକଠାରେ ଜନ ଜାଗରଣ ରଥର ଶୁଭାରମ୍ଭ କରାଯାଉଛି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଜ୍ୟୋତିରଞ୍ଜନ


@ ସାଜନ


@ ରିଷି


@ ଶିବରାମ


@ ସନ୍ଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାବାଳିକାଙ୍କୁ ଅପହରଣ ଉଦ୍ୟମ ପଣ୍ଡ

ରସୁଲପୁର, ୨୩।୧(ଡି.ଏନ.ଏ.)

- ଅପହୃତା ଜେନାପୁର ଥାନା ଅଞ୍ଚଳରୁ ଠାବ
- ୨ ଅପହରଣକାରୀ ଫେରାର

ଯାଜପୁର ଜିଲା ଧର୍ମଶାଳା ଥାନା ବାରବାଟୀ ଅଞ୍ଚଳରୁ ଜଣେ ୧୧ବର୍ଷିୟା ନାବାଳିକାଙ୍କୁ ୨ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ଅପହରଣ କରି ଫେରାର ହୋଇଯାଉଥିଲେ। ଧର୍ମଶାଳା ଓ ଜେନାପୁର ପୋଲିସର ମିଳିତ ଉଦ୍ୟମରେ ସେହି ଅପହଣ ଉଦ୍ୟମକୁ ପଣ୍ଡ କରିଦିଆଯାଇଛି। ଅପହୃତା ନାବାଳିକାଙ୍କୁ ପୋଲିସ ଠାବ କରିଥିବା ବେଳେ ଅପହୃତା ୨ ଯୁବକ ଫେରାର ହୋଇଯାଇଛନ୍ତି । ପୋଲିସ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଆରମ୍ଭ କରିଛି ।

ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ବାରବାଟୀ ନିକଟସ୍ଥ ବ୍ରାହ୍ମଣୀ ନଦୀବନ୍ଧ ନିକଟସ୍ଥ ଏକ ଘର ପାଖକୁ ୨ଜଣ ଯୁବକ ଏକ ବାଇକ୍ ଯୋଗେ ଆସିଥିଲେ। ଘର ସମ୍ମୁଖରେ ବସିଥିବା ପରିବାର ଲୋକଙ୍କୁ ଆପଣମାନଙ୍କ ଆଧାର କାର୍ଡ ଆଣନ୍ତୁ ବୋଲି କହିଥିଲେ। କୌଣସି ସରକାରୀ ବାବୁ ଆସିଛନ୍ତି ଭାବି ପରିବାର ଲୋକେ ଆଧାର କାର୍ଡ ପାଇଁ ଘର ଭିତରକୁ ଯାଇଥିଲେ । ଏହି ସୁଯୋଗରେ ସେଠାରେ ଥିବା ଜଣେ ନାବାଳିକାଙ୍କୁ ସେମାନେ ବାଇକ୍‌ରେ ବସାଇ ଦ୍ରୁତଗତିରେ ଫେରାର ହୋଇଯାଇଥିଲେ । ତେବେ ଅପହରଣକାରୀମାନେ ନାବାଳିକାଙ୍କୁ ନେଇ ଯାଉଥିବା ସମ୍ପର୍କରେ ପୋଲିସ ଖବର ପାଇ ସେମାନଙ୍କୁ କାବୁ କରିବା ପାଇଁ ଚାରିଆଡେ ନାକାବନ୍ଦୀ କରି ଦେଇଥିଲା। ପୋଲିସ ପିଛା କରୁଥିବା ଜାଣିପାରି ଦୁର୍ବୃତ୍ତମାନେ ନାବାଳିକାଙ୍କୁ ଜେନାପୁର ଥାନା ଅନ୍ତର୍ଗତ କୁସୁନପୁର ନିକଟରେ ଛାଡି ଚାଲିଯାଇଥିଲେ। ରାସ୍ତା ଉପରେ ଝିଅଟିଏ ଛିଡା ହୋଇ କାନ୍ଦୁଥିବା ଦେଖି ଲୋକେ ତାଙ୍କୁ ପୋଲିସ ଜିମା ଦେଇଥିଲେ। ପୋଲିସ ଉଦ୍ଧାର ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଆରମ୍ଭ କରିଛନ୍ତି । ଏ ସମ୍ପର୍କରେ ଧର୍ମଶାଳା ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି। ଅପହରଣକାରୀମାନେ ବାଇକ୍‌ରେ ଝିଅଟିକୁ ବାରବାଟୀ ବଜାର ଓ ଗଣେଶ ବଜାର ଦେଇ ବାରବାଟୀ-କଳଣ ରାସ୍ତା ଦେଇ ନେଇ ଯାଉଥିଲେ । ସନ୍ଧ୍ୟା ସମୟରେ ବଜାର ଲୋକାରଣ୍ୟ ଥିବା ବେଳେ ଜଣେ ନାବାଳିକାକୁ ବାଇକ୍‌ରେ ବସାଇ ନେବା କେମିତି ସମ୍ଭବପର ହେଲା ଏନେଇ ପୋଲିସ ମନରେ ସନ୍ଦେହ ସୃଷ୍ଟି ହୋଇଛି । ତେବେ ଉଦ୍ଧାର ନାବାଳିକା ଡରି ଯାଇଥିବାରୁ ତାଙ୍କୁ ପରିବାର ଲୋକଙ୍କ ହେପାଜତରେ ଛାଡି ଦିଆଯାଇଛି । ମଙ୍ଗଳବାରଠାରୁ ଏ ନେଇ ତଦନ୍ତ କରାଯିବ ବୋଲି କହିଛନ୍ତି ।

# ପାହାଡ଼ ପାଦଦେଶରୁ ଶୀର୍ଷ ପର୍ଯ୍ୟନ୍ତ ଭିଡ଼



ମହାପୁରୁଷଙ୍କ ପୀଠରେ ପ୍ରଦୀପ ପ୍ରଜ୍ୱଳନ ପାଇଁ ଭିଡ଼ ।

## ଷଷ୍ଠ ଦିବସରେ ଓଲାଶୁଣୀ ଗୁମ୍ଫା ମେଳା

ଚଣ୍ଡିଖୋଲ, ୨୩।୧(ଡି.ଏନ୍.ଏ.)

ପବିତ୍ର ମାଘ ମାସ କୃଷ୍ଣପକ୍ଷ ଏକାଦଶୀ ତିଥି ରୁ ଆରମ୍ଭ ହୋଇ ଥିବା ଓଲାଶୁଣୀ ଗୁମ୍ଫା ମେଳା ସୋମବାର ୬ଷ୍ଠ ଦିନରେ ପହଞ୍ଚିଛି । ଏହି ମେଳା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି । ମେଳାର ଦିନ ଯେତିକି ବଢୁଛି ଲୋକଙ୍କ ସମାଗମ ସେତେ ଅଧିକ ହେଉଥିବା ଦେଖିବାକୁ ମିଳିଛି । ସୋମବାର ଓଲାଶୁଣୀ ପାହାଡ ପାଦଦେଶରୁ ଶୀର୍ଷ ଦେଶ ପର୍ଯ୍ୟନ୍ତ ପ୍ରବଳ ଜନ ଗହଳି ଲାଗିଥିଲା । ଏଥି ସହିତ ମହାପୁରୁଷଙ୍କ ସମାଧି ମନ୍ଦିର ଦର୍ଶନ ନିମନ୍ତେ ଲମ୍ବା ଧାଡ଼ିରେ ଭକ୍ତମାନେ ଯାଇଥିଲେ । ରବିବାର ଦିନ ସର୍ବାଧିକ ଭିଡ ହୋଇଥିବାରୁ ପୋଲିସକୁ ନକେଦମ୍ ହେବାକୁ ପଡ଼ିଥିଲା । ସେଥିପାଇଁ ସୋମବାର ପୋଲିସ ପକ୍ଷରୁ ଜାତୀୟ ରାଜପଥଠାରୁ ମେଳା ପଡିଆ ପର୍ଯ୍ୟନ୍ତ ୩ ଟି ସ୍ଥାନ ରେ ନୂଆ ଟ୍ରାଫିକ ପୋଷ୍ଟ କରି ଯାତାୟତକୁ ଶୃଙ୍ଖଳିତ କରଯାଇଛି ।

## ଦୀପ ଜାଳିବା ପାଇଁ ଭକ୍ତଙ୍କ ଭିଡ଼

ଓଲାଶୁଣୀ ପାହାଡ ଶୀର୍ଷରେ ଥିବା ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିର ସମ୍ମୁଖରେ ଦୀପ ଜାଳିବା ପାଇଁ ଭକ୍ତମାନେ ଭିଡ ଲଗାଇଥିବା ଦେଖିବାକୁ ମିଳିଥିଲା । ଓଲାଶୁଣୀ ଗୁମ୍ଫା ମେଳାକୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁମାନେ ସାଧାରଣତଃ କଳ୍ପ ବୃକ୍ଷରେ ଡୋରି ବାନ୍ଧିବା ଓ ମନ୍ଦିର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ କରି ମାନସିକ କରିଥାଆନ୍ତି । ମହାପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ କଲେ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ସେହି ଭଳି ମନ୍ଦିର ପରିସରରେ ଥିବା କଳ୍ପ ବୃକ୍ଷରେ ଡୋରି ବାନ୍ଧି ମାନସିକ କରିଥାଆନ୍ତି ଯାହା ପୂରଣ ହୋଇଥାଏ ବୋଲି ଭକ୍ତମାନଙ୍କ ଅତୁଟ ବିଶ୍ୱାସ ରହିଥାଏ । ସେଥିପାଇଁ ସେଠାରେ ଗହଳି ଲାଗି ରହିଛି ।

## ବ୍ୟବସାୟୀ ଖୁସ୍

ମେଳା ପଡ଼ିଆକୁ ଆସିଥିବା ବ୍ୟବସାୟୀମାନେ ଭଲ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଛି । ଏହି ମେଳାକୁ ବହୁ ଦୁରଦୁରନ୍ତରୁ ଲୋକମାନେ ଆସିଥାନ୍ତି। ମହାପୁରୁଷଙ୍କ ଦର୍ଶନ କରିବା ସହିତ ମେଳାରୁ ଘରକରଣା ସାମଗ୍ରୀ କିଣୁଥିବା ଦେଖିବାକୁ ମିଳିଛି। ଏପରି କି ଷ୍ଟେଶନାରୀ, ପ୍ଲାଷ୍ଟିକ ଓ ଇମିଟେଶନ ଦୋକାନରେ ପ୍ରବଳ ଭିଡ଼ ହୋଇଛି । ଗ୍ରାହକଙ୍କ ଚାହିଦାକୁ ଲକ୍ଷ୍ୟରଖି ଗୋଟିଏରେ ଗୋଟିଏ ମାଗଣା ଭଳି ଅଫର୍ ଦିଆଯାଉଛି। ଆଉ କେତେକ ବ୍ୟବସାୟୀ ଜିନିଷ କିଣିଲେ ଉପହାର ସାମଗ୍ରୀ ପ୍ରଦାନର ବ୍ୟବସ୍ଥା କରିଛନ୍ତି । ସେଥିପାଇଁ ଏପରି ଅଫର ରଖିଥିବା ଦୋକାନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି।


ଓଲାଶୁଣୀ ମେଳାର ଷଷ୍ଠ ଦିନରେ ଜନଗହଳି।

ଫ୍ୟାଶନ

# ଶୀତଦିନେ ଟ୍ରେଣ୍ଡି ଲୁକ୍ ପାଇଁ..



ଶୀତଦିନରେ ନିଜକୁ ଷ୍ଟାଇଲିଶ୍ ଏବଂ ଟ୍ରେଣ୍ଡି ଲୁକ୍ ଦେବା ପାଇଁ କିଏ ବା ନ ଚାହେଁ ? କିନ୍ତୁ ଥଣ୍ଡା କାରଣରୁ ଟ୍ରେଣ୍ଡ ଆପଣାଇ ହୁଏନାହିଁ । ଏହିଦିନରେ ଫ୍ୟାଶନେବଲ ଦେଖାଯିବା ସହଜ କାମ ହୋଇ ନ ଥାଏ କି କଷ୍ଟ ବି ହୋଇ ନ ପାରେ। ଏଠାରେ ଆପଣଙ୍କୁ କେତେକ ଫ୍ୟାଶନେବଲ ଟିପ୍ସ ଦେଉଛୁ ଯାହାକୁ ଆପଣ ଆପଣାଇପାରିବେ। ଏଥିରେ ଆପଣ କିଛି ଜିନିଷକୁ ଟ୍ରେଣ୍ଡରେ ସାମିଲ କରିପାରିବେ ଯାହାଦ୍ୱାରା ଆପଣ ଷ୍ଟାଇଲିଶ୍ ଦେଖାଯିବେ ।

**ଲଙ୍ଗ୍ ବୁଟ୍ସ:** ଆପଣ ଦେଖିଥିବେ ଏହି ଦିନରେ ଅଧିକାଂଶ ଲଙ୍ଗ୍ ବୁଟ୍ସ ପିନ୍ଧିଥିବାର। ଆଜିକାଲି ଲଙ୍ଗ୍ ବୁଟ୍ସର ଫ୍ୟାଶନ୍ ଚାଲିଛି। ଏହାକୁ ଆପଣ ଶର୍ଟ ପ୍ୟାଣ୍ଟ ସହିତ ଲଙ୍ଗ୍ ବୁଟ୍ସ ପିନ୍ଧିବା ଦ୍ୱାରା ଏହା ଆପଣଙ୍କୁ କାଜୁଆଲ୍ ଲୁକ୍ ଦେଇଥାଏ।

**ଷ୍ଟାଇଲିଶ୍ ବେଲ୍ଟ:** ଉ୍ୱିଣ୍ଟର ସ୍ୱେଟର ସହ ଆପଣ ଷ୍ଟାଇଲିଶ୍ ବେଲ୍ଟ ପିନ୍ଧି ନିଜ ଲୁକ୍‌କୁ କମ୍ପ୍ଲିଟ୍ ଲୁକ୍ ଦେଇପାରିବେ। କାଜୁଆଲ ଓ ସିମ୍ପୁଲ କପଡ଼ାରେ ନିଜକୁ ଆଟ୍ରାକ୍ଟିଭ୍ ଟଚ୍ ଦେବାକୁ ହେଲେ ଫ୍ୟାଶନେବଲ୍ ବେଲ୍ଟ ଭଲ ଅପ୍ସନ ହୋଇପାରିବ। ଟର୍ଟଲ ନେକ୍ ସ୍ୱେଟର ଓ ଉ୍ୱିଣ୍ଟର ଉଲେନ୍ ଡ୍ରେସ୍ ସହ ବେଲ୍ଟ ଆପଣଙ୍କୁ ବହୁତ ସୁଟ୍ କରିବ । ଏହାକୁ ଆପଣ ସହଜରେ କୌଣସି ମାର୍କେଟ୍‌ରୁ କିଣିପାରିବେ।

**ଉଲେନ୍ ସ୍କାର୍ଫ:** ଆଜିକାଲି ଝିଅମାନେ ଟର୍ଟଲ ନେକ୍ ସ୍ୱେଟର,ହାଇନେକ୍ ଟପ୍ ଓ କୋଟ୍ ସହ ଆପଣ ସ୍କାର୍ଫ ମଧ୍ୟ କ୍ୟାରି କରିପାରିବେ। ଉଲେନ୍ ସ୍କାର୍ଫ ଦେଖିବା ପାଇଁ ଆଟ୍ରାକ୍ଟିଭ୍ ହୋଇଥାଏ। ଏହା ମଧ୍ୟ ଥଣ୍ଡା ଦାଉରୁ ରକ୍ଷା କରିଥାଏ।



ଖାଦ୍ୟରୁଚି

## ସୁଜି ରସମାଲାଇ



**ଆବଶ୍ୟକ ସାମଗ୍ରୀ**

କ୍ଷୀର,ଚିନି,ସୁଜି,ଗୁଜୁରାତି ଗୁଣ୍ଡ, ଅମୁଲ ପାଉଡର, ଘିଅ, ପିସ୍ତା ବାଦାମ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଗ୍ୟାସ ଲଗାନ୍ତୁ। ଏବେ ଚୁଲାରେ କଡ଼ାଇ ବସାଇ ସେଥିରେ କ୍ଷୀର, ଚିନି ଓ ଗୁଜୁରାତି ଗୁଣ୍ଡ ପକାନ୍ତୁ। ତାହା ଫୁଟି ଅଧା ହୋଇଯିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଏହାପରେ ସୁଜିରେ ଘିଅ, ଦୁଇ କପ୍ ପାଣି ଏବଂ ଅଳ୍ପ ଚିନି ମିଶାଇ ଭଲ ଭାବରେ ରାନ୍ଧନ୍ତୁ। ସେଥିରେ ଅମୁଲ ପାଉଡର ମିଶାନ୍ତୁ। ଏହାକୁ ଭଲ ଭାବରେ ଘାଣ୍ଟନ୍ତୁ, ଯେପରି ସେଥିରେ ଗେଟା ନ ରୁହେ। ଏବେ ଏହାକୁ ଥଣ୍ଡା ହେବାକୁ ଦିଅନ୍ତୁ। ଥଣ୍ଡା ହୋଇଥିବା ସୁଜି ମିଶ୍ରଣକୁ ଭଲ ଭାବରେ ଚକଟି ହାତ ପାପୁଲିରେ ରଖି ଛୋଟ ଛୋଟ ଚେପ୍‌ଟା ଆକାରର କରନ୍ତୁ। ଏଥର ପାଣି, ଚିନି, ଗୁଜୁରାତି ଗୁଣ୍ଡ ମିଶାଇ ଶିରା ପ୍ରସ୍ତୁତ କରନ୍ତୁ। ଏବେ ଏହି ଶିରାରେ ଏଗୁଡ଼ିକୁ ପକାନ୍ତୁ। ପୂର୍ବରୁ ପ୍ରସ୍ତୁତ କ୍ଷୀର ମିଶ୍ରଣରେ ସୁଜି ଗୁଳାକୁ ଶିରାରୁ କାଢ଼ି ପକାନ୍ତୁ। ଏବେ ଆପଣଙ୍କର ସୁଜି ରସମଲେଇ ପ୍ରସ୍ତୁତ ହୋଇଗଲା। ତା'ପରେ ଏହା ଉପରେ କଟା ହୋଇଥିବା ପିସ୍ତା ବାଦାମ ପକାଇ ଗାର୍ନିସ କରନ୍ତୁ।

## ଘରୋଇ ଟିପ୍ସ

**ଶୀତଦିନରେ ଥଣ୍ଡାକାଶ ଆଦି ଲାଗି ରହିଥାଏ। ଏପରି ସମସ୍ୟାରୁ ନିଜକୁ ଓ ପରିବାରର ଅନ୍ୟ ସଦସ୍ୟଙ୍କୁ କିପରି ଦୂରେଇ ରଖିପାରିବେ ଜାଣନ୍ତୁ ଏ ସମ୍ପର୍କରେ ....**



ଶରୀରକୁ ଭିତରୁ ଷ୍ଟ୍ରଙ୍ଗ୍ ବନାଇବା ଜରୁରୀ। ଏଠାରେ କିଛି ଫୁଡ୍ସ ବିଷୟରେ ସୂଚନା ଦେଉଛୁ ଯାହାକୁ ଆପଣାଇ ଆପଣ ରହିପାରିବେ ସୁସ୍ଥ।

**ଅଦା:** ଶୀତଦିନରେ ଅଦାପାଣି ପିଇବା ଦ୍ୱାରା ଏହା ଶରୀର ପାଇଁ ଲାଭକାରୀ ହୋଇଥାଏ। ଖାଦ୍ୟରେ ଏହାକୁ ସାମିଲ କରିବା ଫଳରେ ଶରୀରକୁ ଥଣ୍ଡା ଦାଉରୁ ରକ୍ଷା କରିହୁଏ। ଏହା ଶରୀରରେ ଇମ୍ୟୁନିଟି ପାୱାର ବଢ଼ାଇଥାଏ ଏବଂ ବିଭିନ୍ନ ସଂକ୍ରାମକ ରୋଗ ସହ ଲଢ଼ିବା ପାଇଁ ସାହାଯ୍ୟ କରିଥାଏ।

**ସୋରିଷ ତେଲ :** ଖାଦ୍ୟରେ ଯଦି ଆମେ ସୋରିଷତେଲ ବ୍ୟବହାର କରିବା ଏହା ସ୍ୱାସ୍ଥ୍ୟ ପାଇଁ ଭଲ। ଯଦି ଆମେ ଏହି ଦିନରେ ସୋରିଷ ତେଲରେ ଖାଦ୍ୟ ରାନ୍ଧିବା ତେବେ ଶରୀରକୁ ଗରମ ରଖିବାରେ ସାହାଯ୍ୟ କରିବ। ଫଳରେ ଶରୀରରେ ଥଣ୍ଡା ଦୂରହୋଇ ଆପଣଙ୍କୁ ଫୁର୍ତ୍ତି ମିଳିବ।

**ଗୁଡ଼:** ଶୀତଦିନରେ ଗୁଡ଼ ଖାଇବା ଦ୍ୱାରା କେତେକ ରୋଗ ଦୂରହୋଇଥାଏ। ଏହା ହାଇ କ୍ୟାଲୋରି ଯୁକ୍ତ ଖାଦ୍ୟ। ଏହା ଶରୀରକୁ ଗରମ ପ୍ରଦାନ କରିଥାଏ। ଶୀତଦାଉରୁ ଆପଣଙ୍କୁ ରକ୍ଷା କରିଥାଏ। ଗୁଡ଼କୁ ଆପଣ ଚା, ଲଡୁ ଏବଂ ପିଠା ଆଦିରେ ଖାଇପାରିବେ।

**ରାଶି:** ରାଶି ଶରୀରକୁ ଗରମ ପ୍ରଦାନ କରିଥାଏ। ଏହା ଶରୀରର ରକ୍ତ ସଞ୍ଚାଳନରେ ସାହାଯ୍ୟ କରିଥାଏ।

**ଘିଅ:** ଘିଅ ଶରୀରକୁ ଶକ୍ତି ପ୍ରଦାନ କରିଥାଏ। ଶୀତଦିନରେ ଘିଅ ଖାଇବା ଲାଭକାରୀ ହୋଇଥାଏ। ଏହା ପାଚନ କ୍ରିୟାକୁ ସହଜ କରିଥାଏ। ଉଷୁମ ଘିଅ ଶରୀରରେ ଇମ୍ୟୁନିଟି ପାୱାର ବଢ଼ାଇଥାଏ। ଡାଲି,ଖେଚେଡ଼ି,ରୁଟି ଓ ପଲାଉ ଆଦିରେ ଗରମ ଘିଅ ପକାଇ ଖାଇଲେ ଏହା ସ୍ୱାସ୍ଥ୍ୟ ଉପକାରୀ ହୋଇଥାଏ।





# ମଧୁର ଦାମ୍ପତ୍ୟ କଥା...

**"ବିବାହ ପୂର୍ବରୁ ହେଉ ଅବା ପରେ ନିଜ ବୈବାହିକ ଜୀବନକୁ ନେଇ ଅନେକେ ରଙ୍ଗିନ ସ୍ୱପ୍ନ ଦେଖିଥାଆନ୍ତି । ହେଲେ ଏହି ସମୟରେ ପରସ୍ପର ଭିତରେ ଉତ୍ତମ ବୁଝାମଣା ହିଁ ଏହାକୁ ସଫଳ କରିବାରେ ସହାୟକ ହୋଇଥାଏ। ଯଦି ପରସ୍ପର ଭିତରେ ବୁଝାମଣାର ଅଭାବ କିମ୍ବା ପ୍ରତିଟି କଥାରେ ଯୁକ୍ତିତର୍କ, ମନୋମାଳିନ୍ୟ ଲାଗି ରହିଲା ତେବେ ଦାମ୍ପତ୍ୟ ଜୀବନ ବିଷାଦରେ ଭରିଯାଇଥାଏ।"**

ବିବାହ ହେଉଛି ଏମିତି ଏକ ବନ୍ଧନ ଯେଉଁଥିରେ କେବଳ ଦୁଇଟି ମନର ମିଳନ ହୋଇ ନ ଥାଏ ବରଂ ଦୁଇଟି ପରିବାରର ଭବିଷ୍ୟତ ସେମାନଙ୍କ ଉପରେ ନିର୍ଭର କରିଥାଏ। ହାତକୁ ଦି'ହାତ ହେବା ପରେ ଉଭୟ ସ୍ୱାମୀ-ସ୍ତ୍ରୀ ପରସ୍ପର ପରିବାରକୁ ଗୋଟିଏ ବୋଲି ମନେ କରନ୍ତି। କେତେକେ ଦୁଇଟି ପରିବାରକୁ ଗୋଟିଏ ସ୍ନେହର ଡୋରିରେ ବାନ୍ଧି ଦେଇଥାଆନ୍ତି। ଆଉ ସେହି ଡୋରିରେ ଭଲପାଇବା, ବିଶ୍ୱାସ ଓ ବୁଝାମଣା ଯେମିତି ଏକ ସୂତାରେ ଗୁନ୍ଥା ହୋଇଥିବା ମାଳି ପରି ହୋଇଥାଏ। ଏଥିପାଇଁ ବିବାହକୁ ଏକ କମ୍ପ୍ରମାଇଜ୍ ନ ଭାବି ଏହାକୁ ଈଶ୍ୱରଦତ୍ତ ମିଳନ ଭାବିବା ଦରକାର। ଯଦି ଆପଣଙ୍କ ଦାମ୍ପତ୍ୟ ଜୀବନରେ ଭଲ ପାଇବା, ସ୍ନେହଶ୍ରଦ୍ଧା, ବିଶ୍ୱାସ ଏବଂ ବୁଝାମଣାର ଅଭାବ ଦେଖିବାକୁ ମିଳେ ତେବେ ଏହି ପବିତ୍ର ସମ୍ପର୍କକୁ ଆଗେଇନେବା କଷ୍ଟକର ବ୍ୟାପାର ହୋଇଥାଏ। ଏଥିପାଇଁ ଦାମ୍ପତ୍ୟ ଜୀବନରେ କିଛି କଥାକୁ ଗୁରୁତ୍ୱ ଦେବା ସହ ଆଗକୁ ବଢ଼ିବା ଦରକାର।





**ସନ୍ତୁଳିତ ଦାମ୍ପତ୍ୟ ଜୀବନ:** ସ୍ୱାମୀ-ସ୍ତ୍ରୀ ଗୋଟିଏ ନିକିତିର ଦୁଇପାର୍ଶ୍ୱ ଭଳି, ଯାହା ସାରା ଜୀବନ ସନ୍ତୁଳିତ ହୋଇ ରହିବା ନିହାତି ଦରକାର। ଯେତେବେଳେ ଏହି ସନ୍ତୁଳନ ବିଗିଡ଼ିଯାଏ, ସେତେବେଳେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ। ତେଣୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବୁଝାମଣା ଯେତେ ଦୃଢ଼ ହେବ ସେମାନଙ୍କ ବୈବାହିକ ଜୀବନ ସେତିକି ଖୁସିରେ କଟିବ। ତେଣୁ କୌଣସି ସମସ୍ୟାକୁ ଏକ ବୋଝ ନ ଭାବି ତାହାର ଠିକ୍ ସମୟରେ ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ଏହି ସମୟରେ ଉଭୟେ ନିଜର ମାନସିକ ଭାରସାମ୍ୟ ଦୃଢ଼ ରଖିବା ନିହାତି ଦରକାର।



**ସବୁବେଳେ ରଖନ୍ତୁ ବିଶ୍ୱାସ:** ବିଶ୍ୱାସ ଏଭଳି ଏକ ଶବ୍ଦ, ଯାହା ଜୀବନକୁ ମଧୁମୟ କରିଦେଇଥାଏ। ବିଶେଷଭାବରେ ଦାମ୍ପତ୍ୟ ଜୀବନରେ ବିଶ୍ୱାସ ମୂଳଦୁଆ ପରି କାମକରେ। କାରଣ ଏହା ଉପରେ ହିଁ ଏକ ସୁଖୀ ଦାମ୍ପତ୍ୟ ଜୀବନ ନିର୍ଭର କରିଥାଏ। ତେଣୁ ବିବାହ ପରେ ସ୍ୱାମୀ-ସ୍ତ୍ରୀ ପରସ୍ପର ଉପରେ ବିଶ୍ୱାସକୁ ଅତୁଟ ରଖିବା ନିହାତି ଜରୁରୀ। କାହା କଥାରେ ପ୍ରରୋଚିତ ହୋଇ ଆଗେଇବା, ଭୁଲ୍-ଠିକ୍‌ର ହିସାବ କରି ନ ପାରିବା ଦ୍ୱାରା ଦାମ୍ପତ୍ୟ ଜୀବନ ପ୍ରଭାବିତ ହୋଇଥାଏ। ଉଭୟ ଉଭୟଙ୍କ ମଧ୍ୟରେ ବିଶ୍ୱାସ ବଜାୟ ରଖନ୍ତୁ। ଯଦି କୌଣସି କଥାକୁ ନେଇ ଆପଣଙ୍କ ମନରେ ପ୍ରଶ୍ନ ଆସେ ଏ ବିଷୟରେ ଖୋଲାଖୋଲି ଭାବେ ଆଲୋଚନା କରନ୍ତୁ। କୌଣସି ଗୁରୁତର କଥାକୁ ତୁରନ୍ତ ସମାଧାନ କରନ୍ତୁ। ଏହାକୁ ସାମଧାନ ଆଳରେ ଅଧିକ ସମୟ ଗଡ଼େଇଲେ ପରବର୍ତ୍ତୀ ସମୟରେ ତାହା ଉଭୟ ଜୀବନରେ ଏକ ଜଟିଳ ସମସ୍ୟା ଭାବରେ ଉଭା ହୋଇଥାଏ।

**ଆପୋସ ସହମତିରେ ନିଅନ୍ତୁ ନିଷ୍ପତ୍ତି:** ଆପଣ ବିବାହ ପୂର୍ବରୁ ନିଜ ନିଷ୍ପତ୍ତି ହୁଏତ ନେଇପାରୁଥାନ୍ତି, କିନ୍ତୁ ବିବାହ ପରେ ଆପଣ ଏକରୁ ଦୁଇ ହୋଇଯାଇଥାଆନ୍ତି। ସେତେବେଳେ ଆଉ ଏକ ପରିବାର ସହ ଆପଣ ସାରା ଜୀବନ ପାଇଁ ଯୋଡ଼ିହୋଇଯାଆନ୍ତି। ଏହି ସମୟରେ ସେହି ପରିବାର ବିଷୟରେ ପ୍ରଥମେ ଭଲ ଭାବରେ ଜାଣନ୍ତୁ। ଯଦି ସେହି ପରିବାରକୁ ନେଇ ମନରେ କିଛି ପ୍ରଶ୍ନ ଉଠିଲା ତେବେ ସ୍ୱାମୀଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ। କୌଣସି ବିଷୟରେ ଶେଷ ନିଷ୍ପତ୍ତି ନେବା ପୂର୍ବରୁ ଉଭୟେ ଭଲ ଭାବରେ ଆଲୋଚନା କରିବା ନିହାତି ଜରୁରୀ। ଏପରି କରିବା ଦ୍ୱାରା ୨ଜଣଙ୍କ ମଧ୍ୟରେ ଭଲପାଇବା ଓ ସମ୍ମାନ ବଢ଼ିଥାଏ। ଆପଣ ଜବରଦସ୍ତି ଏପରି କୌଣସି କାମ କରନ୍ତୁ ନାହିଁ, ଯାହା ଆପଣଙ୍କ ସ୍ୱାମୀଙ୍କ ମନରେ ଆଘାତ ଦେବ। ଦାମ୍ପତ୍ୟ ଜୀବନ ସେତେବେଳେ ସାର୍ଥକ ହୁଏ ଯେତେବେଳେ ସ୍ୱାମୀ-ସ୍ତ୍ରୀ ଉଭୟେ ସୁଖ ଦୁଃଖର ଭାଗୀଦାରି ହୋଇଥାଆନ୍ତି।

**ମତଭେଦ:** ଦାମ୍ପତ୍ୟ ଜୀବନରେ ଛୋଟମୋଟ ଝଗଡ଼ା ହେବା ନୂଆ କଥା ନୁହେଁ। ସେଥିପାଇଁ କୁହନ୍ତି, ସ୍ୱାମୀ-ସ୍ତ୍ରୀ ଭିତରେ ଝଗଡ଼ା ସକାଳ କଲି ସଞ୍ଜକୁ ନ ଥାଏ। ଯଦି ଉଭୟଙ୍କ ଭିତରେ କିଛି ମତଭେଦ ସୃଷ୍ଟି ହେଲା, ତେବେ ତାହାର ତୁରନ୍ତ ସମାଧାନ କରନ୍ତୁ। ଏହାକୁ ଆଦୌ ବଢ଼ିବାକୁ ଦିଅନ୍ତୁ ନାହିଁ। କାରଣ ଏହା ଯେତେ ଆଗକୁ ବଢ଼ିବ ତାହାର କାୟା ସେତେ ମାଡ଼ି ମାଡ଼ି ଚାଲିବ। ଏପରି ଦିନ ଆସିବ ଏହାଦ୍ୱାରା ଆପଣଙ୍କ ବୈବାହିକ ଜୀବନ ଏଭଳି ପ୍ରଭାବିତ ହେବ ଯେ, ତାହାକୁ ସମାଧାନ କରିବାକୁ ହୁଏତ ଦୁହେଁ ଅସମର୍ଥ ହୋଇପାରନ୍ତି। ମତଭେଦ ଅଧିକ ବଢ଼ାନ୍ତୁ ନାହିଁ। ନିଜ ସମ୍ପର୍କକୁ ମଜଭୁତ ରଖିବାକୁ ହେଲେ ସ୍ୱାମୀ-ସ୍ତ୍ରୀ ୨ଜଣଙ୍କୁ ବୁଦ୍ଧିମାନତାର ସହ ସମାଧାନ କରିବା ଆବଶ୍ୟକ। ଏଥିପାଇଁ ଧୈର୍ଯ୍ୟ ଓ ବିନମ୍ରତା ରହିବା ଜରୁରୀ। ଯଦି କୌଣସି କଥାକୁ ନେଇ ମତଭେଦ ରହିଥାଏ ତେବେ ସେ ବିଷୟରେ ଖୋଲାଖୋଲି ଭାବେ କଥା ହୁଅନ୍ତୁ। ଏପରି କରିବା ଦ୍ୱାରା କଥା ଯେଉଁଠୁ ଆରମ୍ଭ ହୋଇଥାଏ ସେଇଠି ହିଁ ଶେଷହୋଇଯିବ। କେବେ ନିଜ ଭିତରେ ଅହଂକାରକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ।

**ଭରସା:** ସବୁ ପରିସ୍ଥିତିରେ ନିଜକୁ କେବେ ଦୁର୍ବଳ ଭାବନ୍ତୁନାହିଁ। ସ୍ୱାମୀ-ସ୍ତ୍ରୀ ଉଭୟେ ନିଜ ଉପରେ ଭରସା ରଖନ୍ତୁ। ନିଜ ଭିତରେ ସୃଷ୍ଟି ହୋଇଥିବା ବିବାଦ ନିଜ ଭିତରେ ସମାଧାନ କରନ୍ତୁ। ଯଦି କୌଣସି କାରଣରୁ କଥା ଅଧିକ ବିଗିଡ଼ିଯାଇଛି ତେବେ ଅଭିଜ୍ଞ ପରିବାର ସଦସ୍ୟଙ୍କ ସହାୟତା ନେଇପାରନ୍ତି। ଭରସା ଏଭଳି ଏକ ଜିନିଷ ଯାହା ଥରେ ଭାଙ୍ଗିଗଲେ ପୁଣି ଥରେ ଗଢ଼ି ଉଠିବା କଷ୍ଟକର ହୋଇଥାଏ।

**ପରିସ୍ଥିତି:** ସ୍ୱାମୀ-ସ୍ତ୍ରୀ ସମ୍ପର୍କ ସେତେବେଳେ ସଫଳ କୁହାଯିବ ଯେତେବେଳେ ଉଭୟଙ୍କ ମନରେ ଦୁହିଁଙ୍କୁ ପ୍ରତି ସମ୍ମାନ ରହିବ । ୨ଜଣ କଥାହେବା ସମୟରେ ତୃତୀୟ ଜଣଙ୍କ ସାମ୍ନାରେ କେବେବି କାହାର ଖରାପ କଥା କୁହନ୍ତୁନି। ନିଜର ପସନ୍ଦ ନାପସନ୍ଦ ଉଭୟ କାହା ଉପରେ ଲଦି ଦିଅନ୍ତୁ ନାହିଁ। ଦୁହେଁ ଦୁହିଁଙ୍କ ବ୍ୟକ୍ତିତ୍ୱକୁ ଜାଣନ୍ତୁ ଓ ବୁଝନ୍ତୁ। ଏପରି କରିବା ଦ୍ୱାରା ଉଭୟ କାହା ପ୍ରତି ଅବହେଳା କରିବେ ନାହିଁ। ଏହାଦ୍ୱାରା ଆପଣ ୨ଜଣ ଖୁସିରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହୋଇପାରିବ।

### ଏମାନେ କ'ଣ କରନ୍ତି

**ମିଳିମିଶି ସମସ୍ୟାର ସମାଧାନ କରିଥାଉ:**
(ନିବେଦିତା ସାମନ୍ତରାୟ,ଯାଜପୁର)



ଦାମ୍ପତ୍ୟ ଜୀବନରେ ଅନେକ ସମସ୍ୟା ଆସେ। ଏହାକୁ ମିଳିମିଶି ସମାଧାନ କରିଥାଉ। କୌଣସି କଥାକୁ କେବେ ଅବହେଳା କରି ନ ଥାଏ। ଯେକୌଣସି ବିଷୟରେ ନିଷ୍ପତ୍ତି ନେବା ପୂର୍ବରୁ ଦୁହେଁ ଏ ବିଷୟରେ ଭଲଭାବେ ଆଲୋଚନା କରିଥାଉ। ପରସ୍ପର ଭିତରେ ଯେପରି ବିଶ୍ୱାସ ଅତୁଟ ରୁହେ ସେଥିପ୍ରତି ସବୁବେଳେ ଦୃଷ୍ଟି ଦେଇଥାଏ।

**କିଛି ଜିନିଷକୁ ଆଡ୍‌ଜଷ୍ଟ କରିନେଲେ ଭଲ :**
(ସୁଶ୍ରୀ ସମୀକ୍ଷା ମହାନ୍ତି,ମହାନଦୀ ବିହାର ,କଟକ)



ପରିବାରରେ ଯଦି କୌଣସି ସମସ୍ୟା ଆସେ ଏହାକୁ ଆମେ ୨ଜଣ କଥାବାର୍ତ୍ତା ହୋଇ ସମାଧାନକରୁ। ଦାମ୍ପତ୍ୟ ଜୀବନ ସେତେବେଳେ ସୁଖମୟ ହେବ,ଯଦି କିଛି ଜିନିଷକୁ ଆମେ ଆଡ୍‌ଜଷ୍ଟ କିମ୍ବା କମ୍ପ୍ରମାଇଜ୍ କରିନେବା । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଯଦି ବିଶ୍ୱାସ, ଭଲପାଇବା ରହିବ ତେବେ ଏହି ସମ୍ପର୍କକୁ କେହି ଭାଙ୍ଗିପାରିବେ ନାହିଁ।



ସୌନ୍ଦର୍ଯ୍ୟ

# ରୁକ୍ଷ କେଶ ପାଇଁ ପ୍ରାକୃତିକ ଉପଚାର

**ଶୀତଦିନେ ରୁକ୍ଷକେଶ ପାଇଁ କିଏ କେତେ କ'ଣ ପ୍ରଡକ୍ଟ ବ୍ୟବହାର କରିଥାନ୍ତି। ଅଧିକାଂଶ ମହିଳାଙ୍କ ହେୟାର ଫଲ୍,ଡେଣ୍ଡ୍ରଫ୍ ଓ ଡ୍ରାଏନେସ୍ ପରି କେତେକ ସମସ୍ୟା ଦେଖାଯାଏ। ଏଥିପାଇଁ କିଛି ପ୍ରାକୃତିକ ଉପାୟ ଆପଣାଇଲେ ଆପଣ ଏହି ସମସ୍ୟାରୁ ନିଜକୁ ରକ୍ଷା କରିପାରିବେ। ଜାଣନ୍ତୁ ଏ ସମ୍ପର୍କରେ....**



**ହେୟାର ମସାଜ:** ଶୀତଦିନରେ ହେୟାର ମସାଜ କରିବା ଦ୍ୱାରା କେଶରେ ରକ୍ତ ସଞ୍ଚାଳନ ଭଲ ହୋଇଥାଏ। ଏଥିପାଇଁ କେଶରେ ତେଲ ମାଲିସ୍ କରି ସ୍କାଲ୍ପକୁ ମସାଜ କରିପାରିବେ। ଏମିତିରେ ଏହି ଦିନରେ ସପ୍ତାହକୁ ୨-୩ଥର ତେଲ ମସାଜ୍ କରିବା ଦ୍ୱାରା କେଶର ଡ୍ରାଏନେସ୍ ଓ ହେୟାର ଫଲ୍ ସମସ୍ୟା କିଛି ମାତ୍ରାରେ କମିଥାଏ।

**ସାମ୍ପୋରେ ଧୁଅନ୍ତୁ କେଶ:** କେମିକାଲଯୁକ୍ତ ସାମ୍ପୋ ବ୍ୟବହାର କରିବା ଦ୍ୱାରା କେଶରେ ଡ୍ରାଏ ସମସ୍ୟା ଦେଖାଦେଇଥାଏ। ଏଥିପାଇଁ ଆପଣ ଏସ୍‌ଏଲ୍‌ଏସ୍‌ମୁକ୍ତ ଥିବା ସାମ୍ପୋ ବ୍ୟବହାର କରନ୍ତୁ। ଏହାଦ୍ୱାରା ଆପଣଙ୍କ କେଶ ମୁଲାୟମ ରହିବ।

**ହେୟାର ମାସ୍କ:** କେଶ ମୁଲାୟମ ରଖିବାକୁ ଚାହୁଁଥିଲେ କେଶରେ ହେୟାର ମାସ୍କ ବ୍ୟବହାର କରନ୍ତୁ। ବଜାରରେ ମିଳୁଥିବା ହେୟାର ମାସ୍କ ବ୍ୟବହାର କରନ୍ତୁ ନ ହେଲେ ନାଚୁରାଲ ହେୟାର ମାସ୍କ ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ।

**ଆଲୋଭେରା ଜେଲ୍:** ଔଷଧୀୟ ଗୁଣରେ ଭରପୂର ଆଲୋଭେରା ଜେଲ୍‌କୁ ଆପଣ କେଶରେ ଲଗାଇବା ଦ୍ୱାରା ଏହା ଆଣ୍ଟିବ୍ୟାକ୍ଟେରିଆ ,ଆଣ୍ଟିଏଫ୍ଲୋମେଟୋରି,ସଲିସେରିକ୍ ଏସିଡ୍‌ର ସୋର୍ସ ମିଳିଥାଏ। ଏହା କେଶରେ ମଶ୍ଚରାଇଜର ପରି ଭଲ କାମ କରିଥାଏ।



**ମୁଣ୍ଡ ଧୋଇବା ପାଇଁ ଥଣ୍ଡାପାଣି ବ୍ୟବହାର କରନ୍ତୁ:** ଶୀତଦିନରେ ମୁଣ୍ଡ ଧୋଇବା ଲାଗି ଅଧିକାଂଶ ଉଷୁମପାଣି ବ୍ୟବହାର କରିଥାନ୍ତି। ଏହା କିନ୍ତୁ କେଶକୁ ଡ୍ରାଏ କରି ଦେଇଥାଏ। ଏଥିପାଇଁ ଏହି ଦିନରେ କେବେହେଲେ ଉଷୁମ ପାଣି ବ୍ୟବହାର କରନ୍ତୁ ନାହିଁ।

**ଆଇଡିବିଆଇର ନେଟ୍ ଲାଭ ୯୨୭ କୋଟି**

**ନୂଆଦିଲ୍ଲୀ:** ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ନିକଟରେ ତା'ର ଚଳିତ ଆର୍ଥିକ ବର୍ଷ ୩ୟ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ବ୍ୟାଙ୍କର ନେଟ୍ ଲାଭ ୬୦% ବୃଦ୍ଧି ପାଇ ୯୨୭ କୋଟି ଟଙ୍କାରେ ପହଞ୍ଚିଛି। ସେହିଭଳି ଗତ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ବ୍ୟାଙ୍କର ନେଟ୍ ଲାଭ ୫୭୮ କୋଟି ଟଙ୍କା ରହିଥିଲା। ଏପରିକି ବ୍ୟାଙ୍କର ଅପରେଟିଂ ଲାଭ ବର୍ଷକୁ ବର୍ଷ ଭିତ୍ତିରେ ୧୬% ବୃଦ୍ଧି ପାଇ ୨,୦୫୧ କୋଟି ଟଙ୍କା ହୋଇଛି। ସେହିପରି ବ୍ୟାଙ୍କର ଏନ୍ଆଇଆଇ ବର୍ଷକୁ ବର୍ଷ ଭିତ୍ତିରେ ୨୩% ବୃଦ୍ଧି ପାଇ ୨୯୨୫ କୋଟି ଟଙ୍କା ହୋଇଥିବା ବେଳେ ତ୍ରୈମାସିକ ଭିତ୍ତିରେ ତାହା ୭% ବୃଦ୍ଧି ପାଇଛି।

# ମାସକରେ ୮,୧୦୦ କୋଟି ଟଙ୍କାର କାରବାର

## ଭାରତରୁ ଆପଲ ଆଇଫୋନ୍ ବିଦେଶକୁ ରପ୍ତାନି

ନୂଆଦିଲ୍ଲୀ,୨୩।୧



ଅନ୍ତଃରାଷ୍ଟ୍ରୀୟ ସ୍ମାର୍ଟଫୋନ ବ୍ରାଣ୍ଡ୍ 'ଆପଲ' ନିକଟରେ ଏକ ବିରଳ ରେକର୍ଡ ହାସଲ କରିଛି। ଏପରିକି କମ୍ପାନୀ ଗୋଟିଏ ମାସରେ ଭାରତରୁ ପ୍ରାୟ ଏକ ବିଲିୟନ ଡଲାର (୮,୧୦୦ କୋଟି ଟଙ୍କା) ମୂଲ୍ୟର ସ୍ମାର୍ଟଫୋନ୍ ବିଦେଶକୁ ରପ୍ତାନି କରିଛି। ବିଶେଷକରି ଆଇଫୋନ୍ ନିର୍ମାତା ଆପଲ ୨୦୨୨ ଡିସେମ୍ବରରେ ଏହି ବିରଳ ଉପଲବ୍ଧି ହାସଲ କରିଥିବା ଆପଲ ପକ୍ଷରୁ କୁହାଯାଇଛି। ସେହିଭଳି ଭାରତର ସ୍ମାର୍ଟଫୋନ୍ ଉଦ୍ୟୋଗଗୁଡ଼ିକ ୨୦୨୨ ଡିସେମ୍ବରରେ ପ୍ରାୟ ୧୦,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ମୋବାଇଲ ଫୋନ ରପ୍ତାନି କରିଛି, ବର୍ତ୍ତମାନ ଆପଲ ଏବଂ ସାମସଙ୍ଗ ଭାରତରୁ ବିଦେଶକୁ ମୋବାଇଲ ଫୋନ୍ ରପ୍ତାନି କରିବାରେ ପ୍ରମୁଖ କମ୍ପାନୀ ଭାବେ ଉଭା ହୋଇଛନ୍ତି। ଏପରିକି ସରକାରୀ ସୂଚନା ଅନୁସାରେ ୨୦୨୨ ନଭେମ୍ବରରେ ଆପଲ ପ୍ରମୁଖ ମୋବାଇଲ ଫୋନ୍ ରପ୍ତାନି ଭାବେ ସାମ୍‌ସଙ୍ଗକୁ ପଛରେ ପକାଇ ଦେଇଥିଲାବେଳେ ଡିସେମ୍ବରରେ ମଧ୍ୟ ଆପଲ ଏକ ବିଲିୟନ ଡଲାର ମୂଲ୍ୟର ମୋବାଇଲ ଫୋନ ବିଦେଶକୁ ରପ୍ତାନି କରିଛି ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷରେ ଆପଲ ଆଇଫୋନ୍ ୩ ଭାରତୀୟ ଷ୍ଟାର୍ଟଅପ କମ୍ପାନୀ ୱିଷ୍ଟ୍ରନର, ଫାକ୍ସକମ ଏବଂ ପେଗାଟ୍ରନ କଣ୍ଟ୍ରାକ୍ଟ ଆଧାରରେ ନିର୍ମାଣ କରୁଛନ୍ତି। ଏପରିକି ଭାରତରେ ଆପଲ ଆଇଫୋନ୍‌ର ୧୨,୧୩, ୧୪ ଏବଂ ୧୪+ ମଡେଲ ଉତ୍ପାଦନ ଏବଂ ରପ୍ତାନି ହେଉଛି। ଉକ୍ତ ତିନି ମାନୁଫାକ୍ଚରଙ୍କୁ ଛାଡ଼ି କିଛି ଛୋଟ ଛୋଟ ଭାରତୀୟ କମ୍ପାନୀ ମଧ୍ୟ ଭାରତରୁ ଆଇଫୋନ ରପ୍ତାନି କରୁଛନ୍ତି। ସେହିପରି ଫାକ୍ସକମ ଏବଂ ପେଗାଟ୍ରନର କାରଖାନା ତାମିଲନାଡୁରେ ଥିବାବେଳେ ୱିଷ୍ଟ୍ରନର ଫାସିଲିଟି କର୍ଣ୍ଣାଟକରେ ରହିଛି । ଏହିସବୁ ଆଇଫୋନ ନିର୍ମାତା ସରକାରଙ୍କ ସ୍ମାର୍ଟଫୋନ ପ୍ରଡକ୍ସନ ଲିଙ୍କ୍‌ଡ ଇନ୍‌ସେଟିଭ (ପିଆଇଏଲ) ଯୋଜନାରେ ସାମିଲ ହୋଇଛନ୍ତି।

## ୨୧,୫୧୨ କୋଟି ଟଙ୍କାର ନୂଆ ପ୍ରିମିୟମ୍ ହାସଲ

ନୂଆଦିଲ୍ଲୀ,୨୩।୧

ଦେଶର ପ୍ରମୁଖ ଜୀବନ ବୀମା କମ୍ପାନୀ ଏସ୍‌ବିଆଇ ଲାଇଫ୍ ଇନସ୍ୟୁରାନ୍ସ ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ମୋଟ ୨୧,୫୧୨ କୋଟି ଟଙ୍କାର ନୂଆ ବ୍ୟବସାୟ ପ୍ରିମିୟମ୍ ହାସଲ କରିଛି, ଯାହା ୨୦୨୧ ଡିସେମ୍ବର ଶେଷ ସୁଦ୍ଧା ୧୮,୭୯୧ କୋଟି ଟଙ୍କା ରହିଥିଲା। ଏହି ସମୟ ମଧ୍ୟରେ କମ୍ପାନୀର ନିୟମିତ ପ୍ରିମିୟମ୍ ୨୨% ବୃଦ୍ଧି ପାଇଛି। ଏପରିକି କମ୍ପାନୀର ପ୍ରୋଟେକ୍ସନ (ସୁରକ୍ଷା) ପ୍ଲାନ୍ ଉପରେ ସ୍ପଷ୍ଟ ଗୁରୁତ୍ୱ ରଖିବାରୁ ଏସ୍‌ବିଆଇ ଲାଇଫ୍‌ର ପ୍ରୋଟେକ୍ସନ ନୂଆ ବ୍ୟବସାୟ ପ୍ରିମିୟମ୍ ୨୦୨୨ ଡିସେମ୍ବର ଶେଷ ସୁଦ୍ଧା ୨,୫୪୫ କୋଟି ଟଙ୍କା ହୋଇଛି, ଯାହା ପୂର୍ବବର୍ଷର ସେହି ସମୟ ତୁଳନାରେ ୨୫% ଅଧିକ ରହିଛି। ବିଶେଷକରି ପ୍ରୋଟେକ୍ସନ ବ୍ୟକ୍ତିଗତ ନୂଆ ବ୍ୟବସାୟ ପ୍ରିମିୟମ୍ ଏହି ସମୟରେ ୧୨% ବୃଦ୍ଧି ପାଇ ୬୯୬କୋଟି ଟଙ୍କା ହୋଇଛି।

## ବ୍ୟବସାୟିକ ସମ୍ପ୍ରସାରଣ କରିବ ଟ୍ରୁଫ୍ଲୋ

ନୂଆଦିଲ୍ଲୀ,୨୩।୧

ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ତଥା ପ୍ଲାଷ୍ଟିକ ପାଇପ ଓ ଫିଟିଙ୍ଗ ବ୍ରାଣ୍ଡ୍ ହିନ୍ଦଓ୍ୱାରର ସହଯୋଗୀ ସଂସ୍ଥା ଟ୍ରୁଫ୍ଲୋ'ର ବ୍ୟବସାୟିକ ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର ୨ ୟୁନିଟ୍‌ରୁ ପିଟିଏମ୍‌ଟି ଫଉସେଟ, ଫ୍ଲଶ ଟ୍ୟାଙ୍କ, ସିଟ୍ କଭରିଂ ଓ ଅନ୍ୟାନ୍ୟ ଉପକରଣ ପ୍ରସ୍ତୁତ କରାଯାଉଛି। ବିଶେଷକରି ଟ୍ରୁଫ୍ଲୋ ୧୪ ପ୍ରକାର ଡିଜାଇନ ପିଟିଏମଟି ଫଉସେଟ ଏବଂ ୬ ପ୍ରକାରର ଫ୍ଲଶ ଟ୍ୟାଙ୍କ ପ୍ରସ୍ତୁତ କରୁଛି। ଅପରପକ୍ଷରେ କମ୍ପାନୀ ନୂଆ ବାଥ୍ ଫିଟିଂ ପରିସର ୧୦୦% ଖାଦ୍ୟ ଗ୍ରେଡ ସାମଗ୍ରୀ ସହ ନୂଆ ଓ ଉନ୍ନତ ସ୍ଥାୟିତ୍ୱ ତଥା ଉନ୍ନତ କାର୍ଯ୍ୟଦକ୍ଷତା ନିଶ୍ଚିତ କରିବାକୁ ଇଞ୍ଜିନିୟରିଂ ଥର୍ମୋପ୍ଲାଷ୍ଟିକ ପଲିମର ସହ ସଜ୍ଜିତ ରହିଛି, ଏପରିକି ଏହାର ପରିସର ଓ ନୂଆ ଉତ୍ପାଦ ବର୍ଗର ଯୋଗକୁ ସମର୍ଥନ କରିବା ପାଇଁ ଉକ୍ତ ସୁବିଧା




କେନ୍ଦ୍ରରୁ ୩୦,୦୦୦ ଟନ୍‌ରୁ ୪୮,୦୦୦ ଟନ୍ ପର୍ଯ୍ୟନ୍ତ କ୍ଷମତାକୁ ବିସ୍ତାର କରିବ। ସେହିଭଳି ଟ୍ରୁଫ୍ଲୋ ହାଇଦ୍ରାବାଦର ଇସାନପୁରର ୨ୟ ଉତ୍ପାଦନ ସୁବିଧା କେନ୍ଦ୍ରରୁ ବ୍ୟବସାୟିକ ଉତ୍ପାଦନ ଆରମ୍ଭ କରୁଛି। ଏ ସମ୍ପର୍କରେ ଟ୍ରୁଫ୍ଲୋ'ର ସିଇଓ ରାଜେଶ ପାଜନୁ କହିଛନ୍ତି, ପିଟିଏମଟି ଫଉସେଟ ସେଗମେଣ୍ଟରେ ଭେଞ୍ଚର କରିବା ଆମ ପୋର୍ଟଫୋଲିଓର ଏକ ପ୍ରାକୃତିକ ବିସ୍ତାର ଅଟେ। କାରଣ ଆମେ ଗ୍ରାହକଙ୍କୁ ସେମାନଙ୍କ ସମସ୍ତ ପ୍ଲମ୍ବିଂ ଆବଶ୍ୟକତା ପାଇଁ ଏକମାତ୍ର ସମାଧାନ ଭାବରେ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ, ଆମେ ଭାରତରେ ଆମର ୨ୟ ଉତ୍ପାଦନ ସୁବିଧା ଆରମ୍ଭ କରିଥିବାରୁ ବହୁତ ଖୁସି ଅଛୁ।

## ଅଗ୍ରଯୋଧୀ ଲୋଗୋ, ୱେବ୍‌ସାଇଟ୍ ଉନ୍ମୋଚିତ

ଭୁବନେଶ୍ୱର,୨୩।୧

ସମ୍ବାଦ ଡିଜିଟାଲ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଗ୍ରଯୋଧୀର ଲୋଗୋ ଏବଂ ୱେବ୍‌ସାଇଟ୍ ଉନ୍ମୋଚିତ ହୋଇଯାଇଛି। ବିଶେଷକରି ସିବିଏସ୍‌ଇ ଅନୁବନ୍ଧିତ ବିଦ୍ୟାଳୟରେ ଦଶମ ଏବଂ ଦ୍ୱାଦଶ ବୋର୍ଡ଼ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଛାତ୍ରୀଛାତ୍ରମାନଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ସମ୍ବାଦ ଡିଜିଟାଲ୍‌ର ଏଭଳି ଅଭିନବ ଚିନ୍ତାଧାରାର ବିକାଶ କରାଯାଇଛି। ଏପରିକି ଡିଜିଟାଲ୍ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କୁ ପରୀକ୍ଷା ପାଇଁ ପ୍ରସ୍ତୁତ କରିବାକୁ ଏହା ବେଶ୍ ସହାୟକ ହେବ। ସେହିଭଳି ସିବିଏସଇ ବର୍ଗର ଛାତ୍ରୀଛାତ୍ରମାନେ ଚଳିତ ବର୍ଷ ଜାନୁୟାରୀ ୨୪ରୁ ସମ୍ବାଦ ଗ୍ରୁପର ବିଭିନ୍ନ ପ୍ଲାଟଫର୍ମରେ ନିର୍ଦ୍ଦିଷ୍ଟ ସିଲାବସ୍ ଉପରେ ଆଧାର କରି ନମୁନା ପ୍ରଶ୍ନପତ୍ର ପାଇପାରିବେ। ସେହିପରି ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଇଂଲିଶ, ହିନ୍ଦୀ, ସାମାଜିକ ବିଜ୍ଞାନ, ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ଇଂଲିଶ, ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନ ଏବଂ କମ୍ପ୍ୟୁଟର ବିଜ୍ଞାନ ନମୁନା ପ୍ରଶ୍ନପତ୍ର ଉପଲବ୍ଧ ହେବ।

ଏ ସମ୍ପର୍କରେ ସମ୍ବାଦ ଗ୍ରୁପ୍‌ର ଅଧ୍ୟକ୍ଷ ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଛନ୍ତି, ଅଗ୍ରଯୋଧୀ ହେଉଛି ସିବିଏସ୍‌ଇ ବୋର୍ଡ଼ ପରୀକ୍ଷା ପାଇଁ ପ୍ରସ୍ତୁତ ଛାତ୍ରୀଛାତ୍ରଙ୍କ ଲାଗି ସୂଚନାର ଏକ ଭଣ୍ଡାର। ଅଗ୍ରଯୋଧୀ ଚାମ୍ପିୟନ୍ ସୃଷ୍ଟି କରିବା ପାଇଁ ଏକ ପ୍ରୟାସ। ଉଲ୍ଲେଖଯୋଗ୍ୟ, ସମ୍ବାଦ ଗ୍ରୁପ୍ ସିବିଏସ୍‌ଇ ଦଶମ ଶ୍ରେଣୀ ଫାଇନାଲ୍ ପରୀକ୍ଷାରେ ୯୫ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ସ୍କୁଲ୍ ଟପ୍ପରମାନଙ୍କୁ ଅଗ୍ରଯୋଧୀ ପୁରସ୍କାର ସହିତ ଉତ୍ସାହିତ କରେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥିଭାବେ ଆକାଶ+ବାଇଜୁସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଅଜୟ ବାହାଦୁର ସିଂ, ଡିଏଭି ଅନୁଷ୍ଠାନର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ, ସେଣ୍ଟ ଜାଭିୟର୍ ଗ୍ରୁପ୍ ଅଫ୍ ସ୍କୁଲ୍ ସମୂହର ଅଧ୍ୟକ୍ଷ ଡ. ଜି.ଏସ୍. ପଟ୍ଟନାୟକ ଏବଂ ଓଡ଼ିଶା ମୋ ପରିବାରର ଲିଗାଲ ପରାମର୍ଶଦାତା ଅବନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ହୋଣ୍ଡାର ନ୍ୟୁ ଆଡ୍‌ଭାନ୍ସ ଆକ୍ଟିଭା ୨୦୨୩ର ଉନ୍ମୋଚିତ

ନୂଆଦିଲ୍ଲୀ,୨୩।୧

ଦେଶର ପ୍ରମୁଖ ୨ ଚକିଆ ବ୍ରାଣ୍ଡ୍ 'ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ'(ଏଚ୍ଏମ୍ଏସ୍ଆଇ)ର ନ୍ୟୁ ଆଡଭାନ୍ସ ଆକ୍ଟିଭା ୨୦୨୩ର ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏପରିକି ଏକ ନିର୍ଦ୍ଧାରିତ ସମୟ ଚଳିତ ବର୍ଷ ଏପ୍ରିଲ୍ ପୂର୍ବରୁ କମ୍ପାନୀ ଏହାର ନୂତନ ଟେକ୍ନୋଲୋଜିକୁ ମଧ୍ୟ ଉନ୍ମୋଚନ କରିଛି। ଏ ସମ୍ପର୍କରେ ଏଚ୍ଏମ୍ଏସ୍ଆଇର ପରିଚାଳନା ନିର୍ଦ୍ଦେଶକ ତଥା ସଭାପତି ଏବଂ ସିଇଓ ଆତସୁଶି ଓଗାତା କହିଛନ୍ତି, ବର୍ତ୍ତମାନ ସମୟରେ ଆକ୍ଟିଭା ସ୍କୁଟର ବଜାରକୁ ପୁନଃ ସକ୍ରିୟ କରିବା ସହ ଦଶନ୍ଧିରୁ ଅଧିକ ସମୟ ଧରି ବେଶି ବିକ୍ରି ହେଉଥିବା ଦୁଇଚକିଆ ଯାନ ହୋଇ ରହିଛି। ବିଶେଷକରି ଆମ ଗ୍ରାହକଙ୍କ ପରିବର୍ତ୍ତିତ ଆଶାକୁ ପୂରଣ କରିବା ଲାଗି ଏହା ବିଭିନ୍ନ ରୂପ ଧାରଣ କରିଛି। ସେହିଭଳି ଆମେ ଓବିଡି ୨ ନିୟମ ପାଳନ କରୁଥିବା ଆକ୍ଟିଭା ୨୦୨୩ କୁ



ଉନ୍ମୋଚନ କରିଛୁ। ଯେଉଁଥିରେ ଏହି ବର୍ଗର ବହୁ ପ୍ରଥମ ଧରଣର ସୁବିଧା ସୁଯୋଗ ରହିଛି, ଯାହା ଗ୍ରାହକମାନଙ୍କୁ ଅଧିକ ମୂଲ୍ୟ ପ୍ରଦାନ କରିବ। ସେହିଭଳି ଏଚ୍ଏମ୍ଏସ୍ଆଇର ଅପରେଟିଂ ଅଫିସର (ସେଲ୍‌ସ ଆଣ୍ଡ ମାର୍କେଟିଂ) ଯୋଗେଶ ମାଥୁର କହିଛନ୍ତି, ପ୍ରଯୁକ୍ତିରେ ଅଗ୍ରଦୂତ ହୋଇଥିବାରୁ ଗ୍ରାହକମାନଙ୍କ ଦୈନନ୍ଦିନ ଜୀବନରେ ସୁବିଧା ଓ ଆରାମ ପ୍ରଦାନ କରି ଏଚ୍ଏମ୍ଏସ୍ଆଇ ସେମାନଙ୍କୁ ଉଲ୍ଲସିତ କରାଇଛି। ଏପରିକି ଅତୀତରେ ମଧ୍ୟ ଏହାର ଉତ୍ପାଦରେ ବହୁ ପ୍ରଯୁକ୍ତିଭିତ୍ତିକ ନବସୃଜନ ଯଥା ଏନ୍‌ହାନସ୍‌ଡ ସ୍ମାର୍ଟ ପାୱାର (ଇଏସ୍‌ପି) ପ୍ରଯୁକ୍ତି, ଡବଲ୍ ଲିଡ୍ ଥିବା ବାହ୍ୟ ଇନ୍ଧନ ଟାଙ୍କି ଖୋଲିବା ବ୍ୟବସ୍ଥା ଏବଂ କମ୍ବି ବ୍ରେକ୍ ସିଷ୍ଟମ୍ ଆଦି ମାନଦଣ୍ଡକୁ ବଢ଼ାଇବ ଲାଗି ଏଚ୍ଏମ୍ଏସ୍ଆଇ ପରିଚିତ ଥିଲା। ସେହିପରି ହୋଣ୍ଡା ୨୦୨୩ରେ ହୋଣ୍ଡା ସ୍ମାର୍ଟ କି'କୁ ନେଇ ଆମେ ଏବେ ପୁଣି ଥରେ ଦୁଇଚକିଆ ଯାନରେ ପ୍ରଥମ ଧରଣର ସୁବିଧା ଆଣିଛୁ।

## ନୁଭୋ ମାସାନ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୩।୧

ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍ ପକ୍ଷରୁ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ 'ନୁଭୋ ମାସାନ୍'ର ଶୁଭାରମ୍ଭ କରାଯାଇଛି। ଏପରିକି କମ୍ପାନୀ ତା'ର କର୍ପୋରେଟ୍ ସାମାଜିକ ଦାୟିତ୍ୱ ଅଭିଯାନର ଅଂଶ ଭାବେ ଅସଙ୍ଗଠିତ ରାଜମିସ୍ତ୍ରି କ୍ଷେତ୍ରର ଉନ୍ନତି ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛି। ନୁଭୋକୋ ଏକ କାର୍ଯ୍ୟକାରୀ ସହଯୋଗୀ ଭାବେ ଲିୟରନେଟ୍ ସ୍କିଲ୍‌ସକୁ ନିୟୋଜିତ କରିଛି। ଲିୟରନେଟ୍ ହେଉଛି ଦେଶର ଅନ୍ୟତମ ଅଗ୍ରଣୀ ବୈଷୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଦାତା। ଏହି କାର୍ଯ୍ୟକ୍ରମ ସହିତ ନୁଭୋକୋ ନ୍ୟାଶନାଲ ସ୍କିଲ୍‌ସ କ୍ୱାଲିଫିକେଶନ ଫ୍ରେମ୍‌ୱର୍କ (ଏନ୍ଏସ୍‌କ୍ୟୁଏଫ୍) ସହ ଜଡିତ ହୋଇ ଯୁବପିଢ଼ି ଓ ଅସଂଗଠିତ ନିର୍ମାଣ କ୍ଷେତ୍ର ପାଇଁ ସ୍ୱଳ୍ପାବଧିର ଦକ୍ଷତା ବିକାଶ ସୁଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହେବା ପରେ ଅଂଶଗ୍ରହଣକାରୀମାନେ ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍ଏସ୍‌ଡିସି)ଠାରୁ ପ୍ରମାଣପତ୍ର ପାଇବେ। ନୁଭୋ ମାସାନ୍ ହେଉଛି ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଯାହାକୁ ରାଜମିସ୍ତ୍ରି କାମ କରୁଥିବା ଶ୍ରମିକମାନଙ୍କୁ ଦକ୍ଷତା ବୃଦ୍ଧି କରିବା, ସେମାନଙ୍କୁ ସଶକ୍ତ କରିବା ଓ ନୂଆ ରୋଜଗାର ସୁଯୋଗ ସୃଷ୍ଟି କରିବା ପାଇଁ ଡିଜାଇନ୍ କରାଯାଇଛି। ଏ ସମ୍ପର୍କରେ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିଃର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣସ୍ୱାମୀ କହିଛନ୍ତି, ଆମେ ବର୍ତ୍ତମାନର ନିର୍ମାଣ ଟ୍ରେଣ୍ଡ୍ ଅନୁଯାୟୀ ଗ୍ରାହକଙ୍କ ଆଶା ପୂରଣ କରିବା ଓ ସେମାନଙ୍କୁ ଏକ ସୁରକ୍ଷିତ, ସ୍ଥାୟୀ ଓ ସୁନ୍ଦର ଘର ନିର୍ମାଣ କରିବା ପାଇଁ ସମାଧାନ ପ୍ରଦାନ କରିବା ଲାଗି ଚେଷ୍ଟା କରୁଛୁ। ତେଣୁ ରାଜମିସ୍ତ୍ରି କାମର ଦକ୍ଷତା ପାଇଁ ତାଲିମ୍ ପ୍ରଦାନ କରିବା ବ୍ୟତୀତ ନୁଭୋକୋ ମାସାନ୍ ଏହାର ପ୍ରଶିକ୍ଷାର୍ଥୀମାନଙ୍କୁ ଆର୍ଥିକ ଓ ସାମାଜିକ ଭାବେ ସ୍ୱାଧୀନ ହେବା ପାଇଁ ସକ୍ଷମ କରିବ, ଯାହାଫଳରେ ସେମାନଙ୍କର ଜୀବନର ମାନ ଉନ୍ନତ ହେବ।

ଫୁରସତ୍

# ସ୍କୁଲରେ ଜଣେ ଛାତ୍ରକୁ ଜଣେ ଶିକ୍ଷକ

ୱାଶିମ୍

ମହାରାଷ୍ଟ୍ର ୱାଶିମ୍ ଜିଲାର ଏକ ଛୋଟିଆ ଗାଁ ଗଣେଶପୁର। ସେଠାରେ ପାଖାପାଖି ୨୦୦ ଲୋକ ବାସ କରନ୍ତି। ଗାଁରେ ଏକ ଜିଲା ପରିଷଦ ପ୍ରାଇମେରୀ ସ୍କୁଲ ରହିଛି, ଯେଉଁଠାରେ ଜଣେ ଶିକ୍ଷକ ଥିବାବେଳେ ଜଣେ ଛାତ୍ର ସେହି ସ୍କୁଲରେ ପାଠ ପଢୁଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପାଠ ପଢ଼ାଯାଉଥିବାବେଳେ ସେହି ବୟସ ବର୍ଗର କୌଣସି ପିଲା ଆଉ ଗଣେଶପୁରରେ ନାହାନ୍ତି, ଯେଉଁଥି ପାଇଁ ସ୍କୁଲରେ କାର୍ତ୍ତିକ ଶେଗୋକାର ଏକାକୀ



ପାଠ ପଢୁଛନ୍ତି। କାର୍ତ୍ତିକ ପ୍ରତ୍ୟେକ ଦିନ ସ୍କୁଲ ଯାଆନ୍ତି। ସେ ୩ୟ ଶ୍ରେଣୀର ଛାତ୍ର ଅଟନ୍ତି। ତାଙ୍କୁ ପଢ଼ାଉଥିବା ଶିକ୍ଷକ କିଶୋର ମନକରଙ୍କୁ ପ୍ରତ୍ୟେକ ଦିନ ୨୪ କିଲୋମିଟର ଯିବା ଆସିବା କରିବାକୁ ପଡୁଛି। ଦୁହେଁ ପ୍ରତିଦିନ ସକାଳ ୧୦ଟାରେ ସ୍କୁଲରେ ପହଞ୍ଚନ୍ତି। ପ୍ରାର୍ଥନା ସାଙ୍ଗକୁ ଦୁହେଁ ପ୍ରଥମେ ଜାତୀୟ ସଙ୍ଗୀତ ଗାନ କରନ୍ତି। ଏହାପରେ କିଶୋର ପାଠ ପଢ଼େଇବା ଆରମ୍ଭ କରନ୍ତି। ଦୁଇବର୍ଷ ପୂର୍ବେ ସ୍କୁଲରେ କାର୍ତ୍ତିକଙ୍କ ନାମ ଲେଖାଯାଇଥିବାବେଳେ ତା' ପରଠାରୁ କୌଣସି ପିଲାଙ୍କ ଆଡ୍‌ମିଶନ୍ କରାଯାଇ ନ ଥିବା କିଶୋର କହିଛନ୍ତି। ସ୍କୁଲରେ ପିଲା ନ ଥାଇ ସୁଦ୍ଧା ଅନ୍ୟ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ସରକାରଙ୍କ ତରଫରୁ ମିଳୁଥିବା ସମସ୍ତ ସୁବିଧା କାର୍ତ୍ତିକଙ୍କୁ ପ୍ରଦାନ କରାଯାଉଛି।

## ଫ୍ରିଡମ୍ ଫାଇଟର୍ ହେଲେ ସାରା



**ମୁମ୍ବାଇ:** ବଲିଉଡ୍‌ର ଜଣେ ଆଗଧାଡିର ନାୟିକା ହେଲେ ସାରା ଅଲି ଖାନ୍। ସେ ତାଙ୍କ ଅଭିନୟର ଯାଦୁରେ ଦର୍ଶକଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଛନ୍ତି । ନିଜ ଅପ୍‌କମିଂ ଫିଲ୍ମ 'ଏ ବତନ ମେରେ ବତନ'ରେ ସାରା ସ୍ୱାଧୀନତା ସଂଗ୍ରାମୀ ଉଷା ମେହେଟାଙ୍କ ଭୂମିକାରେ ନଜରକୁ ଆସିବେ। ତେବେ ସୋମବାର ଫିଲ୍ମର ଟିଜର ରିଲିଜ୍ ହୋଇଛି। କାନ୍ନନ ଆୟରଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମରେ ସାରାଙ୍କ ଲୁକ୍ ଭିନ୍ନ ରହିଛି। ଏଥିରେ ସେ ରେଟ୍ରୋଲୁକ୍‌ରେ ନଜରକୁ ଆସିଛନ୍ତି। ଫିଲ୍ମକୁ ନେଇ ସାରା କହିଛନ୍ତି, ଫିଲ୍ମକୁ ନେଇ ମୁଁ ବହୁତ ଉତ୍ସାହିତ। କନ୍ନନ ସାରଙ୍କ ସହ କାମ କରିବା ଏକ ମୋ ପାଇଁ ବଡ଼ ସୁଯୋଗ। କାରଣ ସେ ନିଜେ ଏହି କାହାଣୀରେ ବହୁତ ଭାବୁକ ଓ ଭାବନାତ୍ମକ ରୂପରେ ଯୋଡି ହୋଇଛନ୍ତି । ନିଶ୍ଚିତ ଭାବେ ଏମିତି ଏକ ଚରତ୍ରରେ କାମ କରିବା ଚ୍ୟାଲେଞ୍ଜପୂର୍ଣ୍ଣ, ଆଉ ମୋ ପାଇଁ ଏହା ସବୁଠାରୁ ଭିନ୍ନ । ବାସ୍ତବରେ ଏହା ଏମିତି ଏକ ପ୍ରୋଜେକ୍ଟ ଯାହା ଉପରେ ମୋତେ କଠିନ ପରିଶ୍ରମ କରିବାକୁ ପଡ଼ିଛି। ଫିଲ୍ମଟି ଉଭୟ ଓଟିଟି ଏବଂ ସିନେମାଘରେ ମୁକ୍ତିଲାଭ କରିବାକୁ ଅଛି। କିନ୍ତୁ ଏ ନେଇ କୌଣସି ତାରିଖ ଘୋଷଣା କରାଯାଇ ନାହିଁ।

## ବର ଟଙ୍କା ନ ଗଣିପାରିବାରୁ ବାହାଘର ଭାଙ୍ଗିଲେ କନ୍ୟା

**ଫାରୁଖାବାଦ:** ଉତ୍ତର ପ୍ରଦେଶର ଫାରୁଖାବାଦରୁ ଏକ ଅଜବ ଘଟଣା ସାମ୍ନାକୁ ଆସିଛି। ବର ଟଙ୍କା ଗଣି ନ ପାରିବାରୁ କନ୍ୟା ବାହାଘର ଭାଙ୍ଗି ଦେଇଛନ୍ତି। ୨୧ ବର୍ଷୀୟା ରୀତା ସିଂଙ୍କ ବାହାଘର ମୋହିତ(୨୩)ଙ୍କ ସହ ଠିକ୍ ହୋଇଥିଲା। କିନ୍ତୁ ବିବାହ ଦିନ ହିଁ ବାହାଘର ଭାଙ୍ଗିଯାଇଛି। ମୋହିତଙ୍କ ଆଚରଣ ଦେଖି ବାହାଘର କରୁଥିବା ପଣ୍ଡିତଙ୍କର ସନ୍ଦେହ ହୋଇଥିଲା। ଏ କଥା ସେ କନ୍ୟା ଘର ଲୋକଙ୍କୁ ଜଣାଇଥିଲେ। ରୀତାଙ୍କ ଘରଲୋକେ ସତ କ'ଣ ଜାଣିବା ପାଇଁ ମୋହିତଙ୍କୁ ୩୦ଟି ୧୦ ଟଙ୍କିଆ ନୋଟ୍ ଗଣିବାକୁ ଦେଇଥିଲେ। ମୋହିତ କିନ୍ତୁ ଟଙ୍କା ଗଣିପାରି ନ ଥିଲେ। ଏହାପରେ ରୀତା ବାହାଘର କରିବେ ନାହିଁ ବୋଲି ମନା କରିଦେଲେ, ଯାହାପରେ ଉଭୟଙ୍କ ପରିବାର ଭିତରେ କଥା କଟାକଟି ଆରମ୍ଭ ହୋଇଗଲା। ଘଟଣାସ୍ଥଳରେ ଶେଷରେ ପୋଲିସ ପହଞ୍ଚି ଏହାର ସମାଧାନ କରିଥିଲା। ମୋହିତ ମାନସିକ ବିକାରଗ୍ରସ୍ତ ବୋଲି ଜଣାପଡ଼ିଥିଲା। ରୀତାଙ୍କ ବାହାଘର ଠିକ୍ କରିଥିବା ମଧ୍ୟସ୍ଥି ଯେହେତୁ କନ୍ୟା ଘରର ଘନିଷ୍ଠ ସେଥିପାଇଁ ସେମାନେ ମୋହିତଙ୍କୁ ନ ଦେଖି ତାଙ୍କ ସହ ରୀତାଙ୍କ ବାହାଘର କରିବାକୁ ରାଜି ହୋଇଯାଇଥିବା ରୀତାଙ୍କ ଘର ଲୋକେ କହିଛନ୍ତି। କନ୍ୟା ବାହା ନ ହେବା ଲାଗି ଜିଦ୍



କରିବା ଯୋଗୁ ବରଯାତ୍ରୀ ଶେଷରେ ନିରାଶ ହୋଇ ଫେରିଯାଇଥିଲା।

## ମହାକାଶଠୁ ଯୁଦ୍ଧକ୍ଷେତ୍ର ସବୁଠି ଆଗରେ

### ଜାତୀୟ ବାଳିକା ଶିଶୁ ଦିବସ

ଦେଶର ପ୍ରତିଟି କ୍ଷେତ୍ରରେ ବାଳିକାମାନେ ଆଗୁଆ ରହିଛନ୍ତି। ମହାକାଶଠାରୁ ଆରମ୍ଭକରି ଯୁଦ୍ଧ କ୍ଷେତ୍ର ପର୍ଯ୍ୟନ୍ତ ସବୁଠାରେ ବାଳିକାମାନେ ନିଜର ପ୍ରତିଭା ପ୍ରଦର୍ଶନ ଜାରି ରଖିଛନ୍ତି। କ୍ରୀଡ଼ା କ୍ଷେତ୍ରରେ ବାଳିକାଙ୍କ ଅବଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। ବାଳିକା ଶିଶୁଙ୍କ ବିକାଶ ପାଇଁ ପ୍ରତିବର୍ଷ ଜାନୁୟାରୀ ୨୪ରେ ଭାରତରେ ଜାତୀୟ ବାଳିକା ଶିଶୁ ଦିବସ ପାଳନ କରାଯାଇଥାଏ। ଏହା ୨୦୦୮ ମସିହାରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିଲା। ଭାରତୀୟ ସମାଜରେ ବାଳିକାମାନଙ୍କ ପ୍ରତି ହେଉଥିବା ଅସମାନତା ବିଷୟରେ ଜନସଚେତନତା ସୃଷ୍ଟି କରିବା ଏହି ଦିବସର ଉଦ୍ଦେଶ୍ୟ। ସେଭ୍ ଗର୍ଲ ଚାଇଲ୍ଡ, ଶିଶୁ ଲିଙ୍ଗ ଅନୁପାତ ଏବଂ ବାଳିକାମାନଙ୍କ ପାଇଁ ଏକ ସୁସ୍ଥ ଏବଂ ନିରାପଦ ପରିବେଶ ସୃଷ୍ଟି ବିଷୟରେ ସଚେତନତା ଅଭିଯାନ ସହ ସଙ୍ଗଠିତ କାର୍ଯ୍ୟକ୍ରମ ଏହିଦିନ ପାଳନ କରାଯାଇଥାଏ।

## ବାହା ହେଲେ ଆଥିଆ-ରାହୁଲ

**ମୁମ୍ବାଇ:** ଦୀର୍ଘଦିନ ପ୍ରେମ ସମ୍ପର୍କରେ ରହିବା ପରେ ବଲିଉଡ ଅଭିନେତ୍ରୀ ଆଥିଆ ସେଟ୍ଟୀ ଏବଂ କ୍ରିକେଟର୍ କେ.ଏଲ. ରାହୁଲ ସୋମବାର ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ସୁନୀଲ ସେଟ୍ଟୀଙ୍କ ଖଣ୍ଡାଲାସ୍ଥିତ ଫାର୍ମହାଉସରେ ଦୁହେଁ ବୈଦିକ ରୀତିନୀତିରେ ବିବାହ କରିଛନ୍ତି। ବିବାହ ପୂର୍ବରୁ ଗଣମାଧ୍ୟମରେ ଏହାର ସୂଚନା ଦେଇଥିଲେ ସୁନୀଲ। ଶନିବାରଠାରୁ ଦୁହିଁଙ୍କର ମେହେନ୍ଦୀ ଓ ହଳଦୀ ରଶମ ଆରମ୍ଭ ହୋଇଥିଲା। ଏହି ବାହାଘରରେ ଉଭୟଙ୍କ ପରିବାର ଏବଂ କେତେଜଣ ଖାସ୍ ବନ୍ଧୁ ସାମିଲ ହୋଇଥିବା କୁହାଯାଉଛି।



## ଶିକ୍ଷା ହିଁ ବିକାଶର ଚାବିକାଠି

### ଅନ୍ତର୍ଜାତୀୟ ଶିକ୍ଷା ଦିବସ

ସମାଜର ବିକାଶରେ ଶିକ୍ଷାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତେଣୁ ଶିକ୍ଷାକୁ ବିକାଶର ଚାବିକାଠି ମଧ୍ୟ କୁହାଯାଇଥାଏ। ଶିକ୍ଷା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁୟାରୀ ୨୪ରେ ଅନ୍ତର୍ଜାତୀୟ ଶିକ୍ଷା ଦିବସ ପାଳନ କରାଯାଇଥାଏ। ୩ ଡିସେମ୍ବର ୨୦୧୮ରେ ମିଳିତ ଜାତିସଂଘର ସାଧାରଣ ସଭା ବିଶ୍ୱସ୍ତରରେ ଶାନ୍ତି ଏବଂ ନିରନ୍ତର ବିକାଶ ଆଣିବାରେ ଶିକ୍ଷାର ଭୂମିକାକୁ ଉପଲବ୍ଧିକରି ଜାନୁୟାରୀ ୨୪ରେ ଏହି ଦିବସ ପାଳନ ଲାଗି ଘୋଷଣା କରିଥିଲା। ପରେ ୨୦୧୯ଠାରୁ ଏହି ଦିବସ ପାଳନ କରାଯାଇଥିଲା। ବିଶ୍ୱବ୍ୟାପୀ ଜାତିସଂଘର ଆନ୍ତରିକ ଉଦ୍ୟମ ଏକ ଶିକ୍ଷିତ ବ୍ୟକ୍ତିବିଶେଷଙ୍କ ଉନ୍ନତିରେ ପ୍ରତିଜ୍ଞାକାରୀ ଫଳାଫଳ ପ୍ରଦର୍ଶନ କରିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..................................


ତିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସର୍ଜିକାଲ ଷ୍ଟ୍ରାଇକ୍‌ର ପ୍ରମାଣ ନାହିଁ: ଦିଗ୍‌ବିଜୟ

ନୂଆଦିଲ୍ଲୀ,୨୩।୧

ଜମ୍ମୁ-କଶ୍ମୀରର ଉରି ସେକ୍ଟରରେ ଆତଙ୍କବାଦୀ ଆକ୍ରମଣ ପରେ ୨୦୧୬ରେ ଭାରତ ପାକିସ୍ତାନ ବିରୋଧରେ ସର୍ଜିକାଲ ଷ୍ଟ୍ରାଇକ୍ କରିଥିବାର କୌଣସି ପ୍ରମାଣ ନାହିଁ ବୋଲି ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ସୋମବାର କହିଛନ୍ତି। ଜମ୍ମୁରେ ସୋମବାର ଉଦ୍‌ବୋଧନ ଦେଇ କଂଗ୍ରେସ ନେତା କହିଥିଲେ, ସର୍ଜିକାଲ ଷ୍ଟ୍ରାଇକ୍‌ରେ ଅନେକ ଆତଙ୍କବାଦୀଙ୍କୁ ନିପାତ କରିଥିବା କେନ୍ଦ୍ର ସରକାର ଦାବି କରୁଛନ୍ତି, ଯାହାର କୌଣସି ପ୍ରମାଣ ନାହିଁ। ଭାଜପାର ଶାସନ ମିଥ୍ୟା ଉପରେ ଆଧାରିତ ବୋଲି ଦିଗ୍‌ବିଜୟ କହିବା ସହ ୨୦୧୯ରେ ପୁଲ୍‌ୱାମାରେ ଆତଙ୍କବାଦୀ ଆକ୍ରମଣରେ ୪୪ ସିଆର୍‌ପିଏଫ୍ ଯବାନ ଶହୀଦ ହେବା ଘଟଣାରେ କେନ୍ଦ୍ରକୁ ଟାର୍ଗେଟ କରିଥିଲେ। ଉକ୍ତ ଅଞ୍ଚଳ ସମ୍ବେଦନଶୀଳ ହୋଇଥିବାରୁ ଯବାନମାନେ ବିମାନରେ ଶ୍ରୀନଗରରୁ ଦିଲ୍ଲୀ ଯିବା ପାଇଁ ସିଆର୍‌ପିଏଫ୍ କେନ୍ଦ୍ରକୁ ଜଣାଇଥିଲା। କେନ୍ଦ୍ର ସରକାର ଏହାକୁ ଅଗ୍ରାହ୍ୟ କରିଦେଇଥିଲେ। ଆକ୍ରମଣକାରୀ ଥିବା ଯାନକୁ ଉପଯୁକ୍ତ ଭାବେ ଯାଞ୍ଚ କରାଯାଇଥିଲେ ପୁଲ୍‌ୱାମା ଆକ୍ରମଣକୁ ଏଡ଼ାଇ ଦିଆଯାଇପାରିଥାନ୍ତା ବୋଲି ଦିଗ୍‌ବିଜୟ କହିଛନ୍ତି। ପୁଲ୍‌ୱାମା ଆକ୍ରମଣ ଲାଗି ଆତଙ୍କବାଦୀମାନେ ୩୦୦ କିଲୋଗ୍ରାମ ଆର୍‌ଡିଏକ୍ସ କେଉଁଠୁ ପାଇଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ଆତଙ୍କବାଦୀଙ୍କ ସହ ଡିଏସ୍‌ପି ଦେବେନ୍ଦ୍ର ସିଂ ଧରାପଡ଼ିଥିବାବେଳେ ତାଙ୍କୁ କାହିଁକି ଛାଡ଼ିଦିଆଗଲା ବୋଲି କଂଗ୍ରେସ ନେତା କହିଛନ୍ତି। ଭାରତର ସଶସ୍ତ୍ର ବଳ ଉପରେ ପ୍ରଶ୍ନ ଉଠାଇଥିବା ଦିଗ୍‌ବିଜୟଙ୍କୁ ଭାଜପା ସମାଲୋଚନା କରିଛି।


ଜୟରାମ ରମେଶ (ଡାହାଣ)ଙ୍କ ସହ ଦିଗବିଜୟ ସିଂ।

## ହାତ୍ ସେ ହାତ୍ ଯୋଡୋ: ଜିଲା କିଷାନ କଂଗ୍ରେସ ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୨୩।୧(ବ୍ୟୁରୋ)-ଅଖିଳ ଭାରତ କଂଗ୍ରେସ କମିଟି ନିଷ୍ପତ୍ତି ଅନୁଯାୟୀ ଓଡ଼ିଶାରେ ହାତ୍ ସେ ହାତ୍ ଯୋଡୋ କାର୍ଯ୍ୟକ୍ରମ ଚଳିତ ମାସ ୨୬ରୁ ଆରମ୍ଭ ହେବ। ଏହା ୨ ମାସ ଧରି ଚାଲିବ। ଜିଲା, ବ୍ଲକ କଂଗ୍ରେସ କମିଟି ସଭାପତି ଓ ପିସିସି ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷକଙ୍କ ସହ ସମନ୍ୱୟ ରଖି ଏହି କାର୍ଯ୍ୟକ୍ରମକୁ ସଫଳ କରାଇବା ଲାଗି ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ୩୦ ଜିଲା ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିବା ନେଇ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଆନ୍ଦୋଳନ ଚେତାବନୀ ଦେଲା ଭାଜପା

ଭୁବନେଶ୍ୱର,୨୩।୧(ବ୍ୟୁରୋ)

**ପ୍ରଧାନମନ୍ତ୍ରୀ ଆବାସ ବଣ୍ଟନ ପ୍ରସଙ୍ଗ**

**୨୫ରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେବ ଦଳ**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ବଣ୍ଟନକୁ ନେଇ ଭାଜପା ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛି। ମଙ୍ଗଳବାର ଅଭିଯୋଗ ଦାଖଲର ଶେଷଦିନ ଧାର୍ଯ୍ୟ କରାଯାଇଛି । ଅଯୋଗ୍ୟଙ୍କୁ କାଟି ଯୋଗ୍ୟଙ୍କୁ ତାଲିକାରେ ରାଜ୍ୟ ସରକାର ସାମିଲ କରନ୍ତୁ। ଏ ନେଇ ଆସନ୍ତା ୨୫ ତାରିଖରେ ଭାଜପା ପକ୍ଷରୁ ରାଜ୍ୟବ୍ୟାପୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯିବ । ୭ ଦିନ ଭିତରେ ସମସ୍ୟାର ସମାଧାନ ନ ହେଲେ ବଞ୍ଚିତ ଯୋଗ୍ୟ ହିତାଧିକାରୀଙ୍କୁ ନେଇ ରାଜ୍ୟର ସମସ୍ତ ୩୧୪ ବ୍ଲକରେ ଆନ୍ଦୋଳନ କରାଯିବ। ଏହାସତ୍ତ୍ୱେ ରାଜ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ ଭାଜପା କେନ୍ଦ୍ର ସରକାରଙ୍କୁ ଅବଗତ କରାଇବା ସହ କୋର୍ଟଙ୍କ ଦ୍ୱାରସ୍ଥ ହେବ ବୋଲି ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସୋମବାର ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ହରିଚନ୍ଦନ କହିଛନ୍ତି, ରାଜ୍ୟରେ ଜଣେ ହେଲେ ବାସହୀନ ରହିବେ ନାହିଁ। ସମସ୍ତଙ୍କୁ ପକ୍କାଘର ଯୋଗାଇଦେବାକୁ କେନ୍ଦ୍ର ସରକାର ଦାୟିତ୍ୱ ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ବହୁ ଆକାଂକ୍ଷିତ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' ରାଜ୍ୟରେ ଠିକ୍‌ଭାବେ କାର୍ଯ୍ୟକାରୀ ହେବା ପାଇଁ ଭାଜପା ସତର୍କ ଦୃଷ୍ଟି ରଖିଛି। ରାଜ୍ୟରେ ୨୭ ଲକ୍ଷ ପକ୍କାଘରର ଆବଶ୍ୟକ ଥିବା ରାଜ୍ୟ ସରକାର ବିଧାନସଭାରେ କହିଥିବାବେଳେ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ପାଖାପାଖି ୨୮ ଲକ୍ଷ ଘର ଅନୁମୋଦନ କରିଛନ୍ତି । ସଦ୍ୟ ଆବଣ୍ଟିତ ୯.୫୮ ଲକ୍ଷ ପକ୍କାଘର ପାଇଁ ଯୋଗ୍ୟ ତାଲିକା ପ୍ରସ୍ତୁତ କରି ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଅବଗତ କରାଇବା ଆବଶ୍ୟକ। ଦଳୀୟ ଆଧାରରେ ଏବଂ ଶାସକ ବିଜେଡିର ନେତା ଓ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି । ଏହି ସଂଖ୍ୟା ୩ ଲକ୍ଷରୁ ଊର୍ଦ୍ଧ୍ୱ ହେବାର ପ୍ରକାଶ ପାଇଛି। ରାଜ୍ୟ ସରକାର ଷଡ଼ଯନ୍ତ୍ର କରି ଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରୁ ବାଦ୍ ରଖିଛନ୍ତି । ଜଣେ ହେଲେ ଯୋଗ୍ୟ ହିତାଧିକାରୀ ଯେପରି ପକ୍କାଘର ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଦଳ ସଜାଗ ରହିଛି ବୋଲି ହରିଚନ୍ଦନ କହିଛନ୍ତି।

## କଶ୍ମୀରୀ ପଣ୍ଡିତଙ୍କ ପ୍ରତି ଅନ୍ୟାୟ ହୋଇଛି

## ମନ୍ତବ୍ୟ ପାଇଁ କ୍ଷମା ମାଗନ୍ତୁ ଉପରାଜ୍ୟପାଳ: ରାହୁଲ

ଜମ୍ମୁ,୨୩।୧(ପି.ଟି.)

କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ସମୟରେ କଶ୍ମୀରୀ ପଣ୍ଡିତମାନଙ୍କ ପ୍ରତି ଅନ୍ୟାୟ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋମବାର କହିଛନ୍ତି। ସେମାନଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏଥିପାଇଁ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ନେତା ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ପ୍ୟାକେଜ୍‌ରେ ନିଯୁକ୍ତି ପାଇଥିବା କଶ୍ମୀରୀ ପଣ୍ଡିତ ସମ୍ପ୍ରଦାୟର ଲୋକମାନେ ଭିକ୍ଷା ମାଗିବା ଉଚିତ ନୁହେଁ ବୋଲି ପୂର୍ବରୁ ସିହ୍ନା କହିଥିଲେ। ସାମ୍ବା ଜିଲାରେ ସୋମବାର ସକାଳେ ଭାରତ ଯୋଡ଼ୋ ଯାତ୍ରା ଅବସରରେ ରାହୁଲଙ୍କ କଶ୍ମୀରୀ ପଣ୍ଡିତମାନଙ୍କ ଏକ ପ୍ରତିନିଧି ଦଳ ଭେଟି ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଆତଙ୍କବାଦୀଙ୍କ ଦ୍ୱାରା ସେମାନେ ଟାର୍ଗେଟ କିଲିଂର ଶିକାର ହେଉଥିବାରୁ ପ୍ରଧାନମନ୍ତ୍ରୀ ପ୍ୟାକେଜ୍‌ରେ ନିଯୁକ୍ତି ପାଇଥିବା କର୍ମଚାରୀମାନେ ଆନ୍ଦୋଳନ କରିଆସୁଛନ୍ତି। ସରକାର ତାଙ୍କ ପ୍ରତି ଅନ୍ୟାୟ କରିଥିବା ସେମାନେ ଅଭିଯୋଗ କରିଥିଲେ। କର୍ମଚାରୀମାନେ ଭିକ୍ଷା ମାଗୁନାହାନ୍ତି, ସେମାନଙ୍କ ଅଧିକାର ଦାବି କରୁଛନ୍ତି ବୋଲି ରାହୁଲ କହିଛନ୍ତି।


# ମନେ ପଡ଼ନ୍ତି

**ଦ୍ୱାଦଶତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ କୃଷ୍ଣଚନ୍ଦ୍ର ପୁଷ୍ପାଳକ**
ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ: ୦୫।୧୦।୧୯୪୪
ତିରୋଧାନ: ୦୫।୦୨।୨୦୧୧
ଆପଣଙ୍କ ନିଷ୍ଠାପରତା, କର୍ତ୍ତବ୍ୟ ପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ। ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
**ଶୋକସନ୍ତପ୍ତ: ଧର୍ମପତ୍ନୀ, ଭଉଣୀ, ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ ଓ ନାତି, ନାତୁଣୀ ।**
ଧ-୨୫୭୯

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ଡାକ୍ତର ଲୋକନାଥ ମିଶ୍ର**
ଗୋପୀନାଥପୁର, ପୁରୀ
ଆବିର୍ଭାବ-୨୦।୦୭।୧୯୩୩
ତିରୋଧାନ- ୦୩।୦୨।୨୦୨୨
ଆପଣଙ୍କର ସ୍ୱର୍ଗବାସ ହେବାର ଏକ ବର୍ଷ ଚାହୁଁ ଚାହୁଁ ବିତିଗଲା, ଲାଗୁଛି ସତେଯେମିତି ଆପଣ ଆମ ଗହଣରେ ଏବେବି ଅଛନ୍ତି ଓ ହସ ହସ ମୁଖରେ ଆଶୀର୍ବାଦ ଦେଇ ଆମକୁ ବାଟ ଦେଖାଉଛନ୍ତି। ଆପଣଙ୍କ ପବିତ୍ର ଆତ୍ମା ସଦା ସ୍ୱର୍ଗରେ ଶାନ୍ତିର ସହ ବିରାଜୁଥାଉ, ଏହାହିଁ ମଙ୍ଗଳମୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା। ଆପଣଙ୍କର ପ୍ରିୟ: ସୁବାସିନୀ, ରଞ୍ଜନ, ଇଭା, ଲାଲୁ, ପିଲୁ, ମିହିର, ସଞ୍ଜୁ, ନନ୍ଦିନୀ, ସୁନୀତା ଓ ପରିବାରବର୍ଗ ।
ଧ-୭୩୭୪୦

**ଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି**



**୰ବିଭୂତି ଭୂଷଣ ଲେଙ୍କା**
ମିଶ୍ରସାହି, ପୁରୀ
ଆବିର୍ଭାବ: ୦୧।୦୩।୧୯୫୪
ତିରୋଧାନ: ୧୫।୦୧।୨୦୨୩
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ, ତ୍ୟାଗ ଓ ଭଲପାଇବା ଆମ୍ଭ ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଦଶାହ ଅବସରରେ ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
**ଶୋକସନ୍ତପ୍ତ:** ପୁତ୍ର: ବିରଞ୍ଚି ନାରାୟଣ, ରୁଦ୍ରନାରାୟଣ, ଭାଇ- ବିଧୁ ଭୂଷଣ ଏବଂ ପରିବାରବର୍ଗ ।
ଧ-୬୯୦୭୮

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**୰ପ୍ରକାଶ କୁମାର ପରିଜା**
ଆବିର୍ଭାବ : ୩୦.୧୧.୧୯୬୩ | ତିରୋଧାନ : ୧୪.୦୧.୨୦୨୩
ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ପରୋପକାରିତା ସର୍ବଦା ସ୍ମରଣୀୟ । ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ତଳେ ବିନମ୍ର ପାର୍ଥନା ଜଣାଉଛୁ ।
**ଶୋକସନ୍ତପ୍ତ ପରିବାରବର୍ଗ :**
ଭ୍ରାତା-ପ୍ରଦିପ୍ତ କୁମାର ପରିଜା, ପୁଅ-ଅଭିନବ ପରିଜା ଓ ପରିବାରବର୍ଗ
Plot No.1270, Sarala Nagar, Padma Hospital Lane, Bhubaneswar, Mob. 8018548344
ଧ-୨୫୬୬



# Classified Everyday
0674-2580101, 2549949




**SALE**

Tata Hywa (Model-3118) 2018-5nos, Tata Hywa (Model-2518) 2016-4nos. Contact. 9827516256, 7504690838. D-74200


**REAL ESTATE**

**SALE**

**Urgent sale new 3BHK flat, 71 Lakhs, Nandan Vihar, Close to KIIT. No broker Contact- 7567785789.** D-2570

ଭୁବନେଶ୍ୱର ବାଲିଅନ୍ତା ଭିଙ୍ଗାରପୁରରେ 30ft ରେଭିନ୍ୟୁ ରୋଡ୍‌କୁ ଲାଗି boundary ସହ ଘରବାରି ପ୍ଲଟ୍ ବିକ୍ରିହେବ। 9984716649, 8249451709, 9437246321. D-2550

ଭୁବନେଶ୍ୱର ନଖରା **2nd Sum Hospital** ନିକଟବର୍ତ୍ତୀ ଘରବାରି ପ୍ଲଟ୍ ଓ ହଂସପାଳ ପାଖରେ **3BHK Duplex** ମିଳୁଛି। **8327785834, 9658122456.** D-74197

Khurdha Collector Office ରୁ 2K.M. distanceରେ ଘରବାରି boundary ଥାଇ plot Rs.-9,00,000/-ରେ ମିଳୁଅଛି। (Owner). 7750068828, 9439101373. D-2571

**କଳାରାହାଙ୍ଗ (New Railway Station) ପାଖରେ SC, General plot ମିଳୁଛି। 7008492511.** D-2509

ଭୁବନେଶ୍ୱର ପିତାପଲ୍ଲୀ ଛକରୁ 200mtr ଦୂରରେ BDA yellowzone ପ୍ଲଟ୍ boundary ସହ ମିଳୁଅଛି। 8338932027, 7978676652. D-74192

କଟକ-ଭୁବନେଶ୍ୱର (Twincity)ର ମଧ୍ୟଭାଗରେ ନିର୍ମିତ Grandbazar NH-16 ରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଘରବାରି plot ଶସ୍ତାରେ କିଣନ୍ତୁ। ଗୃହନିର୍ମାଣ କରନ୍ତୁ। 8249422604. D-74191

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74801

ଭୁବନେଶ୍ୱର ରସୁଲଗଡ଼, ନଖରା, ମଞ୍ଚେଶ୍ୱର, ହଂସପାଳ, ପାତ୍ରପଡ଼ା, ବାଳକାଟୀ, ମନ୍ଦାରବସ୍ତ, ବାରଙ୍ଗ ନିକଟରେ **flat, duplex, simplex plot** ଘରବାଡ଼ି) ସୁଲଭ ମୂଲ୍ୟରେ (ମିଳୁଛି। **7978671232 Whatsapp- 8908710655.** D-74189

ଝିଅ ବିଭାଘର ପାଇଁ ଗଙ୍ଗପଡ଼ାରେ ୩୦ ଫୁଟ ରୋଡ୍ ଥାଇ ୧୦ ଗୁଣ୍ଠ ଘରବାଡ଼ି ଜମି ବିକ୍ରି ହେବ (ଗୁଣ୍ଠ- 7,50,000/-)। 9853150290. D-74193

Duplex sale at Bhubaneswar @ 45 Lakhs only- Contact: 9777433701. D-74199

**30'road, boundary ଥାଇ yellowzone proposed 100ft. ପିଚୁ ରାସ୍ତାକୁ ଲାଗି ତୁରନ୍ତ ଘର କଲା ଭଳି ପ୍ଲଟ୍ ପ୍ରତାପନଗରୀ ଧାକୁଲେଇ ମନ୍ଦିର ନିକଟ ବେଲଗଛିଆରେ 12,00,000/-ରେ ମିଳୁଛି। 9937391249, 6371915941.** D-74195

Schedulecaste ପ୍ଲଟ୍ ଯାଁଳା 1200sqft., 9,60,000/-, ଅରଗୁଳ ଷ୍ଟେସନ 4000sqft. 14,00,000/-, ନଖରା ବ୍ରାହ୍ମଣଝରିଲୋ 2400sqft. 24,00,000/-. 8260032051. D-74194

BDA plot Tata Motor frontରେ Pitapalli Chhakaରେ ମିଳୁଅଛି। Contact: 9800700664, 9437285016. D-2572

**ଭୁବନେଶ୍ୱର ହଂସପାଳଛକରୁ 5 K.M. ମଧ୍ୟରେ ବେଣୁପୁରରେ 30' ରାସ୍ତାକୁ ଲାଗି ଘରବାରି, ପାଚେରି, ଇଲେକ୍ଟ୍ରିସିଟି, ନାମ ଫଳକ ସହ ପ୍ଲଟ୍ ବିକ୍ରିହେବ। 6371364640, 9776366322.** D-74184

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ **Madanpur, Gita/Gandhi College** ପାଖରେ **Sqft. 650/-**ରେ ମିଳୁଛି - **9348767829.** D-74173

Plot Sale at Nearby Sum Hospital, Mendhasala Bhubaneswar. 30ft Road, Plantation, Electricity, NH-16 Side, Price Rs-1050/-, Rs-1250/-. 7749892855, 8144855184, 9556392667. D-2449

ଭୁବନେଶ୍ୱର ରସୁଲଗଡ଼ **3BHK flat,** ନଖରା ଛକ, ହଂସପାଳ ଛକ, **3BHK Duplex,** ଘରବାରି ପ୍ଲଟ୍ ସାଇ ମନ୍ଦିର, ରଙ୍ଗବଜାର, ବାଳକାଟୀ ନିକଟରେ ମିଳୁଛି। **8327785834, 9658122456.** D-74188

ଭୁବନେଶ୍ୱର ବାଲିଅନ୍ତା ପୋଲିସ ଷ୍ଟେସନ ପାଖରେ ଘରବାରି ପ୍ଲଟ୍ 30'Road, Electricity ଥାଇ ମିଳୁଛି। (Boundary, registration free). 9337922588. D-74190

ଗଙ୍ଗପଡ଼ା NHରୁ 700mtr. distance (per sqft-500/-), 200mtr. ଦୂରତାରେ (per sqft-1000/-) ଘର କଲାଭଳି boundary ସହ ପ୍ଲଟ୍ ମିଳୁଅଛି। 6372555493. D-2502


**CONSTRUCTION**

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-74186

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com




Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74632

Newly open full body massage ladies and gents. 8327740003, 8093860513. D-74631

Newly open health benefits SPA special offer @ 999 Nayapalli. 7846814019. D-73676

**AFFIDAVIT**

I, Jyotindra Kumar Samantaray wish to correct my wife name to SANJUKTA SAMANTARAY, it has been wrongly recorded as SANJUKTA in my service records. Vide affidavit Dt: 26/12/22 sworn before Notary Dusasan Samantaray. D-2577

I, Minati Rani Rath, W/o- Sarat Kumar Rath, Plot No-1139/1662, House No- 74(B), Ratnakar Bag-1, Tankapani Road, Bhubaneswar-751018 changed my name to Minati Rath. D-2578

**LOST**

It is hereby inform that Original Sale Deed bearing No.-868 dt 03.07.2007 for Khata No.-467/361 executed by Krushna Chandra Ojha in favour of Sumanta Kumar Mohanty has been lost by me on dt 19.12.2022 at 1.30.Pm. on the way, while coming from Badambadi Bus Stop to my house at Plot No.-B/1554, Sec-6, Markat Nagar, CDA, Bidanasi, Cuttack-753014. If found I request to handover me and not to misuse.
Sd./- Sashikala Agarwal.
Mob: 9437010933. D-2575


**BUSINESS**

ନୂଆ କିମ୍ବା ପୁରୁଣାଘରେ ଉଇ, ଅସରପା, ଝିଟିପିଟିମାନଙ୍କଠାରୁ ସୁରକ୍ଷିତ ରହିବା ପାଇଁ ଯୋଗାଯୋଗ। PPC Pvt. Ltd. 7008004207, 9337237147. D-74196

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LEGAL NOTICE**

ସିନିୟର ସିଭିଲ ଜଜ୍ ଏଲ.ଆର.ଙ୍କ ଅଦାଲତ, ଭୁବନେଶ୍ୱର
ସିଭିଲ ସୁଟ ନଂ.-୯୭୩/୨୦୧୧ମ୍ବର
ସରଦି ବେଓ୍ୱା ଓଗେର
......ବାଦୀମାନେ
ବନାମ
ସୁଲୋଚନା ବେହେରା (ମୃତ) ଓ ଅନ୍ୟମାନେ
.....ପ୍ରତିବାଦୀମାନେ

୧. ଚିତ୍ତରଞ୍ଜନ ବେହେରା, ପିତା: ୰ପଦନ ବେହେରା, ୨. କମଳିନୀ ବେହେରା, ସ୍ୱାମୀ: ୰ନେତ୍ରାନନ୍ଦ ବେହେରା, ୩. ଶିବ ସୁନ୍ଦର ବେହେରା, ପିତା: ୰ନେତ୍ରାନନ୍ଦ ବେହେରା, ୪. ବିକାଶ ବେହେରା, ପିତା: ୰ନେତ୍ରାନନ୍ଦ ବେହେରା, ୫. ସୁଦାମ ସାହୁ ଓରଫ ବେହେରା, ପିତା: ୰ରଘୁନାଥ ସାହୁ, ୬. ସୁକାନ୍ତ ସାହୁ ଓରଫ ବେହେରା, ପିତା: ୰ରଘୁନାଥ ସାହୁ, ୭. ପ୍ରଭାତ ସାହୁ ଓରଫ ବେହେରା, ପିତା: ୰ରଘୁନାଥ ସାହୁ
କ୍ରମିକ ନଂ. ୧ ଠାରୁ ୭ ସା: ଅଣ୍ଡିଲୋ, ପୋଷ୍ଟ/ଥାନା: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା
୮. ଶାନ୍ତିଲତା ସାହୁ, ସ୍ୱାମୀ: ରମାକାନ୍ତ ସାହୁ, ସା- ଆୟତପୁର, ପୋଷ୍ଟ- କଟକ ସଦର, ଜିଲ୍ଲା- କଟକ, ୯. ସାବିତ୍ରୀ ବେହେରା, ସ୍ୱାମୀ: କୁମର ବେହେରା, ସା/ପୋଷ୍ଟ: ବଡ଼ଗଡ଼ ବ୍ରିଟ କଲୋନୀ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ୧୦. ଅରକ୍ଷୀତ ନାୟକ, ପିତା: ୰ନଟବର ନାୟକ, ସା- ନୂଆଗଡ଼ା, ପୋଷ୍ଟ- ତେଲେଙ୍ଗାପେଣ୍ଠ, ଥାନା- କଟକ ସଦର, ଜିଲ୍ଲା- କଟକ, ୧୧. ତପନ କୁମାର ମଲ୍ଲିକ, ପିତା: ଗୋବିନ୍ଦ ଚନ୍ଦ୍ର ମଲ୍ଲିକ, ସା- ଅରିଲୋ, ପୋଷ୍ଟ- ଅଙ୍ଗାଲୋ, ଥାନା- ବିଞ୍ଝାରପୁର, ଜିଲ୍ଲା- ଯାଜପୁର, ୧୨. ମାଗୁଣି ମାଝି, ପିତା: ଉପେନ୍ଦ୍ର ମାଝି, ହାଲ ସା- ସୁନାବେଡ଼ା ନଂ.-୨, ପି.ବି. ନଂ.-୨୯୭୦, କ୍ୱାର୍ଟର ନଂ.-ଏଲ. ଏ.-୫୨୩, ପୋ/ଥାନା- ସୁନାବେଡ଼ା-୨, ଜିଲ୍ଲା- କୋରାପୁଟ।

ପ୍ରତିବାଦୀଙ୍କ ହାଜର ନିମନ୍ତେ ଦେଓ୍ୱାନୀ କାର୍ଯ୍ୟବିଧି ଆଇନର ଅର୍ଡର-୫, ସବ୍ ରୁଲ୍-୧ (ଏ)ର ରୁଲ ନଂ.-୨୦ ଅନୁଯାୟୀ ସମନ ।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କୁ ଜଣାଇ ଦିଆଯାଉଅଛି କି ଯେ ସରଦି ବେଓ୍ୱା ଓଗେର ଦାୟର କରିଥିବା ତଫସିଲ ବୃତ୍ତି ପାଇଁ ଉପରୋକ୍ତ ସିଭିଲ ମୋକଦ୍ଦମାରେ ନିଜର ପକ୍ଷ ଆସନ୍ତା ତା୨୧।୦୨।୨୩ରିଖ ଦିନ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ହାଜର ହୋଇ ରଖିପାରିବେ, ନ ହେଲେ ମୋକଦ୍ଦମା ଏକତରଫା ଫଏସଲା ହେବ।

ତଫସିଲ ବୃତ୍ତି
ଜିଲ୍ଲା- ଖୋର୍ଦ୍ଧା, ଥାନା- ବାଲିଅନ୍ତା, ନଂ.-୧୪, ମୌଜା- ଅଣ୍ଡିଲୋ, ଖାତା ନଂ.-୨୬, ଚକ ନଂ.-୧୯୦, ପ୍ଲଟ୍ ନଂ.-୨୬୫, ଏରିଆ ଏ୦.୩୪୦ଡି। ଖାତା ନଂ.-୯୪୦, ଚକ ନଂ.-୧୮୮, ପ୍ଲଟ୍ ନଂ.-୨୬୩, ଏରିଆ ଏ୦.୩୬୦ଡି ମୋଟ ଏ୦.୭୦୦ଡି.।
ସ୍ୱାକ୍ଷର/.- SR. Civil Judge (LR), Bhubaneswar, 19.01.23
D-74199


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ହକି ବିଶ୍ୱକପ୍ କ୍ରସ୍ ଓଭରରେ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ ଜିତିବା ପରେ ଖୁସିରେ ଆତ୍ମହରା ଦକ୍ଷିଣ କୋରିଆ ଦଳର ଖେଳାଳି।



ପରାଜୟରେ ନିରାଶ ଆର୍ଜେଣ୍ଟିନା ଦଳର ଖେଳାଳି।

# କ୍ୱାର୍ଟର ଫାଇନାଲରେ ଦକ୍ଷିଣ କୋରିଆ

## କ୍ରସ୍ ଓଭର ଶୁଟ୍ଆଉଟରେ ଆର୍ଜେଣ୍ଟିନାକୁ ହରାଇଲା

ଭୁବନେଶ୍ୱର, ୨୩।୧ (କ୍ରୀଡ଼ା ପ୍ରତିନିଧି)

ଦକ୍ଷିଣ କୋରିଆ ଅନ୍ତିମ ଦଳଭାବେ ଚଳିତ ହକି ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ କ୍ରସ୍ ଓଭର ମ୍ୟାଚରେ ଦଳ ଶୁଟଆଉଟରେ ୩-୨ ଗୋଲରେ ଆର୍ଜେଣ୍ଟିନାକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ମ୍ୟାଚ ୫-୫ ଗୋଲରେ ବରାବର ରହିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ଆଉଟ ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏହି ପର୍ଯ୍ୟାୟରେ କୋରିଆ ୩ଟି ଗୋଲ ଦେଇଥିବାବେଳେ ଆର୍ଜେଣ୍ଟିନା ଗୋଲ ସଂଖ୍ୟା ୨ରେ ସୀମିତ ରହିଥିଲା। ଆର୍ଜେଣ୍ଟିନା ପକ୍ଷରୁ ନିକୋଲାସ କିନାନ ଓ ମାଇକୋ କାସେଲା ଗୋଲ ଦେଇଥିବାବେଳେ ଟୋମାସ ଡୋମେନେ, ଲୁକାସ ଟୋସକାନି ଓ ମାର୍ଟିନ ଫେରେରୋ ମିସ୍ କରିଥିଲେ। ଅନ୍ୟପକ୍ଷରେ କୋରିଆ ପକ୍ଷରୁ କେବଳ ଟାଏଇଲ୍ ହ୍ୱାଙ୍ଗ୍ ବିଫଳ ହୋଇଥିବା ବେଳେ ଲୀ ଜୁଙ୍ଗଜୁନ୍, ଚ୍ଚୋନ ଜି ଉ ଏବଂ ମାଞ୍ଜାଏ ଜୁଙ୍ଗ୍ ଗୋଲ ଦେବାରୁ ୫ମ ସ୍କୋରରଙ୍କ ଆବଶ୍ୟକ ପଡ଼ି ନ ଥିଲା। ଜୁଙ୍ଗଙ୍କ ଗୋଲ ସହ କୋରିଆର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା। ନିର୍ଦ୍ଧାରିତ ସମୟରେ ୨ଟି ଗୋଲ ଦେବା ସହ କୋରିଆ ରକ୍ଷଣଭାଗରେ ଚମତ୍କାର ପ୍ରଦର୍ଶନ କରିଥିବା ଜୋଙ୍ଗହ୍ୟୁନ ଜାଙ୍ଗ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦକ୍ଷିଣ କୋରିଆ ୨୫ ତାରିଖରେ ଗତ ସଂସ୍କରଣର ରନରଅପ୍ ନେଦରଲାଣ୍ଡସ୍କୁ କ୍ୱାର୍ଟର ଫାଇନାଲରେ ଭେଟିବ। ଅନ୍ୟପକ୍ଷରେ ଆର୍ଜେଣ୍ଟିନା କ୍ଲାସିଫିକେଶନ ମ୍ୟାଚ ଖେଳିବ।

ଆର୍ଜେଣ୍ଟିନା-କୋରିଆ ମ୍ୟାଚ ଆରମ୍ଭରୁ ବେଶ୍ ରୋମାଞ୍ଚକ ରହିଥିଲା। ୭ମ ମିନିଟରେ ଏକ ଫିଲ୍ଡ ଗୋଲ ଦେଇ ଆର୍ଜେଣ୍ଟିନାକୁ ଅଗ୍ରଣୀ କରିଥିଲେ ମାଇକୋ କାସେଲା। ୯ମ ମିନିଟରେ କୋରିଆ ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ପରିଶୋଧ କରିପାରି ନ ଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୭ତମ ମିନିଟରେ କୋରିଆର କିମ୍ ସୁଙ୍ଗହ୍ୟୁନ ଗୋଲଟି ପରିଶୋଧ କରି ମ୍ୟାଚରେ ଉଷ୍ମତା ଭରିଥିଲେ। ଆର୍ଜେଣ୍ଟିନାର ଡି' ଏରିଆ ମଧ୍ୟରେ ଜୁଙ୍ଗଜୁନ୍ ଲୀ ସାଥି ଖେଳାଳି ଟାଇଲ ହ୍ୱାଙ୍ଗଙ୍କୁ ପାସ୍ ଦେଇଥିଲେ। ହ୍ୱାଙ୍ଗ୍ କାଳ ବିଳମ୍ବ ନ କରି ତାହାକୁ ସୁଙ୍ଗହ୍ୟୁନଙ୍କ ପାଖକୁ ପଠାଇ ଦେଇଥିଲେ। ଏହାର ଭରପୂର ସଦବ୍ୟବହାର କରି ସେ ଗୋଲ ସ୍କୋର କରିଥିଲେ। ତତ୍‌କ୍ଷଣାତ ଆର୍ଜେଣ୍ଟିନା କାଉଣ୍ଟର ଆକ୍ରମଣ କରି ୧୮ତମ ମିନିଟରେ ଏକ ପେନାଲ୍ଟି କର୍ନର ପାଇଥିଲା। ମାତ୍ର କୋରିଆ ଏହାକୁ ସଫଳତାର ସହ ଡିଫେଣ୍ଡ କରିଥିଲା। ୧୯ତମ ମିନିଟରେ କୋରିଆ ଲଗାତର ୨ଟି ପେନାଲ୍ଟି କର୍ନର ପାଇଥିବାବେଳେ ଏଥିରୁ ଗୋଟିଏକୁ ଗୋଲରେ ପରିଣତ କରିଥିଲା। ଜୁନ୍ ଉ ଜିଓଙ୍ଗ ଏହି ଗୋଲଟି ଦେଇଥିଲେ। ମାତ୍ର ଦଳର ଏହି ଖୁସି ବେଶୀ ସମୟ ତିଷ୍ଠି ନ ଥିଲା। ୨୦ତମ ମିନିଟରେ ନିକୋଲାସ କିନାନ ଏକ ଫିଲ୍ଡ ଗୋଲ ମାଧ୍ୟମରେ ମ୍ୟାଚକୁ ୨-୨ ସ୍ଥିତିକୁ ନେଇ ଆସିଥିଲେ। ଆର୍ଜେଣ୍ଟିନା ଏତିକିରେ ସନ୍ତୁଷ୍ଟ ହୋଇ ନଥିଲା। ୨୩ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ନିକୋଲାସ ଡେଲା ଟୋରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ଆର୍ଜେଣ୍ଟିନାର ଅଗ୍ରଣୀ ବ୍ୟବଧାନକୁ ୩-୨ରେ ପହଞ୍ଚାଇ ଦେଇଥିଲେ।

ତୃତୀୟ କ୍ୱାର୍ଟରରେ ରୋମାଞ୍ଚ ବଢ଼ିଥିଲା। ୪୦ତମ ମିନିଟରେ କୋରିଆକୁ ମିଳିଥିବା ପେନାଲ୍ଟି କର୍ନରକୁ ଜାଙ୍ଗ୍ ଜୋଙ୍ଗହ୍ୟୁନ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ମାତ୍ର କାଉଣ୍ଟର ଆକ୍ରମଣ କରି ଆର୍ଜେଣ୍ଟିନା ସେହି ୪୦ତମ ମିନିଟରେ ହିଁ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ପ୍ରଥମ ଉଦ୍ୟମରେ ଆର୍ଜେଣ୍ଟିନା ବିଫଳ ହୋଇଥିଲେ ହେଁ କ୍ରମାଗତ ଦ୍ୱିତୀୟ ପେନାଲ୍ଟି କର୍ନରକୁ ଗୋଲରେ କନଭର୍ଟ କରି ନିକୋଲାସ ଡେଲା ଟୋରେ ଆର୍ଜେଣ୍ଟିନାକୁ ପୁଣି ଅଗ୍ରଣୀ କରାଇଥିଲେ। ଡେଲା ଟୋରେଙ୍କର ଏହାଥିଲା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ। କୋରିଆ ସଂଘର୍ଷ ଜାରି ରଖିଥିଲା। ୪୩ତମ ମିନିଟରେ ଦଳ ନିକଟରେ ମ୍ୟାଚ ସମାନ ସ୍ତରକୁ ଆଣିବାକୁ ସୁଯୋଗ ରହିଥିଲା। ମାତ୍ର ଜୋଙ୍ଗହ୍ୟୁନଙ୍କ ଶଟ୍‌କୁ ଆର୍ଜେଣ୍ଟିନା ଗୋଲକିପର ଟୋମାସ ସାଣ୍ଟିଆଗୋ ରୋକିବାରେ ସକ୍ଷମ ହୋଇଥିଲେ। ଫଳରେ ତୃତୀୟ କ୍ୱାର୍ଟର ଶେଷ ବେଳକୁ ଆର୍ଜେଣ୍ଟିନା ଅଗ୍ରଣୀ ବଳବତ୍ତର ରହିଥିଲା। ଚତୁର୍ଥ କ୍ୱାର୍ଟରରେ ମଧ୍ୟ ଆର୍ଜେଣ୍ଟିନା ପ୍ରଭାବୀ ରହିଥିଲା। ଅଧିକାଂଶ ସମୟ କୋରିଆ ହାଫ୍‌ରେ ବଲ୍ ରଖିବାରେ ସକ୍ଷମ ହୋଇଥିଲା ଏହି ଦଳ। କୋରିଆର ଡି' ଏରିଆ ମଧ୍ୟରେ ବଲ୍ ପାଇଁ ସଂଘର୍ଷ ଚାଲିଥିବାବେଳେ ୪୬ତମ ମିନିଟରେ ଲୁକାସ ଟୋସ୍କାନିଙ୍କଠାରୁ ବାମ ପଟରୁ ପାଇଥିବା ପାସ୍‌କୁ ଗୋଲରେ ପରିଣତ କରିଥିଲେ ନିକୋଲାସ କିନାନ। ଏହାଥିଲା କିନାନଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଆର୍ଜେଣ୍ଟିନା ପକ୍ଷରୁ ୫ମ ଗୋଲ। ମାତ୍ର କୋରିଆ ସହଜରେ ବାଟ ଛାଡ଼ି ନ ଥିଲା। ୪୯ତମ ମିନିଟରେ ଦଳ ଏକ ପେନାଲ୍ଟି କର୍ନର ପାଇଥିଲା। ଏଥିରୁ ଗୋଲ ଦେଇ କୋରିଆ ଆଶା ଉଜ୍ଜୀବିତ ରଖିଥିଲେ ଜୋଙ୍ଗହ୍ୟୁନ। ଏହାଥିଲା ମ୍ୟାଚରେ ତାଙ୍କର ବ୍ୟକ୍ତିଗତ ଦ୍ୱିତୀୟ ଗୋଲ। ୫୫ତମ ମିନିଟରେ ଲୀ ନାମ୍ ୟଙ୍ଗଙ୍କ ପେନାଲ୍ଟି ଗୋଲ ବଳରେ କୋରିଆ ମ୍ୟାଚକୁ ୫-୫ ସ୍ତରକୁ ନେଇ ଆସିଥିଲା। ଆଉ ଗୋଲ ନ ହେବାରୁ ମ୍ୟାଚ ଶୁଟ୍ ଆଉଟ ପର୍ଯ୍ୟାୟକୁ ଯାଇଥିଲା।

# ଏସୀୟ ସମ୍ମାନ ରଖିଲା ଦକ୍ଷିଣ କୋରିଆ

ଭୁବନେଶ୍ୱର, ୨୩।୧ (କ୍ରୀଡ଼ା ପ୍ରତିନିଧି)

ଚଳିତ ହକି ବିଶ୍ୱକପରେ ଏକମାତ୍ର ଏସୀୟ ଦଳଭାବେ ଦକ୍ଷିଣ କୋରିଆ କ୍ୱାର୍ଟର ଫାଇନାଲରେ ପ୍ରବେଶ କରି ସମ୍ମାନ ରଖିଛି। ଅନ୍ୟ ୩ ଦଳ ମଧ୍ୟରୁ ଭାରତ ଓ ମାଲେସିଆ କ୍ରସ୍ ଓଭରରୁ ଏବଂ ଜାପାନ ଲିଗ୍ ପର୍ଯ୍ୟାୟରୁ ବିଦାୟ ନେଇଛନ୍ତି। ସୋମବାର ଅନୁଷ୍ଠିତ କ୍ରସ୍ ଓଭର ମ୍ୟାଚରେ ଆର୍ଜେଣ୍ଟିନା ପ୍ରଭାବୀ ପ୍ରଦର୍ଶନ କରିଥିଲେ ହେଁ କୋରିଆ କଡ଼ା ଚ୍ୟାଲେଞ୍ଜ ଦେଇ ନିର୍ଦ୍ଧାରିତ ସମୟରେ ମ୍ୟାଚକୁ ୫-୫ରେ ବରାବର ରଖିଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ଶୁଟ୍ଆଉଟ ପର୍ଯ୍ୟାୟରେ ୩-୨ ଗୋଲରେ ବିଜୟୀ ହୋଇଥିଲା। ପ୍ରତିଯୋଗିତାରେ ଏସିଆର ୪ ଦଳ ଆୟୋଜକ ଭାରତ, ମାଲେସିଆ, ଜାପାନ ଓ ଦକ୍ଷିଣ କୋରିଆ ଭାଗ ନେଇଥିଲା। ଏହା ମଧ୍ୟରୁ ଜାପାନର ଅଭିଯାନ ଗ୍ରୁପ୍ ପର୍ଯ୍ୟାୟରୁ ହିଁ ଶେଷ ହୋଇଥିଲା। ଗ୍ରୁପ୍ ''ବି'ରେ ଏହି ଦଳ ଜର୍ମାନୀ, କୋରିଆ ଓ ବେଲଜିୟମଠାରୁ ହାରିଥିଲା। ଅର୍ଥାତ୍ ଗୋଟିଏ ହେଲେ ମ୍ୟାଚ ଜିତି ନ ପାରି ଦଳ ବିଦାୟ ନେଇଥିଲା। ଗ୍ରୁପ୍ ''ଡି'ରେ ଭାରତ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ରହିଥିଲେ ହେଁ କ୍ରସ୍ ଓଭର ମ୍ୟାଚରେ ଶୁଟ୍ଆଉଟ/ସଡନ୍‌ଡେଥ୍‌ରେ ନ୍ୟୁଜିଲାଣ୍ଡଠାରୁ ହାରି ଯାଇଥିଲା। ସେହିପରି ମାଲେସିଆ ପୁଲ୍ ''ସି'ରେ ୩ ମ୍ୟାଚରୁ ୨ ବିଜୟ ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଫଳରେ କ୍ରସ୍ ଓଭରରେ ସ୍ପେନ୍‌କୁ ଭେଟିଥିଲା। ଏହି ପର୍ଯ୍ୟାୟରେ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଶୁଟ୍ଆଉଟ/ସଡନ୍‌ଡେଥ୍‌ରେ ସ୍ପେନ୍‌ଠାରୁ ହାରି ବିଦାୟ ନେଇଥିଲା। ସେହିପରି କୋରିଆ ପୁଲ୍ ''ବି'ରେ ୩ ମ୍ୟାଚରୁ ୧ ବିଜୟ ସହ ତୃତୀୟ ସ୍ଥାନରେ ରହିଥିବାରୁ କ୍ରସ୍ ଓଭର ଖେଳିବା ସୁଯୋଗ ପାଇଥିଲା। ଏଥିରେ ଉତ୍ସାହୀ ପ୍ରଦର୍ଶନ କରି ଆର୍ଜେଣ୍ଟିନାକୁ କଡ଼ା ଟକ୍କର ମଧ୍ୟ ଦେଇଥିଲା। ଏହାର ଫଳ ଦଳକୁ ମିଳିଥିଲା।





ବିଶ୍ୱକପ୍ ଟ୍ରଫି ସହ ଜର୍ମାନ କନ୍‌ସଲେଟ୍ ଜେନେରାଲ ମନଫ୍ରେଡ୍ ଅଷ୍ଟେର ଓ ଫ୍ରାନ୍ସ କନସଲେଟ ଜେନେରାଲ ଡିଡିଏର୍ ଟାଲପେନ୍।



ଓଲି ସହ ଫଟୋ ଉଠାଉଛନ୍ତି ଦୁଇ ବାଳିକା ।



ଖେଳ ଉପଭୋଗ କରୁଛନ୍ତି ବିଦେଶୀ ଦର୍ଶକ।

# ଜର୍ମାନୀ ଓ ଫ୍ରାନ୍ସ କନସଲେଟ ଜେନେରାଲ ଅତିଥି

ଭୁବନେଶ୍ୱର, ୨୩।୧ (କ୍ରୀଡ଼ା ପ୍ରତିନିଧି)

ହକି ବିଶ୍ୱକପର ସୋମବାର ଅନୁଷ୍ଠିତ ମ୍ୟାଚ ଅବସରରେ ଅତିଥିଭାବେ ଯୋଗ ଦେଇଥିଲେ ଜର୍ମାନୀ ଓ ଫ୍ରାନ୍ସ କନସଲେଟ୍ ଜେନେରାଲ। ଜର୍ମାନୀ-ଫ୍ରାନ୍ସ ମ୍ୟାଚ ଆରମ୍ଭ ପୂର୍ବରୁ ଜର୍ମାନୀ କନସଲେଟ୍ ଜେନେରାଲ ମନଫ୍ରେଡ ଅଷ୍ଟେର ଏବଂ ଫ୍ରାନ୍ସ କନସଲେଟ୍ ଜେନେରାଲ ଡିଡିଏର ଟାଲପେନ ହକି ଇଣ୍ଡିଆ ସିଇଓ ଏଲିନା ନର୍ମାନଙ୍କ ସହ ପଡ଼ିଆ ମଧ୍ୟକୁ ଯାଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଦୁହେଁ ଟ୍ରଫି ସହିତ ଫଟୋ ଉଠାଇବା ସହ ମ୍ୟାଚ ଉପଭୋଗ କରିଥିଲେ। ଏହି ମ୍ୟାଚରେ ଫ୍ରାନ୍ସକୁ ହରାଇ ଜର୍ମାନୀ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା।

# ଜର୍ମାନୀ କ୍ୱାର୍ଟରରେ ଇଂଲଣ୍ଡକୁ ଭେଟିବ

ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୨୩।୧

ଦୁଇଥର ଚାମ୍ପିୟନ ଜର୍ମାନୀ ଚଳିତ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ କ୍ରସ୍‌ଓଭର ମ୍ୟାଚ୍‌ରେ ଏହି ଦଳ ୫-୧ ଗୋଲରେ ଫ୍ରାନ୍ସକୁ ପରାସ୍ତ କରିଛି। ବିଜୟୀ ଦଳର ଅଧିନାୟକ ମ୍ୟାଟ୍ସ ଗ୍ରାମବୁଶ୍ଚ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହିତ ଜର୍ମାନୀ କ୍ୱାର୍ଟର ଫାଇନାଲରେ ଇଂଲଣ୍ଡକୁ ଭେଟିବ। ଗ୍ରୁପ୍ ପର୍ଯ୍ୟାୟରେ ପୁଲ୍ ଡି'ରେ ଶୀର୍ଷସ୍ଥାନ ଅଧିକାର କରି ଇଂଲଣ୍ଡ ସିଧାସଳଖ କ୍ୱାର୍ଟର ଫାଇନାଲ ଯୋଗ୍ୟତା ପାଇଥିଲା। ଅନ୍ୟପକ୍ଷରେ ଫ୍ରାନ୍ସର ଅଭିଯାନ କ୍ରସ୍‌ଓଭରରୁ ଶେଷ ହୋଇଛି। ଏହି ଦଳ ଏବେ ୯ରୁ ୧୬ତମ ସ୍ଥାନ ପାଇଁ କ୍ଲାସିଫିକେଶନ ମ୍ୟାଚ୍ ଖେଳିବ।

ବିଶ୍ୱର ୪ ନମ୍ବର ଦଳ ଜର୍ମାନୀ ସ୍ୱାଭାବିକଭାବେ ୧୨ ନମ୍ବର ଦଳ ଫ୍ରାନ୍ସ ଉପରେ ଭାରି ପଡ଼ିଥିଲା। ଆକ୍ରମଣାତ୍ମକ ଆରମ୍ଭକରି ଖେଳ ଆରମ୍ଭର ୨ ମିନିଟ୍ ମଧ୍ୟରେ ଦଳ ୨ଥର ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ୬ଷ୍ଠ ମିନିଟ୍‌ରେ ଫ୍ରାନ୍ସ ପ୍ରଥମ ପେନାଲ୍ଟି କର୍ନର ପାଇଥିଲା। ମାତ୍ର କୌଣସି ଦଳ ଗୋଲ କରିପାରି ନ ଥିଲେ। ୧୫ତମ ମିନିଟ୍‌ରେ ଫିଲ୍ଡ ଗୋଲରୁ ଜର୍ମାନୀକୁ ପ୍ରଥମ ସଫଳତା ମିଳିଥିଲା। ମାର୍କୋ ମିଲ୍ଟକାଉ ଏହି ଗୋଲଟି ଦେଇଥିଲେ। ପ୍ରଥମ କ୍ୱାର୍ଟରରେ ଅଗ୍ରଣୀ ରହିଥିବା ଜର୍ମାନୀ ଆଉ ପଛକୁ ଫେରି ଚାହିଁ ନ ଥିଲା। ଦ୍ୱିତୀୟ କ୍ୱାର୍ଟରରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଥିଲା। ୧୯ତମ ମିନିଟ୍‌ରେ ନିକ୍ଲାସ ୱେଲେନ ଫିଲ୍ଡ ଗୋଲ ଦେଇ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୨୪ତମ ମିନିଟ୍‌ରେ ଅଧିନାୟକ ଗ୍ରାମବୁଶ୍ଚ ଏବଂ ୨୫ତମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ମୋରିଜ ଟ୍ରୋମ୍ପର୍ଜ ପ୍ରଥମାର୍ଦ୍ଧ ଶେଷବେଳକୁ ଏହି ବ୍ୟବଧାନକୁ ୪-୦ରେ ପହଞ୍ଚାଇ ଦେଇଥିଲେ। ତୃତୀୟ କ୍ୱାର୍ଟରରେ ଜର୍ମାନୀ ୩ଥର ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଫ୍ରାନ୍ସ ଡିଫେଣ୍ଡରମାନେ ସଫଳତାର ସହ ତାହାକୁ ପ୍ରତିହତ କରିଥିଲେ। ଚାପରେ ରହିଥିଲେ ହେଁ ଅନ୍ତିମ କ୍ୱାର୍ଟରରେ ପରିବର୍ତ୍ତିତ ରଣନୀତିରେ ଫ୍ରାନ୍ସ ଆକ୍ରମଣାତ୍ମକ ଖେଳି ଏକାଧିକ ସୁଯୋଗ ସୃଷ୍ଟି କରିଥିଲା। ଦଳ ଏହି କ୍ୱାର୍ଟରରେ ୭ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟିକରି ଏଥିରୁ ଗୋଟିଏ ଗୋଲ ଦେବାରେ ସକ୍ଷମ ହୋଇଥିଲା। ୫୮ତମ ମିନିଟ୍‌ରେ ଫ୍ରାଙ୍କୋଇସ୍ ଗୋୟେଟ ଏହି ଗୋଲ ଦେଇଥିଲେ। ମାତ୍ର ଏହାର ୨ ମିନିଟ୍ ପରେ ଜର୍ମାନୀ ପକ୍ଷରୁ ୫ମ ଗୋଲଟି ସ୍କୋର କରିଥିଲେ ଗୋଞ୍ଜାଲୋ ପିଲାଟ। ପେନାଲ୍ଟି କର୍ନରରୁ ସେ ଏହି ଗୋଲଟି ଦେଇଥିଲେ। ମୋଟ୍ ଉପରେ ଜର୍ମାନୀ ପାଇଥିବା ୯ ପେନାଲ୍ଟି କର୍ନରରୁ ୨ଟିକୁ ଗୋଲରେ ପରିଣତ କରିଥିବାବେଳେ ସମାନ ସଂଖ୍ୟକ ପେନାଲ୍ଟି କର୍ନରରୁ ଫ୍ରାନ୍ସ ଗୋଟିଏ ଗୋଲ ଦେଇପାରିଥିଲା। ୯ରୁ ୧୬ତମ ସ୍ଥାନ ପାଇଁ ଫ୍ରାନ୍ସ ୱେଲ୍ସକୁ ଭେଟିବ। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଏହି ମ୍ୟାଚ୍ ଆସନ୍ତା ୨୬ରେ ଖେଳାଯିବ।



ଜର୍ମାନୀ ଓ ଫ୍ରାନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଆଜିଠୁ କ୍ୱାର୍ଟର ଫାଇନାଲ

ଭୁବନେଶ୍ୱର, ୨୩।୧ (କ୍ରୀଡ଼ା ପ୍ରତିନିଧି)

ଚଳିତ ହକି ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ମଙ୍ଗଳବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହେବ। ପ୍ରଥମ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆକୁ ସ୍ପେନ୍ ଏବଂ ଦ୍ୱିତୀୟ କ୍ୱାର୍ଟରରେ ଗତଥରର ଚାମ୍ପିୟନ ବେଲ୍‌ଜିୟମକୁ ଭେଟିବ ନ୍ୟୁଜିଲାଣ୍ଡ। ୨୫ ତାରିଖରେ ଅନ୍ୟ ୨ଟି କ୍ୱାର୍ଟର ଫାଇନାଲ ଏଠାରେ ଖେଳାଯିବ।

## ଅଷ୍ଟ୍ରେଲିଆ ପଲା ଭାରି

ଟୁର୍ନାମେଣ୍ଟରେ ସବୁଠାରୁ ଅଧିକ ପଦକ ହାସଲ କରିଥିବା ଦଳ ହେଉଛି ଅଷ୍ଟ୍ରେଲିଆ। ଏହି ଦଳ ୧୯୮୬, ୨୦୧୦ ଓ ୨୦୧୪ରେ ଚାମ୍ପିୟନ ହୋଇଥିବାବେଳେ ୨୦୦୨ ଓ ୨୦୦୬ରେ ରନରଅପ୍ ଏବଂ ୧୯୭୮, ୧୯୮୨, ୧୯୯୦, ୧୯୯୪ ଓ ୨୦୧୮ରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ୍ ପଦକ ପାଇଥିଲା। ମୋଟ୍ ୧୦ଥର ପୋଡିୟମ ମଣ୍ଡନ କରିସାରିଥିବା ଅଷ୍ଟ୍ରେଲିଆ ସ୍ୱାଭାବିକ ଭାବେ ସ୍ପେନ୍ ବିପକ୍ଷରେ ଫେଭରାଇଟ ବିବେଚିତ ହେବ। ସ୍ପେନ୍ କେବେ ଟାଇଟଲ ସ୍ୱାଦ ଚାଖିପାରି ନ ଥିବାବେଳେ ୧୯୭୧ ଓ ୧୯୯୮ରେ ରୌପ୍ୟ ଏବଂ ୨୦୦୬ରେ ବ୍ରୋଞ୍ଜ୍ ପଦକ ଜିତିଛି। ରେକର୍ଡ ମଧ୍ୟ ଅଷ୍ଟ୍ରେଲିଆ ସପକ୍ଷରେ ରହିଛି। ଏହି ଦୁଇ ଦଳ ମଧ୍ୟରେ ୫୦ଟି ମ୍ୟାଚ୍ ଅନୁଷ୍ଠିତ ହୋଇସାରିଛି। ଆଗାମୀ ମ୍ୟାଚ୍ ହେବ ୫୧ତମ ମୁକାବିଲା। ଏଥିମଧ୍ୟରୁ ଅଷ୍ଟ୍ରେଲିଆ ୩୩ ମ୍ୟାଚ୍ ଜିତିଥିବାବେଳେ ସ୍ପେନ୍ ୧୦ଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟ ୭ଟି ଡ୍ର ରହିଛି। ୨୦୨୨ରେ ଦୁଇ ଦଳ ମଧ୍ୟରେ ହୋଇଥିବା ୩ ମୁକାବିଲାରେ ଅଷ୍ଟ୍ରେଲିଆ ୨ଟି ଏବଂ ସ୍ପେନ୍ ଗୋଟିଏ ଜିତିଛି। ତେଣୁ ବିଶ୍ୱର ନମ୍ବର ୱାନ୍ ଦଳ ଅଷ୍ଟ୍ରେଲିଆ ସପକ୍ଷରେ ରେକର୍ଡ ରହିଥିଲେ ହେଁ ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରିଲେ ୮ ନମ୍ବର ସ୍ପେନ୍ ମଧ୍ୟ ବିପର୍ଯ୍ୟୟ ସୃଷ୍ଟି କରିପାରିବ।

## ଆଉ ଏକ ବିପର୍ଯ୍ୟୟ ସୃଷ୍ଟି ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ

ପ୍ରତିଯୋଗିତାର ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ବେଲ୍‌ଜିୟମକୁ ଭେଟିବ ନ୍ୟୁଜିଲାଣ୍ଡ। ଏଫ୍ଆଇଏଚ୍ ର୍ୟାଙ୍କିଙ୍ଗ୍‌ର ୨ୟ ସ୍ଥାନରେ ଥିବା ବେଲ୍‌ଜିୟମ ଟାଇଟଲ ବଜାୟ ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ଭାରତକୁ ହରାଇବା ପରେ ନ୍ୟୁଜିଲାଣ୍ଡର ମନୋବଳ ବହୁ ଉପରେ ରହିଛି। ନିମ୍ନ ର୍ୟାଙ୍କପ୍ରାପ୍ତ ଦଳ ହୋଇଥିଲେ ହେଁ ବେଲଜିୟମ ବିପକ୍ଷରେ ଏହାର ରେକର୍ଡ ବହୁତ ଭଲ। ତେଣୁ ଶ୍ରେଷ୍ଠ ପ୍ରଦର୍ଶନ କରି ଆଉ ଏକ ବିପର୍ଯ୍ୟୟ ସୃଷ୍ଟି ଲକ୍ଷ୍ୟରେ ରହିଛି ନ୍ୟୁଜିଲାଣ୍ଡ। ନ୍ୟୁଜିଲାଣ୍ଡ ଓ ବେଲ୍‌ଜିୟମ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୨୩ଟି ମ୍ୟାଚ୍ ଅନୁଷ୍ଠିତ ହୋଇସାରିଛି। ଏଥିରୁ ବ୍ଲାକ୍ ଷ୍ଟିକ୍(ନ୍ୟୁଜିଲାଣ୍ଡ) ଦଳ ୧୦ଟି ମ୍ୟାଚ୍ ଜିତିଥିବାବେଳେ ବେଲଜିୟମ ୯ଟିରେ ବିଜୟୀ ହୋଇଛି ଏବଂ ଅନ୍ୟ ୪ଟି ଡ୍ର ରହିଛି। ଶେଷଥର ପାଇଁ ଏହି ଦୁଇ ଦଳ ମଧ୍ୟରେ ୨୦୨୦ ପ୍ରୋ-ଲିଗ୍‌ରେ ମୁକାବିଲା ହୋଇଥିଲା। ଏଥିରେ ବେଲ୍‌ଜିୟମ ୩-୧ ଗୋଲରେ ବିଜୟୀ ହୋଇଥିଲା। ତେଣୁ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

### ହକି ବିଶ୍ୱକପ୍

**(କ୍ୱାର୍ଟର ଫାଇନାଲ କାର୍ଯ୍ୟସୂଚୀ)**

**ଜାନୁୟାରୀ ୨୪: ଅଷ୍ଟ୍ରେଲିଆ ବନାମ ସ୍ପେନ୍**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ନ ୪.୩୦
**ବେଲଜିୟମ ବନାମ ନ୍ୟୁଜିଲାଣ୍ଡ**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭.୦୦
**ଜାନୁୟାରୀ ୨୫: ନେଦରଲାଣ୍ଡସ୍ ବନାମ ଦକ୍ଷିଣ କୋରିଆ**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ନ ୪.୩୦
**ଇଂଲଣ୍ଡ ବନାମ ଜର୍ମାନୀ**
ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୭.୦୦

# ସାବାଲେଙ୍କା, ଶେଲ୍‌ଟନ କ୍ୱାର୍ଟରଫାଇନାଲରେ

**ମେଲବୋର୍ନ, ୨୩।୧ (ଏପି)**




ପଞ୍ଚମ ସିଡ୍ ଆରିନା ସାବାଲେଙ୍କା ପ୍ରଥମ ଥର ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସୋମବାର ସେ ବେଲିଣ୍ଡା ବେନ୍‌ସିକ୍‌ଙ୍କୁ ୭-୫, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ପୁରୁଷ ସିଙ୍ଗଲ୍ସରେ ଅଷ୍ଟ୍ରେଲିଆନ ଓପନରେ ପ୍ରଥମ ପଦାର୍ପଣରେ ପ୍ରଭାବୀ ପ୍ରଦର୍ଶନ ସହ ବେନ୍ ଶେଲଟନ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଫ୍ଲୋରିଡା ୟୁନିଭର୍ସିଟିର ଏହି ୨୦ବର୍ଷୀୟ ଏହି ଏନ୍‌ସିଏଏ ଚାମ୍ପିୟନ ଏକ ଅଲ୍ ଆମେରିକାନ୍ ମୁକାବିଲାରେ ଜେ.ଜେ. ଓଫ୍‌ଙ୍କୁ ୬-୭ (୫), ୬-୨, ୬-୭ (୪), ୭-୬ (୪), ୬-୨ରେ ହରାଇ ଦେଇଛନ୍ତି। ଶେଲ୍‌ଟନ ତାଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଖେଳୁଛନ୍ତି। ତାଙ୍କ ଜୀବନରେ ଏହାହେଉଛି ପ୍ରଥମ ବିଦେଶ ଗସ୍ତ। ବର୍ତ୍ତମାନ ସେ ସେବାଷ୍ଟିଆନ କୋର୍ଡାଙ୍କ ସହ ଯୋଗ ଦେଇଛନ୍ତି। ୨୦୦୭ ପରେ ପ୍ରଥମ ଥର ଆମେରିକାର ଦୁଇଜଣ ଖେଳାଳି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରଡ୍ ଲାଭର ଆରେନାରେ ୫ମ ସିଡ୍ ତଥା ରୁଷିଆର ଆନ୍ଦ୍ରେ ରୁବ୍ଲେଭ ଏକ ୫ ସେଟ୍ ବିଶିଷ୍ଟ ମ୍ୟାଚରେ ବିଜୟ ହାସଲ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେ ହୋଲ୍‌ଗର ରୁନ୍‌ଙ୍କୁ ୬-୩, ୩-୬, ୬-୩, ୪-୬, ୭-୬ (୧୧-୭)ରେ ପରାସ୍ତ କରିଛନ୍ତି। ରୁବ୍ଲେଭ କ୍ୱାର୍ଟରଫାଇନାଲରେ ୨୧ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ନୋଭାକ ଜୋକୋଭିଚ୍ କିମ୍ବା ଅଷ୍ଟ୍ରେଲିଆର ଆଲେକ୍ସ ଡି' ମିନାଉର୍‌ଙ୍କୁ ଭେଟିପାରନ୍ତି। ୩୧ ବର୍ଷୀୟା ମାଗ୍‌ଡା ଲିନେଟ ମହିଳା କ୍ୱାର୍ଟରଫାଇନାଲରେ ୩୦ଥର ପ୍ରଚେଷ୍ଟାରେ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସେ ବର୍ତ୍ତମାନ କାରୋଲିନା ପ୍ଲିସ୍‌କୋଭାଙ୍କୁ ଭେଟିବାକୁଥିବା ବେଳେ ଅନ୍ୟ ଏକ ମ୍ୟାଚ ଆରିନା ସାବାଲେଙ୍କା ଓ ଡୋନା ଭେକିକ୍‌ଙ୍କ ମଧ୍ୟରେ ଖେଳାଯିବ।

# କ୍ଲିନ୍ ସୁଇପ୍ ଲକ୍ଷ୍ୟରେ ଭାରତ

**ଇନ୍ଦୋର, ୨୩।୧ (ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ର ଅନ୍ତିମ ମ୍ୟାଚ୍ ମଙ୍ଗଳବାର ଇନ୍ଦୋରର ହୋଲ୍‌କର କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ୨-୦ରେ ଆଗୁଆ ରହିଥିବା ଭାରତ ଏହି ମ୍ୟାଚ୍‌ରେ ନିଜର ମିଡଲ ଅର୍ଡର ସୁଧାରିବାକୁ ପ୍ରୟାସ କରିବ। ସେହିପରି ବୋଲିଂ ଲାଇନ୍ ଅପ୍‌ରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଓପନର ଶୁବମନ ଗିଲ୍ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଥିବା ବେଳେ ରୋହିତ ଶର୍ମା ମଧ୍ୟ ଦୁଇଟିଯାକ ମ୍ୟାଚ୍‌ରେ ଉପଯୋଗୀ ଇନିଂସ ଖେଳିଛନ୍ତି। ଟପ୍ ଅର୍ଡରରେ ବିରାଟ କୋହଲି ଉଭୟ ମ୍ୟାଚ୍‌ରେ ବିଫଳ ହୋଇଥିବା ବେଳେ ମଧ୍ୟକ୍ରମରେ ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ୍, ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ପ୍ରଦର୍ଶନ ପ୍ରଭାବୀ ରହିନାହିଁ। ବାମହାତୀ ସ୍ପିନରଙ୍କ ବିପକ୍ଷରେ କୋହଲିଙ୍କ ଦୁର୍ବଳ ପ୍ରଦର୍ଶନ ଜାରି ରହିଛି। ୪ ମ୍ୟାଚ୍‌ରେ ୩ ଶତକ ହାସଲ କରିବା ପରେ କୋହଲି ବାମହାତୀ ସ୍ପିନରଙ୍କ ବିପକ୍ଷରେ ନିଜର ଦୁର୍ବଳତା ସୁଧାରିବାକୁ ପ୍ରୟାସ କରିପାରନ୍ତି। ସେହିପରି ମଧ୍ୟକ୍ରମରେ ସୂର୍ଯ୍ୟକୁମାର, ଇଶାନ ଓ ହାର୍ଦ୍ଦିକଙ୍କୁ ଅଧିକ ବ୍ୟାଟିଂ ଦେବା ଲକ୍ଷ୍ୟରେ ରହିବ ଭାରତ। ଦ୍ୱିତୀୟ ଅଲରାଉଣ୍ଡର ଭାବରେ ୱାଶିଂଟନ୍ ସୁନ୍ଦରଙ୍କ ସ୍ଥାନରେ ଶାହବାଜ ଅହମଦଙ୍କୁ ମଧ୍ୟ ସୁଯୋଗ ମିଳିପାରେ। ଭାରତୀୟ ଦଳ ଏହାର ବୋଲିଂ ବେଞ୍ଚଷ୍ଟ୍ରେଙ୍ଗ୍ଥ ଉପରେ ଏଯାଏ କାମ ଆରମ୍ଭ କରି ନାହିଁ। ଉମ୍‌ରାନ ମଲିକ ଏବଂ ୟୁଜ୍‌ବେନ୍ଦ୍ର ଚହଲ ଚଳିତ ସିରିଜରେ ଗୋଟିଏ ବି ମ୍ୟାଚ୍ ଖେଳି ନ ଥିବା ବେଳେ ଏହି ମ୍ୟାଚ୍‌ରେ ସୁଯୋଗ ପାଇପାରନ୍ତି। ପ୍ରଥମ ଦିନିକିଆରେ ଭାରତୀୟ ବୋଲର ଅତ୍ୟନ୍ତ ସାଧାରଣ ବୋଲିଂ କରିବା ସହିତ ୧୩୧/୬ରୁ ନ୍ୟୁଜିଲାଣ୍ଡକୁ ୩୦୦ ରନ୍ ଅତିକ୍ରମ କରିବାର ସୁଯୋଗ ଦେଇଥିଲେ। ଦ୍ୱିତୀୟ ଦିନିକିଆରେ କିନ୍ତୁ ଚମତ୍କାର ପ୍ରତ୍ୟାବର୍ତ୍ତନ କରିବା ସହିତ ଭ୍ରମଣକାରୀ ଦଳକୁ ମାତ୍ର ୧୦୮ ରନ୍‌ରେ ସୀମିତ ରଖିଥିଲେ। ମହମ୍ମଦ ଶାମି, ମହମ୍ମଦ ସିରାଜ ଓ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କ ବୋଲିଂ ଚମତ୍କାର ରହିଥିବା ବେଳେ ସ୍ପିନ୍ ବୋଲର ମଧ୍ୟ ମାପଚୁପ ବୋଲିଂ କରିଥିଲେ। ଅନ୍ୟପକ୍ଷରେ ଟମ୍ ଲଥାମଙ୍କ ନ୍ୟୁଜିଲାଣ୍ଡ ମଧ୍ୟ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବାକୁ ଚାହିଁବ। ୱିଲିୟମ୍‌ସନ୍‌ଙ୍କ ବିନା ଦଳର ବ୍ୟାଟିଂ ଦୁର୍ବଳତା ପଦାରେ ପଡ଼ିଥିବା ବେଳେ ଏହାକୁ ସୁଧାରିବାକୁ ଟପ୍ ଅର୍ଡର ବ୍ୟାଟର ପ୍ରୟାସ କରିବେ। ହୋଲ୍‌କର ଷ୍ଟାଡିୟମ ପିଚ୍ ବ୍ୟାଟରଙ୍କୁ ସହାୟକ ହେବ ବୋଲି ଆଶା କରାଯାଏ। କାକର ପ୍ରଭାବ ଦ୍ୱିତୀୟ ଇନିଂସ୍‌ରେ ପଡ଼ିବାର ସମ୍ଭାବନା ଥିବାରୁ ଟସ୍ ଜିତିବା ଦଳ ହିଁ ବ୍ୟାଟିଂ ନିଷ୍ପତ୍ତି ନେବ।

**ଆଜି ଅନ୍ତିମ ଦିନିକିଆ**

ମ୍ୟାଚ୍ ସ୍ଥାନ: ହୋଲ୍‌କର ଷ୍ଟାଡିୟମ, ଇନ୍ଦୋର
ସମୟ: ଅପରାହ୍ଣ ୧.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


ଭାରତୀୟ କ୍ରିକେଟ ଖେଳାଳିଙ୍କ ଅଭ୍ୟାସ।

# ମେରୀ କମ୍ ନିରୀକ୍ଷଣ କମିଟି ମୁଖ୍ୟ

**ନୂଆଦିଲ୍ଲୀ, ୨୩।୧ (ପି.ଟି.)**

**ଡବ୍ଲ୍ୟୁଏଫ୍‌ଆଇ ବିବାଦ**



ଭାରତୀୟ ବକ୍ସିଂ କିମ୍ବଦନ୍ତୀ ଏମ୍‌ସି ମେରୀ କମ୍‌ଙ୍କୁ ୫ ଜଣିଆ ନିରୀକ୍ଷଣ କମିଟିର ମୁଖ୍ୟ ଭାବେ ନିଯୁକ୍ତ କରିଛି କ୍ରୀଡ଼ା ମନ୍ତ୍ରଣାଳୟ। ଭାରତୀୟ କୁସ୍ତିଯୋଦ୍ଧା ସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ନାମରେ ମହିଳା ଆଥ୍‌ଲେଟଙ୍କୁ ଯୌନ ଉତ୍ପୀଡ଼ନ ଅଭିଯୋଗ ଆସିବା ପରେ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ମାମଲାର ତଦନ୍ତ ଶେଷ ନ ହେବା ଯାଏ ସଭାପତିଙ୍କୁ ପଦରୁ ଦୂରେଇ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଫଳରେ ଆସନ୍ତା ଏକ ମାସ ପାଇଁ ଡବ୍ଲ୍ୟୁଏଫ୍‌ଆଇର କାର୍ଯ୍ୟଭାର ପରିଚାଳନା ଲାଗି ସୋମବାର ୫ ଜଣିଆ ନିରୀକ୍ଷଣ କମିଟି ଗଠନ କରାଯାଇଛି। ମେରୀ କମ୍‌ଙ୍କ ନେତୃତ୍ୱରେ ଗଠିତ କମିଟିରେ ଯୋଗେଶ୍ୱର ଦତ୍ତ, ପୂର୍ବତନ ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ମିଶନ୍ ଅଲିମ୍ପିକ୍ସ ସେଲ୍ ସଦସ୍ୟ ତୃପ୍ତି ମୁର୍ଗୁଣ୍ଡେ, ପୂର୍ବତନ ଟପ୍ସ ସିଇଓ ରାଜଗୋପାଳନ୍ ଏବଂ ସାଇର ପରିଚାଳନା ନିର୍ଦ୍ଦେଶକ ରାଧିକା ଶ୍ରୀମାନ୍ ପ୍ରମୁଖ ରହିଛନ୍ତି। କ୍ରୀଡ଼ା ମନ୍ତ୍ରୀ ଅନୁରାଗ ଠାକୁର ଏହି କମିଟି ସମ୍ପର୍କରେ ଘୋଷଣା କରିଛନ୍ତି। ଏହି କମିଟି ଡବ୍ଲ୍ୟୁଏଫ୍‌ଆଇର ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବ। ଭିନେଶ୍ ଫୋଗତ, ବଜରଙ୍ଗ ପୁନିଆ ଓ ସାକ୍ଷୀ ମଲିକଙ୍କ ପରି କୁସ୍ତିଯୋଦ୍ଧା ଡବ୍ଲ୍ୟୁଏଫ୍‌ଆଇ ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ନାମରେ ଯୌନଶୋଷଣ ଓ ଏକଛତ୍ରବାଦ୍‌ର ଅଭିଯୋଗ ଆଣିବା ସହିତ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଆନ୍ଦୋଳନରେ ବସିଥିଲେ। କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଖେଳାଳି ମାନଙ୍କ ସହିତ ମାରାଥନ ଆଲୋଚନା ପରେ ଏକ ତଦନ୍ତ କମିଟି ଗଠନର ପ୍ରତିଶ୍ରୁତି ମଧ୍ୟ ଦିଆଯାଇଥିଲା। ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ) ପକ୍ଷରୁ ୭ ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିରେ ମେରୀ କମ୍, ଡୋଲା ବାନାର୍ଜୀ, ଅଳକାନନ୍ଦା ଅଶୋକ, ଯୋଗେଶ୍ୱର ଦତ୍ତ, ସହଦେବ ଯାଦବ ଏବଂ ଦୁଇଜଣ ଓକିଲ ଟାଲିଶ ରୟ ଓ ଶ୍ଲୋକ ଚନ୍ଦ୍ରାଙ୍କୁ ସାମିଲ କରାଯାଇଛି। ଏହି କମିଟି ୪ ସପ୍ତାହ ମଧ୍ୟରେ ବ୍ରିଜ୍ ଭୂଷଣଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବ। ଉଭୟ ମେରୀ କମ୍ ଏବଂ ଯୋଗେଶ୍ୱର ଦତ୍ତ ଉଭୟ ତଦନ୍ତ କମିଟି ଏବଂ ନିରୀକ୍ଷଣ କମିଟିର ସଦସ୍ୟ ରହିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ସଭାପତି ବ୍ରିଜ ଭୂଷଣ ଶରଣ ସିଂଙ୍କ ଇସ୍ତଫା ସହିତ ତୁରନ୍ତ ଡବ୍ଲ୍ୟୁଏଫ୍‌ଆଇକୁ ଭାଙ୍ଗିବା ଦାବିରେ ଏହି ଖେଳାଳିମାନେ ଧାରଣାରେ ବସିଥିଲେ। ତେବେ ଏଭଳି ଅଭିଯୋଗକୁ ବ୍ରିଜ ଭୂଷଣ ଅସ୍ୱୀକାର କରିବା ସହିତ ଜଣେ ବ୍ୟବସାୟୀ ଏହି ସମସ୍ତ ମାମଲା ପଛରେ ଥିବା କହିଛନ୍ତି।

# ଆଶୁତୋଷଙ୍କୁ ୯ ଉଇକେଟ ସଫଳତା

**ଭୁବନେଶ୍ୱର, ୨୩।୧ (ସ୍ପୋର୍ଟ୍ସ ବ୍ୟୁରୋ)**

**କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫି**

ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ୨୫ ବର୍ଷରୁ କମ୍ କର୍ଣ୍ଣେଲ ସି.କେ. ନାଇଡୁ ଟ୍ରଫିରେ ଓଡ଼ିଶାର ଆଶୁତୋଷ ଛୁରିଆ ବରୋଦା ବିପକ୍ଷରେ ୯ ଉଇକେଟ ଅକ୍ତିଆର କରିଛନ୍ତି। ଆଶୁତୋଷଙ୍କ ବୋଲିଂ ସଫଳତା ବଳରେ ବରୋଦା ପ୍ରଥମ ଇନିଂସରେ ୪୯୨ ରନ୍ କରିଥିବା ବେଳେ ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ୧ ଉଇକେଟରେ ୬୩ ରନ୍ ସଂଗ୍ରହ କରିଛି। ପ୍ରଥମ ଦିନର ଅସମାପ୍ତ ସ୍କୋର ୨୯୦/୪ରୁ ଖେଳ ଆରମ୍ଭ କରି ଦଳୀୟ ସ୍କୋର ୩୦୮ରେ ଶତକ ହାସଲକାରୀ ଅଭିମନ୍ୟୁ ସିଂ(୧୩୬)ଙ୍କ ଉଇକେଟ ହରାଇଥିଲା। ତେବେ ଏମ୍ ସୋଲାଙ୍କିଙ୍କ ୧୦୧ ରନ୍ ବଳରେ ଦଳ ୪୯୨ ରନର ବିଶାଳ ସ୍କୋର ହାସଲ କରିଥିଲା। ଓଡ଼ିଶା ପକ୍ଷରୁ ଆଶୁତୋଷ ଛୁରିଆ ଏକାକୀ ୯ ଉଇକେଟ ଅକ୍ତିଆର କରିଥିଲେ। ୩୩ ଓଭର ବୋଲିଂ କରି ସେ ୧୩୧ ରନ ବ୍ୟୟରେ ୯ ଉଇକେଟ ନେଇଥିଲେ। ଓମ୍ ଟି ମୁଣ୍ଡେ ଅନ୍ୟ ଉଇକେଟଟି ଅକ୍ତିଆର କରିଥିଲେ। ଜବାବରେ ଓଡ଼ିଶା ୨୯ ଓଭର ବ୍ୟାଟିଂ କରି ୧ ଉଇକେଟରେ ୬୩ ରନ୍ କରିଛି। ଓମ୍ ୨୮ ରନ୍ କରି ପ୍ୟାଭିଲିୟନ୍ ଫେରିଥିବା ବେଳେ ଗୌରବ ଚୌଧୁରୀ ୩୨ ରନରେ ବ୍ୟାଟିଂ କରୁଛନ୍ତି।

**ଆଇସିସି ଟି୨୦ ଦଳ**

## ଭାରତରୁ କୋହଲି, ସୂର୍ଯ୍ୟକୁମାର, ପାଣ୍ଡ୍ୟା

**ଦୁବାଇ, ୨୩।୧ (ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ପୁରୁଷ ଅନ୍ତର୍ଜାତୀୟ ଟି୨୦ ଦଳ ସୋମବାର ଘୋଷଣା କରାଯାଇଛି। ଏଥିରେ ଭାରତର ପୂର୍ବତନ ଅଧିନାୟକ ବିରାଟ କୋହଲି, ଅଲ୍‌ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ଏହି ଫର୍ମାଟ୍‌ର ନମ୍ବର ୱାନ୍ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କୁ ସ୍ଥାନ ମିଳିଛି। ଆଇସିସି ଆହୁରି ମଧ୍ୟ ୨୦୨୨ ମହିଳା ଦଳ ଘୋଷଣା କରିଛି। ଏଥିରେ ୪ ଭାରତୀୟଙ୍କୁ ନିଆଯାଇଛି। ସେମାନେ ହେଲେ ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା, ରିଚା ଘୋଷ ଓ ରେଣୁକା ସିଂ।

**ଆଇସିସି ପୁରୁଷ ଟି୨୦ ଦଳ:** ଜୋସ୍ ବଟ୍‌ଲର (ଅଧିନାୟକ/ଉଇକେଟ୍‌କିପର), ମହମ୍ମଦ ରିଜ୍‌ୱାନ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଗ୍ଲେନ୍ ଫିଲିପ୍ସ, ସିକନ୍ଦର ରାଜା, ହାର୍ଦ୍ଦିକ୍ ପାଣ୍ଡ୍ୟା, ସାମ୍ କୁରାନ, ୱାନିନ୍ଦୁ ହସ୍‌ରଙ୍ଗା, ହାରିସ୍ ରଫ୍ ଓ ଜୋଶ୍ ଲିଟଲ।

**ଆଇସିସି ମହିଳା ଟି୨୦ ଦଳ:** ସେଫି ଡିଭାଇନ୍ (ଅଧିନାୟିକା), ସ୍ମୃତି ମନ୍ଧାନା, ବେଥ୍ ମୁନି, ଆଶ୍ ଗାର୍ଡନର, ଟଲିଆ ମ୍ୟାକ୍‌ଗ୍ରା, ନିଦା ଦାର୍, ଦୀପ୍ତି ଶର୍ମା, ରିଚା ଘୋଷ୍ (ଉଇକେଟ୍‌କିପର), ସୋଫି ଏକ୍ଲେଷ୍ଟୋନ୍, ଇନୋକା ରଣବୀରା ଓ ରେଣୁକା ସିଂ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### କେନ୍ଦ୍ରୀୟ ବିଦ୍ୟାଳୟରେ ପେଣ୍ଟିଂ ପ୍ରତିଯୋଗିତା

କବିସୂର୍ଯ୍ୟନଗର,୨୩।୧(ଡି.ଏନ.ଏ.)- କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଆନୁକୂଲ୍ୟରେ କବିସୂର୍ଯ୍ୟନଗର ନିକଟ ଧୋବାଡିସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟଠାରେ ନୋଡାଲସ୍ତରୀୟ ପେଣ୍ଟିଂ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଛି। ସାରା ଭାରତରେ ୫୦୦କେନ୍ଦ୍ରୀୟ ବିଦ୍ୟାଳୟ ମଧ୍ୟରୁ କବିସୂର୍ଯ୍ୟନଗର ନିକଟ ଧୋବାଡି କେନ୍ଦ୍ରୀୟ ବିଦ୍ୟାଳୟକୁ ନୋଡାଲ ମାନ୍ୟତା ଲାଭ କରିଛି। ଏଠାରେ କେଭି, ଓଏବି, ନବୋଦୟ ଆଦି ସରକାରୀ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ପେଣ୍ଟିଂ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ଅବସରରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଆସିକା ତହସିଲଦାର ତଥା କେଭି ଚେୟାରମ୍ୟାନ ନୋମିନି ଭାବେ ସଞ୍ଜୟ କୁମାର ସାମନ୍ତରା, ନୋଡାଲ କୋର୍ଡିନେଟର ଭାବେ କେଭି ଦିଗପହଣ୍ଡି ଅଧକ୍ଷ ବଳରାମ ମହାନ୍ତି, ଭେନ୍ୟୁ ଅଧକ୍ଷ ସନ୍ତୋଷ କୁମାର ମହାରାଜ ଅତିଥି ଭାବେ ଯୋଗ ଦେଇଥିଲେ। ବିଚାରକ ଭାବେ ଆର୍ଟ ଟିଚର ସନ୍ତୋଷ କୁମାର ନାହାକ, ବ୍ରହ୍ମପୁର ଏକ୍ସ ଜେନ ଆର୍ଟ କଲେଜ ଏଚଓଡ଼ି ଶକର୍ଷଣ ଜେନା ଓ ୟୁପିଏସ ଗୁଣ୍ଡୁପଡା ଆର୍ଟ ଟିଚର ମମତା ସାହୁ ଯୋଗ ଦେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ସଫଳତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ମାନପତ୍ର ସହ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରିଯାଇଛି।

### ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ

ଦିଗପହଣ୍ଡି/ଜି.ଉଦୟଗିରି(ଡି.ଏନ୍. .)/ ବଲସକୁମ୍ପା,୨୩।୧-ଦିଗପହଣ୍ଡି ବଜାର ଗାନ୍ଧୀଛକଠାରେ କମ୍ୟୁନିଷ୍ଟ ପାର୍ଟି ସିପିଆଇ ଏବଂ ସିପିଆଇ(ଏମ୍) ପକ୍ଷରୁ ସୋମବାର ନେତାଜୀ ଜୟନ୍ତୀ ପାଳନ କରାଯାଇଥିଲା। ସିପିଆଇ(ଏମ୍)ର ଆଞ୍ଚଳିକ କମିଟି ସମ୍ପାଦକ ଆଇନଜୀବୀ କୁରେଶୁ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସିପିଆଇ(ଏମ୍)ର ପୂର୍ବତନ ଜିଲା ସମ୍ପାଦକ କୈଳାସ ଷଡ଼ଙ୍ଗୀ, ଶ୍ରମିକ ନେତା ଅଶ୍ୱିନୀ ଦାସ, ଜୟନ୍ତୀ ବାଳା, ଦିଗପହଣ୍ଡି ବ୍ଲକ କୃଷକ ସଭା ସମ୍ପାଦକ ପି. ଶିବ ଶଙ୍କର, ସିପିଆଇ ଜିଲା କମିଟି କାର୍ଯ୍ୟକର୍ତ୍ତା ଅଳକାନାଥ ମିଶ୍ର, ବଡ଼ଖେମୁଣ୍ଡି ଜୋନାଲ କମିଟି ସମ୍ପାଦକ କିଶୋର ଶତପଥୀ ଅତିଥିଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ସୁଭାଷ ଚନ୍ଦ୍ର ବୋଷଙ୍କ ଅବଦାନ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ।

ସେହିପରି ଜି.ଉଦୟଗିରିର ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନରେ ମଧ୍ୟ ନେତାଜୀ ଓ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ ପାଳିତ ହୋଇଯାଇଛି। ହବାକ ହାଇସ୍କୁଲରେ ପ୍ରଧାନଶିକ୍ଷକ ବିଜୟ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏନସିସି ଛାତ୍ରମାନେ ଯୋଗ ଦେଇ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଶିବ ଶଙ୍କର ଦାଶଙ୍କ ସହିତ ଅନ୍ୟାନ୍ୟ ଶିକ୍ଷୟତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ। ସେହିଭଳି ସରସ୍ୱତୀ ଶିଶୁ ମନ୍ଦିର ଏବଂ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଗୁରୁକୁଳ ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲରେ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୀତାଞ୍ଜଳି ଚୌଧୁରୀ ଅଧକ୍ଷତା କରିଥିଲେ। ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଚିତ୍ରାପଙ୍ଗାର ଭାଗବତ କଳା ଯୁବକ ସଂଘ ପକ୍ଷରୁ ସୋମବାର ସୁଭାଷ ଚନ୍ଦ୍ର ବୋଷଙ୍କ ସ୍ୱର୍ଣ୍ଣ ଜୟନ୍ତୀ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଶିକ୍ଷକ ଶୁକଦେବ ଜାନି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଖଜୁରିପଡ଼ା ବ୍ଲକ ପୂର୍ବତନ ଅଧକ୍ଷ ବୀରେନ୍ଦ୍ର କୁମାର କହଁର ଏବଂ ଶିକ୍ଷକ ମକରନ୍ଦ କହଁର ଯୋଗଦେଇଥିଲେ।

### ହାତୀ ଉପଦ୍ରବ, ବ୍ୟାପକ ଫସଲ ନଷ୍ଟ

ବୁଗୁଡ଼ା,୨୩।୧(ଡି.ଏନ.ଏ.)-ବୁଗୁଡ଼ା ବନାଞ୍ଚଳରେ ଥିବା ହାତୀ ପଲ ବିଭିନ୍ନ ଫସଲ କିଆରିରେ ପଶି ନଷ୍ଟ କରିବା ସହ ଏବେ ଗାଁମୁହାଁ ହୋଇଛନ୍ତି। ୫ ହାତୀ ଥିବା ପଲ ମୋଟାବାଡ଼ି ପଞ୍ଚାୟତ ଝାଟିକାପଲ୍ଲୀ ଗ୍ରାମ ନିକଟ କିଆରିରେ ପଶି କଦଳୀ, ବୋଇତାଳୁ ଓ ଗୁଆଁର ଆଦି ଖାଇ ନଷ୍ଟ କରିଥିବା ବେଳେ ସେଥି ମଧ୍ୟରୁ ୩ଟି ହାତୀ ଖସିଆସି ଗାଁ ଭିତରକୁ ପଶି ଧାନ ଖାଇବା ସହ ଘରଦ୍ୱାର ଭାଙ୍ଗି ଦେଇଛନ୍ତି। ଝାଟିକାପଲ୍ଲୀ ଗ୍ରାମର ଦୁଃଖା ପ୍ରଧାନଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବା ବେଳେ ଦେବ ପ୍ରଧାନ, ରଥ ପ୍ରଧାନ, ଯୋଗୀ ପ୍ରଧାନ, ଜଟିଆ ପ୍ରଧାନଙ୍କ ଘର ଓ ଗୁହାଳ ଆଂଶିକ କ୍ଷତି ହୋଇଛି। ରାତି ୧୧ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ଗାଁ ଭିତରେ ୩ଟି ହାତୀ ଅଟକି ରହିଥିଲେ।

# ୪ହତ୍ୟା ଉଦ୍ୟମ ମାମଲା ରୁଜୁ

## ପିତାତଳି ବୋମା ମାଡ଼ ଘଟଣା

- ଗାଁରେ ପୋଲିସ ମୁତୟନ
- ଉଭୟ ଗୋଷ୍ଠୀ ସମର୍ଥକ ପରିବାର ପୁରୁଷ ଶୂନ୍ୟ

**ଗୋପାଳପୁର,୨୩।୧(ଡି.ଏନ.ଏ.)**

ଦୀର୍ଘବର୍ଷ ହେଲା ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତଳି ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ପୂର୍ବ ଶତ୍ରୁତା ଓ ରାଜନୈତିକ କାରଣକୁ କେନ୍ଦ୍ରକରି ଗୋଷ୍ଠୀବିବାଦ ଥମିବାର ନାଁ ନେଉନି। ଗତ ୨୦ ଦିନ ମଧ୍ୟରେ ଦୁଇ ଦୁଇ ଥର ଉଭୟ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀସଂଘର୍ଷ ହୋଇଛି। ରବିବାର ରାତିରେ ବୋମା ଓ ପଥର ମାଡ଼ ଘଟଣାରେ ସୋମବାର ଗୋଳନ୍ଥରା ଥାନାରେ ଉଭୟ ଗୋଷ୍ଠୀ ନାମରେ ୪ଟି ହତ୍ୟା ଉଦ୍ୟମ ମାମଲା ରୁଜୁ ହୋଇଛି। ଗାଁରେ ପୋଲିସ ମୁତୟନ ଥିବା ବେଳେ ଉଭୟ ଗୋଷ୍ଠୀ ସମର୍ଥକ ପରିବାର ପୁରୁଷ ଶୂନ୍ୟ ହୋଇଯାଇଛି।

ସୂଚନାନୁସାରେ, ଏହି ଥାନା ଅଧୀନ ପିତାତଳି ଗ୍ରାମରେ ଏ.ରାଙ୍ଗାରାଓ ଗୋଷ୍ଠୀ ଓ ଅନ୍ୟଗୋଷ୍ଠୀ ଚିକିଟିର ପୂର୍ବତନ ବ୍ଲକ ଅଧକ୍ଷ ନରସିଂହ ମୂର୍ତ୍ତିଙ୍କ ମଧ୍ୟରେ ରାଜନୈତିକ ଓ ପୂର୍ବଶତ୍ରୁତାରୁ ବାଦବିବାଦ ଲାଗିରହିଛି। ଏନେଇ ଉଭୟ ପକ୍ଷ ସମର୍ଥକଙ୍କ ମଧ୍ୟରେ ଗୋଷ୍ଠୀସଂଘର୍ଷ ବାରମ୍ବାର ହେଉଛି। ରବିବାର ସନ୍ଧ୍ୟାରେ ରାଙ୍ଗାରାଓ ଗୋଷ୍ଠୀ ସମର୍ଥକ ଜାନକୀ ରାଓଙ୍କ ଘର ଆଗରେ ବିପକ୍ଷ ଗୋଷ୍ଠୀ ନରସିଂହ ମୂର୍ତ୍ତିଙ୍କ ସମର୍ଥକମାନେ ସିସିଟିଭି କ୍ୟାମେରା ଓ ଗାଡ଼ି ଭଙ୍ଗାରୁଜା କରିଥିଲେ। ଏହାସହ କେ.ରୁକ୍ମଣୀଙ୍କୁ ମାରପିଟ କରିବା ସହ ଠେଙ୍ଗାକାଡିରେ ଆକ୍ରମଣ କରିଥିଲେ। ଏଥିରେ ରୁକ୍ମଣୀ ଆହତ ମଧ୍ୟ ହୋଇଥିଲେ। ଏହାସହ ଗ୍ରାମରେ ବୋମାମାଡ଼ ହୋଇଥିଲା।



ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରୁଛି ପୋଲିସ

ଏହାପରେ ନରସିଂହ ମୂର୍ତ୍ତି ଗୋଷ୍ଠୀର ସମର୍ଥକ କେ.ଲୋକନାଥ ଓ ରାବାଣା ଚିକିଟିରୁ ଘରକୁ ଫେରୁଥିବା ବେଳେ ରାଙ୍ଗାରାଓ ଗୋଷ୍ଠୀ ପକ୍ଷରୁ ଠେଙ୍ଗାକାଡି ବୋମା ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଥିଲା। କିଛି ସମୟ ପାଇଁ ଗାଁଦାଣ୍ଡ ରଣକ୍ଷେତ୍ର ପାଲଟି ଯାଇଥିଲା।

ସୋମବାର ବ୍ରହ୍ମପୁର ଏଏସ୍‌ପି ରମେଶ ସେଠୀ ଗ୍ରାମରେ ପହଞ୍ଚି ଘଟଣାସ୍ଥଳ ଅନୁଧ୍ୟାନ କରିଥିଲେ। ଅନ୍ୟପଟେ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ କେ.ନୂଆଗାଁ ଆଇଆଇସି ମୃତ୍ୟୁଞ୍ଜୟ ସ୍ୱାଇଁ, ଦିଗପହଣ୍ଡି ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରାଙ୍କ ନେତୃତ୍ୱରେ ଗ୍ରାମରେ ଦୁଇ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଉଭୟ ଗୋଷ୍ଠୀଙ୍କ ଘର ପୁରଷ ଶୂନ୍ୟ ହୋଇଯାଇଥିଲା। ବର୍ତ୍ତମାନ ଘଟଣାକୁ ଦୃଷ୍ଟିରେ ରଖି ପୋଲିସ ଫୋର୍ସ ମୁତୟନ କରାଯାଇଛି। ଅନ୍ୟପଟେ କେ. ରୁକ୍ମଣୀଙ୍କ ଅଭିଯୋଗ କ୍ରମେ ୩୫/୨୩ ପ୍ରକାରେ କେ.ନରସିଂହ ମୂର୍ତ୍ତିଙ୍କ ସମେତ ୧୭ ଜଣଙ୍କ ନାଁରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଛି। ଏସ୍. ଭାନୁଙ୍କ ଅଭିଯୋଗ କ୍ରମେ ନଂ.୩୬/୨୩ ପ୍ରକାରେ ୨୧ ଜଣକ ନାଁରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯାଇଛି। କେ. ମେନକାଙ୍କ ଅଭିଯୋଗ କ୍ରମେ ବର୍ତ୍ତମାନର ସରପଞ୍ଚ ଏ. ରାଙ୍ଗାରାଓଙ୍କ ସମେତ ୧୮ ଜଣଙ୍କ ନାଁରେ ୩୭/୨୩ ପ୍ରକାରେ ହତ୍ୟା ଉଦ୍ୟମ ମାମଲା ରୁଜୁକରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସେହିପରି ସୋମବାର ଏସ୍. ତେଜାବତୀଙ୍କ ଅଭିଯୋଗ କ୍ରମେ ୧୦ଜଣଙ୍କ ନାମରେ ୩୮/୨୩ରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଅଭିଯୁକ୍ତମାନେ ଫେରାର ଥିବା ବେଳେ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ

**ଛତ୍ରପୁର,୨୩।୧(ଡି.ଏନ.ଏ.)**

ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ସୋମବାର ପୁତି ଗୋପାଳପୁର ବନ୍ଦର ପୁନରୁଦ୍ଧାର କାର୍ଯ୍ୟ ପରିଦର୍ଶନ କରିବା ସହ ସେଠାରେ କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପରେ ସେ ଛତ୍ରପୁରର ନିର୍ମାଣାଧୀନଶ୍ମଶାନ,ସୌନ୍ଦର୍ଯ୍ୟକରଣ, ସ୍ମାର୍ଟପାର୍କ, ହକି ଷ୍ଟାଡିୟମ ଓ ପିଲିବନ୍ଧ ପାର୍କର ଆଲୋକ ବ୍ୟବସ୍ଥା, ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଆଦିର ସମୀକ୍ଷା କରିଥିଲେ। ଜିଲାପାଳଙ୍କ ଏହି ସମୀକ୍ଷା ବେଳେ ଛତ୍ରପୁର ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଉମାକାନ୍ତ ନାୟକ, ଏନଏସି କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ଷଡଙ୍ଗୀଙ୍କ ସମେତ ବହୁ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ ।



ଜିଲ୍ଲାପାଳ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

## ଫୁଲବାଣୀ କଲେଜରେ ପରାକ୍ରମ ଦିବସ

**ଫୁଲବାଣୀ ଅଫିସ, ୨୩।୧**

ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ବୋଷଙ୍କ ଜୟନ୍ତୀ ଉପଲକ୍ଷେ ପରାକ୍ରମ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ପଞ୍ଚାନନ ବେହେରା ସଭାପତିତ୍ୱ କରିଥିଲେ। ଭୂଗୋଳ ବିଭାଗ ମୁଖ୍ୟ ବିପିନ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁଭାଷ ବୋଷଙ୍କ ଜୀବନୀ ଓ ବଳିଦାନ ଉପରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ଚନ୍ଦନ କୁମାର ସାହୁ ସଭା ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ପ୍ରମୁଖ ଉପସ୍ଥିତ ଥିଲେ।

## ସିଆର୍‌ପିଏଫ ତରଫରୁ ସୋଲାର ଲ୍ୟାମ୍ପ ବଣ୍ଟନ



ଜଣେ ମହିଳାଙ୍କୁ ୱାଟର ଫିଲଟର ପ୍ରଦାନ କରାଯାଉଛି।

**ବାଲିଗୁଡା,୨୩।୧(ଡି.ଏନ.ଏ.):** ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ତୁମୁଡିବନ୍ଧ ବ୍ଲକର ଭଣ୍ଡରଙ୍ଗୀ ଓ ଲଙ୍କାଗଡ ପଞ୍ଚାୟତରେ କେନ୍ଦ୍ରୀୟ ସୁରକ୍ଷା ବଳ ଡି/୧୨୭ ବାଟାଲିୟନ ତଥା ଏଫ/୧୨୭ ବଟାଲିୟନ ତରଫରୁ ଜନସହାୟତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଦ୍ୱାରା ପରିଚାଳିତ ଆର୍ଥିକ ସହାୟତା ଯୋଜନା ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ହୋଇଛି। ଦୁଇ ପଞ୍ଚାୟତର ଗରିବ ପରିବାରରକୁ ସିଆରପିଏଫ ୧୨୭ ବାଟାଲିୟନର ଦ୍ୱିତୀୟ କମାଣ୍ଡ ଅଧିକାରୀ ମଉଲି ମୋହନ କୁମାର ସୋଲାର ଲ୍ୟାମ୍ପ ଏବଂ ୱାଟର ଫିଲଟର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ୧୨୭ ବାଟାଲିୟନର ସିନିୟର ମେଡିକାଲ ଅଫିସର ଡ଼.ରାହୁଲ ମାଲପୋତ୍ରା, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଓସି.-ଡି/୧୨୭ ବାଟାଲିୟନର ବିଜୟ ପ୍ରକାଶ ଚୋବେ, ଭଣ୍ଡରଙ୍ଗୀ ସରପଞ୍ଚ ଅନନ୍ତ ପାତ୍ର, ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳ ଦେଶୀନାୟକ, ଓସି-ଏଫ/୧୨୭ ଇନ୍ସପେକ୍ଟର ବିଶନ ରାମ, ଲଙ୍କାଗଡ ସରପଞ୍ଚ ସସ୍ମିତା ପାତ୍ର, ଲଙ୍କାଗଡ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସୌରଭ ମଳିକ, ଲଙ୍କାଗଡ ବିଦ୍ୟାଳୟ ପ୍ରଧାନଶିକ୍ଷକ ମଧୁସୂଦନ ପାତ୍ରଙ୍କ ସମେତ ଦୁଇ ପଞ୍ଚାୟତର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ଦିବ୍ୟାଙ୍ଗଙ୍କୁ ମିଳୁନି ଆବାସ ଯୋଜନାରେ ଗୃହ

### ଭଙ୍ଗା ଘରେ ବିତୁଛି ଜୀବନ

**ଦାରିଙ୍ଗବାଡି,୨୩।୧(ଡି.ଏନ.ଏ.)**

ଦାରିଙ୍ଗବାଡି ବ୍ଲକ ଦୁର୍ଗମ ଅଞ୍ଚଳ ବ୍ରାହ୍ମଣୀଗାଁ ପଞ୍ଚାୟତ ବଟପାଲି ସାହିର ତୁଷାରକାନ୍ତ ପରିଚ୍ଛା ଓ ଅକ୍ଷତ ନାୟକଙ୍କ ପରିବାର ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି। ସେମାନଙ୍କୁ ସରକାରୀ ସହାୟତା ମିଳୁନି। ତୁଷାର ଏବଂ ତାଙ୍କ ସ୍ତ୍ରୀ ଉଭୟେ ଦିବ୍ୟାଙ୍ଗ। ତୁଷାରଙ୍କ ଗୋଟିଏ ହାତ ଅଳଚ ହୋଇଥିବା ବେଳେ ସ୍ତ୍ରୀ ଅଫିରା ହଜାରି ନାୟକଙ୍କ ଗୋଟିଏ ଆଖିରେ ଦୃଷ୍ଟିଶକ୍ତି ହରାଇଛନ୍ତି। ସ୍ୱାମୀ, ସ୍ତ୍ରୀ ଶ୍ରମିକ ଭାବେ କାର୍ଯ୍ୟ କରିବା ସମ୍ଭବ ହେଉନି। ଏଭଳି ସ୍ଥିତିରେ ତାଙ୍କ ଘର ୫ ବର୍ଷ ତଳୁ ଭାଙ୍ଗିଯାଇଥିଲେ ସୁଦ୍ଧା ନିଜେ ମରାମତି କରିବା କିମ୍ବା ଅନ୍ୟ କାହାଦ୍ୱାରା କରାଇବା ସମ୍ଭବ ହୋଇପାରୁନି । ଦମ୍ପତି ଭଙ୍ଗା ଦଦରା ଘରେ ସେହି ଗୋଟିଏ ବଖରାରେ ରୋଷେଇ କରିବା ସହ ଚଳୁଛନ୍ତି। ଭଙ୍ଗା କଡେଇ ଓ ହାଣ୍ଡିରେ ରୋଷେଇ କରୁଥିବା ବେଳେ ଘରେ ଚଟୁ ଖଣ୍ଡେ ନାହିଁ। ଅତି ଅସହାୟ ଅବସ୍ଥାରେ ଏହି ଦିବ୍ୟାଙ୍ଗ ପରିବାର ଦିନ କାଟୁଛନ୍ତି।

ଦୀର୍ଘଦିନର ପ୍ରତୀକ୍ଷା ପରେ ତୁଷାରଙ୍କୁ ଆବାସ ଯୋଜନାରେ ସାମିଲ କରାଯିବା ପାଇଁ ଟ୍ୟାଗ କରାଯାଇଥିଲା। ହେଲେ ପ୍ରକାଶ ପାଇଥିବା ହିତାଧିକାରୀ ତାଲିକା ତାଲିକାରେ ତାଙ୍କ ନାଁ ନ ଥିବାରୁ ପରିବାର ଘର ଖଣ୍ଡିଏ ପାଇଁ ସରକାରଙ୍କୁ ଗୁହାରୀ କରିଛନ୍ତି। ସେହିପରି ଗ୍ରାମର ବୃଦ୍ଧା ଅକ୍ଷତା ନାୟକ ଓ ତାଙ୍କ ସ୍ୱାମୀ ବେନିଆନ ନାୟକ ଦୀର୍ଘ ବର୍ଷ ଧରି ଭଙ୍ଗା ଘରେ ୫ ଝିଅ ଓ ୩ ପୁଅଙ୍କ ସହ ମିଶି ରହୁଛନ୍ତି। ଘର ଉପରେ ପଡ଼ିଥିବା ପଲିଥିନ ନଷ୍ଟ ହୋଇଯାଇଥିବାରୁ ଶୀତ କାକର ଓ ବର୍ଷାରେ ବହୁ ଅସୁବିଧା ଭୋଗିବାକୁ ପଡୁଛି। କାହାର କୌଣସି ରୋଜଗାର ନ ଥିବାରୁ ୧୦ ଜଣିଆ ଏହି ପରିବାର ଓଳିଏ ଖାଇଲେ ଆଉ ଗୋଟିଏ ଓଳି ଚିନ୍ତା ପଡ଼ୁଯାଉଛି। ପରିବାର ମୁଣ୍ଡ ଗୁଞ୍ଜିବା ପାଇଁ ଆବାସ ଯୋଜନାରେ ଗୃହ ନିର୍ମାଣ ଲାଗି ଅନୁଦାନ ଆସିବ ଭାବିଥିଲେ। ହେଲେ ତାଲିକାରେ ତାଙ୍କ ନାମ କଟିଯିବାରୁ ଭାଙ୍ଗି ପଡିଛନ୍ତି। ଏନେଇ ବ୍ରାହ୍ମଣୀଗାଁ ସରପଞ୍ଚ ସଂଯୁକ୍ତା ମଲିକ ଘଟଣା ସମ୍ପର୍କରେ ଜାଣିଥିବା କହିଛନ୍ତି। ଦିବ୍ୟାଙ୍ଗ ପରିବାରଗୁଡ଼ିକୁ କିଭଳି ଆବାସ ଯୋଜନା ସହ ମୌଳିକ ସୁବିଧା ମିଳିପାରିବ ସେ ନେଇ ସ୍ଥାନୀୟ ପ୍ରଶାସନ ନିକଟରେ ଦାବି ଜଣାଇବେ ବୋଲି କହିଛନ୍ତି। ସେହିପରି ବିଡ଼ିଓ ଗଦାଧର ପାତ୍ର କହିଛନ୍ତି, ପ୍ରାଥମିକ ସୁବିଧା ପାଇଁ ତୁଷାର ଓ ଅକ୍ଷତାଙ୍କ ପରିବାରକୁ ପଲିଥିନ ଓ ଅନୁସାଙ୍ଗିକ ବ୍ୟବସ୍ଥା ଯୋଗାଇ ଦିଆଯିବ। ଆବାସ ଯୋଜନାରେ ମଧ୍ୟ ସାମିଲ ପାଇଁ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି ।



ତୁଷାରକାନ୍ତ ପରିଚ୍ଛାଙ୍କ ଭଙ୍ଗାଗୃହ ।

## ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ପୋଲସରା,୨୩।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ପୋଲସରା ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ପ୍ରଧାନ ଶିକ୍ଷକ ପ୍ରଭାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରିବା ସହିତ ଛାତ୍ରୀଛାତ୍ରଙ୍କ ଶିକ୍ଷା କ୍ଷେତ୍ରରେ ପିତାମାତାଙ୍କ ଗୁରୁଦାୟିତ୍ୱ ଜରୁରୀ ବୋଲି କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟ ନାରାୟଣ ଆଚାରି ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ଡାକ୍ତର ଲଳିତ ମୋହନ ରଥ, ଏନ୍‌ଏସି ଅଧକ୍ଷା ସଙ୍ଗୀତା ବେହେରା, ଏନ୍‌ଏସି ଉପାଧକ୍ଷ ସନ୍ତୋଷ କୁମାର ବେହେରା, ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ କାଳୀଚରଣ ବେହେରା ଓ ଶିକ୍ଷକ ଭବାନୀ ଶଙ୍କର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫିସହ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସମନ୍ୱେ ଡିଇସି, ଆଲବେଣ୍ଡାଜଲ ଖାଇବା ଉପରେ ଗୁରୁତ୍ୱ

### ଫେବୃୟାରୀ ୧୦ରୁ ସାମୁହିକ ଔଷଧ ସେବନ

**ଫୁଲବାଣୀ ଅଫିସ, ୨୩।୧**

ଫୁଲବାଣୀସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏଥିରେ ଅଧକ୍ଷତା କରିଥିଲେ । ବୈଠକରେ ଫାଇଲେରିଆ ରୋଗ ଉପରେ ଆଲୋଚନା କରାଯାଇଥିଲା । ମଶା କାମୁଡ଼ିବା ଦ୍ୱାରା ଏହି ରୋଗ ବ୍ୟାପିଥାଏ । ଜିଲାରେ ଫାଇଲେରିଆ ନିରାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ରାତ୍ରିକାଳୀନ ରକ୍ତ ନମୁନା ସଂଗ୍ରହ କରାଯାଉଛି । ଫାଇଲେରିଆ ନିରାକରଣ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମରେ ଆସନ୍ତା ଫେବୃୟାରୀ ୧୦ରୁ ୧୯ ପର୍ଯ୍ୟନ୍ତ ସାମୁହିକ ଔଷଧ ସେବନ କାର୍ଯ୍ୟକ୍ରମ କରାଯିବ। ପ୍ରତ୍ୟେକ ବ୍ୟକ୍ତି ଡିଇସି. ବଟିକା ସହିତ ଆଲ୍‌ବେଣ୍ଡାଜଲ୍ ବଟିକାର ଗୋଟିଏ ମାତ୍ରା ନିଶ୍ଚୟ ଖାଇବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । କେବଳ ୨ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ, ଅତିଶୟ ରୁଗ୍‌ଣ ବ୍ୟକ୍ତି ବିଶେଷଙ୍କୁ ଏହି ଔଷଧ ସେବନରୁ ବାଦ୍ ଦିଆଯିବ। ଫାଇଲେରିଆ ମୁକ୍ତ କନ୍ଧମାଳ ପାଇଁ ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲାର ଜନସାଧାରଣ, ପ୍ରତ୍ୟେକ ୱାର୍ଡ଼ମେମ୍ବର, ସମାଜସେବୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ଏହି ବଟିକା ସେବନ ସମ୍ପୂର୍ଣ୍ଣ ନିରାପଦ ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ କୁମାର ଉପାଧ୍ୟାୟ ପ୍ରକାଶ କରଛନ୍ତି। ଜିଲାର ସମୁଦାୟ ୪ହଜାର ୧୭ଟି ଗ୍ରାମ ଓ ୩ଟି ସହରାଞ୍ଚଳରେ ଔଷଧ ସେବନ କାର୍ଯ୍ୟକ୍ରମରେ ୧୨ଟି ସିଏଚ୍‌ସି, ୧୭୧ସବ୍ ସେଣ୍ଟରରେ ୩୨୦ଜଣ ସୁପର୍‌ଭାଇଜର୍ ଓ ୩ ହଜାର ୨୮୮ଜଣ ଡ୍ରଗ୍ ଆଡ୍‌ମିନିଷ୍ଟ୍ରେଟର୍ ସହଯୋଗ କରିବେ। ବଟିକା ନ ଖାଇଲେ ଗୋଟିଏ ସୁସ୍ଥ ଲୋକ ମଶା ମାଧ୍ୟମରେ ସଂକ୍ରମିତ ହେବାର ସମ୍ଭାବନା ରହିଛି ଏବଂ ଏହି ରୋଗ ମଣିଷକୁ ଲେପ୍ରୋସି ଭଳି ବିକଳାଙ୍ଗ କରିଦେଇପାରେ ବୋଲି ଡା. ପ୍ରଭାକର ସାହୁ ପ୍ରକାଶ କରିଥିଲେ। ଭୟ ନ କରି ବଟିକା ଖାଇବା ପାଇଁ ସେ ଅନୁରୋଧ କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଜୋନାଲ୍ କୋ ଅର୍ଡ଼ିନେଟର୍ ଡା.ଶ୍ୟାମବନ୍ଧୁ ରଥ, ଜିଲା ପ୍ରୋଗ୍ରାମ ମ୍ୟାନେଜର୍ ମନୋରଞ୍ଜନ ସାହୁ, ଭେକ୍ଟର ବାହିତ ରୋଗ ପରାମର୍ଶଦାତା କୁମୁଦ ଚନ୍ଦ୍ର ସାହୁ ଆବଶ୍ୟକ ତଥ୍ୟ ପ୍ରଦାନ କରିଥିଲେ।

## ଶିଶୁଙ୍କୁ ପୋଷାକ, ସୁଇଟର ବଣ୍ଟନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

**ବୁଗୁଡ଼ା,୨୩।୧(ଡି.ଏନ୍.ଏ.)**

ବୁଗୁଡ଼ା ଏନ୍‌ଏସି ରଘୁନାଥ ସାହି ଅଙ୍ଗନୱାଡ଼ି କେନ୍ଦ୍ର ତରଫରୁ ପୋଷାକ, ସୁଇଟର, ଜୋତା ଓ ମୋଜା ବଣ୍ଟନ କରାଯାଇଛି। ସମ୍ପୃକ୍ତ କେନ୍ଦ୍ରର କର୍ମୀ ସନ୍ଧ୍ୟାରାଣୀ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଳାରେ ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ, କାଉନସିଲର ରିଭା ସ୍ୱାଇଁ, ଏସ୍‌ଏଚ୍‌ଜି ସଭାନେତ୍ରୀ ମନ୍ଦାକିନୀ ସାହୁ, ଯାଞ୍ଚ କମିଟି ସଭାପତି ଅର୍ଜୁନ ପାତ୍ର, ବାଦଲ ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ପୋଷାକ, ସୁଇଟର, ଜୋତା ବାଣ୍ଟିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହାୟିକା ଲକ୍ଷ୍ମୀ ପରିଡ଼ା ସହଯୋଗ କରିଥିଲେ।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୪ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ପୁତୁରାଙ୍କୁ ଆକ୍ରମଣ କରି ଦାଦା ଚମ୍ପଟ

ଗୋପାଳପୁର, ୨୩।୧ (ଡି.ଏନ.ଏ.): ଗୋପାଳପୁର ଏନ୍‌ଏସି ବଡ଼ସାହିର ବି.ନୋକରାଜୁ ତାଙ୍କ ଦାଦା ମୋହନ ରାଓଙ୍କୁ ୩ ହଜାର ଟଙ୍କା ଋଣ ଆକାରରେ ଦେଇଥିଲେ। ୩ ମାସରେ ଟଙ୍କା ଫେରାଇ ଦେବେ ବୋଲି ଦାଦା ଜବାବ ଦେଇଥିଲେ। ରବିବାର ରାତି ପ୍ରାୟ ୧୦ଟାରେ ଲୋକରାଜୁ ଦାଦାଙ୍କୁ ଟଙ୍କା ମାଗିବାକୁ ଯାଇଥିବା ବେଳେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ମାରପିଟ ଆରମ୍ଭ ହୋଇଥିଲା। ଦାଦା ମୋହନ ରାଓ ଉତ୍ତ୍ୟକ୍ତ ହୋଇ କାଚ ବୋତଲରେ ପୁତୁରା ନୋକରାଜୁଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ନୋକରାଜ ଗୁରୁତର ଆହତ ହୋଇଥିବା ତାଙ୍କ ମା' ଗୁରାମ୍ମା ଗୋପାଳପୁର ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଏ ନେଇ ୧୯/୨୩ ରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତ ଫେରାର ଥିବା ବେଳେ ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସଆଇ ମହେନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

### ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ସହ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ

ବେଗୁନିଆପଡ଼ା, ୨୩।୧: ଗଞ୍ଜାମ ଜିଲା ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଏସ୍. ଛଟିନା ପଞ୍ଚାୟତର ବେଲପଡା ଗ୍ରାମରେ ବିଜେ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ସହ ହରି ହରାତ୍ମକ ବିଶ୍ୱ ଶାନ୍ତି ମହାଯଜ୍ଞ ୧୧ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଏହାର ଶୁଭାରମ୍ଭ କରାଯାଇଛି। ଏନେଇ ସୋମବାର ଶତାଧିକ ମହିଳା ଓ ପୁରୁଷ କଳସ ଯାତ୍ରାରେ ସାମିଲ ହୋଇଥିଲେ। ରବିବାର ଅଙ୍କୁରାରୋପଣ କରାଯାଇଥିବା ବେଳେ ଫେବୃୟାରୀ ୨ରେ ପୂର୍ଣ୍ଣାହୁତି କରାଯିବ ବୋଲି ଜଣାପଡିଛି।

### ନେତାଜୀ, ବୀର ସୁରେନ୍ଦ୍ର ସାଏ ଜୟନ୍ତୀ

ପାରଳାଖେମୁଣ୍ଡି, ୨୩।୧ (ଡି.ଏନ.ଏ.)– ପାରଳାଖେମୁଣ୍ଡିର ବିଭିନ୍ନ ଅନୁଷ୍ଠାନରେ ସୋମବାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଡ଼. ରୀନା ସାହୁଙ୍କ ତତ୍ତ୍ୱାବଧାନରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ଯୋଗଦେଇ ଦୁଇ ମହାପୁରୁଷଙ୍କ ସମ୍ପର୍କରେ ଉଦବୋଧନ ଦେଇଥିଲେ। ସେହିଭଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପୁରସ୍କାର ବିତରଣ କରାଯାଇଛି। ମୁଖ୍ୟ ଅତିଥି ରୂପେ ପାରଳାଖେମୁଣ୍ଡି ପୌରାଧ୍ୟକ୍ଷା ନିର୍ମଳା ସେଠୀ, କାଉନସିଲର ପ୍ରସନ୍ନା ପାତ୍ର, ସ୍ଥାନୀୟ ଦେବୀମଠ ମହନ୍ତ ରାମାନନ୍ଦ ଦାସ ମହାରାଜ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଶଙ୍କର ପ୍ରସାଦ ବକ୍ସି, କୋଷାଧ୍ୟକ୍ଷ ହରିମୋହନ ପଟ୍ଟନାୟକ, ସଦସ୍ୟ ବିନୋଦ ଚନ୍ଦ୍ର ଜେନା ଓ ସଦସ୍ୟା ସୁଷମା ଦାଶ, ଆଶାଲତା ପାଣିଗ୍ରାହୀ ଓ ସଂପାଦକ ରମେଶ ଚନ୍ଦ୍ର ସାହୁକାର ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ପଣ୍ଡାଙ୍କ ନେତୃତ୍ୱ ଓ ଆଚାର୍ଯ୍ୟା ଆଚାର୍ଯ୍ୟମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଟ୍ରେଲର ଚକା ତଳେ ପଡି ବୃଦ୍ଧଙ୍କ ମୃତ୍ୟୁ

ବୁଗୁଡ଼ା, ୨୩।୧ (ଡି.ଏନ.ଏ.): ବୁଗୁଡ଼ା ସହରର ବ୍ଲକ ଛକ ଇଣ୍ଡିଆନ ବ୍ୟାଙ୍କ ସମ୍ମୁଖରେ ଜଣେକ ବୃଦ୍ଧଙ୍କ ଉପରେ ଏକ ପାଇପ ବୋଝେଇ ଟ୍ରେଲର ପଛ ଚକା ଚଢ଼ିଯିବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ମୋଚିସାହିର ଦୋକାନୀ ଅଭି ବେହେରା (୬୫)। ସୋମବାର ମଧ୍ୟାହ୍ନରେ ଅଭି ଯିବାକୁ ବାହାରିବା ବେଳେ ଟ୍ରେଲର ପଛ ଚକା ତଳେ ପଡି ଯାଇଥିଲେ। ଫଳରେ ତାଙ୍କ ୨ଟି ଯାକ ଗୋଡ଼ର ମାଂସ ବାହାରିଯିବା ସହ ହାଡ଼ ଭାଙ୍ଗି ଚୂନା ହୋଇଯାଇଥିଲା । ତାଙ୍କୁ ବୁଗୁଡ଼ା ମେଡିକାଲ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଉଥିବା ବେଳେ ଆସିକା ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା।

# ପାଣି ପାଇଁ ସଖୀପଡ଼ାରେ ରାସ୍ତାରୋକୋ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୩।୧**


ରାସ୍ତା ଅବରୋଧ କରାଯାଇଛି।

ଫିରିଙ୍ଗିଆ ବ୍ଲକ ସଖୀପଡାରେ ରବିବାର ପୂର୍ବାହ୍ନରେ ପାଣି ପାଇଁ ରାସ୍ତାରୋକ ହୋଇଛି। ପାଣି ସମସ୍ୟା ପ୍ରଶାସନ ଦୂର କରୁ ନ ଥିବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ଆନ୍ଦୋଳନ କରିଛନ୍ତି। ଦୀର୍ଘ ୩ ଘଣ୍ଟା ରାସ୍ତାରୋକୋ ଯୋଗୁ ଫୁଲବାଣୀ–ବାଲିଗୁଡା ରାଜପଥରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ପୋଲିସ, ସ୍ଥାନୀୟ ସରପଞ୍ଚ ଘଟଣାସ୍ଥଳକୁ ଯାଇ ଲୋକମାନଙ୍କ ସହ ଆଲୋଚନା କରି ପାଣି ଯୋଗାଣ ପାଇଁ ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା।

ସଖିପଡ଼ାର ଦୁଇଟି ୱାର୍ଡରେ ୩୦୦ରୁ ଅଧିକ ଘର ରହିଛି। ଲୋକ ସଂଖ୍ୟା ସହ ୭୦୦ରୁ ଊର୍ଦ୍ଧ୍ୱ। ଦୀର୍ଘ ଦିନରୁ ପାଣି ପାଇଁ ଏଠାରେ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସରକାରଙ୍କ ତରଫରୁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଠିକ୍ ଭାବରେ ଲୋକେ ପାଉ ନାହାନ୍ତି। ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ଅବହେଳା ପାଇଁ ପାଣି ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସମସ୍ୟା ତୁରନ୍ତ ସମାଧାନ ନ ହେଲେ ଆଗାମୀ ଦିନରେ ପୁଣି ରାସ୍ତା ଅବରୋଧ ସହ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଘଟଣାକୁ ନେଇ ସରପଞ୍ଚ ଜଳନ୍ଧର କହଁରଙ୍କୁ ପଚାରିବାରେ ସଖିପଡାରେ ପାଣି ପାଇଁ ଅସୁବିଧା ରହିଛି। ଲୋକଙ୍କୁ ବୁଝାସୁଝା କରାଯାଇଛି । ବିଡିଓ ଏବଂ ଯନ୍ତ୍ରୀଙ୍କ ସହ ଆଲୋଚନା କରି ତୁର' ପାଣି ଯୋଗାଇ ଦେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସେହିପରି ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ବିଡିଓ ରଶ୍ମୀ ରଞ୍ଜନ ମହନ୍ତ ପ୍ରକାଶ କରିଛନ୍ତି।

# ବିଶିଷ୍ଟ ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧନା

**ଖଣ୍ଡପଡ଼ା, ୨୩।୧ (ସ୍ୱ.ପ୍ର.)**

ଖଣ୍ଡପଡ଼ା ସହରର ବିଶିଷ୍ଟ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ପ୍ରଫେସର ପ୍ରସନ୍ନ କୁମାର ଶତପଥୀଙ୍କୁ ଓଡ଼ିଶା ମାଥ୍‌ମେଟିକାଲ ସୋସାଇଟି ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓଡ଼ିଶା ମାଥମେଟିକାଲ ସୋସାଇଟିର ୫୦ତମ ବାର୍ଷିକ ଉତ୍ସବ ପାଳନ ଅବସରରେ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଅବସରପ୍ରାପ୍ତ ପ୍ରଫେସର ଶତପଥୀଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନକରି ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫେସର ଶତପଥୀ ଅବସର ଗ୍ରହଣ କରିବା ପରେ ମଧ୍ୟ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ଗଣିତ ବିଷୟରେ ଶିକ୍ଷାଦାନ ଜାରି ରଖିଥିବା ଜଣାଯାଇଛି।

# ଗଞ୍ଜେଇ ଗାଡ଼ି ଧରିବାକୁ ଯାଇ ଏସ୍‌ଆଇ ଗୁରୁତର

**ଆର୍.ଉଦୟଗିରି, ୨୩।୧ (ଡି.ଏନ.ଏ.)**

ଗଞ୍ଜେଇ ଚାଲାଣ କରୁଥିବା ଏକ କାର୍‌କୁ ପିଛା କରିବା ବେଳେ ପୋଲିସ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ଥାନା ଏସ୍‌ଆଇ ଗୁରୁତର ଆହତ ହୋଇଛନ୍ତି। ସେପଟେ ପୋଲିସକୁ ଚକ୍‌ମା ଦେଇ ଗଞ୍ଜେଇ ଗାଡ଼ିଟି ପଳାଇଯାଇଛି। ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ କିର୍ଣ୍ଡିଗାଁ ନିକଟରେ ସୋମବାର ଏଭଳି ଘଟଣା ଘଟିଛି।

କାର୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବରପାଇ ମୋହନା ଥାନା ଏସ୍‌ଆଇ ଏଲ. ଭି. ପ୍ରସାଦ ତାହାର ପିଛା କରିଥିଲେ। ପୋଲିସ ଗାଡି ଦେଖି ଗଞ୍ଜେଇ ଚାଲାଣକାରୀ କାର୍‌ଟିକୁ ମାଟି ରାସ୍ତାରେ ଦ୍ରୁତ ଗତିରେ ଚଳାଇଥିଲେ। ପ୍ରବଳ ଧୂଳି ଉଡିବାରୁ ପୋଲିସ ଗାଡିର ଡ୍ରାଇଭର ରାସ୍ତା ଜାଣି ନ ପାରି କିର୍ଣ୍ଡିଗାଁ ନିକଟରେ ବ୍ରେକ ମାରିବାକୁ ବାଧ ହୋଇଥିଲେ। ଫଳରେ ଗାଡିଟି ସେଠାରେ ଓଲଟି ପଡିବାରୁ ଏସଆଇ ପ୍ରସାଦଙ୍କ କାନ୍ଧରେ ଆଘାତ ଲାଗିଥିଲା। ତାଙ୍କୁ ମୋହନା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି।

# ନେତାଜୀ ଚିର ସ୍ମରଣୀୟ ରହିବେ

**ନୟାଗଡ଼ ଅଫିସ, ୨୩।୧**



ରୋଟାରୀ କ୍ଲବ ପକ୍ଷରୁ ନେତାଜୀ ଜୟନ୍ତୀରେ ଉପସ୍ଥିତ ଅତିଥିମାନେ।

ପୂଜ୍ୟପୂଜା କମିଟି ନୟାଗଡ଼ ଓ ରୋଟାରୀ କ୍ଲବ ନୟାଗଡ଼ ମିଳିତ ଆନୁକୂଲ୍ୟରେ ନୟାଗଡ଼ ରୋଟାରୀ ଭବନରେ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ପୂର୍ବତନ ଚେୟାରମ୍ୟାନ୍ ତଥା ବରିଷ୍ଠ ରୋଟାରୀଆନ ସୁବୋଧ ଚନ୍ଦ୍ର ପଟ୍ଟନାୟକ ନେତାଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରୋଟାରୀଆନ୍ ଶ୍ରୀଧର ସାହୁ ନେତାଜୀଙ୍କ ସଂଗ୍ରାମୀ ଜୀବନ ବିଷୟରେ ଆଲୋକପାତ କରିଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ନେତାଜୀଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ଆଜାଦ ହିନ୍ଦ୍ ଫୌଜର ପ୍ରତିଷ୍ଠାତା ନେତାଜୀ ଭାରତ ବର୍ଷକୁ ସ୍ୱାଧୀନ କରିବାକୁ ନିଜର ସମସ୍ତ ଶକ୍ତି ଲଗାଇ ଦେଇଥିଲେ। ନେତାଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଗାଢ ଭକ୍ତି କରୁଥିଲେ। ସେ କହୁଥିଲେ, କେବଳ ମୋର ନୁହେଁ, ମୋ ପରିବାରର ଶ୍ରୀଜଗନ୍ନାଥ ଆରାଧ୍ୟ ଦେବତା। ଓଡ଼ିଆ ରକ୍ତ ମୋ ଧମନୀରେ ପ୍ରବାହିତ, ଓଡ଼ିଆଙ୍କ ପଇସାରେ ବାପା ମୋତେ ପାଠ ପଢାଇଛନ୍ତି। ରେଙ୍ଗୁନରେ ନେତାଜୀ ଥିଲାବେଳେ ଓଡ଼ିଆ ରେଜିମେଣ୍ଟ ଶିବିରକୁ ଯାଇ ଶ୍ରୀଜଗନ୍ନାଥଙ୍କ ଭଜନ ଶୁଣୁଥିଲେ। ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତିକୁ ଭଲ ପାଉଥିବା ନେତାଜୀ ଓଡ଼ିଶାକୁ ଭାଷା ଭିତ୍ତିକ ରାଜ୍ୟ ଭାବେ ଗଠନ କରିବାକୁ ଚେଷ୍ଟା କରିଥିଲେ। ଆଜାଦ ହିନ୍ଦ୍ ଫୌଜରେ ରାଜ୍ୟର ଅବିଭକ୍ତ ଗଞ୍ଜାମ ଓ ଅବିଭକ୍ତ ପୁରୀ ଜିଲାର ବହୁ ଓଡ଼ିଆ ସାମିଲ୍ ହୋଇଥିଲେ। ୫୫ ଜଣ ଓଡ଼ିଆ ସୈନ୍ୟ ରେଙ୍ଗୁନ୍ ଜେଲରେ ମଧ୍ୟ ବନ୍ଦୀ ହୋଇଥିଲେ। ଆଜାଦ ହିନ୍ଦ୍ ଫୌଜର ନାରୀସେନା ଝାନସି ରେଜିମେଣ୍ଟରେ ୨୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଏସବୁ ଘଟଣାରୁ ଜଣାପଡେ ନେତାଜୀଙ୍କ ମହିଳା ସଶକ୍ତିକରଣ ଓ ଓଡିଶା ପ୍ରେମର ଦୃଷ୍ଟାନ୍ତ। ଆଲୋଚନାରେ ରୋଟାରୀ କ୍ଲବ୍‌ର ସମ୍ପାଦକ ବାସୁଦେବ ସାହୁ, ରୋଟାରୀଆନ ଆରିଫ ଖାଁ, ରଶ୍ମୀରଞ୍ଜନ ପାତ୍ର, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଓ ମିହିର ରଞ୍ଜନ ନାୟକ ଯୋଗଦେଇଥିଲେ। କମିଟିର ଯୁଗ୍ମ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ରେଙ୍ଗୀ ବାହାଡ଼ାପଲ୍ଲୀ ବିଦ୍ୟାଳୟର ବାର୍ଷିକୋତ୍ସବ

**ରମ୍ଭା, ୨୩।୧**

ଖଲ୍ଲିକୋଟ ବ୍ଲକ ଅଧିନସ୍ଥ କନକା ପଞ୍ଚାୟତର ରେଙ୍ଗୀ ବାହାଡାପଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୪ ତମ ବାର୍ଷିକ ଉତ୍ସବ ସିଆରସିସି ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ମୁଖ୍ୟବକ୍ତା ଭାବେ ଅବସର ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୈତାରୀ ବେହେରା, ଆସିକା ଏମପି ପ୍ରତିନିଧି ରତ୍ନାକର ସାହୁ, କନକା ଗ୍ରାମ ପଞ୍ଚାୟତ ସରପଞ୍ଚ କୁମାରୀ ରେଖା ଜାଲ୍ଲୀ, ନାଏବ ସରପଞ୍ଚ ବାଉରୀ ବନ୍ଧୁ ପ୍ରଧାନ, ସମିତି ସଭ୍ୟା ବବିତା ନାହାକ, ରାଜେନ୍ଦ୍ର କୁମାର ସେନାପତି ଓ ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ମଞ୍ଚାସିନ ଥିଲେ। ମଞ୍ଚ ସଂଯୋଜନା ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ନାୟକ କରିଥିବା ବେଳେ ଉପସ୍ଥାପକ ରୂପେ ଜୟକୃଷ୍ଣ ବାଲା ଓ ଗଣେଷ ଚନ୍ଦ୍ର ବେହେରା ରହିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ୩ ଜଣ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ସହକାରୀ ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ, ରବୀନ୍ଦ୍ର କୁମାର ନାହାକ, ଅଂଶୁମାଳି ବେହେରା, ଗୀତାଞ୍ଜଳି ମଙ୍ଗରାଜ ଓ ଅନ୍ୟାନ୍ୟ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ରବୀନ୍ଦ୍ର କୁମାର ନାହାକ ଧନ୍ୟବାଦ ଦେଇଥିଲେ।

# ଓଡ଼ଗାଁ ଆଦର୍ଶ ବିଦ୍ୟାଳୟରେ ୨୫ ୟୁନିଟ ରକ୍ତ ସଂଗ୍ରହ



ବିଦ୍ୟାଳୟରେ ରକ୍ତଦାନ ଅବସରରେ ସଚେତନତା ସୃଷ୍ଟି କରାଯାଉଛି।

**ଓଡ଼ଗାଁ, ୨୩।୧ (ସ୍ୱ.ପ୍ର.)**

ସ୍ଥାନୀୟ ଆଖୁପଦରସ୍ଥିତ ଆଦର୍ଶ ବିଦ୍ୟାଳୟ ଆନୁକୂଲ୍ୟରେ ସୋମବାର ନେତାଜୀ ସୁବାଷ ବୋଷ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଗାଇଡ଼ ଲାଇନ ଅନୁସାରେ ଆୟୋଜିତ ଶିବିରକୁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଓ ସ୍କୁଲ ପରିଚାଳନା କମିଟି ଚେୟାରମ୍ୟାନ ପ୍ରଦୀପ କୁମାର ସିଂହସାମନ୍ତ ଉଦ୍‌ଘାଟନ କରିଥିଲେ। ସ୍କୁଲ ଅଧ୍ୟକ୍ଷ ମନୋଜ କୁମାର ପ୍ରଧାନ ନେତାଜୀଙ୍କ ଉକ୍ତିକୁ ଅବତାରଣ କରିବା ସହ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକଙ୍କୁ ରକ୍ତଦାନ ସମ୍ପର୍କରେ ଉତ୍ସାହିତ କରିଥିଲେ। ଡା.ଭାଗୀରଥି ପ୍ରଧାନ ଓ ନୟାଗଡ଼ ରେଡ଼କ୍ରସ ରକ୍ତଭଣ୍ଡାର ସଦସ୍ୟଙ୍କ ଦ୍ୱାରା ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ କେତେଜଣ ଅଭିଭାବକ ରକ୍ତଦାନ କରିଥିଲେ।

# ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ

**ଦଶପଲ୍ଲା, ୨୩।୧ (ଡି.ଏନ.ଏ.)**


ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ।

ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଦଶପଲ୍ଲାରେ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ସଂକଳ୍ପ ସାହିତ୍ୟ ସୋ ଅନୁଷ୍ଠାନ ପକ୍ଷରୁ ଫୁଲମାଲ୍ୟ ଅର୍ପଣ କରାଯାଇଥିଲା। ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ସୁରେନ୍ଦ୍ର କୁମାର ମିଶ୍ର କିଶୋର ଦଳବେହେରା, ପ୍ରକାଶ ନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ଯୁବକ ସାମିଲ ହୋଇଥିଲେ।

ସେମାନେ ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ କରାଯାଇଥିଲା। ସେହିପରି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ମଧ୍ୟ ସେଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ଅନୁଷ୍ଠାନର ସଭାପତି ପ୍ରାଣକୃଷ୍ଣ ବେହେରା ଓ ଅନ୍ତର୍ଯ୍ୟାମୀ ଭୂୟାଁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଜୁଆ ଆଡ୍ଡାରୁ ୯ ଗିରଫ

**ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୨୩।୧**

ଫିରିଙ୍ଗିଆ ଥାନା ପୋଲିସ ଫିରିଙ୍ଗିଆ ଗ୍ରାମରେ ରବିବାର ରାତିରେ ଚାଲିଥିବା ଏକ ଜୁଆ ଖେଳରେ ଚଢ଼ାଉ କରି ୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ପାଖରୁ ୧୦ ହଜାର ଟଙ୍କା, ୫ଟି ମୋବାଇଲ ଫୋନ, ତାସ ଆଦି ଜବତ କରାଯାଇଛି। ଦୀର୍ଘ ଦିନରୁ ଏହି ଅଞ୍ଚଳରେ ଯୁବକମାନେ ଜୁଆ ଖେଳୁଥିବା ଅଭିଯୋଗ ହୋଇ ଆସୁଥିଲା । ଖବରପାଇ ପୋଲିସ ଚଢ଼ାଉ କରିଥିଲା।

# ମହେନ୍ଦ୍ର ସ୍ୱାଇଁ ମେମୋରିଆଲ ଫୁଟ୍‌ବଲ

**ଖଣ୍ଡପଡ଼ା, ୨୩।୧ (ସ୍ୱ.ପ୍ର.)**

### ଟୁର୍ନାମେଣ୍ଟ ପାଇଁ ପ୍ରସ୍ତୁତି ବୈଠକ

ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଖଣ୍ଡପଡ଼ା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଆସନ୍ତା ଫେବୃୟାରୀ ୫ରେ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମିନି ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରଦୀପ୍ତ କୁମାର ରାଉତ, ଖବରଦାତା ବିନାୟକ ମିଶ୍ର, ଆଇନଜୀବୀ ହରିଶ୍ଚନ୍ଦ୍ର ପ୍ରଧାନ, କ୍ରୀଡ଼ାବିତ୍ ଭିକାରୀ ଖଣ୍ଡାୟତ, ପଣ୍ଡିତ ମନୋଜ ଦାସ, ଫକୀର ବାରିକ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୫ ତାରିଖରେ ହେବାକୁ ଥିବା ଟୁର୍ନାମେଣ୍ଟରେ ଜିଲା ତଥା ଜିଲା ବାହାରୁ ଯୋଗଦେଉଥିବା ଫୁଟ୍‌ବଲ ଟିମ୍‌ଗୁଡ଼ିକୁ ନେଇ କିପରି ଶୃଙ୍ଖଳିତ ଭାବେ ଖେଳ ପରିଚାଳନା କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ଫେବୃୟାରୀ ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଖଣ୍ଡପଡ଼ା, ଅନୁଗୋଳ, ଢେଙ୍କାନାଳ, ଫୁଲବାଣୀ, ତାଳଚେର, ଗଣ୍ଡରପୁର, କଟକ ଓ ସୋନପୁର ଆଦି ୮ଟି ଟିମ୍ ଯୋଗଦେଉଥିବା ଆୟୋଜକ ଖଣ୍ଡପଡ଼ା ଫୁଟ୍‌ବଲ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

# ବାପୁଜୀ ସେବାସଂଘ ପକ୍ଷରୁ ନେତାଜୀ ଜୟନ୍ତୀ

**ଶରଣକୁଳ, ୨୩।୧ (ଡି.ଏନ.ଏ.)**

ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଶରଣକୁଳସ୍ଥ ବାପୁଜୀ ସେବାସଂଘଠାରେ ସୋମବାର ପାଳିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନେତାଜୀଙ୍କ ଫଟୋଚିତ୍ରରେ ମୁଖ୍ୟ ଅତିଥି ଶରଣକୁଳ ସରପଞ୍ଚ ମିନାକ୍ଷୀ ପ୍ରସାଦ ସାହୁ ପୁଷ୍ପମାଲ୍ୟା ଦେଇଥିଲେ। ଏଥିରେ ପ୍ରମୋଦ କୁମାର ପ୍ରଧାନ, ଅଶୋକ ମହାପାତ୍ର, ପବିତ୍ର ଇନ୍ଦ୍ରଜିତ୍, ରବି ମହାପାତ୍ର, ରୁକ୍ଷିଆ ପ୍ରଧାନ, ଦାମୋଦର ମିଶ୍ର ଓ ଦୀନବନ୍ଧୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫ୍ରେଣ୍ଡସ୍ ହେଲ୍ପ ଗ୍ରୁପ୍ ପକ୍ଷରୁ ସରକାରୀ ପ୍ରାଥମିକ ବିଦ୍ୟାଳୟ କୁରାଢୀଘଷା ଗାଁରେ ନେତାଜୀଙ୍କ ଆତ୍ମଜୀବନୀ ପୁସ୍ତକ ବଣ୍ଟନ କରାଯାଇଥିଲା। ପରିବେଶବିତ୍ ଜ୍ଞାନରଞ୍ଜନ ପଣ୍ଡା ଛାତ୍ରୀଛାତ୍ରୀଙ୍କୁ କହିଥିଲେ, ଓଡ଼ିଶାରେ ଜନ୍ମ ଗ୍ରହଣ କରିଥିବା ଏହି ମହାପୁରୁଷ ଭାରତ ସ୍ୱାଧୀନତା ସଂଗ୍ରାମ କରି ବ୍ରିଟିଶ୍ ସାମ୍ରାଜ୍ୟକୁ ଦୋହଲାଇ ଦେଇଥିଲେ। ମନରେ ବିଶ୍ୱାସ ଏବଂ ଅନବରତ ଚେଷ୍ଟା ଜାରି ରଖିଲେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି ସେ କହିଥିଲେ। ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ର ଛାତ୍ରୀଛାତ୍ରମାନେ ଆତ୍ମଜୀବନୀ ପଢି ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ ବୋଲି କହିଥିଲେ।


ପିଲାମାନଙ୍କୁ ମହାପୁରୁଷଙ୍କ ପୁସ୍ତକ ବଣ୍ଟନ କରାଯାଉଛି।

# ଦୁର୍ଘଟଣା ଘଟାଉଛି ହମ୍ପସ

**ବଲସକୁମ୍ପା, ୨୩।୧**

ଠିକାଦାରଙ୍କ ଖାମଖିଆଲ ମନୋଭାବ ଯୋଗୁଁ କୌଣସି ସତର୍କ ସୂଚନା ନ ଦେଇ ଜାତୀୟ ରାଜପଥରେ ଅଚାନକ ହମ୍ପସ ତିଆରି କରୁଥିବା ଯୋଗୁଁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି। ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ୧୫୭ ନଂ ଜାତୀୟ ରାଜପଥ ବାରପୁଲିଆ ଠାରେ ଜଣେ ଠିକାଦାର ରାସ୍ତାର ଡ୍ରେନ ନିର୍ମାଣ କାମ କରିବା ପାଇଁ ଅଚାନକ ହମ୍ପସ ତିଆରି କରିଥିବା ଯୋଗୁଁ ସେହି ରାସ୍ତା ଦେଇ ଯାତାୟାତ କରୁଥିବା ଯାତ୍ରୀମାନେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଏ ନେଇ ଅଭିଯୋଗ କରିଛନ୍ତି ଦୃତିମେଣ୍ଡି ପଞ୍ଚାୟତର ସମ୍ପେପଦର୍ ନିବାସୀ ପ୍ରଦୀପ କୁମାର ସେଠୀ। ରାସ୍ତାରେ ଯଦି କାମ କରିବା ପାଇଁ ହମ୍ପସ ତିଆରି କରୁଛନ୍ତି ତାହେଲେ କାହିଁକି ସତର୍କ ସୂଚନା ବୋର୍ଡ ଲଗାଉ ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ବିଭାଗୀୟ ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେବା ସହିତ ଆହତ ପ୍ରଦୀପଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି।

# ଭୁବନେଶ୍ୱରକୁ ହରାଇ ଗଜପତି ଟିମ୍ ବିଜୟୀ

### ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ

**ଛତ୍ରପୁର, ୨୩।୧ (ଡି.ଏନ.ଏ.)**


ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି ଅତିଥି।

ଛତ୍ରପୁର ଷ୍ଟାଡିୟମ ପରିସରରେ ସନରାଇଜ ସ୍ପୋର୍ଟସ କ୍ଲବ ପକ୍ଷରୁ ଚାଲିଥିବା ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିନ ସୋମବାର ଗଜପତି ଓ ଭୁବନେଶ୍ୱର ଟିମ୍ ମଧ୍ୟରେ କଡା ମୁକାବିଲା ହୋଇଥିଲା। ଏଥିରେ ଗଜପତି ଟିମ୍ ଭୁବନେଶ୍ୱର ସିକ୍ସ ଟିମ୍‌କୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, କାଉନସିଲର ଦେବାଶିଷ ମିଶ୍ର, ପ୍ରୀତିଛନ୍ଦା ସାମଲ, ମାମା ସେଠି, କ୍ରୀଡାବିତ୍ ପୂର୍ଣ୍ଣଚନ୍ଦ୍ର ବେହେରା, ସିଏଚ ଜନାର୍ଦ୍ଦନ ରେଡ୍ଡୀ, ସନରାଇଜ ସ୍ପୋର୍ଟସ କ୍ଲବର ସଭାପତି ଏଲ ଶ୍ରୀନିବାସ ରାଓ, ସମ୍ପାଦକ ରଜନୀକାନ୍ତ ପଟ୍ଟନାୟକ, କୋଷାଧ୍ୟକ୍ଷ ଲକ୍ଷ୍ମୀନାରାୟଣ ପାତ୍ର, ଏନ. ନରେଶ କୁମାର ପାତ୍ର, ବି.କୃଷ୍ଣମୂର୍ତ୍ତି, ଶ୍ରୀନୁ ପଟ୍ଟନାୟକ, ସମୀର ପଟ୍ଟନାୟକଙ୍କ ସମେତ କ୍ଲବର ସମସ୍ତ ସଦସ୍ୟ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶ୍ରୀନିବାସ ପଟ୍ଟନାୟକ ରେଫରି ରହିଥିବା ବେଳେ ସ୍କୋରର ଭାବେ କୃଷ୍ଣ ପ୍ରଧାନ ଓ ମୋହନ ରାଓ, ଲାଇନମ୍ୟାନ ଭାବେ ରାଜେଶ, ଚରଣ, ରବି ଓ ସୁଧା ଦାୟିତ୍ୱ ତୁଲାଇଥିଲେ । ଜି ଜୟରାମ ରେଡ୍ଡୀ ଓ ପ୍ରଶାନ୍ତ କୁମାର ଶତପଥୀ ଧାରା ବିବରଣୀ ଉପସ୍ଥାପନ କରିଥିଲେ । ବିବେକାନନ୍ଦ ଜେନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଭଡ଼ାଘରୁ ଶ୍ରମ କାର୍ଯ୍ୟାଳୟ ସ୍ଥାନାନ୍ତର ହେଉନି

**ନୟାଗଡ଼ ଅଫିସ,୨୩।୧**




ଖଣ୍ଡପଡ଼ା ରୋଡ଼ରେ ଥିବା ଶ୍ରମ କାର୍ଯ୍ୟାଳୟ ଭଡ଼ାଘରେ ଚାଲିଛି।

ନୟାଗଡ଼ ଜିଲା ଶ୍ରମ କାର୍ଯ୍ୟାଳୟ ଭଡ଼ାଘରେ ଖଣ୍ଡପଡ଼ା ରୋଡ଼ରେ ଚାଲୁଥିବାବେଳେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଉନାହିଁ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରକୁ ଶ୍ରମ କାର୍ଯ୍ୟାଳୟ ସ୍ଥାନାନ୍ତର ନେଇ ଅତିରିକ୍ତ ଜିଲାପାଳଙ୍କ ନିର୍ଦ୍ଦେଶ ରହିଥିଲେ ହେଁ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଅଣଦେଖା କରି ସମୟ ଗଡ଼ାଇ ଚାଲିଛନ୍ତି। ଏଣୁ ସରକାର ଅଯଥାରେ ମାସକୁ ୧୭ ହଜାର ଟଙ୍କା ଘରଭଡ଼ା ବାବଦକୁ ଅପବ୍ୟୟ କରି ଚାଲିଛନ୍ତି। ଅନ୍ୟପକ୍ଷେ ନିର୍ମାଣ ଶ୍ରମିକଙ୍କ ଅନ୍‌ଲାଇନ ଆବେଦନ ୧ ହଜାରୁ ଊର୍ଦ୍ଧ୍ୱ ପଡ଼ି ରହିଥିଲେ ମଧ ଗ୍ରାମୀଣ ଶ୍ରମ ନିରୀକ୍ଷକ ଓକେ ଅଥବା ଅବ୍‌ଜେକଶନ କରୁନାହାନ୍ତି। ବରଂ ଗ୍ରାମୀଣ ଶ୍ରମ ନିରୀକ୍ଷକ ରାଜନୀତି କରି ବିଭିନ୍ନ ଶ୍ରମକ ସଂଘରେ ଫାଟ ସୃଷ୍ଟି କରୁଥିବା ପରି ଅଭିଯୋଗ ଉଠୁଛି। ଏଣୁ ଯୋଗ୍ୟ ହିତାଧିକାରୀ ସରକାରୀ ଅନୁଦାନ ପାଇପାରୁନାହାନ୍ତି। ସେହିପରି ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟକୁ ଆସୁ ନ ଥିବା ଅଭିଯୋଗ ହେଉଛି। ମାସକ ମଧ୍ୟରେ ୩ରୁ ୪ଦିନ ନୟାଗଡ଼ରେ ଦେଖିବାକୁ ମିଳୁଛି। ଏଭଳି ସ୍ଥଳେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ବଦଳି ହୋଇଯିବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଲିଖିତ ଭାବେ ଅବଗତ କରାଇଛନ୍ତି। ପୁଣି ଜିଲା ଶ୍ରମ ଅଧିକାରୀଙ୍କ ବଦଳି ହୋଇଥିବାବେଳେ ନୂଆ ଶ୍ରମ ଅଧିକାରୀ କାର୍ଯ୍ୟରେ ଯୋଗଦେଇନାହାନ୍ତି। ଏଣୁ ଶ୍ରମ କାର୍ଯ୍ୟାଳୟ ଧୀରେ ଧୀରେ ଶ୍ରମିକଙ୍କ ପାଇଁ ବୋଝ ହୋଇ ଚାଲିଛି।

ଏ ସମ୍ପର୍କରେ ଶ୍ରମିକ ନେତା ଶୂନ୍ୟଜୟୀ ମିଶ୍ର କହିଛନ୍ତି, ପ୍ରଭାଗୀୟ ଶ୍ରମ ଆୟୁକ୍ତ ମାସକୁ ୨ରୁ ୪ ଦିନ ଆସୁଛନ୍ତି। ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ଅନୁପସ୍ଥିତିରେ ଶ୍ରମ କାର୍ଯ୍ୟାଳୟ ଅଚଳାବସ୍ଥା ସୃଷ୍ଟି ହେଲାଣି। କର୍ମଚାରୀ କେହି କାହାକୁ ମାନୁନାହାନ୍ତି। ଜିଲା ଶ୍ରମ ଅଧିକାରୀ ବଦଳି ପରେ ନୂଆ ଶ୍ରମ ଅଧିକାରୀ କାର୍ଯ୍ୟରେ ଯୋଗଦେଇନାହାନ୍ତି। ନିର୍ମାଣ ଶ୍ରମିକଙ୍କ ଅନ୍‌ଲାଇନ ଆବେଦନଗୁଡ଼ିକୁ ଗ୍ରାମୀଣ ଶ୍ରମ ନିରୀକ୍ଷକ ଆଦୌ ଦେଖୁନାହାନ୍ତି। ଏପରିକି ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସୁଥିବା ନିର୍ମାଣ ଶ୍ରମିକଙ୍କ ମଧ ପଞ୍ଜୀକୃତ କରାଯାଉନାହିଁ। ସରକାରଙ୍କ ଅନୁଦାନ ଖର୍ଚ୍ଚ ହୋଇପାରୁନାହିଁ। ଏଣୁ ଗ୍ରାମୀଣ ଶ୍ରମ ନିରୀକ୍ଷକଙ୍କ ସହ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ବଦଳି ହେବା ଦରକାର। ନୂଆ ଜିଲା ଶ୍ରମ ଅଧିକାରୀ ତୁରନ୍ତ କାର୍ଯ୍ୟରେ ଯୋଗିଦେବା ଦରକାର। ଶ୍ରମିମାନଙ୍କର କାମ ତୁରନ୍ତ କରାଯାଇ ସରକାର ଅନୁଦାନ ଶ୍ରମିକଙ୍କ ପାଖରେ ପହଞ୍ଚାଇବା ଆବଶ୍ୟକ।

ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ କହିଛନ୍ତି, ଗ୍ରାମୀଣ ଶ୍ରମ ନିରୀକ୍ଷକ ସରକାରୀ କାର୍ଯ୍ୟ ନ କରି ରାଜନୀତି କରୁଥିବାରୁ ନିର୍ମାଣ ଶ୍ରମିକ ଓ ଅଣସଙ୍ଗଠିତ ଶ୍ରମିକଙ୍କ ପରିଚୟପତ୍ର ହୋଇପାରୁନାହିଁ। ଜିଲା ସଦର ମହକୁମା ନୟାଗଡ଼ ବ୍ଲକ, ଓଡ଼ଗାଁ ଓ ରଣପୁର ପରି ବ୍ଲକ ଉପେକ୍ଷିତ ହୋଇରହିଛି। ଏଣୁ ଗ୍ରାମୀଣ ଶ୍ରମ ନିରୀକ୍ଷକଙ୍କୁ ତୁରନ୍ତ ବଦଳି କରାଯାଉ। ସରକାରୀ ଅନୁଦାନ କିପରି ଶ୍ରମିକମାନେ ପାଇବେ ସେ ନେଇ ବ୍ୟବସ୍ଥା କରାଯାଉ ବୋଲି କହିଛନ୍ତି। ନୟାଗଡ଼ ବିଧାୟକ ଅରୁଣ ସାହୁ କହିଛନ୍ତି, ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା ଦେଖାଦେଇଥିବା ଅଭିଯୋଗ ଉଠିଲାଣି। ଯେଉଁମାନେ ସରକାରୀ କାମ କରୁନାହାନ୍ତି ସେମାନେ କାର୍ଯ୍ୟାଳୟରେ ରହିବାର ଆବଶ୍ୟକତା ନାହିଁ। ଏଣୁ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

ପ୍ରଭାଗୀୟ ଶ୍ରମ ଆୟୁକ୍ତ ପ୍ରଦୀପ କୁମାର ମହାନ୍ତିଙ୍କୁ ପଚାରିବାରୁ ସେ କିଛି ନ କହି ଏ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ। ଗଣିଆର ରାମଚନ୍ଦ୍ର ନାୟକ, ରଣପୁରର ସଦାଶିବ ପ୍ରଧାନ, ଓଡ଼ଗାଁର ସୁକାନ୍ତ ସ୍ୱାଇଁ କହିଛନ୍ତି, ସରକାରୀ ଅନୁଦାନ ଖର୍ଚ୍ଚ କରିବାରେ ବାଧକ ସାଜୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ନୟାଗଡ଼ ଶ୍ରମ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଶ୍ରମିକଙ୍କ ବିକାଶକୁ ଅଣଦେଖା କରି ବ୍ୟକ୍ତିଗତ ବିବାଦରେ ଲିପ୍ତଥିବାରୁ ଶ୍ରମିକମାନେ ହନ୍ତସନ୍ତ ହେଉଛନ୍ତି।

- ମାସକୁ ୧୭ ହଜାର ଅପବ୍ୟୟ ହେଉଛି
- ଅତିରିକ୍ତ ଜିଲାପାଳଙ୍କ ଚିଠିକୁ ଅଣଦେଖା
- ନିର୍ମାଣ ଶ୍ରମିକ ଆବେଦନକୁ ପଞ୍ଜୀକୃତ କରାଯାଉନି
- ଗ୍ରାମୀଣ ଶ୍ରମ ନିରୀକ୍ଷକ ରାଜନୀତି କରୁଛନ୍ତି
- ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟକୁ ଆସୁନାହାନ୍ତି

## ସଂକ୍ଷେପରେ

### ପୁଅକୁ ପଥରରେ ବାପା ଛେଚିଲା

**ପୁଅ ନିଶା ଖାଇ ନିର୍ଯାତନା ଦେଉଥିଲେ**

**ନୟାଗଡ଼ ଅଫିସ,୨୩।୧:** ନୟାଗଡ଼ ଜିଲା ଇଟାମାଟି ଥାନା ଇଟାମାଟି ପଞ୍ଚାୟତସାହିରେ ସୋମବାର ପୁଅ ଶିବ ପ୍ରସାଦ ମହାନ୍ତି (୪୫)ଙ୍କୁ ପଥରରେ ଛେଚି ବାପା ଦୈତାରୀ ମହାନ୍ତି ଆହତ କରିଛନ୍ତି। ପୁଅକୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ଇଟାମାଟି ପଞ୍ଚାୟତସାହିର ଶିବ ପ୍ରସାଦ ମହାନ୍ତି ଜଣେ ଭିନ୍ନକ୍ଷମ। ପ୍ରତ୍ୟେହ ନିଶା ଖାଇ ଘରେ ଗଣ୍ଡଗୋଳ ଓ ମାରପିଟ୍ କରୁଥିଲେ। ରବିବାର ରାତିରେ ନିଶା ଖାଇ ବାପାଙ୍କ ସହ ଝଗଡ଼ା କରିଥିଲେ। ସୋମବାର ପୂର୍ବାହ୍ନରେ ପୁଣି ଝଗଡ଼ା ହେବା ପରେ ଦୈତାରୀ ପୁଅ ଶିବ ମୁହଁକୁ ପଥରରେ ଛେଚି ଦେଇଥିଲେ। ଏ ନେଇ ଶିବଙ୍କ ୧୦ବର୍ଷର ପୁଅ କୁହନ୍ତି, ନିଶା ଖାଇବା ଦ୍ୱାରା ବାପା ଓ ଜେଜେବାପାଙ୍କ ମଧରେ ଝଗଡ଼ା ହୁଏ। ରବିବାର ରାତିରେ ଝଗଡ଼ା ହେବାରୁ ଜେଜେବାପା ମୋ ବାପାଙ୍କୁ ଛୁରି ମାରିଥିଲେ। ସୋମବାର ପୁଣି ଝଗଡା ପରେ ଜେଜେବାପା ପଥରରେ ବାପାଙ୍କ ମୁହଁକୁ ଛେଚି ଦେଇଛନ୍ତି। ଏ ନେଇ ଆଇଆଇସି ବିଶ୍ୱଜିତ ରାଉତରାୟ କୁହନ୍ତି, ବାପ ପୁଅ ପଥର ଛେଚିବା ଘଟଣା ଥାନାରେ ଅଭିଯୋଗ ନାହିଁ। ତଥାପି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ୭୦ ବର୍ଷ ବୃଦ୍ଧା, ଅନ୍ଧାର କୋଠରିରେ ୧୨ବର୍ଷ

**ନୟାଗଡ଼ ଅଫିସ,୨୩।୧:** ନୟାଗଡ଼ ଜିଲା ଶରଣକୁଳ ଥାନା ଅଞ୍ଚଳର ଜଣେ ୭୦ ବର୍ଷର ବୃଦ୍ଧାଙ୍କୁ ଅନ୍ଧାର କୋଠରିରେ ୧୨ ବର୍ଷ ହେଲା ରଖାଯାଇଛି। ସେ ମାନସିକ ବିକାରଗ୍ରସ୍ତ ହୋଇ ନ ଥିଲେ ହେଁ ତାଙ୍କୁ କାହିଁକି ଅନ୍ଧାର କୋଠରୀରେ ରଖାଯାଉଛି ତା'ର କାରଣ ଜଣାପଡିନାହିଁ। ତେବେ ବହୁ ବର୍ଷ ହେଲା ଏକ ଘରେ ପଡି ରହିବାରୁ ଧୀରେ ଧୀରେ ସେ ମାନସିକ ସନ୍ତୁଳନ ହରାଇ ଚାଲୁଥିବା ଅଭିଯୋଗ ଉଠିଛି। ଏଭଳିସ୍ଥଳେ ତାଙ୍କୁ ମୁକ୍ତି କରି ପ୍ରକୃତ ରହସ୍ୟ ଉନ୍ମୋଚନ ପାଇଁ ନୟାଗଡ଼ ଜିଲାପାଳ ଓ ମାନବିକ ଅଧିକାର କମିଶନରଙ୍କ ନିକଟରେ ଅଭିଯୋଗ ହୋଇଛି। ଘଟଣାର ସତ୍ୟାସତ୍ୟ ଜାଣିବାକୁ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

### ଅଗ୍ନିଶମ ସେବା ମହାନିର୍ଦ୍ଦେଶକଙ୍କ ଓଡ଼ଗାଁ ଗସ୍ତ



**ଓଡ଼ଗାଁ, ୨୩।୧(ସ୍ୱ. ପ୍ର.):** ଓଡ଼ିଶା ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ତଥା ହୋମଗାର୍ଡର କମାଣ୍ଡାଣ୍ଟ ଜେନେରାଲ ଓ ନାଗରିକ ପ୍ରତିରକ୍ଷା ନିର୍ଦ୍ଦେଶକ ସନ୍ତୋଷ କୁମାର ଉପାଧ୍ୟାୟ ସସ୍ତ୍ରୀକ ଓଡ଼ଗାଁ ଗସ୍ତରେ ଆସିଥିଲେ। ଏହି ଅବସରରେ ଶ୍ରୀରଘୁନାଥଜୀଉଙ୍କ ମନ୍ଦିର ପରିଦର୍ଶନ କରିବା ସହ ଶ୍ରୀଜିଉଙ୍କୁ ଦର୍ଶନ କରିଛନ୍ତି। ଏଥିସହ ପଲ୍ଲୀଟେକନିକ ନିକଟରେ ଥିବା ଅଗ୍ନିଶମ ବିଭାଗର କାର୍ଯ୍ୟାଳୟ ବୁଲି ଦେଖିଥିଲେ। ପ୍ରଥମେ ରଘୁନାଥଜୀଉଙ୍କ ମନ୍ଦିର ପରିଦର୍ଶନ କରିବା ସହ ମନ୍ଦିରର ଇତିହାସ ଓ ଜନ୍ମବୃତ୍ତାନ୍ତ, ରୀତିନୀତି ଓ ପୂଜା ପାର୍ବଣ ସମ୍ପର୍କରେ ପଚାରି ବୁଝିଥିଲେ। ପୂଜକ ପରିଷଦଗଣ ମନ୍ଦିରର ସୁରକ୍ଷାକୁ ଦୃଷ୍ଟିରେ ରଖି ଫାଣ୍ଡିରେ ପୋଲିସ କର୍ମଚାରୀ ମୁତୟନ ନିମନ୍ତେ ଅନୁରୋଧ କରିଥିଲେ। ଏହି ଗସ୍ତ ସମୟରେ ଆଦର୍ଶ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର ଓ ପୂଜକ ପରିଷଦଗଣ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ସୂଚନା ଅଧିକାର କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

**ରଣପୁର,୨୩।୧(ସ୍ୱ.ପ୍ର.)**

ରାଜ୍ୟସ୍ତରୀୟ ସୂଚନା ଅଧିକାର କର୍ମଶାଳା, ନେତାଜୀ ସୁବାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ଉତ୍କଳୀୟମ ଫାଉଣ୍ଡେଶନ ଓ ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ରଣପୁର ବ୍ଲକ ରାଜସୁନାଖଳା ଭକ୍ତ ଚରଣ କ୍ଲବ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ଅଧକ୍ଷ ତଥା ଆଇନଜୀବୀ ରାଜୀବ ଲୋଚନ ପ୍ରଧାନଙ୍କ ନେତୃତ୍ୱରେ ଓ ଓଡ଼ିଶା ସୂଚନା ଅଧିକାର ଅଭିଯାନର ନୟାଗଡ଼ ଜିଲା ସଂଯୋଜକ ଶାନ୍ତନୁ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ସଭାପତି ପ୍ରଦୀପ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ ଖବରଦାତା କିଶୋର କୁମାର ରାଉତରାୟ, ସମ୍ମାନିତ ଅତିଥି ଆଇନଜୀବି ତଥା ରାଜସୁନାଖଳା ଜୋନର ପୂର୍ବତନ ଜିଲା ପରିଷଦ ସଭ୍ୟ ଗିରିଜାକାନ୍ତ ମହାପାତ୍ର, ନୟାଗଡ଼ ଜିଲା ଲକ୍ଷ୍ମୀପ୍ରସାଦର ପୂର୍ବତନ ସରପଞ୍ଚ ତଥା ଆଇନଜୀବି ସୌମ୍ୟରଞ୍ଜନ ପ୍ରଧାନ, ସାମାଜିକ କର୍ମୀ ଭକ୍ତିରଞ୍ଜନ ପଲେଇ, ଆଲୋକ ପାଣି ପ୍ରମୁଖ ସାମିଲ ହୋଇଥଲେ। ଆଗାମୀଦିନରେ ଫାଉଣ୍ଡେଶନ ଓ ଅଭିଯାନର ମିଳିତ ଉଦ୍ୟମକ୍ରମେ ପରିବେଶ ସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ ଓ ଜନାଭିମୁଖୀ କାର୍ଯ୍ୟକ୍ରମ ବ୍ୟାପକ ଭାବେ କରାଯିବା ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ନବ କିଶୋର ସାଥୁଆ, ଶରତ ସାହୁ, ସନ୍ତୋଷ କୁମାର ସାହୁ, ସୁଚିତ୍ରା ବେହେରା, ଯଦୁନାଥ ସାମନ୍ତରାୟ, ସୁଶୀଲ ରଣା, ରମେଶ ପ୍ରଧାନ, ଅସିତ ପତି, ଉମାକାନ୍ତ ରଣସିଂହ, ଗଦାଧର ବଳିୟାରସିଂହ ପ୍ରମୁଖ ସାମିଲ ହୋଇଥିଲେ।

# ୩ ବର୍ଷ ହେଲା ଯୁବକ ଶଯ୍ୟାଶାୟୀ

**ଚାଲି ପାରୁନାହାନ୍ତି, କଥା କହି ହେଉନି**

**ନୟାଗଡ଼ ଅଫିସ,୨୩।୧**

ନୟାଗଡ ବ୍ଲକ ଖୁଣ୍ଟୁବନ୍ଧ ପଞ୍ଚାୟତ ଜାମୁସାହି ଗାଁର ୩୮ ବର୍ଷର ଯୁବକ ଶିଶିର ରାଉତ ବୃଦ୍ଧଙ୍କ ପରି ଦେଖା ଗଲେଣି। ୬ ବର୍ଷ ହେବ ମେରୁଦଣ୍ଡ ଜନିତ ରୋଗରେ ଆକ୍ରାନ୍ତ ହେବା ପରେ ଯନ୍ତ୍ରଣା ଭୋଗୁଛନ୍ତି। ଚିକିତ୍ସା ପାଇଁ ପାଖରେ ଟଙ୍କା ନ ଥିବାବେଳେ ୩ ବର୍ଷ ହେଲା ଶଯ୍ୟାଶାୟୀ ହୋଇପଡିଛନ୍ତି। ଧୀରେ ଧୀରେ ରୋଗ ବଢ଼ି ଚାଲିଛି। ସେ ଏବେ କଥା କହି ପାରୁନାହାନ୍ତି। ଏଭଳିସ୍ଥଳେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଅନ୍ୟ ପାଇଁ ବୋଝ ହୋଇଛନ୍ତି। ସ୍ତ୍ରୀ ଅନୁପମା ଘର ଚଳାଇବା ପାଇଁ ଚିନ୍ତିତ ହୋଇ ପଡିଛନ୍ତି। ପିଲାଙ୍କୁ କିପରି ପଢାଇବେ, କଣ ଖାଇବାକୁ ଦେବେ, ସ୍ୱାମୀଙ୍କୁ ଚିକିତ୍ସା କେମିତି କରାଇବେ ସେନେଇ ଚିନ୍ତାରେ ପଡିଛନ୍ତି।



# ନେତାଜୀ ରାଷ୍ଟ୍ର ବିପ୍ଳବର ଜାଗ୍ରତ ପ୍ରହରୀ ଥିଲେ



ସ୍କୁଲ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରୁଛନ୍ତି।

**ଖଣ୍ଡପଡ଼ା,୨୩।୧(ସ୍ୱ.ପ୍ର.)**

## ନେତାଜୀ, ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଶତାବ୍ଦୀର ମହାନାୟକ, ରାଷ୍ଟ୍ର ବିପ୍ଳବର ଜାଗ୍ରତ ପ୍ରହରୀ, ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ। ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟ ସମେତ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭଗବାନ ନୀଳମାଧବ ବିଦ୍ୟାପୀଠ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଠାଣି ସାମନ୍ତ ଶିକ୍ଷାକେନ୍ଦ୍ର, ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିର ସହ ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ପରିସରରେ ନେତାଜୀ ବୋଷଙ୍କ ଜୟନ୍ତୀ ପାଳନ ଅବସରରେ ଯୋଗଦେଇଥିବା ଅତିଥି ତଥା ଶିକ୍ଷୟିତ୍ରୀଶିକ୍ଷକ ଏହି ମନ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମଧ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବୁଦ୍ଧିଜୀବୀମାନେ ଯୋଗଦେଇ ମହାପୁରୁଷ ଦ୍ୱୟଙ୍କ ସ୍ମୃତିଚାରଣ କରିବା ସହ ଛାତ୍ରୀଛାତ୍ରମାନେ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷୟିତ୍ରୀ ସାହୁ ବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ନେତାଜୀ, ସାଏଙ୍କ ଉପରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଠିକ୍ ଉତ୍ତରଦାତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାକୁ ସହକାରୀ ଶିକ୍ଷକ ପ୍ରତାପ କୁମାର ବେହେରା ଓ ପ୍ରତାପ କୁମାର ସାହୁ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ଖଟୁଆ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ୟୋତିରଞ୍ଜନ



@ ସାଜନ



@ ରିଷି



@ ଶିବରାମ



@ ସନ୍ଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏମ୍‌ଏଫ୍‌ସି ଭୁବନେଶ୍ୱର ସେମିରେ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ଭାପୁର, ୨୩।୧(ଡି.ଏନ.ଏ.)**

## ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

ଭାପୁର ବ୍ଲକ ଗୋଳାପୋଖରୀ ଖେଳପଡ଼ିଆରେ ଆଞ୍ଚଳିକ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ୧୬ତମ ଫୁଟବଲ ଟୁର୍ନାମେଣ୍ଟ ଦ୍ୱିତୀୟ ଦିନରେ ଭଦ୍ରକ ୟୁନାଇଟେଡ଼ ସହିତ ଏମଏଫସି ଭୁବନେଶ୍ୱର ଟିମ୍ ସହ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏମଏଫସିଂ ଭୁବନେଶ୍ୱର ୧-୦ ଗୋଲ କରି ୟୁନାଇଟେଡ଼ ଭଦ୍ରକକୁ ହରାଇ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ କେହି କାହାକୁ ଗୋଲ ଦେଇ ପାରି ନ ଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଦଳର ୧୪ ନମ୍ବର ଜର୍ସି ଅନୀସ କୁମାର ଗୋଲ୍ କରି ଦଳକୁ ୧-୦ରେ ବିଜୟୀ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ଡାଇରେକ୍ଟର ସଞ୍ଜୟ କୁମାର ଖୁଣ୍ଟିଆ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଏମ୍.ଏସ.ବେଗ ଓ ଲାଇନରେ ସୁବାସ ଚନ୍ଦ୍ର ବେହେରା, ଅଶୋକ ସ୍ୱାଇଁ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ଶରତ କୁମାର ମହାପାତ୍ର ସହଯୋଗ କରିଥିଲେ। ଖେଳର ଧାରାବିବରଣୀ ବିଜୟ କୁମାର ସାମନ୍ତରାୟ ଓ ସପନି କୁମାର ପ୍ରଧାନ କରିଥିଲେ। ମଙ୍ଗଳବାର ଭଞ୍ଜନଗର ଟିମ୍ ଓ ପପୁଲାର କ୍ଲବ୍ ଢେଙ୍କାନାଳ ଟିମ୍ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ଲବର ସମ୍ପାଦକ ନିରଞ୍ଜନ ଦଳବେହେରାଙ୍କଠାରୁ ସୂଚନା ମିଳିଛି।